


ବିନା ବ୍ରେକ୍‌ରେ 'ଜଟାଧାରା' ସୁଟିଂ
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-124 ♦FRIDAY ♦31 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୨୪ ♦ଶୁକ୍ରବାର ♦୩୧ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ପୂରଣ ହୋଇପାରୁନାହିଁ ୬୦୦ ୱାର୍ଡର ପଦ

# ଜେଲ୍ ଜଗିବେ ଗୃହରକ୍ଷୀ

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ରାଜ୍ୟର ଜେଲ୍ ଜଗିବେ ଗୃହରକ୍ଷୀ ବା ହୋମ୍‌ଗାର୍ଡ। ଦିନକୁ ମାତ୍ର ୫୩୩ ଟଙ୍କା ପାରିଶ୍ରମିକ ପାଉଥିବା ଗୃହରକ୍ଷୀମାନେ ଜେଲ୍‌ରେ ବନ୍ଦୀ ଥିବା କୁଖ୍ୟାତ ଅପରାଧୀ ଓ ବିଚାରାଧୀନ ବନ୍ଦୀମାନଙ୍କ ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ। ଜେଲ୍ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି ଏବଂ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ନିୟୋଜିତ କରିବା ପାଇଁ ସବୁ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ଅପରାଧୀ ଫେରାର ହେବା ପରେ ପରେ ବାଲେଶ୍ୱର ଜିଲ୍ଲାର ସୋର ଜେଲ୍‌ରୁ ଜଣେ ଅପରାଧୀ କିଛିଦିନ ତଳେ ଚମ୍ପଟ ମାରିଛନ୍ତି। ଏହାପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜେଲ୍‌ଗୁଡ଼ିକର ସୁରକ୍ଷା ଦାୟିତ୍ୱରେ ହୋମଗାର୍ଡ଼ ବା ଗୃହରକ୍ଷୀମାନଙ୍କୁ ନିୟୋଜିତ କରିବା ନିମନ୍ତେ ଜେଲ୍ ବିଭାଗ ନିଷ୍ପତ୍ତି ନେଇଛି। ଏହାସହିତ ପ୍ରତି ଜିଲ୍ଲାରେ ବରିଷ୍ଠ ପୁଲିସ ଅଧିକାରୀ ଓ ସମ୍ପୃକ୍ତ ଜେଲ୍ ଅଧୀକ୍ଷକ ମିଳିତ ଭାବରେ ଜେଲ୍ ସୁରକ୍ଷାର ଯାଞ୍ଚ କରିବେ। ଜେଲ୍ ପାଚେରି ଅନୁଧ୍ୟାନ ସହ, ସିସିଟିଭି ଲଗାଯିବା, ଜେଲ୍‌ର ପାଚେରି ଉପରେ ତାରଜାଲି ବିଛାଇବା ଏବଂ ସୁରକ୍ଷା ସମ୍ବନ୍ଧୀୟ ସବୁ ଭିତ୍ତିଭୂମିର ଯାଞ୍ଚ ହେବ।

ବିଡ଼ମ୍ବନା ହେଉଛି ଯେ ଯେଉଁଠି ଜେଲ୍‌ରେ ୱାର୍ଡ଼ରମାନଙ୍କ ଆଖିରେ ଧୂଳିଦେଇ ବିଚାରାଧୀନ ବନ୍ଦୀ ଓ କଏଦୀ ସହଜରେ ଫେରାର୍ ହୋଇ ଯାଉଛନ୍ତି, ସେଠାରେ ସାଧାରଣ ହୋମ୍‌ଗାର୍ଡ଼ମାନେ ସେମାନଙ୍କୁ କିପରି ଜଗିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ସାଧାରଣତଃ ହୋମ୍‌ଗାର୍ଡ଼ମାନଙ୍କୁ ସହରାଞ୍ଚଳରେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ବା କୌଣସି ଗଣ୍ଡଗୋଳ ବେଳେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇ ଆସୁଛି। ଦୁର୍ଘଟଣା, ହତ୍ୟା ଆଦି ଘଟଣାରେ ଗୃହରକ୍ଷୀମାନଙ୍କୁ ଜଗୁଆଳୀ ରୂପେ ବ୍ୟବହାର କରାଯାଉଛି। ଏହା ସହ ଅନେକ ସ୍ଥାନରେ ଗୃହରକ୍ଷୀମାନଙ୍କୁ ବଡ଼ ଅଧିକାରୀଙ୍କ ଘରୋଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ମଧ୍ୟ ଦେଖାଯାଇଛି। ମାତ୍ର ରାଜ୍ୟରେ ଜେଲ୍ ବିଭାଗ ପ୍ରଥମଥର ପାଇଁ ଗୃହରକ୍ଷୀମାନଙ୍କୁ ଜେଲ୍ ସୁରକ୍ଷା ପରି ଏକ ସାହସିକ ଓ ଦାୟିତ୍ୱସମ୍ପନ୍ନ କାର୍ଯ୍ୟରେ ନିୟୋଜିତ କରିବାକୁ ନେଇ ଉଠିଛି ପ୍ରଶ୍ନ। ଚୌଦ୍ୱାର ଜେଲ୍‌ରୁ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଚମ୍ପଟ ମାରିବା ଘଟଣାକୁ ମାସେ ▶ପୃଷ୍ଠା-୭

### ମହିଳା ଦିନିକିଆ ବିଶ୍ୱକପ୍

## ଅଷ୍ଟ୍ରେଲିଆକୁ ହରାଇ ଫାଇନାଲ୍‌ରେ ଭାରତ




■ **ନଭି ମୁମ୍ବଇ, ୩୦।୧୦ (ଏଜେନ୍ସି):** ରେକର୍ଡ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ରୋମାଞ୍ଚକ ଭାବେ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୩୩୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଓପନର୍ ଫୋଏବି ଲିଚଫିଲ୍ଡ ୧୧୯ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ଜବାବରେ ଜେମିମା ରୋଡ୍ରିଗ୍ୱେଜଙ୍କ ମ୍ୟାଚ୍ ବିଜୟୀ ଅପରାଜିତ ଦର୍ଶନୀୟ ଶତକ ବଳରେ ଘରୋଇ ଭାରତ ୯ଟି ବଲ୍ ପୂର୍ବରୁ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଜେମିମା ୧୩୪ ବଲରେ ୧୨୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ମହିଳା ବିଶ୍ୱକପ୍‌ରେ ମଧ୍ୟ ଏହା ରେକର୍ଡ ରନ ଚେଜ୍ ହୋଇଛି। ଏହାପୂର୍ବରୁ କୌଣସି ଦଳ ଏତେ ବିଶାଳ ସ୍କୋରର ପିଛା କରି ବିଜୟୀ ହୋଇନାହିଁ। ଏଭଳି ବିଶାଳ ଲକ୍ଷ୍ୟ ▶ପୃଷ୍ଠା-୭

**ରବିବାର ଦକ୍ଷିଣ ଆଫ୍ରିକା ସହ ଟାଇଟଲ୍ ଲଢ଼େଇ**

## ଖଣି ପଟ୍ଟାଦାରଙ୍କ ଉପରେ ୨୭୦୦ କୋଟି ବକେୟା

### ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



**ବକେୟା ଆଦାୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଖଣି ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ଆଦାୟରେ ଅହେତୁକ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ବେଆଇନ ଖଣି ଖନନ ଘଟଣାରେ ଖଣି ଲିଜଧାରୀଙ୍କଠାରୁ ପ୍ରାୟ ୨୭୦୦ କୋଟି ଟଙ୍କା ବର୍ଷବର୍ଷ ହେଲା ଅନାଦେୟ ରହିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଅଦାଲତ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଏହି ମାମଲା ବର୍ଷ ବର୍ଷ ଧରି ଲମ୍ବିଚାଲିଛି। ଯାହାଫଳରେ ଖଣି ଲିଜଧାରୀଙ୍କୁ ଜାଣିଶୁଣି ଆଶ୍ୱସ୍ତି ପ୍ରଦାନ କରୁଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ବେଆଇନ ଖଣି ଖନନ ଦ୍ୱାରା ରାଜ୍ୟକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ତେଣୁ ଯେକୌଣସି ପରିସ୍ଥିତିରେ ଏହି ବକେୟା ଅର୍ଥ ଆଦାୟ କରିବାକୁ ସୁନିଶ୍ଚିତ କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଇଥିଲା।

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଖଣି ନିୟମର ଉଲ୍ଲଂଘନ କରି ଖଣି ପଟ୍ଟାଦାରମାନେ ବିପୁଳ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ମାମଲାର ବିଚାର କରି ବେଆଇନ ପଟ୍ଟାଦାରଙ୍କଠାରୁ ୧୭ ହଜାର କୋଟି ଟଙ୍କା କ୍ଷତିପୂରଣ ରାଶି ଆଦାୟ କରିବାକୁ ସୁପ୍ରିମକୋର୍ଟ ୨୦୧୭ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରୁ ରାଜ୍ୟ ସରକାର ପଟ୍ଟାଦାରଙ୍କଠାରୁ ଏବେ ସୁଦ୍ଧା ୧୪୩୦୦ କୋଟି ଟଙ୍କା ଆଦାୟ କରିଛନ୍ତି। ଏ ▶ପୃଷ୍ଠା-୭

## ଜଷ୍ଟିସ ସୂର୍ଯ୍ୟକାନ୍ତ ପ୍ରଧାନବିଚାରପତି ନିଯୁକ୍ତ



■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି। ନଭେମ୍ବର ୨୪ରେ ସେ ଶପଥ ଗ୍ରହଣ କରିବେ। ଏବେକାର ପ୍ରଧାନ ବିଚାରପତି ଜଷ୍ଟିସ୍ ବିଆର୍ ଗଭାଇ ନଭେମ୍ବର ୨୩ ତାରିଖରେ ଅବସର ଗ୍ରହଣ କରିବେ। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଗୁରୁବାର 'ଏକ୍ସ'ରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ୧୪ ମାସ ଏହି ଦାୟିତ୍ୱରେ ରହିବେ। ସେ ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ଜଷ୍ଟିସ ଗଭାଇ ସୋମବାର ପ୍ରଧାନ ବିଚାରପତି ପଦ ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଥିଲେ। ▶ପୃଷ୍ଠା-୭

## ଆଣବିକ ଗବେଷଣା କେନ୍ଦ୍ରରେ ସୁରକ୍ଷା ଢିଲା

### ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରରେ ନକଲି ବୈଜ୍ଞାନିକ

**କୁତବୁଦ୍ଦିନକୁ ମୁମ୍ବଇରୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ**

**ପରମାଣୁ ଡାଟା, ୩ ପାସ୍‌ପୋର୍ଟ, ୧୪ ନକ୍ସା ଜବତ**

■ **ମୁମ୍ବଇ, ୩୦।୧୦ (ଏଜେନ୍ସି):** ମୁମ୍ବଇ ପୁଲିସ ଭେର୍ସୋଭାରେ ଜଣେ ନକ୍‌ଲି ବୈଜ୍ଞାନିକକୁ ଗିରଫ କରିଛି। ଜାମସେଦପୁରର ବାସିନ୍ଦା ୬୦ ବର୍ଷୀୟ ଅଖ୍‌ତାର କୁତବୁଦ୍ଦିନ ହୁସେନି ନିଜକୁ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ଜଣେ ଅଧିକାରୀ ଭାବେ ଦାବି କରୁଥିଲା ଓ କୌଶଳକ୍ରମେ ସେ ବିଏଆର୍‌ସି ପରିସରରେ ମଧ୍ୟ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ପୁଲିସ ତାଠାରୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ତାଠାରୁ ୧୪ଟି ନକ୍ସା, ପରମାଣୁ ବ୍ଲୁ-ପ୍ରିଣ୍ଟ ଓ ୩ଟି ପାସ୍‌ପୋର୍ଟ ଜବତ କରାଯାଇଛି। ଏକାଧିକ ବିଦେଶ ଯାତ୍ରା ସମୟରେ ସେ ଏହାକୁ ବ୍ୟବହାର କରିଥିଲା। ସେ ଗୁପ୍ତଚର ଭାବେ ଗୋପନୀୟ ତଥ୍ୟ ଦେବା ନେବା କରିବାକୁ ଏହି ଯାତ୍ରା କରିଥିବା ସନ୍ଦେହ କରାଯାଉଛି। ଅଧିକାରୀମାନେ ତାକୁ ଗତ ଦୁଇବର୍ଷ ହେବ ପିଛା କରୁଥିଲେ। ଏନ୍‌ଆଇଏ ଓ ଆଇବି ଭଳି ଏଜେନ୍ସିର ସୂଚନାକୁ ଭିତ୍ତି କରି କ୍ରାଇମ ବ୍ରାଞ୍ଚ୍ ଅଖ୍‌ତାରକୁ ଗିରଫ କରିଛି। ତା ଘରୁ ପୁଲିସ ନିକଲି ପାସ୍‌ପୋର୍ଟ, ଆଧାର କାର୍ଡ, ପାନ କାର୍ଡ ଓ ବିଏଆରସିର ନକଲି ପରିଚୟପତ୍ର ଜବତ କରିଛି। ଗୋଟିଏ ପରିଚୟପତ୍ରରେ ତାର ନାମ ଅଲି ରାଜା ହୁସେନ ଓ ଅନ୍ୟଟିରେ ଆଲେକ୍‌ଜାଣ୍ଡର ପାମର୍ ଲେଖାଯାଇଥିଲା। ଗତ କିଛିମାସ ମଧ୍ୟରେ ଅଖତାର କେତୋଟି ଅନ୍ତର୍ଜାତୀୟ କଲ୍ କରି କଥା ହୋଇଥିବାରୁ ବିଦେଶୀ ନେଟ୍‌ୱର୍କ ସହିତ ତାର ସମ୍ପର୍କ ରହିଛି ବୋଲି ସନ୍ଦେହ କରାଯାଉଛି। ତାଠାରୁ ଜବତ ▶ପୃଷ୍ଠା-୭

## ଜେଲ୍‌ରୁ ମୁକୁଳିଲେ ୯୪ ଜଣ ଏସ୍‌ଆଇ ଚାକିରି ଆଶାୟୀ

**ଆସନ୍ତାକାଲି ବାହାରିବେ ଅନ୍ୟ ଆଶାୟୀ**

■ **ବ୍ରହ୍ମପୁର, ୩୦।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଥିବା ମୋଟ ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ଗୁରୁବାର ୯୪ ଜଣ ଜେଲ୍‌ରୁ ମୁକୁଳିଛନ୍ତି। ସକାଳୁ ନିଜ ପୁଅ-ଝିଅ ଓ ସମ୍ପର୍କୀୟଙ୍କୁ ନେବାକୁ ବ୍ରହ୍ମପୁର ଜେଲ୍ ସମ୍ମୁଖରେ ଅଭିଭାବକଙ୍କ ଭିଡ଼ ଲାଗିଥିଲା। ଜାମିନ ପାଇଥିବା ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମେ ୬ଜଣ ଛାତ୍ରୀଙ୍କୁ ଜେଲ୍‌ରୁ ଛଡ଼ାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ, ରାତି ସୁଦ୍ଧା ଅବଶିଷ୍ଟ ୮୮ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଛଡ଼ାଯାଇଛି। ଜାମିନ ପାଇଥିବା ଅନ୍ୟ ୨୦ଜଣଙ୍କ ରିଲିଜ୍ ଅର୍ଡର୍ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ଯୋଗୁଁ ସେମାନେ ମୁକୁଳି ପାରିନାହାନ୍ତି। ଆସନ୍ତାକାଲି ଶୁକ୍ରବାର ପୂର୍ବାହ୍ନରେ ସମସ୍ତେ ମୁକୁଳିବେ ବୋଲି କୁହାଯାଉଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ଭିଜିଲାନ୍ସ କୋର୍ଟରେ ▶ପୃଷ୍ଠା-୭

**ନୂଆପଡ଼ା ଉପନିର୍ବାଚନ**

## ନବୀନଙ୍କ ଇଙ୍ଗିତ; ବିରୋଧୀ ଶିବିରରେ କମ୍ପନ

### ପ୍ରଭାବକୁ ନେଇ ଅଙ୍କ କଷୁଛନ୍ତି ବିରୋଧୀ

**ପ୍ରଚାର ମଇଦାନରେ ଆଗୁଆ ରହିଛି ବିଜେଡି**

**ନବୀନଙ୍କ ସମାବେଶ ଓ ରୋଡ୍ ଶୋ'କୁ ଅପେକ୍ଷା**



■ **ଭୁବନେଶ୍ୱର, ୩୦।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ନୂଆପଡ଼ା ବର୍ତ୍ତମାନ ମିନି ଭୁବନେଶ୍ୱର ପାଲଟିଥିବା ବେଳେ ୩ ଦଳର ନେତା ଓ କର୍ମୀମାନେ ଝାଳବୁହା ପରିଶ୍ରମ କରୁଛନ୍ତି। ତେବେ ନିର୍ବାଚନ ପରିଚାଳନାରେ ସବୁଠାରୁ ପାରଙ୍ଗମ ବିଜେଡିର ପ୍ରଚାର ଶୈଳୀ ଏବେ ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା କୁହାଯାଉଛି। ପଞ୍ଚାୟତୱାରୀ ଦଳୀୟ ନେତାଙ୍କୁ ଦାୟିତ୍ୱ, ସ୍ଥାନୀୟ ନେତାଙ୍କୁ ଅଗ୍ରାଧିକାର, ଛୋଟ ଛୋଟ ରାଜନୈତିକ ସଭା ମାଧ୍ୟମରେ ବିଜେଡିର ଛାମୁଆ ସଂଗଠକ ନିଜର ପ୍ରଚାର କାର୍ଯ୍ୟକୁ ଚଳାଇଛନ୍ତି। ବିଜେଡିର ଯୋଜନାଭିତ୍ତିକ ପ୍ରଚାର ଦଳକୁ ସୁବିଧାଜନକ ସ୍ଥିତିରେ ରଖିଥିବା ବେଳେ ଦୁଇ ଦିନରେ ନବୀନଙ୍କ ଦୁଇଟି ଇଙ୍ଗିତ 'ଏଥର ବି ଶଙ୍ଖ', 'ବିଜୟ ହେବ ନୂଆପଡ଼ାର' ବିରୋଧୀ ଶିବିରରେ କମ୍ପନ ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବିଜେଡି ସୁପ୍ରିମୋ ନବୀନ ଆଜି ଏକ ଟ୍ୱିଟ୍ କରିଥିଲେ। ଏଥିରେ ସେ ନୂଆପଡ଼ାରେ ସେବା ଓ ବିକାଶର ନୂଆଧାରା ଆରମ୍ଭ ହେବ ବୋଲି ଉଲ୍ଲେଖ କରିବା ସହ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କର ପ୍ରଚାରର ଏକ ଭିଡ଼ିଓ ପୋଷ୍ଟ କରିଥିଲେ। କେଇଘଣ୍ଟା ମଧ୍ୟରେ ଏହା ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଏହି ଟ୍ୱିଟ୍ ଟ୍ରେଣ୍ଡ କରିଥିଲା। ଆସନ୍ତା ୩ ତାରିଖରେ କୋମନାରେ ଏକ ସମାବେଶ ଓ ୭ ତାରିଖରେ ନୂଆପଡ଼ାରୁ ଖରିଆର ▶ପୃଷ୍ଠା-୭

## ତହସିଲରେ ହେବ ଜମି କିଣାବିକା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ତହସିଲ୍ ଅଫିସରେ ହେବ ଜମି କିଣାବିକା। ଜମି କିଣିବିକା ପାଇଁ ଆଉ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସକୁ ଯିବା ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟର ସବୁ ତହସିଲରେ ଏହି ସୁବିଧା ଉପଲବ୍ଧ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ସବୁଠୁ ବଡ଼ କଥା ହେଉଛି ଯେ ଏଥିପାଇଁ କୌଣସି ତୃତୀୟ ପକ୍ଷ ଉପରେ ନୁହେଁ; ବରଂ ନିଜେ ଅନ୍‌ଲାଇନ୍‌ରେ ସମୟ ନିର୍ଦ୍ଧାରଣ କରି ଲୋକେ ଜମି କିଣାବିକା କରିପାରିବେ। ଏହି ବ୍ୟବସ୍ଥାକୁ ନଭେମ୍ବର ୧ ତାରିଖରୁ ଆରମ୍ଭ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪୪ଟି ତହସିଲରେ ଏହି ବ୍ୟବସ୍ଥା ଉପଲବ୍ଧ ହେବ। ଏହି ସେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ।

ପ୍ରଚଳିତ ବ୍ୟବସ୍ଥା ଅନୁସାରେ, ଜିଲ୍ଲା ସ୍ତରରେ ଥିବା ୨୧୭ଟି ଉପନିବନ୍ଧକ ବା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ହୋଇଥାଏ। ଏହି ବ୍ୟବସ୍ଥା ଦ୍ୱାରା ଜନସାଧାରଣ ଜମି କିଣାବିକା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସାଧାରଣ ସେବାକୁ ତହସିଲ ସ୍ତରକୁ ନେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ରାଜ୍ୟର ୩୨୦ଟି ତହସିଲରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଗୋଟିଏ ଦେଶ, ଗୋଟିଏ ପୁଲିସ ୟୁନିଫର୍ମ

### ସାରା ଦେଶରେ ପୁଲିସ ପାଇଁ ଗୋଟିଏ ପ୍ରକାର ପୋଷାକ

**ରାଜ୍ୟମାନଙ୍କଠାରୁ ତଥ୍ୟ ଲୋଡ଼ିଲା କେନ୍ଦ୍ର**

■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ସାରା ଦେଶରେ ସମସ୍ତ ପୁଲିସ କର୍ମଚାରୀଙ୍କ ପାଇଁ ଗୋଟିଏ ପ୍ରକାର ପୋଷାକ (ୟୁନିଫର୍ମ) ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। କନେଷ୍ଟବଳଙ୍କଠାରୁ ଆରମ୍ଭ କରି ଡିଏସ୍‌ପି ପାହ୍ୟା ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ପ୍ରକାର ପୋଷାକ ରହିବ। କପଡ଼ା, ଡିଜାଇନ ଏବଂ ରଙ୍ଗ ଗୋଟିଏ ପ୍ରକାର ରହିବ। କେବଳ ରାଜ୍ୟମାନେ ନିଜ ନିଜର ଚିହ୍ନ (ଏମ୍‌ବ୍ଲେମ୍) ଓ ର୍ୟାଙ୍କ୍ ବ୍ୟାଜ୍ ବଜାୟ ରଖିବେ।

କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଏହି ସୂଚନା ଦେଇଛନ୍ତି। ସେମାନେ ତିଆରି କରୁଥିବା ପୋଷାକ ପାଇଁ କେତେ ଖର୍ଚ୍ଚ ହେଉଛି ଏବଂ ପୁଲିସ କର୍ମଚାରୀ/ ଅଧିକାରୀମାନଙ୍କୁ ଏବାବଦ ବର୍ଷକୁ କେତେ ଭତ୍ତା ଦିଆଯାଉଛି, ତାହାର ବିସ୍ତୃତ ବିବରଣୀ ଲୋଡ଼ିଛନ୍ତି କେନ୍ଦ୍ର ସରକାର। ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ଏହିସବୁ ତଥ୍ୟ ଦାଖଲ କରିବା ଲାଗି ସମସ୍ତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ତଥ୍ୟ ମିଳିବା ପରେ କେନ୍ଦ୍ର ସରକାର ପୁଲିସ ୟୁନିଫର୍ମ ନେଇ ସମସ୍ତ ରାଜ୍ୟ ସରକାରଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ। ପର୍ଯ୍ୟାୟ କ୍ରମେ ଏହା କାର୍ଯ୍ୟକାରୀ କରାଯିବ। ଏହା ହେଲେ ଦେଶର ପୁଲିସ ଇତିହାସରେ ପ୍ରଥମ ଥର ଲାଗି ସବୁ ରାଜ୍ୟର ପୁଲିସ କର୍ମଚାରୀ ଗୋଟିଏ ପ୍ରକାର ଡିଜାଇନ୍ ଓ ରଙ୍ଗର ୟୁନିଫର୍ମ ପିନ୍ଧିବେ। ଏବେ ବିଭିନ୍ନ ରାଜ୍ୟରେ ପୁଲିସ କର୍ମଚାରୀଙ୍କର ବିଭିନ୍ନ ପ୍ରକାର ପୋଷାକ ରହିଛି। ▶ପୃଷ୍ଠା-୭

# ଜୀବନ ନେଉଛି ଜୀବନରେଖା

### ୧୫ ଦିନରେ ଗଲାଣି ୩ ଜୀବନ ■ ପୁଣି ମହାନଦୀରେ ଛାତ୍ର ନିଖୋଜ



**କାର୍ଯ୍ୟକାରୀ ହୋଇପାରିଲାନି ୬ଫୁଟ ଉଚ୍ଚତାର ତାର ଜାଲି ଯୋଜନା**

**ଲାଗି ପାରିଲାନି ସିସି କ୍ୟାମେରା**

**ଗତବର୍ଷ ୩୯ ଜଣ କରିଥିଲେ ଆତ୍ମହତ୍ୟା ଉଦ୍ୟମ; ମରିଥିଲେ ୨୭**

■ **କଟକ, ୩୦।୧୦ (ସମିସ):** ଜୀବନ ନେଉଛି ଜୀବନରେଖା। ମହାନଦୀ ଓ କାଠଯୋଡ଼ିରେ ଜଳବୁଡ଼ି ଓ ଆତ୍ମହତ୍ୟା ଜନିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବ୍ରିଜ୍ ଉପରୁ ଡେଇଁ ଜୀବନ ହାରିବା ଭଳି ଘଟଣା ଏହି ଦୁଇ ନଦୀରେ ବଢ଼ି ଚାଲିଛି। ଗତବର୍ଷ ଉଭୟ ମହାନଦୀ ଓ କାଠଯୋଡ଼ିରେ ୩୯ଜଣ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତନ୍ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା। ଆହୁରି ଉଦ୍‌ବେଗଜନକ କଥା ହେଲା, ମାତ୍ର ୧୫ଦିନ ଭିତରେ ମହାନଦୀକୁ ଡେଇଁ ୩ଜଣ ପ୍ରାଣ ହରାଇ ସାରିଲେଣି। ସୌଭାଗ୍ୟକୁ ଅନ୍ୟ ୨ଜଣଙ୍କୁ ଠିକ୍ ସମୟରେ ଉଦ୍ଧାର କରାଯାଇଥିବାରୁ ସେମାନଙ୍କ ଜୀବନ ବଞ୍ଚିଯାଇଛି।

ଆଜି ମହାନଦୀରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ହାଡ଼ିଆପଠା ନିକଟରେ ଥୋରିଆସାହିର ୪ଜଣ ନାବାଳକ ଗାଧୋଇବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନଦୀର ଗଭୀର ଜଳରାଶିରେ ଭାସି ଯାଇଛି। ସେ ହେଲା, ବାବୁ ନାୟକ (୧୬)। ଅପରାହ୍ଣ ୩ଟାରେ ବାବୁ ନିଜ ସାଙ୍ଗଙ୍କ ସହିତ ନଦୀରେ ଗାଧୋଇବା ସହ ଜଳକ୍ରୀଡ଼ା କରୁଥିଲା। ହଠାତ୍ ତା'ର ପାଦ ଖସିଯିବାରୁ ସେ ଗଭୀର ଜଳରାଶିକୁ ଚାଲିଯାଇଥିଲା ଓ ନିଖୋଜ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଟିମ୍ ନଦୀରେ ଖୋଜାଖୋଜି କରି କରିଥିଲେ। କିନ୍ତୁ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ହାଡ଼ିଆପଠାରେ ନଦୀର ତୁଠ ନ ଥିଲା। ବାବୁ ଓ ତା' ସାଙ୍ଗମାନେ ସେଠାରେ ବିପଦପୂର୍ଣ୍ଣ ଭାବେ ନଦୀକୁ ପ୍ରବେଶ କରିଥିଲେ। ▶ପୃଷ୍ଠା-୭

## ୨ ଚୋର ଗିରଫ, ସୁନା ଗହଣା ଉଦ୍ଧାର



ସୁନାବେଡ଼ା,୩୦।୧୦(ସମିସ): ଗତ ୧୩ ତାରିଖରେ ସୁନାବେଡା ଥାନା ଅଧିନସ୍ଥ ସେମିଲିଗୁଡା ସରସ୍ୱତୀ ନଗର ଅଞ୍ଚଳରେ ଏକ ଚୋରି ଘଟଣାର ସୁନାବେଡା ପୁଲିସ ପର୍ଦାଫାଶ କରିଛି। ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି ଲୁଟ ହୋଇଥିବା ସୁନାଗହଣାକୁ ଜବତ କରାଯାଇଛି। ସୂଚନାରୁ ପ୍ରକାଶ ଯେ ତ୍ରିପୁରା ରାଜ୍ୟ ନିବାସୀ ଅତନୁ ସର ସେମିଲିଗୁଡା ସରସ୍ୱତୀ ନଗର ଅଞ୍ଚଳରେ ଘର ଭଡା ନେଇ ରହୁଛନ୍ତି। ଛୁଟି ଥିବାରୁ ଗତ ସେପ୍ଟେମ୍ବର ମାସ ୨୭ ତାରିଖ ଦିନ ନିଜ ପରିବାର ସହ ଶ୍ରୀ ସର ତ୍ରିପୁରା ଚାଲିଯାଇଥିଲେ। ଅକ୍ଟୋବର ମାସ ୧୨ ତାରିଖରେ ସେ ସେମିଲିଗୁଡା ଫେରି ଘର ମୁଖ୍ୟ ଗେଟ ଭଙ୍ଗା ଥିବା ଓ ବେଡ଼ ରୁମରେ ଆଲମାରୀ ଭଙ୍ଗା ଯାଇ ସୁନା ଗହଣା ଓ ମୋବାଇଲ ଲୁଟ ହୋଇଥିବା ଦେଖିବାକୁ ପାଇ ସୁନାବେଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସୁନାବେଡା ପୁଲିସ ପକ୍ଷରୁ ଏଏସ ଆଇ ରାମଚନ୍ଦ୍ର ପଟ୍ଟନାୟକ ଓ ସହକର୍ମୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସୁନାବେଡା ଥାନା କେସ ନଂ ୧୮ ୯/୨୫ ରେ ମାମଲା ରୁଜୁ କରିବା ସହ ଛାନ ଭିନ ଚଳାଇଥିଲେ। ଗତକାଲି ଚୋରି କରିଥିବା ଅଭିଯୋଗରେ ବିଲେଇଗୁଡ଼ା ଅଞ୍ଚଳର ପିଣ୍ଟୁ ନାଗ ଓରଫ ଘାସି( ୩୦ ) ଓ ସେମିଳି ଗୁଡା ଉପର ସାହିର ପିଟର ଟାକ୍ରୀ ଓରଫ କାହ୍ନୁ (୨୩) କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ୩ଟି ମୋବାଇଲ ଫୋନ, ପ୍ରାୟ ୯୦ ଗ୍ରାମ ସୁନାଗହଣା ସହ ଗୋଟିଏ ଲାପ୍‌ଟପ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ସୁନାବେଡା ଏସ୍‌ଡିପିଓ ସୁମିତ୍ରା ଜେନା। ଅଭିଯୁକ୍ତ ମାନେ ଚୋରି ଗହଣା ଗୁଡିକୁ କୋରାପୁଟର ମାନ୍ନାପୁରାମ ଗୋଲଡ଼ ଲୋନରେ ବନ୍ଧା ପକାଇଥିବା ନେଇ ପୋଲିସ ସୂଚନା ଦେଇଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସରକାରୀ ପଲିଟେକ୍ନିକ୍‌ରେ ରକ୍ତଦାନ ଶିବିର

■ ୪୫ ୟୁନିଟ୍ ରକ୍ତ ସଂଗ୍ରହ




ଜୟପୁର ,୩୦।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ରଣ୍ଡାପାଲୀ ସ୍ଥିତ କୋରାପୁଟ ସରକାରୀ ପଲିଟେକ୍ନିକ ଏବଂ ଏଫ୍‌ବିଡିଓ ଓ ମିଳିତ ଭାବେ ପଲିଟେକ୍ନିକ୍ କଲେଜ ପରିସରରେ ରହିଥିବା ଅଡିଟୋରିଅମରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକ ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଓଡିଶା ବ୍ଲଡ୍ ବ୍ୟାଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା.ରୀତିକ୍ ପାଢ଼ୀ, ଜ୍ୟୋତି ପଣ୍ଡା, ପ୍ରମୋଦ ଖିଲ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସରକାରୀ ପଲିଟେକ୍ନିକ କଲେଜର ରକ୍ତଦାତା ମହସଂଘର ଫିରୋଜ କୁମାର ବେହେରା, କୋରାପୁଟ ଜିଲ୍ଲା ଶାଖାର ଉପସଭାପତି ନିରଞ୍ଜନ ପାଣିଗ୍ରାହୀ ଓ ମିଥୁନ କୁମାର କେଶରୀ ,ସନ୍ଧ୍ୟା କୁମାରୀ ରାନ୍ଧି, ଅବକାଶ ପ୍ରଧାନୀ ଓ ରଶ୍ମିତା କଳସୀ ଶିବିର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଅଧକ୍ଷ ଶ୍ରୀ ରାଉତ ସାଂପ୍ରତିକ ରକ୍ତର ଆବଶ୍ୟକତା ଉପରେ କହିଥିଲେ। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ପ୍ରଶିକ୍ଷକ ଏଥିରେ ଅଂଶ ଗ୍ରହଣ କରିଥିଲେ। ଭୋଟଦାତା ମହାସଂଘ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରଯାଇଥିଲା।

## କମ୍ୟୁନିଷ୍ଟ ନେତା ଡିବିଏମ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ




ଗୁଣପୁର,୩୦।୧୦(ସମିସ): ୟୁନିଟି ସେଣ୍ଟର ଅଫ୍ କମ୍ୟୁନିଟ ରିଭଲେସେନରି ଅଫ ଇଣ୍ଡିଆ ପକ୍ଷରୁ ଆଜି ଗୁଣପୁର ନଗର ଭବନ ଠାରେ ବିଶିଷ୍ଟ ବିପ୍ଳବୀ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଡିବିଏମ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ଅନନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବିଭିଏମ ପଟ୍ଟନାୟକ, ଅଧ୍ୟକ୍ଷ ଗିରିଜନ ସଂଘ ଆନ୍ଧ୍ରପ୍ରଦେଶ, ସିଏସ୍‌ଏଚଏନ ମୂର୍ତ୍ତି, ଆନ୍ଧ୍ରପ୍ରଦେଶ, ବ୍ରହ୍ମାନନ୍ଦ ପଟ୍ଟନାୟକ, ବରିଷ୍ଠ ଓକିଲ, ରାଜନିସ ଭାରତୀ,କେ ସୁଧାକର ପଟ୍ଟନାୟକ ବରିଷ୍ଠ ସାମ୍ବାଦିକ, ବି ସତ୍ୟନାରାୟଣ, ନନ୍ଦିକେଶ୍ୱର ଚୌଧୁରୀ, ଏଏସ ନାଇଡୁ, ବି କାନ୍ତା ରାଓ, ଆଦିବାସୀ ନେତା ହେମରାଜ ଦାସ, ବାସୁଦେବ ରାଓ, ଡି ଭେଙ୍କେଟସ୍ୱର, ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଟ୍ଟନାୟକଙ୍କ ବିପ୍ଳବୀ ଓ ତ୍ୟାଗପୁତ ଜୀବନୀ ଓ ଉଲ୍ଲେଖନୀୟ ଅବଦାନର ସ୍ମୃତି ଚାରଣ କରିଥିଲେ। ନିଃସ୍ୱାର୍ଥପର ସେବା, ଲୋକଙ୍କ ସମସ୍ୟାର ସମାଧାନ, ଆଦିବାସୀଙ୍କ ହକ୍ ପ୍ରଦାନ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ଶେଷରେ ବି କାନ୍ତା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଢୀ ଠାକୁରାଣୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




କୁନ୍ଦୁରା, ୩୦।୧୦(ସମିସ): ସ୍ଥାନୀୟ ପଞ୍ଚାୟତ ଜିରାଗୁଡ଼ା ଠାରେ ମା'ବୁଢୀ ଠାକୁରାଣୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ କୋଟପାଡ଼, ଜୟପୁର, ବୈପାରୀଗୁଡ଼ା ବ୍ଲକ ସମେତ ନବରଙ୍ଗପୁର ଜିଲ୍ଲାର ଇନ୍ଦ୍ରାବତୀ ଏବଂ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଆଦିରୁ ୧୬ଟି ଦଳ ଭାଗ ନେଇଥିଲେ। ଜିରାଗୁଡ଼ା ଯୁବ କମିଟି ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ନବରଙ୍ଗପୁରର ଇନ୍ଦ୍ରାବତୀ ଦଳ ଦଳ ବିଜୟୀ ଓ କୁନ୍ଦୁରା ବ୍ଲକ କେରମେଟି ଦଳ ରନର୍ସ ହୋଇଥିଲେ। ବିଜୟୀ ଦଳକୁ ସିଲ୍ ସହ ୨୫ ହଜାର ଟଙ୍କା ଏବଂ ରନର୍ସ ଦଳକୁ ସିଲ୍ ସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଗାଁ ମୁଖିଆ ଓ ଭଦ୍ରବ୍ୟକ୍ତି ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଗାଁ ଯୁବ କମିଟି ସଦସ୍ୟ ସୁବାସ ନାୟକ, ଦାମୋଦର ଗଣ୍ଡା,ଅଭି ପରଜା, ଦୟା ସଗରିଆ,ବନମାଳୀ ହରିଜନ,ବିଶ୍ୱନାଥ ଭତରା, ଗୋପାଳ ମାଝୀ,ଭକ୍ତରାମ ନାୟକ, କର୍ଣ୍ଣ ଗଣ୍ଡା, ଧନର ପୂଜାରୀ, ଚକ୍ର ମାଝୀ, ସୁଦର୍ଶନ ହରିଜନ ଏବଂ ଯୁବ ଗୋଷ୍ଠୀ ସମସ୍ତ ପ୍ରକାର ଆୟୋଜନ ଓ ପରିଚାଳନା କରିଥିଲେ। ଧନୁର୍ଜୟ ଗଣ୍ଡା ମଞ୍ଚ ପରିଚାଳନା କରିଥିଲେ।

### କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ବନ୍ଧୁଙ୍କ ପତ୍ନୀଙ୍କୁ ଅସଦାଚରଣ ପାଇଁ ହତ୍ୟାକାଣ୍ଡ: ଆସାମୀ ଗିରଫ



ମାଲକାନଗିରି,୩୦।୧୦(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ତୁମସାପାଲୀ ପଞ୍ଚାୟତର ଇରମାଗୁଡା କେନାଲରେ ଗତ ଦୁଇ ଦିନ ପୂର୍ବେ ଏକ ମୋଟର ସାଇକେଲ ସହ ଲଲେନ ମାଡି ନାମକ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କ ମୃତ୍ୟୁ ଘଟଣାର ପର୍ଦାଫାଶ କରିଛି ମାଲକାନଗିରି ପୋଲିସ। ତେବେ ନିଜ ବନ୍ଧୁଙ୍କ ପତ୍ନୀଙ୍କୁ ଅସଦାଚରଣ କରିବା ଘଟଣାକୁ ନେଇ ଲଲେନଙ୍କୁ ହତ୍ୟା କରାଯାଇଥିବା ବେଳେ ଏହି ଘଟଣାରେ ହତ୍ୟାକାରୀଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଲଲେନ ଓ ସୁକାନ୍ତ ପଡିଆମି ଉଭୟ ସାଙ୍ଗ ଥିବା ବେଳେ ଗତ ୨୭ ତାରିଖ ରାତିରେ ଲଲେନ, ସୁକାନ୍ତ ଏବଂ ଅନ୍ୟ ଜଣେ ସାଂଗ ତ୍ରିନାଥ ମିଶି ଇରମାଗୁଡାର ମିଟୁ ନାମକ ବ୍ୟକ୍ତିଙ୍କ ଘରେ ମଦ ପିଇଥିଲେ। ପରେ ରାତିରେ ତ୍ରିନାଥକୁ ଲଲେନ ଓ ସୁକାନ୍ତ ଘରେ ଛାଡିବା ପରେ ପୁଣି ଲଲେନ ଓ ସୁକାନ୍ତ ମିଶି ସୁକାନ୍ତଙ୍କ ଘରେ ପହଞ୍ଚି ଅତ୍ୟଧିକ ମଦ୍ୟ ପାନ କରିଥିଲେ। କିଛି ସମୟ ପରେ ଲଲେନ ଘରକୁ ଚାଲିଯାଇଥିଲେ। ତେବେ ସେହିଦିନ ବିଳମ୍ବିତ ରାତିରେ ଲଲେନ ମୋଟର ସାଇକେଲ ଯୋଗେ ସୁକାନ୍ତଙ୍କ ଘରକୁ ଆସି ତାଙ୍କ ପତ୍ନୀକୁ ଅସଦାଚରଣ କରୁଥିଲେ। ଏହି ସମୟରେ ଘର ମଧ୍ୟରେ କିଛି ସାମଗ୍ରୀ ପଡିବା ଓ ସ୍ତ୍ରୀଙ୍କ ପାଟି ଶୁଣି ସ୍ୱାମୀ ସୁକାନ୍ତ ନିଦ ଭାଙ୍ଗିବା ପରେ ସେ ତାଙ୍କ ସ୍ତ୍ରୀଙ୍କ ସହ ଲଲେନ ଅସଦାଚରଣ କରୁଥିବା ଦେଖିଥିଲେ, ତେବେ ସୁକାନ୍ତ ଆସୁଥିବା ଦେଖି ସେଠାରୁ ଲଲେନ ଦୌଡ଼ ଯାଇ ମୋଟର ସାଇକେଲରେ ପଳାଉଥିବା ବେଳେ ସୁକାନ୍ତ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିଲେ। ଏହାପରେ ତାଙ୍କ ମର ଶରୀର ଓ ମୋଟର ସାଇକେଲକୁ କେନାଲରେ ଫିଙ୍ଗି ଦେଇଥିଲା। ତେବେ ଏହାପର ଦିନ ଲଲେନଙ୍କ ମାମୁ ଲଲେନଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ଏହାର ପର୍ଦାଫାଶ କରିବା ସହ ହତ୍ୟାକାରୀ ସୁକାନ୍ତକୁ ଗିରଫ ପରେ ଆଜି କୋର୍ଟ ଚାଲାଣ କରିଥିବା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି।

## ସାଇବର ସୁରକ୍ଷା ସଚେତନତା ଅଭିଯାନ

ମୁନିଗୁଡ଼ା,୩୦।୧୦ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟ ପରିସରରେ ମୁନିଗୁଡ଼ା ପୋଲିସ ଆୟୋଜିତ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇବର ସୁରକ୍ଷା ସଚେତନତା ରଥ ମୁନିଗୁଡ଼ା ବଜାର ପରିକ୍ରମା କରି ମହାବିଦ୍ୟାଳୟ ପ୍ରବେଶ ପଥରେ ପହଞ୍ଚିଥିଲା। ସେଠାରେ ମହାବିଦ୍ୟାଳୟ ଦାୟିତ୍ୱରେ ଥିବା ଅତିରିକ୍ତ ଅଧକ୍ଷ ରଜନୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି ଏବଂ ଶତାଧିକ ଛାତ୍ରଛାତ୍ରୀ ସଚେତନ ରଥ ଏବଂ ଅତିଥି ମାନଙ୍କୁ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଭବ୍ୟ ସ୍ୱାଗତ କରି କଲେଜ ପରିସରକୁ ପାଛୋଟି ନେଇଥିଲେ। କଲେଜ ଅଡିଟୋରିୟମରେ ସାଇବର ସୁରକ୍ଷା ସଚେତନତାକୁ ନେଇ ଏକ ଆଲୋଚନା ଚକ୍ର ଅଧକ୍ଷ ଶ୍ରୀ ମିଶ୍ରଙ୍କ ସଭାପତିତ୍ୱ ଓ ସବ୍ ଇନ୍ସପେକ୍ଟର ବିକାଶ ଦେବନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ମୁନିଗୁଡ଼ାରେ ଅବସ୍ଥାପିତ ଉପ ଆରକ୍ଷୀ ଅଧିକ୍ଷକ ସନ୍ତୋଷିନୀ ଓରାମ, ମୁଖ୍ୟବକ୍ତା ଏହି ଅଭିଯାନର ଏକ୍ସପର୍ଟ ତଥା ଇନ୍ସପେକ୍ଟର ଅଭିନାଶ ରେ‡ୀ, ସମ୍ମାନିତ ଅତିଥିଭାବେ ମୁନିଗୁଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସୌଦାମିନୀ ବେହେରା, ପ୍ରେସ କ୍ଲବ ସଭାପତି ରାଜୀବ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ରହି ସାଇବର ସଚେତନତା କାର୍ଯ୍ୟକ୍ରମ ଆଲୋଚନାର ଶୁଭାରମ୍ଭ କରିଥିଲେ। ଅତିଥିମାନେ ବର୍ତ୍ତମାନ ହେଉଥିବା ସାଇବର ଠକେଇ ଉପରେ ସଚେତନ କରିବାକୁ ଯାଇ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଓ ଟ୍ରେଡିଂ ଠକେଇ, ପାର୍ସଲ/କଷ୍ଟମ ଠକେଇ, ସେକ୍ସେଟୋର୍ସନ ଫାନ୍ଦ, ନକଲି ଋଣ, ତତ୍କାଳ କ୍ରେଡିଟ ଆପ୍, ନକଲି ପରିଚୟ ଏବଂ ଓଟିପି ଠକେଇ, ଚାକିରି ଓ ଘରୁ କାମ କରିବାର ଠକେଇ ଏବଂ ଇ-କମର୍ସ ରିଫଣ୍ଡ/ଅଫର୍ ଠକେଇ ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇବା ସହ ଭବିଷ୍ୟତ ପାଇଁ ସତର୍କ କରାଇଥିଲେ। ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ସହ ଏସଆଇ ଜୟଚିନ୍ଦ୍ ସାହୁ, ରବିନାରାୟଣ ସାହୁ, ଅଧ୍ୟାପକ ରମାକାନ୍ତ ଚିଟୁଆନ, ଅସିତ କୁମାର ମହାନ୍ତି, ଅଧ୍ୟାପିକା ମୋନାଲିସା ମହାପାତ୍ର, ପ୍ରମିତା ଗୌଡ଼, ପ୍ରେସ କ୍ଲବ ଉପସଭାପତି ମନୋରଞ୍ଜନ ଦଳାଇ, ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ,ଧନୁ କୁଶୁଲିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ମୁନିଗୁଡ଼ା ପୋଲିସ, ସ୍ନାତକ ମହାବିଦ୍ୟାଳୟ କର୍ମଚାରୀ ଓ ପ୍ରେସ କ୍ଲବର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ସାଇବର ସୁରକ୍ଷା ଅଭିଯାନକୁ ନେଇ ମୁନିଗୁଡ଼ା ସହରରେ ଯୁବକ ମାନଙ୍କୁ ନେଇ ଏକ ସଚେତନତା ବାଇକ ଶୋଭାଯାତ୍ରା କରାଯାଇଥିଲା। ସନ୍ଧ୍ୟାରେ ତିନିକୋଣିଆ ଛକ ନିକଟରେ ସାଇବର ସଚେତନତା ଉପରେ ପୋଲିସ ତରଫରୁ ଏକ ଷ୍ଟ୍ରିଟ୍ କର୍ଣ୍ଣର ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା କାଲି ସକାଳେ ଗଣଦୌଡ କାର୍ଯ୍ୟକ୍ରମ ହେବ ବୋଲି ଥାନାଧିକାରୀ ସୌଦାମିନୀ ବେହେରା କହିଛନ୍ତି।

● ମଦରେ ବିଷ ମିଶାଇ ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

## ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କୋରୁକୋଣ୍ଡା,୩୦।୧୦(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମସାପାଲ୍ଲୀ ପଞ୍ଚାୟତ ଅଧିନସ୍ଥ ଏମଭି-୧୨ ଗ୍ରାମ ନିକଟସ୍ଥ କେନ୍ଦୁଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସେହି ଗ୍ରାମର ଦେବା ମାଡ଼କାମୀ-(୬୧) ଗତ ରାତିରେ ପରିବାର ଲୋକଙ୍କ ସହିତ ନିଜ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମୃତ ଦେବାଙ୍କ ପୁଅ ଭୀମା ମାଡ଼କାମୀ କୋରୁକୋଣ୍ଡା ଥାନାରେ ଏତଲା ପ୍ରଦାନ କରିଛନ୍ତି। ଭୀମା ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ବାପା ବୁଧବାର ସନ୍ଧ୍ୟାରେ ନିଜ ଘରେ ଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ପିଇବା ପାଇଁ ମଦ ଦେଇଥିଲେ। ମଦରେ ବିଷ ମିଶାଇ ବାପାଙ୍କୁ ହତ୍ୟା କରାଯାଇଛି ବୋଲି ପୁଅ ଭୀମା ଅଭିଯୋଗ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି କୋରୁକୋଣ୍ଡା ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର -୧୭୩/୨୦୨୫ରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଥାନାଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ କେନ୍ଦୁଗୁଡା ଗ୍ରାମରେ ପହଞ୍ଚିଥିଲେ। ପୁଲିସ ଉପସ୍ଥିତିରେ ଏମଭି -୪୭ ଗ୍ରାମର ଡାକ୍ତର ଦେବାଙ୍କ ମୃତ୍ୟୁ ହୋଇଥିବା ନେଇ ଘୋଷଣା କରିଥିଲେ। ପୁଲିସ ଦେବାଙ୍କ ମୃତ ଶରୀରକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି। କୋରାପୁଟରୁ ଏକ ୩ ଜଣିଆ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛନ୍ତି। ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ମାଲକାନଗିରି ଜିଲ୍ଲା ଚିକିତ୍ସାଳୟରେ ମୃତ ଦେବାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ପୋଷ୍ଟମଟମ ରିପୋର୍ଟ ଏବଂ ସାଇଣ୍ଟିଫିକ ଟିମର ତଦନ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି କୋରୁକୋଣ୍ଡା ଥାନାଧିକାରୀ ଶ୍ରୀ ବାରିକ କହିଛନ୍ତି।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ




ରାୟଗଡ଼ା,୩୦।୧୦ (ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ବିଶ୍ୱ ମିତବ୍ୟୟୀତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ଅର୍ଥନୈତିକ ବିକାଶରେ ସ୍ୱଳ୍ପ ସଂଚୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଜନସାଧାରଣ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନାରେ ସେମାନଙ୍କର କଷ୍ଟଲବ୍ଧ ସମ୍ବଳକୁ ସୁବିନିଯୋଗ କରି ଦେଶର ପ୍ରଗତିରେ ସହାୟତା ହେବାକୁ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାୟଗଡ଼ା ଜିଲ୍ଲା ସ୍ୱଳ୍ପସଂଚୟ ଏବଂ ଆର୍ଥିକ ଅର୍ନ୍ତଭୁକ୍ତିକରଣ ଅଧିକାରୀ ମନୋଜ କୁମାର ନାହାକ ଦିବସର ମହତ୍ୱ ଏବଂ ତାତ୍ପର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଆକାଶ ରଞ୍ଜନ ପାଢ଼ୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ ସ୍ୱପ୍ନାଶ୍ରୀ ଶତପଥି ଓ ତୃତୀୟ ସ୍ଥାନ ଶୁଭଶ୍ରୀ ପଣ୍ଡା ଅଧିକାର କରିଥିଲେ। ଏହି ପ୍ରତିଯୋଗିତାର ବିଷୟ “ ନିୟମିତ ସଞ୍ଚୟର ଆବଶ୍ୟକତା ଓ ଅନ୍‌ଲାଇନ ଆର୍ଥିକ ଠକେଇ' ସମ୍ପର୍କିତ ସଚେତନତା ରହିଥିଲା। ଏହି ସଚେତନା ସଭାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଡାକ ଡିଭିଜନର ପୋଷ୍ଟମାଷ୍ଟର ତାରିଣୀ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ କୋଷାଧକ୍ଷ ଅଧିକାରୀ ପଙ୍କଜ କୁମାର ମଣ୍ଡଳଙ୍କ ସମେତ ସ୍ୱଳ୍ପ ସଂଚୟ ଏଜେଣ୍ଟ ଉପସ୍ଥିତ ରହିଥିଲେ।

## ମୁଖ୍ୟ ରାସ୍ତା ପାଲଟିଛି ଗୁଡ଼ାରୀ ବସ୍‌ଷ୍ଟାଣ୍ଡ

ଗୁଡାରୀ, ୩୦।୧୦ (ସମିସ): ଆଜକୁ ପ୍ରାୟ ଆଠବର୍ଷ ତଳେ ଉଦ୍‌ଘାଟନ କରାଯାଉଥିବା ବସଷ୍ଟାଣ୍ଡ ଆଜି ବି ଶୂନ୍‌ଶାନ। ଲକ୍ଷ୍ମୀବସ କିମ୍ବା ରାତ୍ର ରହଣୀ ବସ୍‌କୁ ଛାଡିଦେଲ ବାକି ସମସ୍ତ ବସ୍ ସହର ମୁଖ୍ୟ ରାସ୍ତାରେ ଅଟକୁଛି। ମୁଖ୍ୟରାସ୍ତା ପାଲଟିଛି ବସ୍‌ଷ୍ଟାଣ୍ଡ। କିଛି ମାସ ତଳେ ଗୁଡାରୀ ପରିଷଦର ଇଓ ପ୍ରସନ୍ନ ପାଢୀ ଏହି ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକ ଚିଠି କରିଥିଲେ। ସେହି ଚିଠିରେ ଉଲ୍ଲେଖ ଥିଲା, ସମସ୍ତ ବସ୍ ବସ୍‌ଷ୍ଟାଣ୍ଡ ଭିତରକୁ ଯାଇ ରହଣି କରିବ ।ସେଠାରୁ ଯାତ୍ରୀ ନେଇ ଗନ୍ତବ୍ୟ ସ୍ଥଳକୁ ଯିବ ।କିନ୍ତୁ ଏବେ ଯେଉଁ ପ୍ରକାରର ପରିସ୍ଥିତିରେ ବସ୍ ରହୁଛି, ସେହି ରାସ୍ତା ଦେଇ ଯାତାୟତ କରୁଥିବା ସାଧାରଣ ଲୋକ ପରିଷଦର ଦୁର୍ବଳତା ଉପରେ ଆଙ୍ଗୁଠି ଦେଖାଉଛନ୍ତି। ଦିନ ତମାମ ବସ ରାସ୍ତାରେ ରହଣି ନ କହିବା ଭଲ। କିନ୍ତୁ ଅପରାହ୍ନ ସମୟରେ ତିନି ଚାରୋଟି ବସର ରହଣି ସହ ସେହି ମୁଖ୍ୟ ରାସ୍ତାର ବସକୁ ବୁଲାଣି କରିବା ଦ୍ୱାରା ସ୍କୁଲ ଛାତ୍ରଛାତ୍ରୀ ସହ ଅନେକ ସରକାରୀ କର୍ମଚାରୀ ଫେରିବା ସମୟରେ ଅସୁବିଧାରେ ପଡୁଛନ୍ତି। ଏଥିପାଇଁ ଲୋକେ ପ୍ରଶାସନର ଅବହେଳାକୁ ଦାୟୀ କରୁଛନ୍ତି ।କାରଣ ଯାତାୟତ ରାସ୍ତାକୁ ଅବୋରଧ କରି ରଖିବା, ଏହାକୁ ଦେଖି ପରିଷଦ ଏବଂ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଦୁର୍ଘଟଣାରେ କୌଣସି ସମୟରେ ଜୀବନ ହାନି ଘଟିବା ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ।



## ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସ୍କୁଲ ଅଫ୍ ନର୍ସିଂର ଶପଥ ଗ୍ରହଣ




ରାୟଗଡ଼ା,୩୦।୧୦(ସମିସ): ରାୟଗଡ଼ା ଉପକଣ୍ଠ ପିତାମହଲ ସ୍ଥିତ ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସ୍କୁଲ ଅଫ୍ ନର୍ସିଂ କ୍ୟାମ୍ପସରେ ତୃତୀୟ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ରାୟଗଡ଼ାର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ୟୁନିଭରସିଟି, ରାୟଗଡା କ୍ୟାମ୍ପସର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ରାଜେଶ କୁମାର ପାଢୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ନର୍ସିଂ ସ୍କୁଲର ପ୍ରିନ୍ସିପାଲ୍ ପ୍ରଫେସର ଡକ୍ଟର ଉର୍ମିଳା କାଟ୍ରୁ ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ନର୍ସିଂରେ ସମର୍ପଣ, ସାଧୁତା ଏବଂ ନୈତିକ ସେବାର ମୂଲ୍ୟବୋଧକୁ ବଜାୟ ରଖିବା ସହ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ଯାତ୍ରାରେ ସହାନୁଭୂତି, ଶୃଙ୍ଖଳା ଏବଂ ଜୀବନବ୍ୟାପୀ ଶିକ୍ଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲା। ସମ୍ମାନିତ ଅତିଥି ଡକ୍ଟର ରାଜେଶ କୁମାର ପାଢ଼ୀ ସମାବେଶକୁ ସମ୍ବୋଧିତ କରିଥିଲେ। ମାନବତା ଏବଂ ସେବା ପାଇଁ ଉତ୍ସର୍ଗୀକୃତ କ୍ୟାରିୟର ଭାବରେ ନର୍ସିଂକୁ ବାଛିବା ପାଇଁ ଛାତ୍ରଛାତ୍ରୀଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ମୁଖ୍ୟ ଅତିଥି ଶ୍ରୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

## କାମଧେନୁ ସୁରଭି ଯଜ୍ଞରେ ଧ୍ୱଜା ପ୍ରତିଷ୍ଠା



ଗୁଣପୁର,୩୦।୧୦(ସମିସ): ସ୍ଥାନୀୟ ଜଲତାର ନୂଆଗାଁ ଶିବ ମନ୍ଦିର ନିକଟରେ ବିଶ୍ୱଶାନ୍ତି ପାଇଁ କାମଧେନୁ ସୁରଭୀ ଯଜ୍ଞ ଚାଲିଥିବା ବେଳେ ଆଜି ଧ୍ୱଜ ପ୍ରତିଷ୍ଠା ହୋଇଛି। ନିର୍ବାଣ ଟ୍ରଷ୍ଟ, ଅଖିଳ ଭାରତୀୟ ସନ୍ଥ ସମାଜ, ବିଶ୍ୱହିନ୍ଦୁ ପରିଷଦ, ଶବର ସମାଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଜି ଗୁଣପୁର ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ ଯୋଗଦେଇ ଇନ୍ଦଧ୍ୱଜ ଓ ହନୁମାନ ଧ୍ୱଜ ପ୍ରତିଷ୍ଠା କରିଥିଲେ। ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ପ୍ରତେକ ଦିନ ୯ଟି ଦମ୍ପତି ପୂଜାରେ ବସୁଥିବା ବେଳେ ଆଜି ଗୋପାଷ୍ଟମୀ ଅବସରରେ ଗୋ-ପୂଜନ କରାଯାଇ ଗୋଶାଳା ଆରମ୍ଭ କରାଯାଇଛି। ଆସନ୍ତା ପୂର୍ଣ୍ଣିମା ଦିନ ଏଠାରେ ୧୦୮ ଟି ଶିବଲିଙ୍ଗ ପ୍ରତିଷ୍ଠା ହେବାର କାର୍ଯ୍ୟକ୍ରମ ରହିଛି। ସ୍ୱାମୀ ନିର୍ବାଣ ନନ୍ଦ ଗିରି, କାଶୀରୁ ଆସିଥିବା ଆଚାର୍ଯ୍ୟ, ଚନ୍ଦ୍ରମୌଳି ତିୱାରୀ, ବ୍ରହ୍ମ ଯୋଗେଶ ତ୍ରିପାଠୀ, ନବୀନ ରଥ, ପ୍ରକାଶ ରଥ ପ୍ରମୁଖ ପୂଜା ଦାୟିତ୍ୱରେ ଥିଲେ। ଆଜି ଅଜିତ ପଣ୍ଡା, ମୁନା ପାଢି, ବିଷ୍ଣୁ ରଥ, ବସନ୍ତ ମିଶ୍ର, ପ୍ରଦୀପ ବାହିନୀପତି, ଶିବରାମ ବେହେରା ଦମ୍ପତି ପ୍ରମୁଖ ପୂଜାରେ ବସିଥିଲେ।

# ମାଦକ ଦ୍ରବ୍ୟ ଚାଷ ଓ ଚୋରାଚାଲାଣ ରୋକିବାକୁ ବୈଠକ

ରାୟଗଡା,୩୦।୧୦(ସମିସ): ରାୟଗଡ଼ା ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ଚାଷ ଓ ଚୋରା ଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ରାୟଗଡା ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ଓସ୍ୱାନ ସଭାଗୃହରେ ଏକ ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ଉପଜିଲ୍ଲାପାଳ ଗୁଣୁପୁର ଦୁଧାଲ ଅଭିଶେଖ ଦିଲ୍ଲୀପ ଆୱାସି ମାଧମରେ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବିଶେଷ କରି ଜିଲ୍ଲାରେ ମାଦକ ନିଶା ଦ୍ରବ୍ୟ ଗଂଜେଇ ଅବାଧ ଚାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ଓ ଚୋରା ଚାଲାଣ ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ କରିବା ,ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କରେ ନିବାରଣ ଉପରେ ସଚେତନତାକୁ ପ୍ରୋତ୍ସାହନ କରିବା, ମାଦକ ଦ୍ରବ୍ୟ କାରବାର ବହୁଳ ଅଂଚଳ ମାନଙ୍କରେ ନିଶା ଦ୍ରବ୍ୟ କ୍ଷତିକାରକ ବିଷୟରେ ଜନସଚେତନତା ସୃଷ୍ଟି କରିବା, ଉନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା ଏବଂ ସରକାରଙ୍କ ତରଫରୁ ଅନ୍ୟ ଚାଷ ଓ ଜୀବିକା କାର୍ଯ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା। କୃଷି ବିଭାଗ, ଉଦ୍ୟାନ ବିଭାଗ ତରଫରୁ ଗଞ୍ଜେଇ ଚାଷ ବଦଳରେ ସେହି ଅଞ୍ଚଳର ଲୋକଙ୍କୁ ଫଳ, ମସଲା ଓ ଅନ୍ୟ ଅର୍ଥକାରୀ ଫସଲ ଚାଷ ପାଇଁ ପ୍ରବାର୍ତ୍ତାଇବା ଓ ମଞ୍ଜି ଯୋଗାଇବା ଉପରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଗୁରୁତ୍ୱ ଦେଇଥିଲେ। ଅବକାରୀ ବିଭାଗକୁ ସକ୍ରୀୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଗଞ୍ଜେଇ ଭଳି ନିଶା ଦ୍ରବ୍ୟ ଚୋରା ଚାଲାଣ ବୃଦ୍ଧି ପାଇଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ ଜାରି ରହିଥିଲେ ମଧ ଏହାକୁ ରୋକିବାରେ ସମ୍ପୂର୍ଣ ସଫଳତା ଏ ଯାଏଁ ମିଳିପାରିନାହିଁ । ଫଳରେ ଜିଲ୍ଲା ପ୍ରଶାସନ ତରଫରୁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇ ଥିଲେ ମଧ ଫଳାଫଳ ଶୂନ୍ ଏବଂ ଏହା ବନ୍ଦ ହେବାର ନା ଧରୁନି ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ସାହୁ, ଜିଲ୍ଲା କୃଷି ଅଧିକାରୀ ଓ ଅନ୍ୟ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




▶ ପ୍ରତିବର୍ଷ ବସୁଛି ବୈଠକ
▶ ବନ୍ଦହେଉନି ଚୋରାଚାଲାଣ

## ରାଉରକେଲାରେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ

# ଅପରାଧ ଜଗିବ ୮୭୧ ସ୍ମାର୍ଟ ଓ ଏଆଇ କ୍ୟାମେରା

ରାଉରକେଲା, ୩୦।୧୦(ସମିସ)

ଏଣିକି ଖସି ପାରିବେନି ଅପରାଧୀ ଓ ଲୁଟେରା। ଫାନ୍ଦରେ ପଡ଼ିବେ ପରିବହନ ନିୟମ ଉଲ୍ଲଂଘନକାରୀ ବାଇକ୍ ଓ କାର ଚାଳକ। ଅମାନିଆ ଚାଳକଙ୍କ କଟିବ ସ୍ୱୟଂଚାଳିତ ଚାଲାଣ। ଏଫ୍‌ଆର୍‌ଏସ୍(ମୁହଁ ଚିହ୍ନଟ ବ୍ୟବସ୍ଥା) ଯୋଗୁଁ ଖସିପାରିବେନି ପୁରୁଣା ପେସାଦାର ଅପରାଧୀ। କାରଣ ସ୍ମାର୍ଟ ସିଟି ରାଉରକେଲା ସମେତ ରାଉରକେଲା ପୁଲିସ ଜିଲ୍ଲାର ଗ୍ରାମାଞ୍ଚଳକୁ ଜଗିବ ୮୭୧ଟି ସ୍ମାର୍ଟ କ୍ୟାମେରା। ଯେଉଁଥିରେ ରହିଛି ୨୨୦ରୁ ଊର୍ଦ୍ଧ୍ୱ ଏଆଇ କ୍ୟାମେରା। ଏହି ଉଦ୍ଦେଶ୍ୟରେ ରାଉରକେଲାର ପୁଲିସ ମୁଖ୍ୟାଳୟରେ ଆଜି ଏକ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଆଇସିଆରକୁ ଉଦ୍‌ଘାଟନ କରିଥିଲେ।

ସୂଚନାଯୋଗ୍ୟ ଯେ 'ସିସିଟିଭି ମ୍ୟାପିଂ ପ୍ରୋଜେକ୍ଟ' ଓ 'ପ୍ଲେଜ ୟୋର୍ କ୍ୟାମେରା' ଅଭିଯାନରେ ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି ଓ ବୈଷୟିକ ଭିତ୍ତିକ ପୁଲିସିଂକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଉରକେଲା ପୁଲିସ ପକ୍ଷରୁ ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏହି ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ଅଧୀନରେ ୨୨୦ଟି ସ୍ମାର୍ଟ ସିସିଟିଭି କ୍ୟାମେରା ରାଉରକେଲା ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାପନ କରାଯାଇଛି। ଏଥିରେ ୧୦୦ ଟି ସୋଲାର ପାୱାର କ୍ୟାମେରା ସମେତ ଏଫ୍‌ଆର୍‌ଏସ୍ (ମୁହଁ ଚିହ୍ନଟ ବ୍ୟବସ୍ଥା) ଏବଂ ସ୍ୱୟଂ



ଚାଳିତ ନମ୍ବର ପ୍ଲେଟ ଚିହ୍ନଟ (ଏଏନ୍‌ପିଆର୍) କ୍ୟାମେରା ଅନ୍ତର୍ଭୁକ୍ତ ରହିଛି। ଏତଦ୍‌ବ୍ୟତୀତ ମୁଖ୍ୟ ରାସ୍ତା, ବଜାର ଓ ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ ବସବାସ କରୁଥିବା ରାଉରକେଲାବାସୀଙ୍କ ରାସ୍ତାକୁ ମୁହଁ କରିଥିବା ମୋଟ ୬୫୧ଟି ସିସିଟିଭି କ୍ୟାମେରାକୁ ରାଉରକେଲା ପୁଲିସ ଅପରାଧୀ ଚିହ୍ନଟରେ ବ୍ୟବହାର କରିବ ବୋଲି ସୂଚନା ମିଳିଛି।

ଏ ନେଇ ରାଉରକେଲା ପୁଲିସ ମୁଖ୍ୟାଳୟରେ ଏସ୍‌ପି ନିତେଶ ୱାଧୱାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉତ୍ସବରେ ଡିଆଇଜି ଶ୍ରୀ ରାଏ କହିଲେ ରାଉରକେଲା ସହରକୁ ପୁରା ସିସିଟିଭି ସର୍ଭିଲାନ୍ସରେ ରଖିବା ପାଇଁ ତାଙ୍କ ଏସ୍‌ପି କାର୍ଯ୍ୟକାଳ ସମୟରେ ଆରମ୍ଭ ହୋଇଥିବା ପଦକ୍ଷେପ ଆଜି ଏସ୍‌ପି ନିତେଶ ୱାଧୱାନୀଙ୍କ ପ୍ରଚେଷ୍ଟାରେ ଫଳବତୀ ହୋଇଛି। ଏହି କଣ୍ଟ୍ରୋଲ ରୁମ୍‌ରେ ଅତ୍ୟାଧୁନିକ ପ୍ରଯୁକ୍ତି ସୁବିଧା ରହିଛି। ଯାହାକି ପୂରା ସହରର ଟିକିନିଖି କାର୍ଯ୍ୟକଳାପକୁ ନଜରରେ ରଖିବ। କହିବାକୁ ଗଲେ ସହରର ରାସ୍ତାଘାଟରେ ସମସ୍ତ କାର୍ଯ୍ୟକଳାପକୁ ଏହି ଆଇସିଏସ୍ ରୁମ୍ ନିରୀକ୍ଷଣ କରିବା ସହ ନିୟନ୍ତ୍ରଣ କରିବ। ଏସ୍‌ପି ଶ୍ରୀ ୱାଧୱାନୀ କହିଲେ ବାସ୍ତବିକ ସହରବାସୀଙ୍କ

- **ଖସିପାରିବେନି ପେସାଦାର ଅପରାଧୀ**
- **ଟ୍ରାଫିକ୍ ନିୟମ ଭାଙ୍ଗିଲେ କଟିବ ସ୍ୱୟଂଚାଳିତ ଚାଲାଣ**

ପ୍ରତୀକ୍ଷାର ଅନ୍ତ ଘଟିଛି। ସହରରେ ଶୂନ୍ୟ ଅପରାଧ ପାଇଁ ଆଜି ଶୁଭାରମ୍ଭ ହୋଇଛି ଆଇସିଏସ୍ ରୁମ୍। ଏହା ନିଶ୍ଚିତ ଭାବେ ସହରବାସୀଙ୍କ ପାଇଁ ବିଶେଷ ଉପଯୋଗୀ ହେବ। ସହରର ୨୦୦ରୁ ଊର୍ଦ୍ଧ୍ୱ ପେସାଦାର ଅପରାଧୀଙ୍କ ମୁହଁର ଡାଟାବେଶ୍ ଆଇସିଏସ୍ ସିଷ୍ଟମରେ ଅପଲୋଡ୍ କରାଯାଇଛି, ଯାହା ସେମାନେ ପୁନଃ ସହରରେ ଅପରାଧ ଘଟାଇବା ମାତ୍ରେ ଏଫ୍‌ଆର୍‌ଏସ୍ ଏଆଇ କ୍ୟାମେରା ତୁରନ୍ତ ଚିହ୍ନଟ କରି ତତ୍‌କ୍ଷଣାତ୍ ଆଇସିଆରକୁ ଅବଗତ କରିବ। ଯାହା ଫଳରେ ପିସିଆର ଭ୍ୟାନ ତୁରନ୍ତ ସେଠାରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିନେବ। କେବଳ ଏତିକି ନୁହେଁ କୌଣସି ବ୍ୟକ୍ତିର ସନ୍ଦେହଜନକ ଗତିବିଧି, ଛିନ୍‌ତାଇ କରୁଥିବା ଯୁବକ, ଲୁଟେରା, ଡକାୟତମାନେ ଏଣିକି ଅପରାଧ କରି ଆଉ ଖସି ପାରିବେ ନାହିଁ ବୋଲି ସେ କହିଥିଲେ।

ଏହି ପ୍ରକଳ୍ପର ଏକ ବିଶିଷ୍ଟ ଦିଗ ହେଉଛି ନୂତନ 'କମ୍ୟୁନିଟି ପାର୍ଟନରସିପ ମଡେଲ' ପ୍ରକଳ୍ପରେ ୬୫୧ ଟି ଘରୋଇ ରାସ୍ତା ମୁହାଁ କ୍ୟାମେରାକୁ ମ୍ୟାପ୍ କରାଯାଇଛି। ସେଥିରୁ ୪୦୦ ରୁ ଅଧିକ କ୍ୟାମେରାର ମାଲିକ ନିଜ ଫିଡ୍ ସହଭାଗିତାରେ ଦେଇଛନ୍ତି। ଯାହାକୁ ପୁଲିସ ସର୍ଭିଲାନ୍ସ ନେଟୱର୍କ ସହିତ ସଂଯୁକ୍ତ କରାଯିବ। ଫଳରେ ପୁଲିସ ଓ ଜନସାଧାରଣଙ୍କ ଏହି ସଂଯୁକ୍ତ ପ୍ରୟାସ ସମୁଦାୟଭିତ୍ତିକ ପୁଲିସିଂ ଓ ସାମୁହିକ ସୁରକ୍ଷାର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍‌ରେ ତଥ୍ୟ ବିଶ୍ଳେଷଣ, ଲାଇଭ୍ ମନିଟରିଂ ଓ ବିଭିନ୍ନ ପୁଲିସ ୟୁନିଟ୍‌ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବ। ଏଥିରେ ସିସିଟିଭି ସେଲ, ଇଆର୍‌ଏସ୍‌ଏସ୍ ସେଲ୍‌ଫ, ସ୍ମାର୍ଟ ଇ-ବିଟ୍ ସେଲ, ଭିଏଚ୍‌ଏଫ୍ ସେଲ୍‌ଫ ଓ ଟ୍ରାଫିକ ସେଲ୍‌ଫକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସିଷ୍ଟମରେ ଥିବା ପୂର୍ବାନୁମାନର ସୁବିଧା ଅପରାଧ ପ୍ରବଣ ଅଞ୍ଚଳ ଚିହ୍ନଟ, ଯାନବାହନ ଟ୍ରାକିଂ ଓ ଆଇନ ଶୃଙ୍ଖଳା କ୍ଷେତ୍ରରେ ଶୀଘ୍ର ପ୍ରତିକ୍ରିୟା ଦେବାରେ ସହାୟକ ହେବ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲାବେଳେ ଅତିରିକ୍ତ ଏସ୍‌ପି ସୁଶ୍ରୀ ଶ୍ରାବଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିରୀହ ଲୋକଙ୍କ ବ୍ୟାଙ୍କ ଖାତା ନେଇ ସାଇବର ଠକେଇ : ୫ ଗିରଫ

**ରାଉରକେଲା, ୩୦।୧୦(ସମିସ):** ଗ୍ରାମାଞ୍ଚଳର ନିରୀହ ଲୋକମାନଙ୍କ ବ୍ୟାଙ୍କ ଖାତା ନେଇ ଏହା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ଭସ୍ମା ଥାନା ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭସ୍ମା ଥାନା ଦମାବାହାଲ ଗାଁର ବିମଳ ଗରଡ଼ିଆ(୩୯), ଜାମତାଲିଆର ଭାରତ ମହାନନ୍ଦ(୩୧), ଅବନକେଲାର କଳାକାର ତାଣ୍ଡିଆ(୪୦), ହରେରାମ ଦେଓ (୫୦) ଏବଂ ଜୋଗିମାଲର ନିବାସ ନାଏକ(୨୬)। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୨୩ଟି ବ୍ୟାଙ୍କ ଖାତା ଓ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ସୂଚନା ମୁତାବକ ଭସ୍ମା ଥାନା ଅଞ୍ଚଳରେ କିଛି ଦୁର୍ବୃତ୍ତ ଗ୍ରାମାଞ୍ଚଳର ନିରୀହ ଅଶିକ୍ଷିତ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କର ବ୍ୟାଙ୍କ ଖାତା, ଆଧାର କାର୍ଡ, ଏଟିଏମ୍ କାର୍ଡ, ଫଟୋ ସଂଗ୍ରହ




କରି କୋଲକାତା ସମେତ କିଛି ସାଇବର ଅପରାଧୀଙ୍କୁ ବିକ୍ରି କରିଥିଲେ। ଏହାପରେ ସାଇବର ଅପରାଧୀମାନେ ଉକ୍ତ ବ୍ୟାଙ୍କ ଖାତା ଜରିଆରେ ସାଇବର ଅପରାଧ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା କାରବାର କରୁଥିଲେ। ଅର୍ଥାତ୍ ସାଇବର ଠକେଇରୁ ସଂଗୃହୀତ ଅର୍ଥକୁ ଉକ୍ତ ବ୍ୟାଙ୍କ ଖାତାରେ ଜମା କରୁଥିଲେ ଏବଂ ପରେ ଉକ୍ତ ଟଙ୍କାକୁ ଉଠାଇ ନେଉଥିଲେ। ଏହି ଘଟଣା ନେଇ ସୂଚନା ପାଇବା ପରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭସ୍ମା ଥାନା ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତମାନେ ମୋଟ ୧୭ଟି ବ୍ୟାଙ୍କ ଖାତା ସଂଗ୍ରହ କରି ସାଇବର ଠକଙ୍କୁ ହସ୍ତାନ୍ତର କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏହି ସାଇବର ଅପରାଧ ଘଟଣାରେ ବହୁ ଲୋକ ଲକ୍ଷାଧିକ ଟଙ୍କା ଠକେଇର ଶିକାର ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ




**ରାଉରକେଲା, ୩୦।୧୦(ସମିସ):** ଅକ୍ଟୋବର ୨୭ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଆଜି ଦୁର୍ନୀତି ନିବାରଣ ବିଭାଗ ସୁନ୍ଦରଗଡ଼ ଶାଖା ଏବଂ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସୁନ୍ଦରଗଡ଼ ବିକାଶ ଭବନ ଠାରେ ଆୟୋଜିତ ହୋଇଯାଇଛି।

ଚଳିତବର୍ଷ ଏହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଶୀର୍ଷକ ହେଉଛି 'ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ'। ଏହି ଅବସରରେ ଆଜି ସ୍ଥାନୀୟ ବିକାଶ ଭବନଠାରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଆୟୋଜନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଗଜେନ୍ଦ୍ର ନାୟକ, ଭିଜିଲାନ୍ସ ବିଭାଗ ସୁନ୍ଦରଗଡ଼ ଶାଖାର ଡିଏସ୍‌ପି ଦୈତାରୀ ଘଡ଼େଇ, ଡିଏସ୍‌ପି ଅମୃତା ନନ୍ଦିନୀ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ଼ର ସହାୟକ ଅଧ୍ୟାପକ ନୂତନ ଖମାରୀ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡିଏସ୍‌ପି ଶ୍ରୀ ଘଡ଼ାଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହିତ ସମ୍ୟକ ସୂଚନା ଦେବା ସହିତ ଦୁର୍ନୀତିକୁ ହଟାଇବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ପ୍ରତ୍ୟେକ ସମାଜର କ୍ଷେତ୍ରରେ ଦୁର୍ନୀତିର ମୂଳୋତ୍ପାଟନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତଙ୍କୁ ଦୁର୍ନୀତି ବିରୋଧରେ ସଜାଗ ଓ ସଚେତନ ରହିବାକୁ କହିଥିଲେ। ସେହିଭଳି ମୁଖ୍ୟ ବକ୍ତା ଶ୍ରୀ ଖମାରୀ ଦୁର୍ନୀତି ର ସ୍ୱରୂପ ଓ ପ୍ରକାର ଗୁଡ଼ିକୁ ଉଦାହରଣ ମାଧ୍ୟମରେ ବ୍ୟାଖ୍ୟା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଭିଜିଲାନ୍ସ ଇନ୍‌ସପେକ୍ଟର ବୃନ୍ଦାବତୀ ତାଣ୍ଡି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଦଳର ସଦସ୍ୟ, ଆଶା କର୍ମୀ, ବରିଷ୍ଠ ନାଗରିକ, ଭିଜିଲାନ୍ସ ବିଭାଗର କର୍ମଚାରୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଆଦିର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଆଜି ସକାଳେ ଡିଆରଡିଏ ଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଏକ ଭିଜିଲାନ୍ସ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ଛାତ୍ରୀ, ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଆଶା କର୍ମୀ ଆଦି ସାମିଲ ହୋଇଥିଲେ ଏବଂ ଭିଜିଲାନ୍ସ ସଚେତନତାର ବାର୍ତ୍ତା ଦେଇ ସହର ମଧ୍ୟରେ ପରିକ୍ରମା କରିଥିଲେ।

## କୃଷି ଉତ୍ପାଦକତା ବୃଦ୍ଧି ନେଇ ଏନ୍‌ଆଇଟି ରାଉରକେଲା ଓ ତୁର୍କୀ ଗବେଷକଙ୍କ ଅନୁଧ୍ୟାନ

**ରାଉରକେଲା, ୩୦।୧୦(ସମିସ):** ଏନ୍‌ଆଇଟି ରାଉରକେଲାର ଗବେଷକମାନେ, ଅଜରବାଇଜାନ ରାଜ୍ୟ ବିଶ୍ୱବିଦ୍ୟାଳୟ, ଅର୍ଥଶାସ୍ତ୍ର ବିଭାଗ (ତୁର୍କୀ) ସହିତ ମିଳିତ ଭାବେ ଡିଜିଟାଲ୍ ଉପକରଣ ଓ ନବୀକରଣଯୋଗ୍ୟ ଶକ୍ତି ବିକାଶଶୀଳ ଦେଶଗୁଡ଼ିକରେ ପ୍ରଭାବିତ କୃଷି ଉତ୍ପାଦକତା ବିଷୟରେ ଅନୁସନ୍ଧାନ କରିଛନ୍ତି। ଭାରତ ସମେତ ୨୭ଟି ବିକାଶଶୀଳ ଦେଶର ଏକ ଅଧ୍ୟୟନରେ, ଗବେଷକମାନେ ବିଶ୍ୱରେ ଦ୍ରୁତ ଗତିରେ ପରିବର୍ତ୍ତିତ ଇଣ୍ଟରନେଟ୍ ବ୍ୟବହାର, ମୋବାଇଲ୍ ସଂଯୋଗ, ନବୀକରଣଯୋଗ୍ୟ ଶକ୍ତି, କୃଷି ଜମି ଓ ସାର ବ୍ୟବହାର କିପରି କୃଷି ଉତ୍ପାଦିକତାକୁ ପ୍ରଭାବିତ କରିଥାଏ ତାହା ଉପରେ ଆଲୋକପାତ କରିଛନ୍ତି। ଏନ୍‌ଆଇଟି ରାଉରକେଲାର ମାନବିକତା ଏବଂ ସାମାଜିକ ବିଜ୍ଞାନ ବିଭାଗର ପ୍ରଫେସର ନାରାୟଣ ସେଠୀ ଏବଂ ତାଙ୍କ ରିସର୍ଚ୍ଚ ସ୍କଲାର୍ ଲିଟୁ ସେଠୀ, ଅଜରବାଇଜାନ ରାଜ୍ୟ ବିଶ୍ୱବିଦ୍ୟାଳୟର (ତୁର୍କୀ) ର ଡକ୍ଟର ଉଗୁର କୋରକୁଟ୍ ପତା ଓ ଡକ୍ଟର ସେଲିନ୍ କାର୍ଲିଲର ପତା ପ୍ରତିଷ୍ଠିତ ଜର୍ଣ୍ଣାଲ୍ ଟେକ୍ନୋଲୋଜି ଆନାଲିସିସ୍ ଆଣ୍ଡ ଷ୍ଟ୍ରାଟେଜିକ୍ ମ୍ୟାନେଜମେଣ୍ଟରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ କୃଷି କ୍ଷେତ୍ରରେ, ଇଣ୍ଟରନେଟ୍ ଖାଦ୍ୟ ଉତ୍ପାଦନ, ବିକ୍ରୟ ଓ ବ୍ୟବହାର ପଦ୍ଧତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି। ଚାଷୀମାନେ ଏବେ ସେମାନଙ୍କର ଫସଲ ବିକ୍ରୟ କରିବା ପୂର୍ବରୁ ବଜାର ମୂଲ୍ୟ ଜାଣି ପାରୁଛନ୍ତି, ଅନ୍‌ଲାଇନ୍‌ରେ ସାର ମୂଲ୍ୟ ତୁଳନା କରିପାରିବେ ଏବଂ ସ୍ଥାୟୀ କୃଷି କୌଶଳ ବିଷୟରେ ଶିଖିପାରିବେ।



ଅନେକ ଗ୍ରାମୀଣ ସମୁଦାୟରେ, ଏକ ସରଳ ମୋବାଇଲ୍ ଫୋନ୍ ଚାଷୀ ଓ ବଜାର ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରୁଛି, ସ୍ୱଚ୍ଛତା, ଦର ଆକଳନ କରିବାର କ୍ଷମତା ଏବଂ ସାମଗ୍ରିକ ଦକ୍ଷତାକୁ ଉନ୍ନତ କରୁଛି। ନବୀକରଣଯୋଗ୍ୟ ଶକ୍ତି ପ୍ରତି ବର୍ଦ୍ଧିତ ପରିବର୍ତ୍ତନ ସହିତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଧାରା ମଧ୍ୟ କୃଷି ପଦ୍ଧତିକୁ ପରିବର୍ତ୍ତନ କରୁଛି। ସୌରଚାଳିତ ଜଳସେଚନ ବ୍ୟବସ୍ଥା କ୍ଷୁଦ୍ର ଚାଷୀଙ୍କୁ ଅନିୟମିତ ବିଦ୍ୟୁତ୍ ଯୋଗାଣର ଚ୍ୟାଲେଞ୍ଜକୁ ଦୂର କରିବାରେ ସମ୍ଭାବ୍ୟ ସାହାଯ୍ୟ କରୁଛି।

## ୪ ବାଇକ୍ ଜବତ : ୨ ଭାଇ ଗିରଫ

**ରାଉରକେଲା, ୩୦।୧୦(ସମିସ):** ବାଇକ୍ ଚୋରି କରିବା ଅଭିଯୋଗରେ ସେକ୍ଟର -୭ ଥାନା ପୁଲିସ ସେକ୍ଟର -୬ ଏକତା କ୍ଲବ୍ ବସ୍ତିର ଦୁଇ ଭାଇ ଛୋଟୁ ନାଗ (୩୦) ଓ କାର୍ତ୍ତିକ ନାଗ (୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୪ଟି ବାଇକ୍ ଜବତ କରାଯାଇଛି। ପୁଲିସ୍ ସୂଚନା ମୁତାବକ, ଗତ ୨୮ ତାରିଖରେ ସେକ୍ଟର -୧୫, ଡି/୭୫ର ନାଗେଶ୍ୱର ନାଏକ ସେକ୍ଟର -୭ ଭିଏସଏସ ପାଲିରେ ରହୁଥିବା ସାଙ୍ଗ ଘରକୁ ଛଟ ପାଳନ ପାଇଁ ଯାଇଥିଲେ। ଘର ସମ୍ମୁଖରେ ବାଇକ୍ ପାର୍କିଂ କରିଥିବା ବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରି ନେଇଥିବା ସ୍ଥାନୀୟ ଲୋକେ କହିଥିଲେ। ତୁରନ୍ତ ଖୋଜାଖୋଜି କରି ନପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଗିରଫ ଦୁଇ ଭାଇଙ୍କୁ ପଚରା ଉଚରା ପରେ ଉକ୍ତ ଦିନ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ମଧ୍ୟ ବାଇକ୍ ଚୋରି କରିଥିବା ଜଣାପଡ଼ିଥିଲା। ଏହାସହ ୨୦୧୮ ମସିହାରେ ସେକ୍ଟର -୭ ଥାନାରେ ଚୋରି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ଜଳ ଯୋଗାଣ ସମସ୍ୟା ନେଇ ସ୍ମାରକପତ୍ର

**ରାଉରକେଲା, ୩୦।୧୦(ସମିସ):** ସ୍ଥାନୀୟ ଛେଣ୍ଡ କଲୋନୀସ୍ଥିତ କଳିଙ୍ଗ ବିହାରରେ ପାନୀୟ ଜଳ ସମସ୍ୟା ନେଇ ୱାଟ୍‌କୋ ପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସମାଜସେବୀ ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ କୀର୍ତ୍ତନ ସାମଲ ଓ ଅମିୟ କୁମାର ମହାନ୍ତିଙ୍କ ନେତୃତ୍ୱରେ କଳିଙ୍ଗ ବିହାରର ବହୁ ବାସିନ୍ଦା ରାଉରକେଲା ୱାଟ୍‌କୋ ପ୍ରବନ୍ଧକଙ୍କୁ ସାକ୍ଷାତ କରି ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନେ ଦର୍ଶାଇଛନ୍ତି ଯେ ୱାଟ୍‌କୋ ପକ୍ଷରୁ କଳିଙ୍ଗ ବିହାରରେ କରାଯାଉଥିବା ପାନୀୟ ଜଳ ଯୋଗାଣ ଯଥେଷ୍ଟ ହେଉନାହିଁ। ନିର୍ଦ୍ଧାରିତ ସମୟ ମୁତାବକ ଜଳ ଯୋଗାଣ ହେଉନଥିବାବେଳେ ଜଳରେ ବିଭିନ୍ନ ପ୍ରକାର ଅଳିଆ ଗୁଣ୍ଡ ଆସୁଛି। ଯାହାକି ପାନୀୟ ଯୋଗ୍ୟ ନୁହେଁ। କୌଣସି ଅଭିଯୋଗ କଲେ ତୁରନ୍ତ ପଦକ୍ଷେପ ନିଆଯାଉ ନାହିଁ। ଏ ସମସ୍ତ ସମସ୍ୟା ସମାଧାନ ପାଇଁ ପ୍ରତିନିଧି ଦଳ ୱାଟ୍‌କୋ ପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରି ଦାବି କରିଥିଲେ। ତେବେ ଆଗାମୀ ଏକ ମାସ ମଧ୍ୟରେ ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ କରିବାକୁ ୱାଟ୍‌କୋ ପ୍ରବନ୍ଧକ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଆସନ୍ତା ୨ ମାସ ମଧ୍ୟରେ ନୂତନ ଡିଜିର ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଶରତ ଚନ୍ଦ୍ର



ଆଚାର୍ଯ୍ୟ, ରବିନାରାୟଣ ସିଂହ, ସୁଦୀପ କୁମାର ମହାନ୍ତି, ଗୋପବନ୍ଧୁ ରାୟ, ନରହରି ନାୟକ, ପ୍ରତାପ ଚନ୍ଦ୍ର ରଥ, ରମେଶ ଚନ୍ଦ୍ର ସିଂହ, ପ୍ରକାଶ ମହାନ୍ତି, ଜି. ବାରିକ, ଅହଲ୍ୟା ପାଣିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭାଗବତ ପାରାୟଣ ଓ ଜ୍ଞାନ ଯଜ୍ଞର ଷଷ୍ଠ ସନ୍ଧ୍ୟା



**ରାଉରକେଲା, ୩୦।୧୦(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଭାଗବତ ପାରାୟଣ ଓ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମର ଆଜି ୬ଷ୍ଠ ସଂଧ୍ୟାରେ ରାଉରକେଲା ପୁଲିସ ଜିଲ୍ଲା ଜୋନ - ୨ ଡିଏସପି ଅମରେନ୍ଦ୍ର ଷଣ୍ଢ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଏପରି ଏକ ଭବ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ ଆୟୋଜକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ମହିମା ପ୍ରଚାରକ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଡିଏସପି ଶ୍ରୀ ଷଣ୍ଢଙ୍କୁ ପୁଷ୍ପ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଉପସ୍ଥିତ ଥିବା ବେଳେ ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲିପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଜ୍ୟୋତି ପ୍ରକାଶ ମହାନ୍ତି, ଶ୍ରୀଚରଣ ସାମଲ, ଗୋପିନାଥ ଦାସଙ୍କ ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁଣି ଜୋର୍ ଧରିଲା ବିମାନ ବନ୍ଦର ପ୍ରସଙ୍ଗ

# ଆନ୍ଦୋଳନକୁ ଓହ୍ଲାଇବ ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି

ରାଉରକେଲା, ୩୦।୧୦(ସମିସ)

ଦୀର୍ଘଦିନ ଧରି ବିମାନ ବନ୍ଦର ପ୍ରସଙ୍ଗରେ ହୋଇଆସୁଥିବା ଦାବି ପ୍ରତି କେହି କର୍ଣ୍ଣପାତ କରୁନଥିବାରୁ ପୁଣି ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଉରକେଲା ବିମାନବନ୍ଦର ସମ୍ମୁଖରେ ପ୍ରତିବାଦ କରାଯାଇଛି। ଡବଲ ଇଞ୍ଜିନ ସରକାର ସତ୍ତ୍ୱେ ରାଉରକେଲା ବିମାନ ବନ୍ଦର କୋମାରେ ପଡ଼ିରହିବା ଘଟଣା ସହରର ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛଇ। କମିଟି ପକ୍ଷରୁ ରାଉରକେଲା ବିମାନ ବନ୍ଦରକୁ ୪ସି ବର୍ଗରେ ଉନ୍ନତୀକରଣ ସହିତ ରନ୍ ୱେ'କୁ ୮ହଜାରରୁ ୧୦ହଜାର ଫୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା, ସମସ୍ତ ପାଣିପାଗ କାର୍ଯ୍ୟ ପାଇଁ ଆଇଏଲ୍‌ଏସ୍, ଏନ୍‌ଏଲ୍‌ଏସ୍ ସ୍ଥାପନ ଏବଂ ସେଲ୍‌ଫରୁ ଏଏଆଇକୁ ବିମାନ ବନ୍ଦର ମାଲିକାନା ହସ୍ତାନ୍ତର ପାଇଁ ଦାବି କରାଯାଇଛି। ୧ଜାନୁଆରୀ ୨୦୨୫ରୁ ଅନିର୍ଦ୍ଦିଷ୍ଟ କାଳ ଧାରଣା ଓ ପ୍ରତିବାଦ ପରେ ୧ ଫେବୃଆରୀ ୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ ସମୟରେ ରାଉରକେଲାରେ ଏକ ପୂର୍ଣ୍ଣାଙ୍ଗ ବିମାନ ବନ୍ଦର କରାଯିବାର ଘୋଷଣାକୁ ୯ ମାସ ବିତିଗଲା। ତଥାପି ବିମାନ ବନ୍ଦରର କୌଣସି ଆଖିଦୃଶିଆ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ବା ଅଗ୍ରଗତି ହୋଇନାହିଁ।




ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ରାଉରକେଲା ବିମାନ ବନ୍ଦର ମାଲିକାନା ହସ୍ତାନ୍ତରକୁ ତ୍ୱରାନ୍ୱିତ କରିବା ପାଇଁ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ଭୂମିକା ଏ ନେଇ ଶୂନ୍ୟ କହିବା ହାସ୍ୟାସ୍ପଦ ବୋଲି କୁହାଯାଇଛି। କମିଟି ଚେତାବନୀ ଦେଇଛି ଯେ, ଯଦି ସରକାର ରାଉରକେଲାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରନ୍ତି, ତେବେ କମିଟି ପକ୍ଷରୁ ୧ ଜାନୁଆରୀ ୨୦୨୬ରୁ ପୁଣି ବଡ଼ଧରଣର ପ୍ରତିବାଦ କରାଯିବ। ସେମାନେ ଦର୍ଶାଇଛନ୍ତି ଯେ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିବା ଝାରସୁଗୁଡ଼ା ବିମାନ ବନ୍ଦର ସରକାରୀ ହସ୍ତକ୍ଷେପ ପରେ ସଫଳତାର ସହ ଷ୍ଟାର ଏୟାର ଏବଂ ଇଣ୍ଡିଗୋକୁ ସ୍ଥାନାନ୍ତରିତ ହୋଇଛି। ଯାହାର ସେବା ପୂର୍ବ ଏବଂ ନୂତନ ରୁଟ୍ ଉଭୟରେ ଉପଲବ୍ଧ।

ଉତ୍ତରପ୍ରଦେଶ ଏବଂ ଝାରସୁଗୁଡ଼ା ସହିତ ତୁଳନା କରି କମିଟି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି ଯେ, ବହୁତ ବଡ଼ କ୍ଷେତ୍ରଫଳ ସହିତ ଉତ୍ତର ପ୍ରଦେଶରେ ୨୪ଟି ବିମାନ ବନ୍ଦର ଅଛି। ଯାହା ମଧ୍ୟରୁ ୧୭ଟି କାର୍ଯ୍ୟକ୍ଷମ ଅଛି। ଅନେକ ବିମାନ ବନ୍ଦର ନିକଟବର୍ତ୍ତୀ ଦୂରତା ୬୦, ୯୦ ଓ ୧୨୦ କିମି ମଧ୍ୟରେ। ରାଉରକେଲା ଏବଂ ଝାରସୁଗୁଡ଼ା ଶିଳ୍ପ କେନ୍ଦ୍ର ଯାହା ଘରୋଇ ବିମାନ ଯାତାୟାତ ପାଇଁ ଯଥେଷ୍ଟ ଆବଶ୍ୟକତା ରହିଛି। ଉଭୟ ସହର ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ବୃଦ୍ଧି କରିବା ପାଇଁ ଉନ୍ନତ ବିମାନ ସଂଯୋଗ ପାଇବା ଉଚିତ।

ଆର୍‌ଟିଆଇ ତଥ୍ୟରେ ଉଦ୍ଧୃତ କରି ଦର୍ଶାଇଛନ୍ତି ଯେ, ରାଉରକେଲା ବିମାନ ବନ୍ଦରରେ ନିରନ୍ତର ୮୫-୯୫ ପ୍ରତିଶତ ଅକ୍ୟୁପାନ୍ସି ରେକର୍ଡ ହେଉଛି। ଯାହା ଉନ୍ନତ ବିମାନ ସେବାର ଆବଶ୍ୟକତାକୁ ସ୍ପଷ୍ଟ କରେ। ଏଣୁ ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛନ୍ତି ଯେ, ଯଦି ସେମାନଙ୍କର ଦାବିକୁ ଅଣଦେଖା କରାଯାଏ, ତେବେ ସେମାନେ ସେମାନଙ୍କର ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ବାଧ୍ୟ ହେବେ। ଏହି ଅବସରରେ କମିଟିର ପ୍ରମୁଖ ସଦସ୍ୟ ଦିଗମ୍ବର ମହାନ୍ତି, ପଶୁପତି ଚାଟାର୍ଜୀ, ଭାରତ ବାଇ, ରଞ୍ଜନ ମହାନ୍ତି, ସୁପ୍ରତୀକ ମିଶ୍ର, ସୁମନ ଦତ୍ତ, ରଞ୍ଜନ ଲେଙ୍କା, ଚକ୍ରାନ୍ତ ଜେନା, ଗୋପାଳ ଜେନା, ନଳିନୀ ଧର, ଉତ୍ତମ ସାମଲ, ଅମୂଲ୍ୟ ବରାଳଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ସିଟୁର ପ୍ରତିବାଦ ସଭା




ବାଲେଶ୍ୱର, ୩୦।୧୦(ସମିସ): କେନ୍ଦ୍ର ସରକାର ୪୪ ଟି ଶ୍ରମ ଆଇନକୁ ଭାଙ୍ଗି ଚାରୋଟି କୋଡରେ ପରିବର୍ତ୍ତନ କରିଛନ୍ତି। ଶ୍ରମିକ ସଂଗଠନ ତରଫରୁ ପ୍ରବଳ ବିରୋଧ କରାଯାଉ ଥିବାରୁ ସରକାର ନୂତନ ଆଇନ୍ କାର୍ଯ୍ୟକାରୀ କରି ପାରୁ ନାହାନ୍ତି। କିନ୍ତୁ ଓଡ଼ିଶା ରାଜ୍ୟ ସରକାର ଶ୍ରମିକ ମାନଙ୍କର ଆଠ ଘଣ୍ଟା କାମକୁ ଅଗଣତାନ୍ତ୍ରିକ ଭାବେ ୧୦ ଘଣ୍ଟାକୁ ବୃଦ୍ଧି କରିବା ସହିତ ମହିଳା ମାନଙ୍କୁ ରାତ୍ରିରେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାକୁ ପ୍ରତିବାଦ କରି ସିଟୁ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ରାଜକିଶୋର ଲେଙ୍କାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଫାଣ୍ଡି ଛକରେ ଅନୁଷ୍ଠିତ ହୋଇଯାଇଛି। ସିଟୁର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ଡବଲ ଇଞ୍ଜିନ ସରକାର ମହିଳାମାନଙ୍କୁ ଦିନରେ ସୁରକ୍ଷା ଦେଇ ପାରୁ ନାହଁ କିନ୍ତୁ ରାତ୍ରିରେ କାର୍ଯ୍ୟ କରିବା ପାଇଁ ଆଇନ୍ କରୁଛି। ଏହା ଏକ ହାସ୍ୟାସ୍ପଦ କଥା। ଅନ୍ୟ ମାନଙ୍କ ମଧ୍ୟରେ ସଭ୍ୟ ମୃତ୍ୟୁଞ୍ଜୟ ରାଉତ, ପ୍ରଭାକର ବେହେରା, ଲକ୍ଷ୍ମୀଧର ସାହୁ, ସୁଶାନ୍ତ ଜେନା, ରଜତ ଦାସ, ସରୋଜ ମହାକୁଡ, କୃଷ୍ଣ ଜେନା, ଉତ୍ତମ ବେହେରା, ଜ୍ୟୋତିଷ ରଣା, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ବାଲେଶ୍ୱର, ୩୦।୧୦(ସମିସ): ବିପଣୀ ଉନ୍ନୟନ କମିଟି ପକ୍ଷରୁ ଦ୍ୱାଦଶ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମୋତିଗଞ୍ଜସ୍ଥିତ ଘୋଷ ମାର୍କେଟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ମାନସ ଦତ୍ତ ଶିବିରକୁ ଉଦ୍‌ଘାଟନ କରିବା ସହିତ ବିପଣୀ ଉନ୍ନୟନ କମିଟିର ଉଦ୍ୟମକୁ ପ୍ରଶଂସା କରିଥିଲେ। କମିଟିର ସଭାପତି ଅଜୟ କୁମାର ବିଶ୍ୱାଳ, ସାମ୍ବାଦିକ ରଞ୍ଜନ ବାଗ, ଜିଲ୍ଲା ରକ୍ତକେନ୍ଦ୍ର ଅଧିକାରୀ ଡାକ୍ତର ବସନ୍ତ ଉପାଧ୍ୟାୟ, ଗୌରାଙ୍ଗ ଦାସ, ସୁଜିତ୍ ଦେବ, ଧିରଜ ମହାନ୍ତି ପ୍ରମୁଖ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ କମିଟିର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ମୋତିଗଞ୍ଜ ଘୋଷ ମାର୍କେଟର ବ୍ୟବସାୟୀ ରକ୍ତଦାନ କରିଥିଲେ। ଶରତ ନାୟକ, ଭାଗୀରଥି ବେହେରା, ଅରୁଣ ଦାସ, ହରେକୃଷ୍ଣ ଦାସ, ସୁରେନ୍ଦ୍ର ବେହେରା, କାର୍ତ୍ତିକ ଓଝା, କରୁଣାକର ପଣ୍ଡା, ଗୋପୀନାଥ ଖଟୁଆ ପ୍ରମୁଖଙ୍କ ସମେତ କମିଟିର ବହୁ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରକ୍ତଦାନ ଶିବିର ଆୟୋଜନ ପାଇଁ ଗୋଟିଏ ଦିନ ଘୋଷ ମାର୍କେଟରେ ବ୍ୟବସାୟୀମାନେ ଦୋକାନ ବନ୍ଦ ରଖିଥିଲେ। ଶିବିର ଶେଷ ସୁଦ୍ଧା ଶହେରୁ ଅଧିକ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ମାତୃ ପ୍ରଶିକ୍ଷଣ କର୍ମଶାଳା




ବାଲେଶ୍ୱର, ୩୦।୧୦(ସମିସ): ସହର ଉପକଣ୍ଠରେ ଥିବା କୁରୁଡା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ମାତୃ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଉତ୍କଳ ଶିକ୍ଷା ପରିଷଦ ଓଡ଼ିଶାର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାସ ଯୋଗଦେଇ ଉପସ୍ଥିତ ମାତୃ ଅଭିଭାବକଙ୍କୁ ବିଭିନ୍ନ କୌଶଳ ଅବଲମ୍ବନ କରି ଖେଳ କୌତୁକ ଧାରାରେ କିପରି ପିଲାମାନଙ୍କୁ ଶିକ୍ଷା ଦିଆଯାଇପାରିବ ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବିଦ୍ୟାଳୟ ପରିଚାଳନା ସଭାର ସମ୍ପାଦକ ମନୋଜ କୁମାର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଜେନା, ଉପ ପ୍ରଧାନ ଆଚାର୍ଯ୍ୟ ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ମହାନ୍ତି ଏହି ସଭା ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟର ଗୁରୁଜୀ, ଗୁରୁମାମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବାଲେଶ୍ୱର ସହରରୁ ଦୂର ହେବ କୃତ୍ରିମ ବନ୍ୟା ସମସ୍ୟା

- ସହଦେବଖୁଣ୍ଟା ପେଟ୍ରୋଲ ପମ୍ପ ପାଖରୁ ହରିପୁର ମହାନାଳ ଯାଏଁ ଜବରଦଖଲ ଉଚ୍ଛେଦ ହେବ
- ରାସ୍ତାର ଦୁଇପାର୍ଶ୍ୱରେ ନିର୍ମାଣ ହେବ ଡ୍ରେନ୍
- ୧୦ କୋଟି ଟଙ୍କାର ଡିପିଆର୍ ଚୂଡ଼ାନ୍ତ
- ଆରମ୍ଭ ହେଲା ଜବରଦଖଲ ଉଚ୍ଛେଦ ଓ ସଫେଇ କାମ





ବାଲେଶ୍ୱର, ୩୦।୧୦(ସମିସ)

ଅସରାଏ ବର୍ଷାରେ ସହରରେ ଜଳବନ୍ଦୀ ସମସ୍ୟା ଦେଖାଦେଉଛି। ହେଲେ ଏହାର ସ୍ଥାୟୀ ସମାଧାନ ହେଉନାହିଁ। ମୋନ୍ଥା ପ୍ରଭାବରେ ବାଲେଶ୍ୱରରେ ବର୍ଷା ଜାରି ରହିଛି। ଫଳରେ ସହରରେ କୃତ୍ରିମ ବନ୍ୟା ଦେଖିବାକୁ ମିଳିଛି। ବିଶେଷକରି ଅସରାଏ ବର୍ଷା ହେଲେ ନୂଆସାହି ରାସ୍ତାରେ ଆଣ୍ଠୁଏ ପାଣିଜମୁଛି। ଖାଲିସେତିକି ନୁହେଁ ଲୋକଙ୍କ ଘର ଭିତରେ ମଧ୍ୟ ପାଣି ପଶିଯାଇଛି। ଯାହାଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଦାରେ ପଡୁଛି ସହରର ଜଳ ନିଷ୍କାସନ ସମସ୍ୟା। ମହାନାଳ ଯେତେ ସଫେଇ କଲେ ବି ବର୍ଷକୁ ବର୍ଷ ଜଳ ନିଷ୍କାସନ ସମସ୍ୟା ଅଧିକ ମୁଣ୍ଡ ଟେକିବାରେ ଲାଗିଛି। ବର୍ଷା ହେବା ମାତ୍ରେ ଜଳାର୍ଣ୍ଣବ ହୋଇଯାଉଛି ବାଲେଶ୍ୱର ସହର। ପାଣି ଯିବାକୁ ବାଟ ନାହିଁ। ତେବେ ଏହି ନୂଆସାହି ରାସ୍ତା କାମ ପାଇଁ ଡିପିଆର ପ୍ରସ୍ତୁତ ହୋଇସାରିଛି। ଏହାର କାମ କେବେ ହେବ ତାହା ଅପେକ୍ଷା ରହିଛି। ବାତ୍ୟା ପ୍ରଭାବରେ ବାଲେଶ୍ୱରରେ ବର୍ଷା ହେଉଥିବାରୁ ଏହି ନୂଆସାହି ରାସ୍ତାରେ ପାଣି ଜମି ରହିଛି। ପୌରପାଳିକା ପକ୍ଷରୁ ଆଜିଠୁ ଜବରଦଖଲ ଓ ନାଳ ସଫେଇ କାମ ଆରମ୍ଭ ହୋଇଛି। ରାସ୍ତା ଦୁଇ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ଓ ଡ୍ରେନ୍ ସଫେଇ ପ୍ରକ୍ରିୟା ଚାଲିଛି। ସହଦେବଖୁଣ୍ଟା ପେଟ୍ରୋଲ ପମ୍ପ ପାଖରୁ ହରିପୁର ମହାନାଳ ପର୍ଯ୍ୟନ୍ତ ଉଚ୍ଛେଦ ହେବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

ଯୋଜନା ଅନୁସାରେ, ଶୋଭାରାମପୁର ଛକରୁ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହେବ। ଏହି ଡ୍ରେନ୍ ହରିପୁରରେ ଶେଷ ହୋଇ ନୁଣିଆଯୋଡିରେ ସଂଯୋଗ ହେବ। ରାମେଶ୍ୱର ମନ୍ଦିର ନିକଟରୁ ଏହି ଡ୍ରେନ୍ ନୁଣିଆଯୋଡିକୁ କଟିଯିବ। ସହରର ବର୍ଷା ପାଣି ସେଇପଟ ଦେଇ ନୁଣିଆଯୋଡିରେ ମିଶିବ। ଫଳରେ ଜଳ ନିଷ୍କାସନ ସମସ୍ୟା ତୁଟିବ ନେଇ ଆଶା କରାଯାଉଛି। ବର୍ତ୍ତମାନ ସହରବାସୀ ୧୦ କୋଟି ଟଙ୍କାର ଡ୍ରେନେଜ କାମ ଆରମ୍ଭକୁ ଅପେକ୍ଷା କରିଛନ୍ତି। ଏ ବାବଦରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି, ନୂଆସାହି ପ୍ରକଳ୍ପ କାମ ପାଇଁ ଡିପିଆର୍ ଚୂଡ଼ାନ୍ତ ହୋଇଛି। ଟେକ୍ନିକାଲ ସାଙ୍କସନ୍ ବି ହୋଇଯାଇଛି। ଏହି କାମ ପାଇଁ ଟଙ୍କା ମଧ୍ୟ ଆସିଯାଇଛି। ଆଡମିନିଷ୍ଟ୍ରେସନ ସାଙ୍କସନ୍ ହୋଇଗଲେ କାମ ଆରମ୍ଭ ହୋଇଯିବ। କାମ ପାଇଁ ଡ୍ରେନେଜ ବିଭାଗକୁ ଦିଆଯାଇଛି। ଆଉ କିଛି ବାକି ନାହିଁ। ପ୍ରାୟ ୧୫ ଦିନ ଭିତରେ କାମ ଆରମ୍ଭ ହୋଇଯିବ। ଏବେ ନୂଆସାହି ରାସ୍ତାରେ ଜବରଦଖଲ ଉଚ୍ଛେଦ କରାଯାଇ ବର୍ଷା ପାଣି ଅଟକୁଥିବାରୁ ତାହା ସଫେଇ କରାଯାଉଛି। ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

# ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ଉତ୍ସବ ସମ୍ପର୍କିତ ଓରିଏଣ୍ଟେସନ କାର୍ଯ୍ୟକ୍ରମ

ବାଲେଶ୍ୱର, ୩୦।୧୦(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା (ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ) ଏ.ଆଇ.ୟୁ ୩୯ ତମ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ଉତ୍ସବ ୨୦୨୬ ପାଇଁ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ଉତ୍ସାହ-୨୦୨୬' କାର୍ଯ୍ୟକ୍ରମଟି ୨୭ ରୁ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବା ନେଇ ସୂଚୀତ କରିଯାଇଛି। ବିଶ୍ୱବିଦ୍ୟାଳୟ ଅଧିକାରୀଗଣ, ଶିକ୍ଷକ-ଶିକ୍ଷୟିତ୍ରୀ ମଣ୍ଡଳୀ, ଛାତ୍ର ପ୍ରତିନିଧି ଓ ବିଭିନ୍ନ କମିଟି ସଦସ୍ୟମାନଙ୍କୁ ଏହି ଉତ୍ସବର ଦୃଷ୍ଟିକୋଣ, ଗଠନାଟକ ନିୟମାବଳୀ ଓ ପରିଚାଳନାଗତ ପ୍ରକ୍ରିୟା ସହିତ ପରିଚିତ କରାଇବା ଏହି ଓରିଏଣ୍ଟେସନ୍ ସଭାର ଉଦ୍ଦେଶ୍ୟ ରହିଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ତାଙ୍କ ଅଭିଭାଷଣରେ 'ଉତ୍ସାହ୨୦୨୬'ର ସଫଳ ଆୟୋଜନ ପାଇଁ ସାମୂହିକ ପ୍ରୟାସ, ସୁଚିନ୍ତିତ ପରିକଳ୍ପନା ଓ ଛାତ୍ରଛାତ୍ରୀଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣର ଗୁରୁତ୍ୱକୁ ଉଲ୍ଲେଖ କଲେ ଏବଂ ଏହି ମହତ୍ତ୍ୱପୂର୍ଣ୍ଣ ଯୁବ ଉତ୍ସବ ଆୟୋଜନ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଚୟନ କରିଥିବା ପାଇଁ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏ.ଆଇ.ୟୁ.)କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଓ ବିତ୍ତନିୟନ୍ତ୍ରକ କରଣ ସୋରେନ ଉପସ୍ଥିତ ହୋଇ ବିବିଧ ବିଷୟଗୁଡ଼ିକ ସମ୍ପର୍କରେ ଆଲୋଚନା କରି ଉତ୍ସବ ପାଇଁ ପ୍ରଶାସନିକ ପ୍ରସ୍ତୁତି, ଅର୍ଥନୈତିକ ପରିକଳ୍ପନା ଓ ସମ୍ପଦ ସଂଗ୍ରହ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଡ. ଅସିମ ଅମିତାଭ ପ୍ରଧାନ (ସଂଗଠନ ସଚିବ), ଡ. ନିହାର ରଞ୍ଜନ ରାଉତ (ସଂଯୋଜକ), ଡ. ଅଭୟ ନାୟକ (ଉପ-ସଂଗଠନ ସଚିବ) ଓ ଡ. ରାଜଶ୍ରୀ ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ କରାଯାଇଥିଲା। ଡ. ଅଭୟ ନାୟକ ଧନ୍ୟବାଦ ଜଣାଇ ସଭାର ସମାପନ କରିଥିଲେ।




# ବୋଇତ ବନ୍ଦାଣ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୩୦।୧୦(ସମିସ): ସହରର ଭୋଇ ସାହିସ୍ଥିତ ଆ.କା.ମା.ବୈ ର ୧୭ତମ ବୋଇତ ବନ୍ଦାଣ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭିଜିତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗତବର୍ଷର ଆୟବ୍ୟୟର ହିସାବ ସମୀକ୍ଷା ସହ ଚଳିତ ବର୍ଷର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ୨ ତାରିଖରେ ଚିତ୍ରାଙ୍କନ, ୪ରେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହେବା ସହ ଅତିଥି କଳାକାରଙ୍କ ଦ୍ୱାରା ନୃତ୍ୟ, ୫ ତାରିଖ ଦିବା ୧ ଘଟିକାରେ ପ୍ରସାଦ ସେବନ ଓ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ଉପଦେଷ୍ଟା ମୁରଲୀଧର ନାୟକ, ସମ୍ପାଦକ ବିକାଶ ପାଢ଼ୀ, ଉପସଭାପତି ଲକ୍ଷ୍ମୀଧର ସେଠୀ ପ୍ରମୁଖ ଜଣାଇଛନ୍ତି।

# ବିର୍ଲା ଟାୟାର୍ସର ନୂତନ ପରିଚାଳନା କର୍ତ୍ତୃପକ୍ଷଙ୍କ ବିରୋଧରେ ଜାଲିଆତି ଅଭିଯୋଗ

ବାଲେଶ୍ୱର, ୩୦।୧୦(ସମିସ): ବିର୍ଲା ଟାୟାର୍ସ ଶ୍ରମିକ ସଂଘମାନଙ୍କ ପକ୍ଷରୁ ବାଲେଶ୍ୱର ଷ୍ଟେସନ କ୍ଲବରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକନେତାମାନେ ବିର୍ଲା ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ବିରୋଧରେ ବହୁ ଗୁରୁତର ଅଭିଯୋଗ କରିଛନ୍ତି। ସମସ୍ତ ନିୟମକୁ ଉଲ୍ଲଙ୍ଘନ କରି କାରଖାନା ଚଳାଉଥିବା ବର୍ତ୍ତମାନର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ, ବାଲେଶ୍ୱରସ୍ଥିତ ବିର୍ଲା ଟାୟାର୍ସ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଏନସିଏଲଟି (ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ)ଙ୍କ ଆଦେଶ ଅନୁଯାୟୀ ଦାୟିତ୍ୱ ନେଇଥିବା 'ଡାଲମିଆ ଭାରତ' ଓ 'ହିମାଦ୍ରି ସ୍ପେଶାଲିଟି କେମିକାଲସ' କର୍ତ୍ତୃପକ୍ଷ ପୁରୁଣା ଶ୍ରମିକମାନଙ୍କୁ କାମରେ ନେଲାନାହିଁ ଓ ସେମାନଙ୍କର ଆଇନଗତ ବକେୟା ପ୍ରାପ୍ୟ ଦେଲେ ନାହିଁ। ଏହାଛଡା ଟ୍ରିବ୍ୟୁନାଲଙ୍କ ଆଦେଶ ଅନୁସାରେ ସମସ୍ତ ବର୍ଗର ପୁରୁଣା ଶ୍ରମିକ, କର୍ମଚାରୀ ସେମାନଙ୍କ କାର୍ଯ୍ୟରେ ଯୋଗଦେବାକୁ ଓ ବାକିଆ ଦରମା ପ୍ରଭୃତି ଆଇନଗତ ପାଉଣା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନୂଆ ପରିଚାଳନା କର୍ତ୍ତୃପକ୍ଷ ଟ୍ରିବ୍ୟୁନାଲଙ୍କ ଆଦେଶକୁ କାର୍ଯ୍ୟକାରୀ ନ କରିବାରୁ ଶ୍ରମିକମାନେ ପ୍ରାୟ ଦୁଇବର୍ଷ ଧରି ବିଭିନ୍ନ ପର୍ଯ୍ୟାୟରେ ଗଣତାନ୍ତ୍ରିକ ପଦ୍ଧତିରେ ଧାରଣା, ସମାବେଶ, ଜେଲଭରୋ ଆନ୍ଦୋଳନ ପ୍ରଭୃତି ଚଳାଇଆସୁଛନ୍ତି। ଚଳିତମାସ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ, କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗ ତିନିଦିନ ଧରି ଅହୋରାତ୍ର ଗଣଧାରଣା ଦେଇଥିଲେ। ଶ୍ରମିକମାନଙ୍କ ଦାବିଗୁଡ଼ିକ ଆଇନସିଦ୍ଧ ଓ ଯୁକ୍ତିସଂଗତ ବୋଲି ଶ୍ରମ କମିଶନରଙ୍କ ଦପ୍ତରରୁ ଲିଖିତ ଭାବେ ସରକାରଙ୍କୁ ଜଣାଇଛନ୍ତି। ଚଳିତମାସ ୧୮ ତାରିଖରେ ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ବିର୍ଲା ଟାୟାର୍ସର ନୂତନ ପରିଚାଳନା କର୍ତ୍ତୃପକ୍ଷ ଜାଲିଆତି କରି ଠିକାଦାର ମାଧ୍ୟମରେ ଠିକା ଶ୍ରମିକ ନିଯୁକ୍ତି ପାଇଁ ନେଇଥିବା ଲାଇସେନସକୁ ରଦ୍ଦ କରିଛନ୍ତି। ତେଣୁ ଶ୍ରମିକମାନଙ୍କ ଅଭିଯୋଗକୁ ଭିତ୍ତିକରି ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ୧୨ ଦିନ ପରେ ମଧ୍ୟ କାରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଯଦି କାରଖାନାରେ ଇତିମଧ୍ୟରେ କୌଣସି ଅଘଟଣ ଘଟେ ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରମିକନେତାମାନେ ପ୍ରଶ୍ନ କରିଛନ୍ତି। କାରଖାନା ଚାଲୁ ଓ ପ୍ରଚଳିତ ଆଇନ ମଧ୍ୟରେ ଚାଲୁ ଏବଂ ଟ୍ରିବ୍ୟୁନାଲଙ୍କ ଆଦେଶ ଅନୁଯାୟୀ ସମସ୍ତ ଶ୍ରମିକ, କର୍ମଚାରୀଙ୍କୁ ନିଯୁକ୍ତି ଓ ଆଇନଗତ ପ୍ରାପ୍ୟ ଦେବାକୁ ସାମ୍ବାଦିକ ସମ୍ମିଳନୀରେ ମିଳିତ ଶ୍ରମିକ ସଂଘ ଦାବି କରିଛି। ଆସନ୍ତା ନଭେମ୍ବର ୪ତାରିଖ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କୁ ଏଥିପାଇଁ ଶ୍ରମିକମାନଙ୍କ ସମୂହ ସାକ୍ଷାତକାର ପାଇଁ ନିଷ୍ପତି ନେଇଛନ୍ତି ବୋଲି ସେମାନେ ଜଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିର୍ଲା ଟାୟାର୍ସ ସଂଘମାନଙ୍କ ମିଳିତ ମଞ୍ଚର ଆବାହକ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସମେତ ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଉପସଭାପତି ଶାନ୍ତନୁ ଦାସ, ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସମ୍ପାଦକ ଶ୍ୟାମସୁନ୍ଦର ଜେନା ଓ ସାମାଜିକ କର୍ମୀ ଅରୁଣ ଜେନା ଏବଂ ବିର୍ଲା ଟାୟାର୍ସ କାରଖାନାର ୮ଟି ଶ୍ରମିକ ସଂଘରୁ ପ୍ରତିନିଧି ଚନ୍ଦ୍ରକାନ୍ତ ମାଝୀ, ଦୁକୁଲ ଚନ୍ଦ୍ର ଘଡ଼ାଇ, ତୀର୍ଥଚନ୍ଦ୍ର ପ୍ରଧାନ, ଗଦାଧର ବାରିକ, ଭୋଳାନାଥ ବେହେରା, ତପନ ଭୂୟାଁ, ନିଳକମଲ ସିଂ ଓ ଚନ୍ଦନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।




**୪ରେ ଜିଲ୍ଲାପାଳଙ୍କୁ କରିବେ ଗଣସାକ୍ଷାତ**

# ସାଇବର ସୁରକ୍ଷା ଅଭିଯାନ; ଗଡ଼ିଲା ସଚେତନତା ରଥ

ବାଲେଶ୍ୱର, ୩୦।୧୦(ସମିସ)

ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସକୁ ସମଗ୍ର ବିଶ୍ୱରେ ସାଇବର ସୁରକ୍ଷା ସଚେତନତା ମାସ ଭାବେ ପାଳିତ ହେଉଥିବା ବେଳେ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଉଛି। ସେହି କ୍ରମରେ ବାଲେଶ୍ୱର ପୁଲିସ ପକ୍ଷରୁ ଆଜି ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହାସହ ଏକ ସଚେତନତା ରଥ ମଧ୍ୟ ଶୁଭାରମ୍ଭ କରାଯାଇଛି। ଶ୍ରୀତମ କୁମାର ପାଣିଗ୍ରାହୀଙ୍କ ମଞ୍ଚ ପରିଚାଳନାରେ ଅତିରିକ୍ତ ଏସପି ଦେବଜ୍ୟୋତି ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ।

ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବିଧାୟକ ମାନସ ଦତ୍ତ, ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ଡିଆଇଜି ପିନାକୀ ମିଶ୍ର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ଉପଜିଲ୍ଲାପାଳ ଶିବ ମାଳବ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ସାମ୍ପ୍ରତିକ ସ୍ଥିତିରେ କମ୍ପ୍ୟୁଟର ସହିତ ମୋବାଇଲ ମାଧ୍ୟମରେ ଇଂଟରନେଟର ବହୁଳ ମାତ୍ରାରେ ବଢ଼ିଥିବା ବେଳେ ଇ-କମର୍ସ ଓ ଇ-ଟ୍ରାଞ୍ଜାକସନ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଛି। ତେବେ ଅପରାଧିକ ମାନସିକତା ସହ ପ୍ରଚ୍ଛଦ ପଟରେ ରହି ହ୍ୟାକର ବା ସ୍କାମରମାନେ ସଚେତନ ନ ଥିବା ସାଧାରଣ ଲୋକଙ୍କୁ ଭୟ ଓ ପ୍ରଲୋଭନ ଦେଖାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟ କରିନେଉଛନ୍ତି। ଇଂଟରନେଟ ମାଧ୍ୟମରେ ଆର୍ଥିକ କାରବାର ସମୟର ଆବଶ୍ୟକତା ଓ ସହଜସାଧ୍ୟ ହୋଇଥିବା ବେଳେ ଏହାର ସୁରକ୍ଷାର ବିଭିନ୍ନ ଦିଗ ଉପରେ ସଚେତନ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡା ପୁଲିସ ବିଭାଗର ଏହି ଅଭିଯାନରେ ସାମିଲ ହେବା ସହିତ ସମସ୍ତେ ନିଜେ ସଚେତନ ହେବା ସହିତ ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟିରେ ସହାୟକ ହେବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡା ଏହି ସାଇବର ଠକେଇରେ ଡାକ୍ତରଙ୍କ ଠାରୁ ଆରମ୍ଭ ଇଞ୍ଜିନିୟରଙ୍କ ସମେତ ଗ୍ରାମାଞ୍ଚଳର ବହୁ ଲୋକେ ଏଥିରେ ଶିକାର ହେଉଛନ୍ତି। ଏହି ଠକେଇରୁ ସେମାନେ କିପରି ଭାବେ ବର୍ତ୍ତିପାରିବେ ତାହା ସେମାନଙ୍କୁ ଶୁଭାରମ୍ଭ ହୋଇଥିବା ଏହି ରଥ ମାଧ୍ୟମରେ ସୂଚନା ପ୍ରଦାନ କରାଯିବ। ବିଶେଷ କରି ଇଂଟରନେଟ ବ୍ୟବହାରର ନିୟମ ଓ ସୁରକ୍ଷା, ଅନଲାଇନ ଠକେଇ, ଶୋଷଣ, ନିର୍ଯାତନା ପ୍ରଭୃତି ସମ୍ପର୍କରେ ଅଭିଯୋଗର ପ୍ରଣାଳୀ, ସାଇବର ଆଟାକର ବିପଦ ସମ୍ପର୍କରେ ଅବଗତ ରହିବାର କୌଶଳ, ସୋସିଆଲ ମିଡିଆ ବ୍ୟବହାର ସମୟରେ, ଗେମିଂ ଆପ୍ଲିକେସନ ଚଳାଇବାରେ ଆର୍ଥିକ କାରବାର ଓ ଅନଲାଇନ ବ୍ୟାଙ୍କିଂ କାରବାର ସମୟରେ ଆବଶ୍ୟକୀୟ ସାବଧାନତା ଉପରେ ଜନସାଧାରଣଙ୍କୁ ଏଥିରେ ସଚେତନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଆଡିସନାଲ ଏସପି ଆଲୋକ ରାୟ, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ସମେତ ସାଇବର କ୍ରାଇମ ବିଭାଗ ନୋଡାଲ ଅଫିସରମାନେ ମଧ୍ୟ ଉପସ୍ଥିତ ଥିଲେ। ସାଇବର କ୍ରାଇମ ଆଇନଜୀବୀ ଶ୍ରୀବତ୍ସ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଗୋଶାଳାର ପ୍ରତିଷ୍ଠା ଉତ୍ସବ



ବାଲେଶ୍ୱର, ୩୦।୧୦(ସମିସ): ବାଲେଶ୍ୱରର ରାଧାକୃଷ୍ଣ ଗୋସେବା ସମିତି ପକ୍ଷରୁ ଗୋପାଷ୍ଟମୀ ପାଳନ ଅବସରରେ ଗୁଡ ପଞ୍ଚାୟତ ସଇପୁର ସାହାଦାସ୍ଥିତ ଗୋ ଶାଳାର ଦଶମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମିତିର ସଦସ୍ୟମାନେ ଗୋମାତାଙ୍କୁ ପୂଜନ କରିଥିଲେ। ବିଶିଷ୍ଟ ବ୍ୟବସାୟୀ ଦ୍ୱାରକା ପ୍ରସାଦ ମସ୍କରା ଓ ଧର୍ମପତ୍ନୀ କିରଣ ଦେବୀ ମସ୍କାରା ସଙ୍କଳ୍ପି ଭାବେ ଯଜ୍ଞରେ ଅଂଶଗ୍ରହଣ ପୂର୍ବକ ଶ୍ରୀରାଧାକୃଷ୍ଣଙ୍କ ଆର୍ଶିବାଦ ନେବା ସହିତ ଗୋଶାଳାରେ ଗୋମାତାମାନଙ୍କୁ ବନ୍ଦାପନା କରି ଖାଦ୍ୟ ଖୁଆଇଥିଲେ। ସମିତିର ସଭାପତି ଦ୍ୱାରିକା ପ୍ରସାଦ ମୋରେ ପୌରୋହିତ୍ୟ କରିବା ସହିତ ଗୋପାଷ୍ଟମୀ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗୋଶାଳା ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ସୁଶୀଲ ଜାଲାନ, ସମିତିର ସମ୍ପାଦକ ମନୋଜ ଅଗ୍ରୱାଲ, ସଞ୍ଜିବ ଅଗ୍ରୱାଲ, ମହେନ୍ଦ୍ର ଶାହା, ଦେବେନ୍ଦ୍ର ଶର୍ମା, ଗିରିଶ ମିଶ୍ର, ନୱଲ ଅଗ୍ରୱାଲ, ରମେଶ ଚିମନକା ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



# 'ମୋନ୍ଥା' କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ ଦାବିପତ୍ର


ଅତାବିରା, ୩୦।୧୦(ସମିସ)



ବାତ୍ୟା 'ମୋନ୍ଥା' ପ୍ରଭାବରେ ଗତ ୨୮ ଓ ୨୯ ତାରିଖ ପ୍ରବଳ ପବନ ଓ ବର୍ଷା ଯୋଗୁଁ ଧାନ ଫସଲରେ ବିପୁଳ କ୍ଷୟକ୍ଷତି ହୋଇଛି। ପ୍ରଭାବିତ ଚାଷୀଙ୍କୁ ତୁରନ୍ତ ଇନପୁଟ୍ ସହାୟତା ସହ ଫସଲ ବୀମା ଦେବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର କେରିଟିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଉ ୧୦/୧୫ ମଧ୍ୟରେ ଧାନ ଅମଳ ହେବାକୁ ଥିବା ବେଳେ ଖରିଫ ଧାନ ବିଲରେ ଧାନ କେଣ୍ଡା ଖେଳୁଥିଲା। ହେଲେ ୨ ଦିନର ବାତ୍ୟା ଜନିତ ବର୍ଷା ଯୋଗୁଁ ଧାନ ଫସଲ ମାଟିରେ ଶୋଇ ଯାଇଛି। ବହୁ ଅଞ୍ଚଳରେ ଧାନ କେଣ୍ଡା ବିଲ ପଡ଼ିଥିବା ସହ ତା' ଉପରେ ପାଣି ଭାସୁଛି। ଏଥିରୁ ଧାନ ଅମଳ ହେବା ଏକ ପ୍ରକାର ସନ୍ଦେହ ସୃଷ୍ଟି ହୋଇଛି। ଆଗକୁ କିପରି ଚାଷୀ ଋଣ ପରିଶୋଧ କରିବ, ସାର/କୀଟନାଶକ ଖର୍ଚ୍ଚ ସୁଝିବ ସେ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ତୁରନ୍ତ ପ୍ରଭାବିତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରାଯାଇଛି। ସଂଗଠନର ଅତାବିରା ବ୍ଲକ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ କୃଷି ସୂଚନା ଓ ପରାମର୍ଶ କାର୍ଯ୍ୟାଳୟରେ ବ୍ଲକ କୃଷି ଅଧିକାରୀ ପିଙ୍କୁସେନ କରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ତହସିଲ ଅଫିସକୁ ଯାଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଧାନ ସଂଗ୍ରହ ନେଇ ବିଭିନ୍ନ ସମସ୍ୟା ଉପରେ ଦାବି ଜଣାଇଥିଲେ। ଝିଲିମିଣ୍ଡା ପାକ୍ସରେ ୪ ରୁ ୫ ଶହ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ସଂଗଠନର ସମ୍ପାଦକ ସୁରେଶ କର୍ଣ୍ଣ ଜଣାଇଥିଲେ। ଗୋଡ଼ଭଗା ମାର୍କେଟ୍ ୟାର୍ଡ ନିର୍ମାଣ କାର୍ଯ୍ୟରେ ବହୁ ଅନିୟମିତତା କରାଯାଇଛି ବୋଲି ଗୋଡ଼ଭଗା ମଣ୍ଡିର ଚାଷୀ କହିଥିଲେ। ଚାଷୀଙ୍କ ପାଖରେ ଧାନ ସଂରକ୍ଷିତ ରଖିବା ପାଇଁ ଜାଗା ନଥିବାରୁ ମଣ୍ଡିରେ ଧାନ ରଖିବା ପାଇଁ ସୁବ୍ୟବସ୍ଥା କରିବା ନେଇ ତହସିଲଦାରଙ୍କୁ ଜଣାଇଥିଲେ। ଆଲୋଚନା ବେଳେ ଅନ୍ୟ ଚାଷୀଙ୍କ ମଧ୍ୟରେ ସଂଗଠନର କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ସୁବାଷ ବିଶ୍ୱାଲ, ପାପାରାଓ, ଭୁବନ ପ୍ରଧାନ, ବୃନ୍ଦଦେବ ନନ୍ଦ, ଦଶରଥ ଭୋଇ, ସମୀର ପ୍ରଧାନ, ନରେନ୍ଦ୍ର ପ୍ରଧାନ ଅମୂଲ୍ୟ ସ୍ୱାଇଁ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ଆପ୍ ପକ୍ଷରୁ କ୍ଷତିପୂରଣ ଦାବି

ବରଗଡ଼: ବାତ୍ୟା ମୋନ୍ଥାର ପ୍ରଭାବ ବରଗଡ଼ ଜିଲ୍ଲାରେ ଦେଖିବାକୁ ମିଳିଛି। ବାତ୍ୟା ପ୍ରଭାବରେ ୨ ଦିନ ତୀବ୍ର ଗତିରେ ପବନ ବହିବା ସାଙ୍ଗକୁ ବର୍ଷା ହେବା ଫଳରେ ଅମଳକ୍ଷମ ଖରିଫ ଧାନ ଫସଲ ଉପରେ ଏହାର କୁପ୍ରଭାବ ଦେଖିବାକୁ ମିଳିଛି। ବରଗଡ଼ ଜିଲ୍ଲାର



ସମସ୍ତ ବ୍ଲକରେ ଏହାର ଆଂଶିକ କିମ୍ବା ଅଧିକ ପ୍ରଭାବ ଦେଖା ଯାଇଛି। ତେଣୁ ସରକାର କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଜିଲ୍ଲା ପ୍ରଶାସନ ପାଖରେ ଆମ୍ ଆଦମୀ ଦଳ ଦାବି କରିଛି। ଏହି ଦାବି ବେଳେ ଆପ୍‌ର ରାଜ୍ୟ ସମ୍ପାଦକ ଭବାନୀ ସାହୁ, ଜିଲ୍ଲା ସଭାପତି ଯଦୁମଣି ପଧାନ, ନାରୀ ନେତ୍ରୀ ମାରିୟମ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ଧମକ ଦେଇ ଟଙ୍କା ଆଦାୟ, ବାପ ପୁଅ ଗିରଫ

ପଦ୍ମପୁର, ୩୦।୧୦(ସମିସ): ପଦ୍ମପୁର ଥାନା ଅଧୀନ କେନ୍ଦୁଭଟା ଗାଁର ଦେବହୁତି ପ୍ରଧାନଙ୍କୁ ଧମକ ଚମକ ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ବାପ ପୁଅଙ୍କୁ ଦୁହିଁଙ୍କୁ ପୁଲିସ ଗିରଫ କରିଛି। ମହାଜନୀ କାରବାରରେ ଧମକ ଦେଇ ଉଭୟ ଟଙ୍କା ଆଦାୟ କରୁଥିଲେ। ଅଭିଯୁକ୍ତ ପୁଅ ସୁନିଲ କଣ୍ଡା ଓ ବାପରାମଲାଲ କଣ୍ଡା ଟଙ୍କା ଲଗାତାର ଭାବେ ଅଭିଯୋଗ କାରିଣୀଙ୍କୁ ଧମକ ଦେଉଥିଲେ। ଅଭିଯୁକ୍ତ ସୁନୀଲ କଣ୍ଡା ହୋମଗାର୍ଡ ଭାବେ କାର୍ଯ୍ୟରତ ଅଛନ୍ତି। ଅଭିଯୋଗ କାରିଣୀ ଭୟରେ ଗାଁ ଛାଡି ବାହାରେ ରହୁଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଛି। ଉଭୟ ବାପ ପୁଅଙ୍କୁ ଗିରଫ କରାଯାଇ ଘଟଣା ସମ୍ପର୍କରେ ପୁଲିସ ଅଧିକ ତଦନ୍ତ କରୁଛି।

## ୩୨ ୟୁନିଟ୍ ରକ୍ତ ସଂଗ୍ରହ

ଭେଡେନ, ୩୦।୧୦(ସମିସ): ଭେଡେନ୍ ବ୍ଲକ୍ ରେଶମ୍ ପଞ୍ଚାୟତ ଅଧୀନସ୍ଥ ପଧାନପାଲି ଗାଁର ବଜାର ପ୍ରାଙ୍ଗଣରେ ପଧାନପାଲି ଯୁବଗୋଷ୍ଠୀ ଓ ଅମୃତ୍ କୁଟୁମ୍ବର ମିଳିତ ଆନୁକୂଲ୍ୟରେ ୫୫ତମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ନିରୁପମା ସାହୁ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଅମୃତ୍‌କୁଟୁମ୍ବର ସଭାପତି ଆନନ୍ଦ ଚନ୍ଦ୍ର ସୁନାଙ୍କର୍ ସଭାପତିତ୍ୱ କରିଥିଲେ। ସଂଗଠନର ଉପଦେଷ୍ଟା ଲଳିତ୍ ସାହୁ ସଭା ପରିଚାଳନା କରିଥିଲେ। ପଧାନପାଲି ଗାଁର ଯୁବଗୋଷ୍ଠୀ ତଥା ଅମୃତ୍‌କୁଟୁମ ସଦସ୍ୟ ଭବାନି ଶଙ୍କର୍ ପାଢ଼ି, ରୁଦ୍ରନାରାୟଣ ସାହୁ, ବଂଶଧର ବେହେରା, ଧନେଶ୍ୱର ସାହୁ ଗୋପି ମେହେର, ଘନସ୍ୟାମ ଅଗ୍ରୱାଲ, ପ୍ରହ୍ଲାଦ ମେହେର, ଦିଲ୍ଲୀପ୍ ଦାରିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ହତ୍ୟା ଉଦ୍ୟମ ମାମଲାରେ ୫ ବର୍ଷ ଜେଲ

ସୋହେଲା, ୩୦।୧୦(ସମିସ): ସୋହେଲା ସବଜଜ୍ କୋର୍ଟରେ ଗତ ୨୦୨୨ ମସିହାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ବିଚାରପତି ଗୁରୁବାର ଅଭିଯୁକ୍ତକୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋହେଲା ଥାନା ଅଧୀନ ହୀରାପାଲି ଗାଁରେ ୨୦୨୨ ମସିହା ଜାନୁୟାରୀ ୨୩ ତାରିଖରେ ଗିରିଶ ଲୁହାଙ୍କୁ ତାଙ୍କ ପଡ଼ାର ଈଶ୍ୱର ବାଗ ଶାଢ଼ୀ କାଟି ଦେଇଛୁ କହି ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିଲା। ଗିରିଶଙ୍କ ବାପା ସରୋଜ ଲୁହା ତାଙ୍କୁ ଏଥିରୁ ବାରଣ କରିଥିଲେ। ଏତିକିରେ ଅଭିଯୁକ୍ତ ଈଶ୍ୱର ବାଗ ଉତ୍ତ୍ୟକ୍ତ ହୋଇ ସରୋଜଙ୍କ ମୁଣ୍ଡକୁ ଏକ ପନିକିରେ ଆକ୍ରମଣ କରିଥିଲା। ଆକ୍ରମଣରେ ସରୋଜଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଗିରିଶ ସୋହେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ସୋହେଲା ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ସ୍ଥାନୀୟ ସବଜଜ ଚିନ୍ମୟୀ ମିଶ୍ର ମାମଲାର ବିଚାର କରି ଅଭିଯୁକ୍ତ ଈଶ୍ୱର ବାଗକୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ପୀଡିତଙ୍କୁ ୧୦ ହଜାର ଟଙ୍କା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟରେ ଅତିରିକ୍ତ ୩ ମାସ କାରାଦଣ୍ଡ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

## କଟାପାଲି ପଞ୍ଚାୟତର ୩ ଦଫା ଦାବି ନେଇ ଆଲୋଚନା

ବରଗଡ଼, ୩୦।୧୦(ସମିସ): ବରଗଡ଼ ବ୍ଲକ ଅଧୀନ କଟାପାଲି ପଞ୍ଚାୟତର ସରପଞ୍ଚ ରମେଶ ସାହୁଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ, ୱାର୍ଡ ମେମ୍ବର ବିପିସିଏଲ ଅଧିକାରୀଙ୍କ ସହ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ସୀମାକୁ ଲାଗି ପ୍ଲାଣ୍ଟ ନିର୍ମାଣ ହୋଇଛି। ଏଣୁ ଆଗକୁ କୌଣସି ଅସୁବିଧା ନ ହେବାକୁ ସେ ଆଲୋଚନା କରିଥିଲେ। ମୁଖ୍ୟତଃ ପ୍ରଦୂଷଣ ଉପରେ ଉଭୟ ୧ଜି ଓ ୨ଜି ପ୍ଲାଣ୍ଟ କାର୍ଯ୍ୟକାରୀ ହେଲା ପରେ ଅଞ୍ଚଳରେ ପ୍ରଦୂଷଣ ନ ହେବା ଓ ବର୍ଜ୍ୟ ବସ୍ତୁକୁ କଟାପାଲି ଗାଁ ସୀମାରେ ନ ପକାଇବା ଓ କେମିକାଲ ପାଣି ବାହାର୍‌କୁ ନ ଛାଡିବା ବିଷୟରେ ଆଲୋଚନା ହୋଇଥିଲା। ନିୟମ ଅନୁସାରେ ଯୋଗ୍ୟତା ଅନୁଯାୟୀ ସର୍ବାଧିକ ରୋଜଗାର ଦେବା ସମ୍ବନ୍ଧରେ ମଧ୍ୟ ଚର୍ଚ୍ଚା ହୋଇଥିଲା। ପଞ୍ଚାୟତର ଶିକ୍ଷା ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଆଞ୍ଚଳିକ ଉନ୍ନତି ସକାଶେ କାମ କରିବା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବିପିସିଏଲ ମୁଖ୍ୟଙ୍କୁ ପଞ୍ଚାୟତ ଅଫିସ୍‌କୁ ନିମନ୍ତ୍ରଣ କରି ଗାଁର ଉନ୍ନତି ସକାଶେ ବିସ୍ତୃତ ଆଲୋଚନା ପାଇଁ ଯୁବ ସରପଞ୍ଚ ରମେଶ ସାହୁ ପ୍ରକାଶ କରିଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର୍ ସୁରକ୍ଷା ଅଭିଯାନ

ଝାରବନ୍ଧ, ୩୦।୧୦(ସମିସ): ଝାରବନ୍ଧ ବ୍ଲକ ଡଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଥପାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଝାରବନ୍ଧ ଥାନା ଅଧିକାରୀ କେ.ସମାରିଆ, ଏଏସଆଇ କେ.ସାହୁ ଯୋଗ ଦେଇଥିଲେ। ନିତିଦିନ ସମାଜରେ ଘଟୁଥିବା ସାଇବର ଅପରାଧ ସଚେତନତା ଉପରେ ଥାନାଧିକାରୀ କେ. ସମାରିଆ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ଦିଲିପ ସାହୁ, ରଜତ ପ୍ରଧାନ, ସରୋଜ ସାହୁଙ୍କ ସହିତ ସଞ୍ଜୀବ ସାହୁ, ସୁରେଶ ସାହୁ, ମଳୟ ପ୍ରଧାନ, ଗିରିଶ ତନସନା, ଗୀତାଞ୍ଜଳି ତନସନା ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପିଇଟି ଦୟାସାଗର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସୁଧୀର ରଥ ଧନ୍ୟବାଦ ଜ୍ଞାପନ କରିଥିଲେ। ଝାରବନ୍ଧ ପୁଲିସ ଟିମର ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ପଣ୍ଡିତ ପଞ୍ଚାନନ ମହାପାତ୍ରଙ୍କ ପରଲୋକ



ବରଗଡ଼, ୩୦।୧୦(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଧୀନ ସୋର୍ଣ୍ଣା ଗାଁର ପଣ୍ଡିତ ପଞ୍ଚାନନ ମହାପାତ୍ରଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ରୋଗରେ ଅନେକ ଦିନରୁ ପୀଡିତ ଥିଲେ। ତାଙ୍କର ତିନି ଝିଅ, ଦୁଇ ପୁଅ ଓ ଅନେକ ନାତି ନାତୁଣୀ ଅଛନ୍ତି। ତାଙ୍କର ମରଶରୀରକୁ ସୋର୍ଣ୍ଣା ଗାଁ ପରିକ୍ରମା କରିବା ପରେ ଗାଁ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ଖଗେଶ୍ୱର ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପ୍ରଭାସ ରଞ୍ଜନ ମହଲାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବରଗଡ଼, ୩୦।୧୦(ସମିସ): ସୌଖିନ କଳାକାର ସଂଘ ଓ ସମର୍ପଣ ନାଟ୍ୟ ଅନୁଷ୍ଠାନ ତରଫରୁ ଓଡ଼ିଶା ନାଟ୍ୟ ସଂଘର ପଶ୍ଚିମ ପ୍ରାନ୍ତର



ଯୁଗ୍ମ ସମ୍ପାଦକ ଭାବେ ପ୍ରଭାସ ରଞ୍ଜନ ମହଲା ନିର୍ବାଚିତ ହୋଇଛନ୍ତି। ଏନେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ୨୬ ତାରିଖ ବ୍ରହ୍ମପୁର ଠାରେ ଓଡ଼ିଶା ନାଟ୍ୟ ସଂଘର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନାଟ୍ୟ ସଂଘର ପଶ୍ଚିମ ପ୍ରାନ୍ତର ଯୁଗ୍ମ ସମ୍ପାଦକ ଭାବେ ପ୍ରଭାସ ରଞ୍ଜନ ମହଲା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସୌଖିନ କଳାକାର ସଂଘ ଓ ସମର୍ପଣ ନାଟ୍ୟ ଅନୁଷ୍ଠାନ ତରଫରୁ ଆଜି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା। ଏହି ସମୟରେ ସଂଘର ସଭ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ, ସୁଶିଲ ମହାପାତ୍ର, ସୁଶିଲ ମିଶ୍ର, କାହ୍ନୁ ଚରଣ ପୃଷ୍ଟି, ମନୋରଞ୍ଜନ ପଣ୍ଡା, ଅନନ୍ତ ମଜୁମଦାର, କେତନ ବଗାର, ଅଶୋକ ବେହେରା, ସ୍ୱରୂପ ପଟ୍ଟନାୟକ, ତ୍ରିନାଥ ପ୍ରସାଦ ତ୍ରିପାଠୀ, ବିଜୟ ବେହେରା, ବିକାଶରଞ୍ଜନ ମିଶ୍ର, ସଜୟ ପାଢ଼ୀ, ପ୍ରୟାସରଞ୍ଜନ ବିର୍ତିଆ, ସଞ୍ଜୟ ବେହେରା, ମୋନାଲି ବଗର୍ତ୍ତି, ମୋହିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଅଞ୍ଚଳ ମହାବିଦ୍ୟାଳୟ ଇତିହାସ ବିଭାଗରେ ଆଲୋଚନାଚକ୍ର



ପଦ୍ମପୁର, ୩୦।୧୦(ସମିସ): ଅଞ୍ଚଳ ମହାବିଦ୍ୟାଳୟ ଇତିହାସ ବିଭାଗର ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବିଭାଗୀୟ ମୁଖ୍ୟ ବୁନି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। 'ପ୍ରାଚୀନ ବୈଦିକ ଏବଂ ପରବର୍ତ୍ତୀ ବୈଦିକ ଯୁଗ ମଧ୍ୟରେ ଏକ ତୁଳନାତ୍ମକ ଅଧ୍ୟୟନ' ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା। +୩ ପ୍ରଥମ ବର୍ଷର ଜନନୀ ସାହୁ, ବର୍ଷା ମେହେର, ଅଙ୍କିତା ବୁଢ଼ାଜଲ, ରୋଶନୀ ପ୍ରଧାନ, ବୈଷ୍ଣବ ପୋଢ଼ ଏବଂ ଦିନେଶ ପ୍ରଧାନ ସେମାନଙ୍କର ସେମିନାର ପତ୍ର ଉପସ୍ଥାପନ କରିଥିଲେ। ବିଭାଗୀୟ ଅଧ୍ୟାପକ ବାଲଗୋପାଳ ମେହେର, କାର୍ତ୍ତିକ ବରିହା ଏବଂ ଅନନ୍ତ ମଲ୍ଲିକଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ପ୍ରଶ୍ନଗୁଡିକର ସମାଧାନ କରାଯାଇଥିଲା। +୩ ଇତିହାସ ସମ୍ମାନର ସମସ୍ତ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ହିରଣ୍ମୟୀଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା। ଶେଷରେ ଛାତ୍ର ଦିପେଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଡିଗ୍ରୀ କଲେଜରେ ଦାସରୀ ଭୀର୍ ରାଜୁ ସ୍ମାରକୀ ବକ୍ତୃତା

ବରଗଡ଼, ୩୦।୧୦(ସମିସ): ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଡିଗ୍ରୀ କଲେଜ ଦ୍ୱାରା ସ୍ୱର୍ଗୀୟ



ଦାସରୀ ଭୀର ରାଜୁ ସ୍ମାରକୀ ବକ୍ତୃତାମାଳାର ଦ୍ୱିତୀୟ ଅଧ୍ୟାୟ 'ମାନବୀୟ ମୂଲ୍ୟବୋଧ ଓ ରାଷ୍ଟ୍ରୀୟ ଶିକ୍ଷାନୀତି' ଶୀର୍ଷକ ବକ୍ତୃତା ସଫଳତାର ସହ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ବାଣିଜ୍ୟ ପ୍ରାଧ୍ୟାପକ ତଥା ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ର.ଶମ୍ଭୁ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଅବସରପ୍ରାପ୍ତ ପ୍ର. ପ୍ରତାପ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ର ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ମନ୍ଦରଧର ନାୟକ ଏବଂ କୋଅର୍ଡିନେଟର ସୁଦାମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣା ମଞ୍ଚ ସଞ୍ଚାଳନ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଅଧ୍ୟାପିକା ସୋନୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ହେମନ୍ତ ସ୍ମାରକୀ -୨୦୨୫ର ଶୁଭାରମ୍ଭ



ବରଗଡ଼, ୩୦।୧୦(ସମିସ): ବରଗଡ଼ ଉପଖଣ୍ଡ ନାଗେନପାଲି ଖେଳପଡ଼ିଆରେ ଗୁରୁବାର ଶହୀଦ ଯୁବକ ସଂଘ ଆନୁକୂଲ୍ୟରେ ପଞ୍ଚ ଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦ୍ୱିତୀୟ ଦିବସରେ ଆପ୍ରାଇଜ ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ତଥା ଯୁବ ସାମ୍ବାଦିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ପ୍ରଥମ ଖେଳ ସାଇ ଏକାଦଶ ତାଲ ଶ୍ରୀଗିଡା ଓ ଭିଏମ କ୍ଲବ୍ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଶିଲ ବାଗ, ବଣ୍ଟି ପ୍ରଧାନ, ଓ ସୁଭମ ପାତ୍ର ଓ ସନ୍ତୋଷ ପ୍ରଧାନ ଖେଳକୁ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରରେ ସଂଘର ଶିଶିର ଖମାରୀ ଧନପତି ପାତ୍ର, ମନୋରଞ୍ଜନ ବିଶ୍ୱାଲ, ସଞ୍ଜୟ ବାରିକ ଓ କେଦାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସେବା ପାଇଁ ଆପ୍ରାଇଜ୍ ଗ୍ରୁପ୍ ସମ୍ମାନିତ




ବରଗଡ଼, ୩୦।୧୦(ସମିସ): ଆପ୍ରାଇଜ ଗ୍ରୁପର ଶିକ୍ଷା ପ୍ରଣାଳୀ ଓ ସମାଜସେବା ପାଇଁ ସମ୍ବଲପୁର ଜିଲ୍ଲା ଭାରତୀୟ ରେଡକ୍ରସ ସୋସାଇଟି ଦ୍ୱାରା ଗୁରୁବାର ସହ ଜିଲ୍ଲାପାଳ ରୋଜାଲିନ ତୀର୍କିଙ୍କ ଦ୍ୱାରା ସମ୍ମାନିତ କରା ଯାଇଛି। ଏହି ସମ୍ମାନପତ୍ରକୁ ଗ୍ରୁପର ସୂଚନା ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ଗ୍ରହଣ କରିଥିଲେ। ଏହି ସାମ୍ମନର ସମସ୍ତ ଶ୍ରେୟ ଗ୍ରୁପ ଅଧ୍ୟକ୍ଷ ତଥା ସମସ୍ତ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ କରିଥିଲେ।

## ଗୋକୁଳାଷ୍ଟମୀ ମହୋତ୍ସବ



ବରଗଡ଼, ୩୦।୧୦(ସମିସ): ଅତାବିରା ବ୍ଲକ ଅମଲିପାଲି ପଞ୍ଚାୟତ ଅଧୀନ ଡାହାରୁପଡ଼ା ଗାଁରେ ୧୮ତମ ଗୋକୁଳାଷ୍ଟମୀ ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଗାଁର ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୀତାରାମ ଧନବାର୍ ଓ ମମତା ଧନବାର୍ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ପଣ୍ଡିତ ରଙ୍କମଣି ହୋତା ପୂଜାକାର୍ଯ୍ୟ ତୁଲାଇଛନ୍ତି। ହର ମହାପାତ୍ର ଓ ଗୌରହରି ପ୍ରଧାନ ସହଯୋଗ କରୁଛନ୍ତି। ପୂଜା କମିଟିର ସଭାପତି ଧନିରାମ ଦାସ, ଉପସଭାପତି ଶିବ ବାରୁ, ସମ୍ପାଦକ ବଳଦେବ ଟପ୍, ସହସମ୍ପାଦକ ଚୈତନ୍ୟ ହର, କୋଷାଧ୍ୟକ୍ଷ କମଳାକାନ୍ତ କୁମ୍ଭାର, ସହକୋଷାଧ୍ୟକ୍ଷ ପିଙ୍କୁ ଟପ୍ ତଥା ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ଶଙ୍କର ବାରୁ, ସୁବାଷ ମହାନନ୍ଦ, ଗଣେଶ ଟପ୍, କୈଳାସ ଭେଙ୍ଗ୍ରା, ମଙ୍ଗଲୁ ହର ଉପସ୍ଥିତ ଥିଲେ। ମନୋରଞ୍ଜନ ସକାଶେ ସାହାସପୁର ଝାରସୁଗୁଡାର କୃଷ୍ଣଗୁରୁ ଭଜନ ଦଳ ଓ ରାତିରେ ଜଟଲା ଶ୍ରୀଗିଡାର ନାଟକ ପରିବେଷଣ କରାଯିବ। ଉତ୍ସବରେ ଗାଁର ସଭାରୁ ବାରୁ, ପ୍ରଦୀପ ହର, ମଣ୍ଟୁ ଟପ୍, ଗୋପିନାଥ ହର, ସୁକାନ୍ତ ମହ୍ଲାର୍, ବାଦଲ ତାଣ୍ଡି, କେଶବ ନାଗ୍, ବିବେକ ମହାନନ୍ଦ, ସୁମନ୍ତ ମହାନନ୍ଦ, କହ୍ନେଇ ହର, ରଞ୍ଜନ ହର, ମନୋଜ ହର, ଦୁର୍ଯ୍ୟୋଧନ ବାରିକ, ବାବୁଲୁ ତପନ୍, ରାଜେଶ ଦାସ, ମନବୋଧ ଚୌହାନ, ପେଟୁ ହର, ରବି ଟପ୍, ରଜତ୍ ମହ୍ଲାର, ଟୁନୁ ଭୁଏ, ହରିଶ୍ଚନ୍ଦ୍ର ଖଡିଆ ତଥା ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଆସନ୍ତା କାଲି ଭସାଣି ଯାତ୍ରା ଅନୁଷ୍ଠିତ ହେବ।

**ଝାରବନ୍ଧ:** ଝାରବନ୍ଧ ବ୍ଲକ ସରଗୁଲ ସିମୁଳିଖୋଲ ସ୍ଥିତ ଶ୍ରୀକୃଷ୍ଣ ଗୋଶାଳାରେ ଗୋପାଷ୍ଟମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ଝାରବନ୍ଧ ବିଭିଓ ଡାକ୍ତର ସମୀର ଖମାରି, ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ପ୍ରକାଶ ମେହେର ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବର୍ତ୍ତମାନର ସମୟରେ ଗୋଶାଳାର ଆବଶ୍ୟକତା, ଉନ୍ନତି କରଣ, ସରକାରୀ ସୁବିଧା, ନୂତନ ଗୋଶାଳା ସ୍ଥାପନ ତଥା ସମାଜକୁ ଗୋ ମାତାର ଅବଦାନ ବିଷୟରେ ଅତିଥି ମାନେ ଆଲୋକପାତ କରିଥିଲେ। ଦୁର୍ଗା ପ୍ରସାଦ ଅଗ୍ରୱାଲ, ହରିହର ସାହୁ, ଅଶୋକ ସାହୁ, ପଦ୍ମନରଣା ପ୍ରମୁଖଙ୍କ ସମେତ ଝାରବନ୍ଧ, ପାଇକମାଲ ସମେତ ଛତିଶଗଡ଼ରୁ ଶତାଧିକ ମହିଳା ପୁରୁଷ ସାମିଲ ଥିଲେ।

## ପଢ଼ା ମହାଲକ୍ଷ୍ମୀ ପୂଜା ପାଇଁ ଦେବ ନିମନ୍ତ୍ରଣ

ବିଜେପୁର, ୩୦।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପଢ଼ା ଗାଁରେ ଅନୁଷ୍ଠିତ ହେବାକୁ ଥିବା ସାର୍ବଜନୀନ ମହାଲକ୍ଷ୍ମୀ ପୂଜା ମହୋତ୍ସବ ପାଇଁ ଗୁରୁବାର ଦିନ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଲକ୍ଷ୍ମୀ ମଣ୍ଡପ ଠାରୁ ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ଓ ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପରେ ପଢ଼ା ଗାଁର ସମସ୍ତ ଦେବାଦେବୀ ମନ୍ଦିର ରାଧାକୃଷ୍ଣ ମନ୍ଦିର, ରାମଜୀ ମନ୍ଦିର, ମାଁ କଦଳୀମୁଦିଏନ, ପଁର୍‌ରାପାଟ, କରମ୍‌ସାନି, ହନୁମାନ ମନ୍ଦିର ଓ ପୁଖାମୁଣ୍ଡା ସ୍ଥିତ ଷଣ୍ଢେଶ୍ୱର ବାବା ମନ୍ଦିରକୁ ଯାଇ ଦେବ ନିମନ୍ତ୍ରଣ କରାଯାଇଥିଲା। ସଭାପତି ଉମେଶ ମେହେର, ସମ୍ପାଦକ ବିସିକେଶନ ମେହେର, ସହ ସମ୍ପାଦକ ଆନନ୍ଦ ବାରିକ, କୋଷାଧ୍ୟକ୍ଷ ଶାନ୍ତନୁ ମିଶ୍ର, ବରିଷ୍ଠ ସଦସ୍ୟ ସନ୍ତୋଷ ମେହେର, ନେତ୍ରାନନ୍ଦ ମେହେର, ଧର୍ମରାଜ ମେହେର, ବିଜୟ ମେହେର, ଅକ୍ଷୟ ସାହୁ, ସାଗର ବେହେରା, ଟୁନା ମେହେର, ବିଜୟ ପଧାନ, ଆଦିକନ୍ଦ ପଧାନ, ଆନନ୍ଦ ମେହେର, ଟିଙ୍କୁ ପଣ୍ଡା, ବିରଞ୍ଚି ତ୍ରିପାଠୀ ଓ ଗାଁର ସତସଙ୍ଗ ପ୍ରେମୀ ମହିଳା ମାନଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ପଦ୍ମପୁର, ୩୦।୧୦(ସମିସ): ରାଜବୋଡାସମ୍ବର ବ୍ଲକ ଅଧୀନ ଦେଉଳି ଉଚ୍ଚବିଦ୍ୟାଳୟ ସତୀଭଟା ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ସଭାପତିତ୍ୱ କରିଥିଲେ। ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଖଗେଶ୍ୱର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ, ସମ୍ମାନିତ ଅତିଥି ଭାବେ ସୁବାସ ଝଗରା, ଲତିକା ବିଶି, ଏବିଇଓ ଜୟ ସାହୁ ଓ ଶ୍ରୀରାମସିଂ ଭୋଇ



ଯୋଗ ଦେଇଥିଲେ। ବ୍ଲକ ଅଧୀନ ୧୪ଟି କ୍ଲଷ୍ଟରର ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଣ୍ଡବ ଶବର ଏସ୍‌ଡିପିଓ ପଦ୍ମପୁର, ମୁଖ୍ୟବକ୍ତା ଭାବେ ଜନକଲାଲ ମେହେର, ସମ୍ମାନିତ ଅତିଥି ଭାବେ ବେଣୁଧର ବରିହା, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା ରବିଶଙ୍କର ପ୍ରଧାନ ଓ ସୋନାଲିକା ଶବର କରିଥିବା ବେଳେ ଦିଲ୍ଲୀପ ଭୋଇ ଅନ୍ୟ କାର୍ଯ୍ୟକ୍ରମ ଗୁଡିକର ସଂଯୋଜନା କରିଥିଲେ। ପରିଶେଷରେ ନେତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୌଡ଼ମାଲକୁ ନେଇ ନୂତନ ପଞ୍ଚାୟତ ଗଠନ ଦାବି

ଝାରବନ୍ଧ, ୩୦।୧୦(ସମିସ)

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଲୌଡିଦର୍ହା ପଞ୍ଚାୟତ ଅଧୀନ ଗୌଡମାଲ ଗାଁକୁ ନେଇ ନୂତନ ପଞ୍ଚାୟତ ଦାବି ଜୋର୍ ଧରିଛି। ଗରୁବାର ଶତାଧିକ ମହିଳା ଗୌଡମାଲରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ତଥା ଗୌଡମାଲ, କୁର୍ମା ଓ ଶିକାରୀପାଲି ଗାଁକୁ ନେଇ ନୂତନ ପଞ୍ଚାୟତ ଗଠନ ପାଇଁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ଝାରବନ୍ଧ ତହସିଲଦାର ଅଲେଖ ଘୁଟା ଏବଂ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।



ଲୌଡିଦର୍ହା ପଞ୍ଚାୟତ ହେଉଛି ଜନସଂଖ୍ୟା ବହୁଳ ପଞ୍ଚାୟତ। ତେଣୁ ସରକାରଙ୍କ ନୂତନ ପଞ୍ଚାୟତ ଗଠନର ସୀମା ନିର୍ଦ୍ଧାରଣ କରିବାକୁ ଜିଲ୍ଲାପାଳ ବରଗଡ଼ ଓ ଉପଜିଲ୍ଲାପାଳ ପଦ୍ମପୁରଙ୍କ ଗୋଚରାର୍ଥେ ଦାବିପତ୍ର ପ୍ରଦାନ କରିଛନ୍ତି। ଗୌଡମାଲ ଠାରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଡାକଘର ବ୍ୟବସ୍ଥା ସମେତ ୪ ୱାର୍ଡ ବିଶିଷ୍ଟ ଜନସଂଖ୍ୟା ବହୁଳ ଓ ରାଜସ୍ୱ ପୋଖରୀ ଅଧିକ ରହିଛି। ଏଣୁ କୁର୍ମା ଓ ଶିକାରୀପାଲି ଗାଁକୁ ଏହାସହ ମିଶ୍ରଣ କରି ନୂତନ ପଞ୍ଚାୟତ ଗଠନ କଲେ ଏ ଅଞ୍ଚଳର ବିକାଶ ସମ୍ଭବ ବୋଲି ପ୍ରସ୍ତାବ ଦେଇଛନ୍ତି। ଯଦି ଗୌଡମାଲ ବ୍ୟତିତ ଅନ୍ୟ କୌଣସି ଗାଁକୁ ପଞ୍ଚାୟତ ମୁଖ୍ୟାଳୟ ଭାବେ ଗ୍ରହଣ କରାଯାଏ ତେବେ ତାହା ସ୍ୱୀକାର୍ଯ୍ୟ ହେବ ନାହିଁ ବୋଲି ଆସିଥିବା ମହିଳାମାନେ ସ୍ପଷ୍ଟ କରିଛନ୍ତି। ଗାଁର ସ୍ୱେଚ୍ଛାସେବୀ ପଦ୍ମନ ରଣା ଏବଂ ଧନଞ୍ଜୟ ପ୍ରଧାନଙ୍କ ପ୍ରଚେଷ୍ଟାରେ ଶତାଧିକ ମହିଳା ଦାବିପତ୍ର ପ୍ରଦାନ ସମୟରେ ସାମିଲ ଥିଲେ।

## କଳିଆପାଟ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ହେରଫେର ଅଭିଯୋଗ

# ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ତଦନ୍ତ

କୁଜଙ୍ଗ, ୩୦।୧୦(ସମିସ)

କଳିଆପାଟ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ହେରଫେର ହେଉଥିବା ନେଇ ଅଭିଯୋଗ ହେବା ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଦନ୍ତ କରିଥିବା ଜଣାପଡ଼ିଛି। କାଳିଆପାଟ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୩୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିନିମନ୍ତେ ଦୁଇଜଣ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ମଧ୍ୟାହ୍ନଭୋଜନ ସବୁ ଛାତ୍ରୀଛାତ୍ରଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି। ପ୍ରତିଦିନ ୩୦ରୁ ୪୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ରୋଷେଇ ହେଉଥିବାବେଳେ ଉପସ୍ଥାନ ଖାତାରେ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିବା ଦର୍ଶାଯାଉଛି। ଫଳରେ ବହୁତ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରୁ ବଞ୍ଚିତ ହେଉଛନ୍ତି। ଅଭିଯୋଗ ପାଇବା ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ମଙ୍ଗରାଜ ସୋମବାର ବିଦ୍ୟାଳୟରେ ତଦନ୍ତ ପାଇଁ ପହଞ୍ଚି ଦେଖିଲେ ଯେ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩ ଜଣ ମଧ୍ୟାହ୍ନଭୋଜନ ନିଅଣ୍ଟ ଯୋଗୁଁ ଖାଇପାରି ନ ଥିଲେ। ସେମାନଙ୍କୁ ବାଧ ହୋଇ ନିକଟସ୍ଥ ଦୋକାନରୁ ବିସ୍କୁଟ ଆଣି ଖାଇବାକୁ ଦେଇଥିଲେ। ଏଭଳି ଘଟଣା ନିତିଦିନିଆ ହୋଇଥିବାବେଳେ ଅତିରିକ୍ତ ଶିକ୍ଷାଧିକାରୀ ପହଞ୍ଚିବାରୁ ବିସ୍କୁଟ ଦେଇଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

କେବଳ ସେତିକି ନୁହେଁ ୯୬ ଜଣ ଛାତ୍ରୀଛାତ୍ରଙ୍କୁ ଅଣ୍ଡା ଦିଆଯାଇଥିବାବେଳେ ଉପସ୍ଥାନ ଖାତାରେ ୧୨୫ ଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପଡ଼ିଛି। ଯାହାକି ଅଭିଯୋଗର ସତ୍ୟତାକୁ ପ୍ରମାଣ କରୁଛି। ୩ କ୍ୱିଣ୍ଟାଲ ଚାଉଳର ହିସାବ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀ ମଙ୍ଗରାଜଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଘଟଣାକୁ ସ୍ୱୀକାର କରିବା ସହ ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ଦେବାପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ରାନୁବାଳା ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ସବୁଦିନେ ମଧ୍ୟାହ୍ନ ଭୋଜନ ଠିକ ଭାବେ ଚାଲୁଥିବାବେଳେ ଯେଉଁଦିନ ଅତିରିକ୍ତ ଶିକ୍ଷାଧିକାରୀ ତଦନ୍ତରେ ଆସିବେ, ସେହିଦିନ ନିଅଣ୍ଟ ହେବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ବୋଲି କହିଥିଲେ।

## ୨ରେ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

ଜଗତସିଂହପୁର, ୩୦।୧୦(ସମିସ): ଆସନ୍ତା ମାସରେ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ଉଭୟ ପୁରୁଷ ଓ ମହିଳା ଦଳ ଭାଗ ନେବ। ଏଥିପାଇଁ ନଭେମ୍ବର ୨ ତାରିଖରେ ଖେଳାଳି ଚୟନ କରାଯିବ ବୋଲି ଜିଲ୍ଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସାରଦା ପ୍ରସାଦ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ତେଣୁ ଜିଲ୍ଲାର ହ୍ୟାଣ୍ଡବଲ ଖେଳାଳି ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତସ୍ଥ ଛେଳିଆଗଡ଼ ଖେଳ ପଡ଼ିଆରେ ୨ ତାରିଖରେ ସକାଳ ୧୦ଟା ସମୟରେ ପହଞ୍ଚି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳି ଆଧାର କାର୍ଡ ଓ ୨ଟି ପାସପୋର୍ଟ ଫଟୋ ସାଥିରେ ଆଣିବାକୁ ଜିଲ୍ଲା ହ୍ୟାଣବଲ ସଂଘ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଖଇରଙ୍ଗ ପଞ୍ଚାୟତରେ ଦୁର୍ନୀତି ନିବାରଣ ସଚେତନତା




ଜଗତସିଂହପୁର, ୩୦।୧୦(ସମିସ): ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏ ପରିପ୍ରେକ୍ଷୀରେ ଆଜି ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ପଞ୍ଚାୟତରେ ଦୁର୍ନୀତି ନିବାରଣ ସତର୍କତା ସଭା ଅନୁଷ୍ଠିତ ହୋଇଛି। ସଦର ବ୍ଲକ ବିଡିଓ ଆଶୁତୋଷ ମିଶ୍ର ଅଧ୍ୟକ୍ଷତା କରି ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ, କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କୁ ନିଜ କାର୍ଯ୍ୟରେ ସାଧୁତା ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଜଗତସିଂହପୁର ଦୁର୍ନୀତି ନିବାରଣ ବିଭାଗ ଉପଆରକ୍ଷୀ ଅଧୀକ୍ଷକ ଅନୁପମା ସାହୁ ଯୋଗଦେଇ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ ହେବା ସହିତ ଆଚରଣରେ ସଚ୍ଚୋଟତା ଓ ସାଧୁତା ଅବଲମ୍ବନ କରିପାରିଲେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ଖଇରଙ୍ଗ ସରପଞ୍ଚ ଲିପକ ସାହୁ, ଦୁର୍ନୀତି ନିବାରଣ ବିଭାଗ ନିରୀକ୍ଷକ ସିଦ୍ଧାର୍ଥ ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭଶ୍ରୀ ରାଉତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୬୫ ଗ୍ରାମ୍ ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଗତସିଂହପୁର, ୩୦।୧୦(ସମିସ): ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।



ଏହି କ୍ରମରେ କୁଜଙ୍ଗ କଲେଜ ପଛପଟ ରାସ୍ତାର ବଳରାମପୁର ଗ୍ରାମ ନିକଟରେ ଚଢ଼ଉ କରି ୬୫ ଗ୍ରାମ ବ୍ରାଉନସୁଗର ସହିତ ଗୋଟିଏ ମୋବାଇଲ ଜବତ କରିଛି ଅବକାରୀ ବିଭାଗ। ସରୋଜ ସିଂ ନାମକ ଜଣେ ନିଶା ବ୍ୟବସାୟୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଗୋବିନ୍ଦ ନାୟକଙ୍କ ପରଲୋକ



ରଘୁନାଥପୁର, ୩୦।୧୦(ସମିସ): ତାରପୁର ପଞ୍ଚାୟତ ତାରପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ନାୟକ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଥିଲେ। ସେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ମାନସ ନାୟକ ମୁଖାଗ୍ନି ଦେଇଥିଲେ। ଶୋଭାଯାତ୍ରାରେ ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ସରୋଜ ଦାଶ, ବିଜୟ ଦାଶ, ଲକ୍ଷ୍ମଣ ଦାଶ, ପ୍ରଦୀପ ନାୟକ, ଟୁଲନ ନାୟକ, ବାଦଲ ଦାସ ଯୋଗ ଦେଇଥିଲେ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ପାରାଦୀପ, ୩୦।୧୦(ସମିସ): ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଗଣ୍ଡକିପୁର ପଞ୍ଚାୟତ



କୋଟିଲାବେଦି ଗ୍ରାମର କେଲୁଣି ସୂତାରଙ୍କ ୯୧ ବର୍ଷ ବୟସରେ ମଙ୍ଗଳବାର ଦିନ ପରଲୋକ ହୋଇଛି। ସେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, କବି, ଲେଖିକା ଓ ସମାଜସେବିକା କଳ୍ପନା ସୂତାରଙ୍କ ମାଆ ଅଟନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅଶୋକ ସୂତାର ମୁଖାଗ୍ନି ଦେଇଥିବାବେଳେ ଶିକ୍ଷାବିତ ମାୟଧର ଦାସ, ବିଚିତ୍ରାନନ୍ଦ ସୂତାର, ପ୍ରଦୋଷ ସୂତାର, ମକର ସାହୁ, ବ୍ରଜକିଶୋର ଓଝା, ଡକ୍ଟର ନିରଞ୍ଜନ ମହାପାତ୍ର, କବି ଡା. ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ଯୁବ ସଂଗଠକ ତପନ ସାମନ୍ତରାୟ, ଡକ୍ଟର ଅରୁଣ ପାଣୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ତିର୍ତ୍ତୋଲ କଲେଜ ଅଧ୍ୟକ୍ଷ ନଳିନୀକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର, ୩୦।୧୦(ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ତିର୍ତ୍ତୋଲସ୍ଥ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନଳିନୀକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ପଟ୍ଟନାୟକ ପୂର୍ବରୁ ଏହି କଲେଜରେ ଦର୍ଶନ ବିଭାଗ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଆସୁଥିଲେ।



ସାରସ୍ୱତ ପରିଷଦ ସଭାପତି ଓ ଏହି କଲେଜରୁ ଅବସର ନେଇଥିବା ବରିଷ୍ଠ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସମୟରେ କଲେଜରେ ଶୈକ୍ଷିକ ଓ ପ୍ରଶାସନିକ ବ୍ୟବସ୍ଥାରେ ଅଗ୍ରଗତି ହାସଲ ହେବ ବୋଲି ଆଶା ପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଲେଜ କର୍ମଚାରୀ ପରିଷଦ ସମ୍ପାଦକ ଅଧ୍ୟାପକ ଦୀପକ ସିଂହ, ଅଧ୍ୟାପକ କିଶୋର ନାୟକ, ଅଧ୍ୟାପିକା ସାଗରିକା ପୃଷ୍ଟି, ଅଧ୍ୟାପିକା ପ୍ରୀତିମୟୀ ନାୟକ ଓ ଅବସରପ୍ରାପ୍ତ କର୍ମଚାରୀ ଅଶୋକ ସାହୁ ପ୍ରମୁଖ ସାମିଲ ଥିଲେ।

## ସତ୍ୟସାଇ ଜାତୀୟ ଜ୍ୟୋତିକୁ ସ୍ୱାଗତ



କୁଜଙ୍ଗ, ୩୦।୧୦(ସମିସ): ପଙ୍କପାଳ ସତ୍ୟସାଇ ଜ୍ଞାନ ବିକାଶ ପକ୍ଷରୁ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସମସ୍ତ ସତ୍ୟସାଇ ସ୍କୁଲକୁ ବାବାଙ୍କ ଜାତୀୟ ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଯଦୁପୁର ସତ୍ୟସାଇ ବିଦ୍ୟାବିହାରଠାରୁ ଜ୍ଞାନ ବିକାଶ ବିଦ୍ୟାଳୟର ଗୁରୁଜୀ ଧନଞ୍ଜୟ ଜେନା, ବିଶ୍ୱଜିତ ସ୍ୱାଇଁ ଓ ବିଦ୍ୟାଳୟ ସଭାପତି ବାବାଜୀ ପୃଷ୍ଟି ସ୍ୱାଗତ କରି ଆଣିଥିଲେ। ଜ୍ୟୋତିକୁ ପିଲାଙ୍କ ଦ୍ୱାରା ବେଦ ମନ୍ତ୍ର, ହୁଳହୁଳି ନାଦ ମଧ୍ୟରେ ଭବ୍ୟ ସମ୍ବର୍ଦ୍ଧନା କରାଯାଇ ସଭାସ୍ଥଳକୁ ନିଆଯାଇଥିଲା। ସତ୍ୟସାଇ ସେବା ସଂଗଠନ ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ରାଜ୍ୟ ଆଧ୍ୟାତ୍ମିକ ସଂଯୋଜିକ ଡ. ପୁଷ୍ପମିତ୍ରା ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, କୁଜଙ୍ଗ ଥାନା ଅଧିକାରୀ ଅକ୍ଷୟ ଦାସ, ଶରତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମିତା କବି, ବରିଷ୍ଠ ଶିକ୍ଷକ ପ୍ରବୋଧ ପରିଜା, କୃଷ୍ଣଚନ୍ଦ୍ର ଦାସ, ନିହାର ବିଶ୍ୱାଳ, ଆଲ୍ପନା ସାମଲ, ଧରିତ୍ରୀ ମହାପାତ୍ର, ରୀନା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଗୁରୁମା ଲିଲିମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାହାମାରେ ସାଇବର ସୁରକ୍ଷା ସଚେତନତା

କୁଜଙ୍ଗ, ୩୦।୧୦(ସମିସ):ରାହାମାଠାରେ ତିର୍ତ୍ତୋଲ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଇନଜୀବୀ ଡକ୍ଟର ସୁନାକର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୟୁନିକ୍ ସାଇନ୍ସ ଏକାଡେମୀ ଓ ଆଇଟିସିଟି କୋଚିଂ ସେଣ୍ଟର ଛାତ୍ରଛାତ୍ରୀ, ରାହାମା ଅଞ୍ଚଳର



ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ, ସାମ୍ବାଦିକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ ରାଉତ ଯୋଗଦେଇ ସାଇବର ଠକେଇରୁ ନିଜକୁ ଓ ନିଜ ପରିବାରକୁ ରକ୍ଷା କରିପାରିବା ସେ ବିଷୟରେ ସଚେତନ କରାଇଥିଲେ। ତିର୍ତ୍ତୋଲ ଥାନା ଆରକ୍ଷୀ ନିରୀକ୍ଷକ ପ୍ରଦୀପ୍ତ ସେଠୀ, ସହନିରୀକ୍ଷକ ବିଭୂତି ଭୂଷଣ ବିଶ୍ୱାଳ ଓ ତିର୍ତ୍ତୋଲ ଥାନା ଅଧିକାରୀ ଯୋଗ ଦେଇତିଲେ। ଜିଲ୍ଲାରୁ ଆସିଥିବା କଳାକାର ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରି ସଚେତନତ କରିଥିଲେ। ସାଇବର ଠକେଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜନସାଧାରଣଙ୍କ ଅସାବଧାନତା ଯୋଗୁଁ ସାଇବର ଠକ ବ୍ୟାଙ୍କ ଜମାଖାତାରୁ ଟଙ୍କା ଲୁଟି ନେଉଛନ୍ତି। ସମସ୍ତେ ସଚେତନ ହେବା ସହ ଅନ୍ୟକୁ ସଚେତନ କରାଇପାରିଲେ ସାଇବର ଅପରାଧକୁ ରୋକିପାରିବା। ଠକାମିର ଶିକାର ହେଲେ ୧୯୩୦ ନମ୍ବରକୁ ଯୋଗାଯୋଗ କରି ସାଇବର ଠକଙ୍କୁ ଓଟିପି ନମ୍ବର ନ ଦେବା ଓ ଏପିକେ ଫାଇଲ ନ ଖୋଲିବାକୁ ଅଭିନୟ ଦ୍ୱାରା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଜାର କମିଟି ସଭାପତି ଶିଶିର ଦାସ, ଅବସରପ୍ରାପ୍ତ ଶିକ୍ଷକ ଶରତ ସାହୁ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଶ୍ୱନାଥ ମହାନ୍ତି, ବଜାର କମିଟି କୋଷାଧ୍ୟକ୍ଷ ବଂଶୀଧର କୁଣ୍ଡୁ, ବରିଷ୍ଠ ନାଗରିକ ଭିକାରୀ ସେନାପତି, ଯୁବ ସଂଗଠକ ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ଡ. ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଜଗତସିଂହପୁର, ୩୦।୧୦(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ



ଅଧ୍ୟକ୍ଷତା କରି ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ପ୍ରୋତ୍ସାହନ ଦେଇଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରିଣୀ ମୌସୁମୀ ମଧୁସ୍ମିତା ଯୋଗଦେଇ ଦୈନନ୍ଦିନ ଜୀବନରେ ମିତବ୍ୟୟିତା ଓ ସଞ୍ଚୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ ଜୀବନ ବୀମା ଉନ୍ନୟନ ଅଧିକାରୀ ହୃଷିକେଶ ବେହେରା ଡାକଘରରେ ଉପଲବ୍ଧ ଜାତୀୟ ଯୋଜନା, ବୀମା ତଥା ସଞ୍ଚୟ ଯୋଜନା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସିନିୟର୍ ମ୍ୟାନେଜର ରବି ରାଉତ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଘରକୁ ଘର ବୁଲି ସେବା ଯୋଗାଣ, ଜାତୀୟ ଯୋଜନା ଓ ବୀମା କ୍ଷେତ୍ର ବିଷୟରେ ସୂଚନା ଦେଇଥିଲେ। ଜଗତସିଂହପୁର ସଦର ଥାନା ସବ୍‌ଇନ୍ସପେକ୍ଟର ବିବେକ ସାହୁ ସାଇବର ଠକେଇ ଓ ଏହାଠାରୁ କିପରି ଭାବେ ଆମେ ସୁରକ୍ଷିତ ରହିବା, ତାହା ଉପରେ ଆଲୋଚନା କରିଥିଲେ। ଅଜଣା ନମ୍ବରରୁ କଲ୍ ଆସିଲେ ନ ଉଠାଇବା, ନିଜର ପାସ୍ ୱାର୍ଡ ଓ ଓଟିପି ଅଜଣା ବ୍ୟକ୍ତିଙ୍କୁ ନ ଦେବା ବିଷୟରେ ବିଶଦ ଆଲୋଚନା କରିଥିଲେ। ଏ ପରିପ୍ରେକ୍ଷୀରେ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣପତ୍ର ସହ ମାଟି ଘଡି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ମୁଖ୍ୟ ପୋଷ୍ଟ ଅଫିସର ମିହିର ରାମ, ପୋଷ୍ଟାଲ ଏଜେଣ୍ଟ, ବିଭାଗୀୟ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଏଥିରେ ଯୋଗଦେଇ ମିତବ୍ୟୟିତା ଓ ସଞ୍ଚୟର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ।

## ଏରସମା ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା

ଏରସମା, ୩୦।୧୦(ସମିସ): ଏରସମା ସରକାରୀ ଉଚ୍ଚବିଦ୍ୟାଳୟରେ ରେଡିଓ ଆଉଟରିଚ ୯୦.୮ ଏଫଏମ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଡିଓ ଆଉଟରିଚର ଷ୍ଟେସନ ଡାଇରେକ୍ଟର ତଥା ସାଇବର ଡିଫେଣ୍ଡର ସୁବ୍ରତ ପତି ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ



ସାଇବର ଅପରାଧ ରୋକିବାକୁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚନା ଦେଇଥିଲେ। ସୁରକ୍ଷିତ ମୋବାଇଲ ବ୍ୟବହାର, ଅଜଣା ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ତଥ୍ୟ ନ ଦେବା, ବ୍ୟାଙ୍କ ନାଁରେ ଆସୁଥିବା ଠକ କଲ ଫୋନ କଲ ପ୍ରତି ସତର୍କ ରହିବାକୁ ଶ୍ରୀ ପତି ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଧୀରେନ୍ଦ୍ର ଚୌଧୁରୀ ଓ ସାମ୍ବାଦିକ ତୃପ୍ତିରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ପ୍ରତାପ ଦାସ ରେଡିଓ ଆଉଟରିଚ ପକ୍ଷରୁ ସାଇବର ସଚେତନତା ପାଇଁ କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାଁ ରାସ୍ତା ଜବରଦଖଲ

# ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଫେରାଦ

କୁଜଙ୍ଗ, ୩୦।୧୦(ସମିସ): କୁଜଙ୍ଗ ଥାନା ଚଟୁଆ ପଞ୍ଚାୟତ ଅନ୍ତର୍ଗତ ମାଣପୁର (ପାରପରା) ଗାଁ ଦାଣ୍ଡକୁ ଗ୍ରାମର ଜଣେ ଲୋକ ଜବରଦଖଲ କରିଛନ୍ତି। ଫଳରେ ରାସ୍ତା ନିର୍ମାଣ ହୋଇପାରୁନାହିଁ। ରାସ୍ତା ନଥିବାରୁ ୮ଟି ପରିବାର ଦୀର୍ଘବର୍ଷ ଧରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ବର୍ତ୍ତମାନ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଜବରଦଖଲ ଯୋଗୁଁ ତାହା ହୋଇପାରୁନାହିଁ। ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ଏରସମା ତହସିଲଦାରଙ୍କୁ ଫେରାଦ ହୋଇଛନ୍ତି।

ପାରପରା ଗ୍ରାମର ଗାଁ ଦାଣ୍ଡର କିଛି ଅଂଶ ଜଣେ ଲୋକ ଜବରଦଖଲ କରିରଖିଛନ୍ତି। ବିଗତ ଦିନରେ ଗ୍ରାମର ସୁଶୀଳ ଷଡ଼ଙ୍ଗୀଙ୍କ ଅଭିଯୋଗ କ୍ରମେ ଏରସମା ତହସିଲଦାରଙ୍କ ନିର୍ଦ୍ଦେଶରେ ରାସ୍ତା ମାପଚୁପ କରାଯାଇଥିଲା। ସମ୍ପୃକ୍ତ ଲୋକ ରାସ୍ତାର କିଛି ଅଂଶ ଜବରଦଖଲ କରିଥିବା ଜଣାପଡ଼ିଥିଲ ଓ ଚିହ୍ନଟ ମଧ୍ୟ କରାଯାଇଛି। ସ୍ଥାନୀୟ ସରପଞ୍ଚ ଏ ସମ୍ପର୍କରେ ବୁଝାସୁଝା କରି ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗତ ୨୨ ତାରିଖ ଦିନ ସମ୍ପୃକ୍ତ ଠିକାଦାର ରାସ୍ତା ନିର୍ମାଣ ପାଇଁ ମାପଚୁପ ଓ ରାସ୍ତା ସଫା କରୁଥିବାବେଳେ ୫ ଜଣ ଲୋକ ବିରୋଧ କରିବାରୁ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଆଜି ଗ୍ରାମର ସୁବ୍ରତ ଷଡଙ୍ଗୀ, ସୁମନ୍ତ ଷଡ଼ଙ୍ଗୀ, କେଦାରନାଥ ପାଣି, ବିଦୁର ପାଣି ଓ ପ୍ରମୋଦ ପାଣିଙ୍କ ସମେତ ଗ୍ରାମବାସୀ ମାନେ ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ଭେଟି ଜବରଦଖଲ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଛନ୍ତି।

## ବାଲିକୁଦା କଲେଜ ଅଧ୍ୟାପକ ନିଲମ୍ବିତ



ବାଲିକୁଦା, ୩୦।୧୦(ସମିସ): ଜାଲ୍ ସାର୍ଟିଫିକେଟ ଦେଇ ବାଲିକୁଦା କଲେଜରେ ଅଧ୍ୟାପକ ଚାକିରି କରିଥିବା ଜଣେ ଅଧ୍ୟାପକଙ୍କୁ ନିଲମ୍ବନ କରିଛନ୍ତି ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ। ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବାଲିକୁଦା କଲେଜ ବାଣିଜ୍ୟ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ ବସନ୍ତ ମହାନ୍ତି। କଲେଜରେ ପଢ଼ାଇ ପାରୁ ନ ଥିବା ନେଇ ଛାତ୍ରଛାତ୍ରୀ ଅଧ୍ୟକ୍ଷ ଓ ଉପଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏହାର ତଦନ୍ତ ପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ତଦନ୍ତ କରିବା ପରେ ଜଣାପଡ଼ିଛି ଯେ ଶ୍ରୀ ମହାନ୍ତି ଅନର୍ସ ନ ଥାଇ ଥାର୍ଡ ଡିଭିଜନରେ ଗ୍ରାଜୁଏସନ ପାସ କରିଥିଲେ। ଏହାର ୨୧ ବର୍ଷ ପରେ ଏକ ସାର୍ଟିଫିକେଟ ଯୋଗାଡ଼ କରି ଚାକିରି ହାତେଇବାରେ ସଫଳ ହୋଇଥିଲେ। ଯାହା ସନ୍ଦେହ ପରିସରରେ ରହିଛି। ଏହି ବ୍ୟକ୍ତି ଜଣକ ମାଟ୍ରିକ, +୨ ଓ +୩ରେ କ୍ରମାଗତ ଭାବେ ଥାର୍ଡ଼ ଡିଭିଜନ ପାଇଥିବାବେଳେ ଯୋଗାଡ଼ କରିଥିବା ପିଜି ସାର୍ଟିଫିକେଟରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଦର୍ଶାଇଥିଲେ। ଯାହା ଫ୍ୟାକ୍ଟ ଫାଇଣ୍ଡିଂ ଟିମ ସହ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିକାରୀଙ୍କୁ ମଧ୍ୟ ସନ୍ଦେହ ହୋଇଛି। ସେ ପରିଚାଳନା କମିଟି ଜରିଆରେ ସୁପାରିଶ କରି ୪୭ ବର୍ଷ ବୟସରେ ଏହି ଚାକିରି ପାଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଚାକିରି ପାଇଁ ସରକାର ୪୨ ବର୍ଷ ବୟସ ସୀମା ଧାର୍ଯ୍ୟ କରିଥିବାବେଳେ ଶ୍ରୀ ମହାନ୍ତି କିଭଳି ଏହି ଚାକିରି ୪୭ ବର୍ଷ ବୟସରେ ପାଇଲେ, ତାହା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ପୂର୍ବରୁ ମଧ୍ୟ ବାଣିଜ୍ୟ ବିଭାଗର ଅନ୍ୟଜଣେ ଅଧ୍ୟାପକଙ୍କୁ ନକଲି ପ୍ରମାଣପତ୍ର ଜରିଆରେ ନିଯୁକ୍ତି ପାଇଥିବା ଅଭିଯୋଗରେ ୨ ମାସ ପୂର୍ବେ ଉପଜିଲ୍ଲାପାଳ ବହିଷ୍କାର କରିବା ସହ ନେଇଥିବା ଅର୍ଥ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସସ୍‌ପେଣ୍ଡ ହୋଇଥିବା ଅଧ୍ୟାପକ ବସନ୍ତ ମହାନ୍ତି କହିଛନ୍ତି, ସେ ସମସ୍ତ ପ୍ରମାଣପତ୍ର ପେଠ କରିଛନ୍ତି। ତଦନ୍ତ ସଠିକ ଭାବେ ନ କରି ତାଙ୍କୁ ତରବରିଆ ଭାବେ ଚାପରେ ସାମୟିକ ସସ୍‌ପେଣ୍ଡ କରାଯାଇଛି। ସେ ଖୁବଶୀଘ୍ର ନ୍ୟାୟ ପାଇ ଚାକିରିରେ ଯୋଗଦେବେ ବୋଲି କହିଛନ୍ତି।

## ସ୍ୱତନ୍ତ୍ର ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ

କୁଜଙ୍ଗ, ୩୦।୧୦(ସମିସ): କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଉଲ୍ଲାସ ସଫଳତାର ସହ କୁଜଙ୍ଗ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଲ୍ଲାସ ଯୋଜନାରେ ନାମ ପଞ୍ଜିକରଣ କରିଥିବା ୧୫ ବର୍ଷରୁ ଉର୍ଦ୍ଧ୍ୱ ୨୫୩୨ ଜଣ ବ୍ୟକ୍ତି ୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ ମନୋଜ ବେହେରାଙ୍କ ପୌରୋହିତ୍ୟରେ ବିଆରସିସି ମନୋରଞ୍ଜନ ମଙ୍ଗରାଜ, ଏବିଇଓ ପ୍ରତିମା ସୂତାରଙ୍କ ସହ ବ୍ଲକର ସମସ୍ତ ୧୭ ଜଣ ସିଆରସିସି ସହଯୋଗ କରିଥିଲେ। ଏଡିଇଓ ସୁଶାନ୍ତ ମହାନ୍ତି ଓ ଚନ୍ଦ୍ରକାନ୍ତ ପରିଜା ପରୀକ୍ଷା ଅନୁଧ୍ୟାନ କରିଥିଲେ।

# ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ପୁନର୍ଗଠନରେ ଅନିୟମିତତା ଅଭିଯୋଗ


ରଘୁନାଥପୁର, ୩୦।୧୦(ସମିସ)

ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ପଞ୍ଚାୟତର ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ପୁନର୍ଗଠନ କରାଯାଇଛି। ତେବେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି।

ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତା ରାଉତ ଅଧ୍ୟକ୍ଷତା କରିଥିବାବେଳେ ରେଢୁଆ ପଞ୍ଚାୟତ ସରପଞ୍ଚ କିଶୋର ବେହେରା, ସମିତି ସଭ୍ୟ ବିଶ୍ୱଜିତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚସଖା ଶିକ୍ଷାସେତୁ ପୁନର୍ଗଠନ କମିଟି ସଭ୍ୟସଭ୍ୟାଙ୍କ ଦ୍ୱାରା ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି, ସହସଭାପତି ଓ ଅନ୍ୟାନ୍ୟ ସଭ୍ୟସଭ୍ୟା ନିର୍ବାଚିତ ହୋଇଥିଲେ। ସଭାପତି ପଦ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ କିଶୋର ବେହେରା ସଂଖ୍ୟାଗରିଷ୍ଠତା ହାସଲ କରି ସଭାପତି ପଦ ଅଳଙ୍କୃତ କରିଥିଲେ। ପୂର୍ବତନ ସରପଞ୍ଚ ସୁନୀଲ ଜେନା ଉପସଭାପତି ନିର୍ବାଚିତ ହୋଇଥିଲେ। ମହିଳା ସଦସ୍ୟା ଭାବେ ପ୍ରଣିତା ଦେଇ ନିର୍ବାଚିତ ହୋଇଥିବାବେଳେ ସୁଦୟ ମହାପାତ୍ର ପଞ୍ଚସଖା ଶିକ୍ଷାସେତୁ ଆବାହକ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ସରପଞ୍ଚ କିଶୋର ବେହେରା ନିଜ ସମର୍ଥିତଙ୍କୁ ଆଣି ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ସୁଯୋଗ ଦେଇଥିଲେ। ବହୁ ସାଧାରଣ ବ୍ୟକ୍ତି ଓ ବୁଦ୍ଧିଜୀବୀ ଓ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ସଭାପତି ଉପସ୍ଥିତ ନ ରହି ହାଇକୋର୍ଟରୁ ଏହି କମିଟି ପାଇଁ ସ୍ଥିତିଆଦେଶ ଆଣିଥିଲେ। ଅର୍ଡର ନଂ ଡବ୍ଲ୍ୟୁପି (ସି) ନଂ ୨୫୦୪୮ ଅଫ୍ ୨୦୨୫ ଆଣ୍ଡ ଆଇ.ଏ. ନଂ ୧୮୬୭୩ ଅଫ୍ ୨୦୨୫ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ମାନ୍ୟବର ଅଦାଲତ ସ୍ଥଗିତ ରଖିଛନ୍ତି। ସରପଞ୍ଚଙ୍କ ଏହି କାର୍ଯ୍ୟକଳାପକୁ ବ୍ରଜକିଶୋର ସ୍ୱାଇଁ, ବିଜନ ମହାପାତ୍ର, ରବୀନ୍ଦ୍ର ବେହେରା, ଆଶୁତୋଷ ସାହୁ, ସୌଭାଗ୍ୟ ସ୍ୱାଇଁ, ଦୀପ୍ତିରଞ୍ଜନ ନାୟକ, ସୋନାସ ନାୟକ, ବିଜୟାନନ୍ଦ ସ୍ୱାଇଁ, ତୁଷାର ପାତ୍ର, ରଢୁଆ ଅଞ୍ଚଳର ବହୁ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରୁ ରୀତା ରାଉତ ଫୋନର ଉତ୍ତର ଦେଉନାହାନ୍ତି। ଏହି ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ପାଠପଢ଼ିବା ପରିବର୍ତ୍ତେ ପିଲାଙ୍କୁ ଚାଉଳ ବସ୍ତା ବୁହା କାର୍ଯ୍ୟରେ ଲଗାଉଛନ୍ତି। ଯଥାଶୀଘ୍ର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏହି କାର୍ଯ୍ୟ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବାବେଳେ ରେଢୁଆ ପଞ୍ଚାୟତର ସମିତିସଭ୍ୟ ବିଶ୍ୱଜିତ ଦାଶ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ପତ୍ର ପଠାଇଛନ୍ତି। ଏହାର ନକଲ ତିର୍ତ୍ତୋଲ ବିଧାୟକ, କମିସନର, ଜିଲ୍ଲାପାଳ, ଡିଇଓ, ବିଇଓକୁ ପଠାଇଥିବା ଜଣାପଡ଼ିଛି।

## ଛାତ୍ରଙ୍କ କୃତିତ୍ୱ

ପାରାଦୀପ, ୩୦।୧୦ (ସମିସ): ଆଇନଜୀବୀ ଦେବବ୍ରତ ସାହୁଙ୍କ ପୁତ୍ର ସୌମ୍ୟଦର୍ଶୀ ଶିବଦତ୍ତ ସାହୁ ନିଟ୍



ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭବାନୀପାଟଣା ସହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ସେ ବେଥାନୀ କନଭେଟ ସ୍କୁଲରୁ ଶିକ୍ଷା ଶେଷ କରି ଭୁବନେଶ୍ୱରର ଏକ ବେସରକାରୀ ସ୍କୁଲରେ +୨ ବିଜ୍ଞାନରେ ଶିକ୍ଷା ସମାପନ କରିଛନ୍ତି। ସୌମ୍ୟଦର୍ଶୀଙ୍କ ଏହି ସଫଳତା ପାଇଁ ପାରାଦୀପ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ସଫଳତାର ଶ୍ରେୟ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି।

## ଗବସାହି ରେଳ ଫାଟକ

# ତ୍ରୁଟିପୂର୍ଣ୍ଣ ବୈଦ୍ୟୁତିକ ଫାଟକ ପାଇଁ ବଢୁଛି ଜନଅସନ୍ତୋଷ

**ଭଦ୍ରକ, ୩୦।୧୦(ସମିସ)**



ଭଦ୍ରକ ସହର ଉପକଣ୍ଠରେ ଥିବା ଗବସାହି ରେଳ ଫାଟକ (ଲେବେଲ କ୍ରସିଂ)ର ଆଧୁନିକକରଣ ପରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପୂର୍ବରୁ ଏହି ଫାଟକ ହସ୍ତ ଚାଳିତ ରହିଥିଲା। ଟ୍ରେନ ଆସିବାର ସୂଚନା ମିଳିବା ପରେ ଫାଟକ ରକ୍ଷକ ହାତରେ ପୁଲିକୁ ବୁଲାଇ ଫାଟକ ଉଠା ଏବଂ ପକା କାମ କରୁଥିଲେ। ତେବେ ଗାଡି ସଂଖ୍ୟା ବୃଦ୍ଧି ସହିତ ଗେଟଦେଇ ଲୋକ ଏବଂ ଯାନବାହାନ ଚଳାଚଳ ଦ୍ରୁତ ବୃଦ୍ଧି ପାଇବା ପରେ ନିକଟରେ ରେଳବାଇ କର୍ତ୍ତୃପକ୍ଷ ହସ୍ତଚାଳିତ ଫାଟକ ବ୍ୟବସ୍ଥାର ପରିବର୍ତ୍ତନ କରି ବୈଦ୍ୟୁତିକ ଫାଟକ ବ୍ୟବସ୍ଥା କରିଛନ୍ତି। ଫାଟକ ରକ୍ଷକ କେବଳ ସୂଚନା ମୁତାବକ ଏଥିରେ ଲାଗିଥିବା ସୁଇଚ୍ ଟିପି ଗେଟ ଉଠାଇବା ଏବଂ ପକାଇବା କାମ କରୁଛନ୍ତି। ଏଭଳି ବ୍ୟବସ୍ଥା ଉଭୟ ଲୋକ ଏବଂ ଫାଟକ ରକ୍ଷକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହୋଇଛି। ତେବେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏହି ବ୍ୟବସ୍ଥା ଏବେ ଗୁରତର ସମସ୍ୟା ଆଣି ଦେଇଛି। ସ୍ଥାପନ ହୋଇଥିବା ଏହି ବୈଦ୍ୟୁତିକ ଫାଟକରେ ତ୍ରୁଟି ଯୋଗୁଁ ବେଳେ ବେଳେ ମଧ୍ୟ କାମ କରୁନାହିଁ। କେତେବେଳେ ଗୋଟିଏ ପଟ ଗେଟ ପଡୁଥିବା ବେଳେ ଅନ୍ୟପଟ ଗେଟ ପଡୁନାହିଁ। ଫଳରେ ମୁକୁଳା ରହିଥିବା ଗେଟ ଦେଇ ଲୋକରେଳ ଟ୍ରାକକୁ ଚାଲି ଆସୁଥିବା ବେଳେ ଫାଟକ ରକ୍ଷକ ଗେଟଗୃହ ଛାଡି ରେଳ ଧାରଣାରେ ଛିଡା ହୋଇ ଲୋକଙ୍କୁ ଗେଟ ପାରି ନ ହେବାକୁ ଚେତାବନୀ ଦେଉଛନ୍ତି। ସେହିଭଳି ନୂଆ ଫାଟକ ଲାଗିବା ପରେ ଉଭୟ ପାର୍ଶ୍ୱରେ ଲୋକଙ୍କୁ ସତର୍କ ରହିବାକୁ ସ୍ପିଡ଼ ବ୍ରେକର କରାଯିବା କଥା ହେଲେ ଆଦ୍ୟାବଧି ତାହା ନିର୍ମାଣ ହୋଇନାହିଁ। ଫଳରେ ରେଳ ଫାଟକ ଅତିକ୍ରମ ବେଳେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟିବାରେ ଲାଗିଛି। ସେହିଭଳି ରେଳ ଫାଟକର ବୈଦ୍ୟୁତିକ କରଣ କରାଯିବା ପରେ ଫାଟକ ଗୃହକୁ ମଧ୍ୟ ଆବଦ୍ଧ କରାଯାଇନାହିଁ; ଯାହାକି ଫାଟକ ରକ୍ଷକଙ୍କ ପାଇଁ ଅସୁରକ୍ଷିତ ହୋଇଛି। ଏହି ଫାଟକ ଦେଇ ଦୈନିକ ବନ୍ଦେ ଭାରତ ଭଳି ଦ୍ରୁତଗତି ସମ୍ପନ୍ନ ଟ୍ରେନ ସହିତ ଶତାଧିକ ସୁପର ଫାଷ୍ଟ, ମେଲ, ଏକ୍ସପ୍ରେସ, ପାସେଞ୍ଜର, ମେମୁ ଏବଂ ମାଲବାହୀ ଟ୍ରେନ ଚଳାଚଳ କରୁଛି। ପୂର୍ବ ତୁଳନାରେ ଏହି ରେଳପଥ ଦେଇ ଟ୍ରେନ ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିବା ସହିତ ଗବସାହି ଲେବଲ କ୍ରସିଂରେ ଲୋକ ଏବଂ ଯାନବାହାନ ଚଳାଚଳ ଦ୍ରୁତ ବୃଦ୍ଧି ପାଇଛି। ପୂର୍ବରୁ ଏହି ରେଳ ଫାଟକ ଦେଇ ହାତ ଗଣତି ଲୋକ ଚଳାଚଳ କରୁଥିଲେ। ହେଲେ ଏବେ ପ୍ରତି ମିନିଟରେ ଶହ ଶହ ଲୋକ ଏବଂ ଗାଡି ଚଳାଚଳ କରୁଛି। ଆବଶ୍ୟକତା ଏବଂ ଗୁରତ୍ୱକୁ ଦୃଷ୍ଟିରେ ରଖି ଏହି ରେଳଫାଟକ ଉଠାଇ ଦେଇ ଏଠାରେ ଏକ ରେଳ ଓଭରବ୍ରିଜ ନିର୍ମାଣ କରିବାକୁ ଆଞ୍ଚଳିକ ଲୋକଙ୍କ ପକ୍ଷରୁ ନିରନ୍ତର ଭାବେ ଦାବି ହୋଇ ଆସୁଛି। ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ରେଳମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ହେଲେ ସାଂସଦ ଓ ସ୍ଥାନୀୟ ଲୋକଙ୍କ ଦାବିକୁ ଅଣଦେଖା କରି ରେଳବାଇ କର୍ତ୍ତୃପକ୍ଷ ଏଠାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କରିବା ବଦଳରେ ଏକ ତ୍ରୁଟିପୂର୍ଣ୍ଣ ବୈଦ୍ୟୁତିକ ରେଳଫାଟକ ବସାଇବା କାହା ସ୍ୱାର୍ଥରେ ବୋଲି ଜିଲ୍ଲା କଂଗ୍ରେସର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି

### ଦାବି ହୋଇଥିଲା ଫ୍ଲାଏଓଭର ବ୍ରିଜ୍

ଦେବରୂପ ମହାନ୍ତି, ଆଇନଜୀବୀ ରାଧା ଦାସ, ସମାଜସେବୀ ଗୋପାଳକୃଷ୍ଣ ଦାଶ, ବାରିଦ ବରଣ ଦାଶ, ପ୍ରସନ୍ନ ଦାଶ, ପରମାନନ୍ଦ ସାହୁ, ମହେଶ ଦାସ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। କାରଣ ବର୍ତ୍ତମାନ କେବଳ ଦୁଇଗୋଟି ଲାଇନରେ ଟ୍ରେନ ଚଳାଚଳ କରୁଥିବା ବେଳେ ଏବେ ତୃତୀୟ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତୃତୀୟ ଲାଇନ ନିର୍ମାଣ ଶେଷ ହେବା ପରେ ଏହି ରେଳପଥରେ ରେଳ ଚଳା ଚଳ ଅଧିକ ବୃଦ୍ଧିପାଇବ। ଏପରି ସ୍ଥଳେ ଏଠାରେ ରେଳ ଫାଟକ ନୁହେଁ ରେଳ ଫ୍ଲାଏ ଓଭରବ୍ରିଜର ନିହାତି ଆବଶ୍ୟକ ରହିଛି ଲୋକେ ଦାବି କରିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ




**ବାରିକପୁର/ମଞ୍ଜୁରୀ ରୋଡ, ୩୦।୧୦ (ସମିସ):** ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଓଡ଼ିଶା ପୁଲିସ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ଥାନା ଅଧିକାରୀ କମଳାକାନ୍ତ ଦାଶ, ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର, ମଦନମୋହନ ପଣ୍ଡା, ମମିତା ରାଣୀ ନାୟକ ପ୍ରମୁଖ ଯୋଗଦେଇ ଏକତା ସୂତ୍ରରେ ବାନ୍ଧି ହେଲେ ଦେଶବାସୀ ଆଗକୁ ଯାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ସାଧାରଣ ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଥାନା ଓ କଲେଜ କର୍ମଚାରୀ ମାନେ ପରିଚାଳନା କରିଥିଲେ। ଅନୁରୂପ ଭାବେ ମଞ୍ଜୁରୀ ରୋଡ ନିକଟସ୍ଥ ନାଆମୀ ମହାବିଦ୍ୟାଳୟ ଠାରେ ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏଥିରେ ମଧ୍ୟ ଥାନା ଅଧିକାରୀ ଙ୍କ ସମେତ ମହାବିଦ୍ୟାଳୟ ଅଧ୍ୟାପକ/ଅଧ୍ୟାପିକା ମାନେ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଶତାୟୁ ବୃଦ୍ଧାଙ୍କ ପରଲୋକ

**ବାରିକପୁର, ୩୦।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୋରିଗାଁ ଗୋପାଳସାହି ଠାରେ ଶତାୟୁ ବୃଦ୍ଧା ଲତା ପଲେଇଙ୍କ ପରଲୋକ ହୋଇଛି। ସେ ଦୀର୍ଘ ଦିନ ଧରି ବୟସାଧିକ୍ୟ କାରଣରୁ ଅସୁସ୍ଥ ଥିବା ବେଳେ ଆଜି ଭୋରୁ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ଯୁବ ନେତା ଦେବୀପ୍ରସନ୍ନ ମହାପାତ୍ର, ରାଜେଶ କୁମାର ବାରିକ, ରଞ୍ଜନ କୁମାର ସାମଲ ପ୍ରମୁଖ ଗୋପାଳ ସାହି ଠାରେ ପହଞ୍ଚି ପାର୍ଥିବ ଶରୀର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ପ୍ରଦୀପ ପଲ୍ଲେଇ ମୁଖାଗ୍ନି ଦେଇଥିଲେ।

# ଇନ୍‌ଟାକ୍ ଭଦ୍ରକ ଶାଖାର ସାଧାରଣ ଅଧିବେଶନ




**ଭଦ୍ରକ, ୩୦।୧୦(ସମିସ):** ଭଦ୍ରକ ଇନ୍‌ଟାକ୍ ଶାଖାର ଜରୁରୀ ସାଧାରଣ ଅଧିବେଶନ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ କନ୍‌ଭେନ୍‌ର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସହକନ୍‌ଭେନର ଏସ୍.ଏମ୍.ଫାରୁକ, ଯୁଗ୍ମ ସହ କନ୍‌ଭେନର ପ୍ରଭାକର ମଲ୍ଲିକ ମଞ୍ଚାସୀନ ଥିଲେ। ଇନ୍‌ଟାକ୍ ଭଦ୍ରକ ଶାଖାର କନ୍‌ଭେନର, ଯୁଗ୍ମ ସହ କନ୍‌ଭେନ୍‌ର ପଦବୀରୁ ଅବ୍ୟାହତି ପାଇଁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ, ଶାଖାର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ କନ୍‌ଭେନର, ସହ କନ୍‌ଭେନର, ଯୁଗ୍ମ ସହ କନ୍‌ଭେନର ଓ କୋଷାଧ୍ୟକ୍ଷଙ୍କ ପରିଚାଳନାରେ ଶାଖାର ବିଶେଷ ଦକ୍ଷତାଥିବା ସଦସ୍ୟଙ୍କ ସହଯୋଗରେ ଜିଲ୍ଲାରେ ବହୁବିଧ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟମାନ ସମ୍ପାଦିତ ହୋଇଥିବାରୁ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚନରେ ସଦସ୍ୟ ସଦସ୍ୟା ଅଂଶ ଗ୍ରହଣରୁ ବିରତ ରହିଥିଲେ। ସାଧାରଣ ଅଧିବେଶନରେ ଉପସ୍ଥିତ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ପ୍ରାଞ୍ଜଳ ଭାବରେ ଆଲୋଚନା କରାଯାଇ ପୁନଶ୍ଚ କନ୍‌ଭେନର ଭାବେ ଦିଗମ୍ବର ମହାନ୍ତି, ସହ କନ୍‌ଭେନ୍‌ର ଭାବେ ଏସ୍.ଏମ୍.ଫାରୁକ, ଯୁଗ୍ମ ସହ କନ୍‌ଭେନର ଭାବେ ପ୍ରଭାକର ମଲ୍ଲିକ, କୋଷାଧ୍ୟକ୍ଷ ଭାବେ ଚିତରଞ୍ଜନ ବରାଳ ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସର୍ବସମ୍ମତିକ୍ରମେ କର୍ମକର୍ତ୍ତାମାନେ ଅଦ୍ୟ ଦିବସ ଠାରୁ ସେମାନଙ୍କର ଦାୟିତ୍ୱ ହସ୍ତାନ୍ତର ନକରି କାର୍ଯ୍ୟ ସମ୍ପାଦନ ପାଇଁ ସାଧାରଣ ଅଧିବେଶନରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା। ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଇନ୍‌ଟାକ୍ ଓଡ଼ିଶା ରାଜ୍ୟ ଶାଖାର କନ୍‌ଭେନର, ଇନ୍‌ଟାକ୍ ଦିଲ୍ଲୀର ଚେୟାରମ୍ୟାନ୍‌ଙ୍କୁ ଗୃହୀତ ପ୍ରସ୍ତାବର ନକଲ ପ୍ରେରଣ କରାଯିବା ପାଇଁ ନିଷ୍ପତ୍ତି ହେଲା। ଇନ୍‌ଟାକ୍ ଦିଲ୍ଲୀ ଅଫିସ୍‌ର ଚେୟାରମ୍ୟାନ୍ ଓ ଓଡ଼ିଶା ରାଜ୍ୟ ଶାଖାର କନ୍‌ଭେନର ପରବର୍ତ୍ତୀ କୌଣସି ପଦକ୍ଷେପ ନନେଇ କନ୍‌ଭେନର ଦିଗମ୍ବର ମହାନ୍ତି ପ୍ରେରଣ କରିଥିବା ଇସ୍ତଫାପତ୍ରକୁ ନାମଞ୍ଜୁର କରିବା ପାଇଁ ଅନୁରୋଧ କରାଗଲା। ଇନ୍‌ଟାକ୍ ଶାଖାର ନବନିର୍ବାଚିତ କର୍ମକର୍ତ୍ତାମାନେ ଭଦ୍ରକ ଜିଲ୍ଲା ଓ ପଡ଼ୋଶୀ ଜିଲ୍ଲାର ଐତିହ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ ଓ ପରିବେଶ ସମ୍ପର୍କୀୟ କାର୍ଯ୍ୟ ସମ୍ପାଦନର ପ୍ରମୁଖ ଭୂମିକା ଗ୍ରହଣ କରିବାର ଆଶା ପୋଷଣ କରାଗଲା। ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଅଜିତ୍ କୁମାର ଦାସ, ଅଜିତ୍ ନାୟକ, ଅନାଦି ଚରଣ ଦାସ, କରୁଣାକର ଉପାଧ୍ୟାୟ, ମଦନମୋହନ ନାୟକ, ଡ଼ଃ ଗୋଲକ ବିହାରୀ ସାହୁ, ଡ଼ଃ. ଭାଗବତ ତ୍ରିପାଠୀ, ଡ଼ଃ ରାଧାରାଣୀ ମହାପାତ୍ର, ହରମୋହନ କୁଅଁର, କୈଳାଶ ଚନ୍ଦ୍ର ପଣ୍ଡା, ପ୍ର. କମଳାକାନ୍ତ ସ୍ୱାଇଁ, ରତିକାନ୍ତ ମହାନ୍ତି, ସୁବାସ ଚନ୍ଦ୍ର ଦାଶ, ରମାକାନ୍ତ ନାୟକ, ଶାନ୍ତନୁ ରାଉତ, ସୁଧାକର ରାଉତ, ଆଦିତ୍ୟ କୁମାର ଗୋସ୍ୱାମୀ, ଆଦିତ୍ୟ ନାୟକ, ମୁକ୍ତିକାନ୍ତ ମହାପାତ୍ର, ମନୱାର ହୋସେନ୍ ଖାଁ, ସେକ୍ ନାସିର ବକ୍ସ, ଏସ୍.ଏମ୍.ଫାରୁକ, ପ୍ରଭାକର ମଲ୍ଲିକ, ଚନ୍ଦ୍ରମୋହନ ମହାନ୍ତି, ବାଦଲ କିଶୋର ମହାପାତ୍ର। ଶାଖାର ଦିବଂଗତ ସଦସ୍ୟ ରଘୁନାଥ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ଉଦୟନାଥ ମହାନ୍ତି ଉପସ୍ଥିତ ଥିଲେ। ମୁକ୍ତିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ସମାବେଶରେ ଭଦ୍ରକ ଜିଲ୍ଲାର ୫ କିଶୋରୀଙ୍କ କୃତିତ୍ୱ




**ଭଦ୍ରକ, ୩୦।୧୦(ସମିସ):** ଗତ ୨୮ ଓ ୨୯ ତାରିଖ ଦୁଇ ଦିନିଆ ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ ଭୁବେନଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ରାଜ୍ୟର ୩୦ ଜିଲ୍ଲାର ୫ ଜଣ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭଦ୍ରକ ଜିଲ୍ଲାର ୫କିଶୋରୀ କୃତିତ୍ୱ ହାସଲ କରିଛନ୍ତି। ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ସୁସ୍ମିତା ବେହେରା ଓ ଅର୍ଚ୍ଚିତା ଅଗସ୍ତି, ତିହିଡି ବ୍ଲକର ଦେବାଂଶୀ ମିଶ୍ର ଓ କ୍ରିଷ୍ଣାରାଣୀ ମଲ୍ଲିକ ଓ ଧାମନଗର ବ୍ଲକର ଅଙ୍କିତା ସେଠୀ ପିଓଆଇ (ସବଡିଭିଜନ)ଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଓ ଡିଜିଟାଲ ଷ୍ଟୋରୀ ଟେଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଧାମନଗର ବ୍ଲକର ଅଙ୍କିତା ସେଠୀ ସଙ୍ଗୀତ (ବରିଷ୍ଠ)ରେ ଦ୍ୱିତୀୟ ଓ ଚାନ୍ଦବାଲି ବ୍ଲକର ସୁସ୍ମିତା ବେହେରା ନୃତ୍ୟ (ଜନିଅର)ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ଓ ଶିଶୁ ବିକାଶ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଠାରୁ ପ୍ରମାଣ ପତ୍ର ସହ ନଗଦ ଟ ୧୫୦୦ ଓ ୧୦୦୦ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ରାଜ୍ୟସ୍ତରରେ ୫ କିଶୋରୀଙ୍କ ଏହି ସଫଳତା ଲାଗି ଭଦ୍ରକ ଜିଲ୍ଲାର ଜିଲ୍ଲପାଳ ଦିଲୀପ ରାଉତରାଏ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଓ ଭଦ୍ରକ ଜିଲ୍ଲାର ସମସ୍ତ ଆଇସିଡିଏସ୍ କର୍ମକର୍ତା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଶ୍ୱ ମିତବ୍ୟୟିତା ଦିବସ ଓ ସାଇବର ଠକେଇ ସଚେତନତା







**ଭଦ୍ରକ, ୩୦।୧୦(ସମିସ):** ଆଜି ଭଦ୍ରକ ଜିଲ୍ଲା ଆର୍ôଥକ ସେବା ଓ ସଞ୍ଚୟ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସଦ୍‌ଭାବନା ଗୃହଠାରେ ଜିଲ୍ଲା ବିଶ୍ୱ ମିତବ୍ୟୟିତା ଦିବସ ଏବଂ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଯୋଗ ଦେଇ ସଞ୍ଚୟ, ଆର୍ôଥକ ସାକ୍ଷରତା କାର୍ଯ୍ୟକ୍ରମ ଓ ସୁକନ୍ୟା ସମୃଦ୍ଧି ଖାତା ଖୋଲିବା, ସମସ୍ତ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଅନଲାଇନ ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେହି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଭାବରେ ଭଦ୍ରକ ଡାକ ବିଭାଗ ଅଧିକ୍ଷକ ବିଜୟ କୁମାର ମହାନ୍ତି, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ଅଧିକାରୀ, କହିଥିଲେ ଯେ ଡାକବିଭାଗ ଖାଲି ଚିଠି ଦେବା ନେବାର କେବଳ ମାଧ୍ୟମ ନ ହୋଇ ଏକ ଉତ୍ତମ ସଞ୍ଚୟର ବାଟ ହୋଇପାରିଛି। ଯେଉଁଠି ବ୍ୟାଙ୍କ୍ ନାହିଁ ସେଠାରେ ସଞ୍ଚୟର ଏକ ନୂତନ ବାଟ ଡାକ ବିଭାଗ ଦେଖାଇଛି। ଅତିକମରେ ୧୦୦ ଟଙ୍କାରେ ଡାକ ବିଭାଗରେ ଖାତା ଖୋଲାହୋଇପାରୁଛି। ସାଇବର ସେଲ ଅଧିକାରୀ ବନ୍ଦନା ଦେବୀ ବିଭିନ୍ନ ସାଇବର ଅପରାଧ ବିଷୟରେ କହିଲେ ଯେ, ନିଜର ସାମାନ୍ୟ ଅସାବଧାନତା କାରଣରୁ ଅନଲାଇନ ବ୍ୟବହାର କରି ନିଜର ସର୍ବସ୍ୱ ହରାଇଥାନ୍ତି।

# 'ଆମ ବସ୍' ଷ୍ଟପ୍ ପାଲଟିଛି ଗୋରୁଗାଈଙ୍କ ଆଶ୍ରୟସ୍ଥଳ

**ବାରିକପୁର, ୩୦।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଆମ ବସ୍ ଚଳପ୍ରଚଳ ପାଇଁ ନିର୍ମିତ ହୋଇଥିବା କିଛି ବସ୍‌ଷ୍ଟପ ଏବେ କାମରେ ଆସୁନାହିଁ। ସୂଚନା ମୁତାବକ ୨୩ଟି ବସ୍‌ଷ୍ଟପ ପାଇଁ ପ୍ରସ୍ତାବ ଥାଇ ମଧ୍ୟ ସେଥିରୁ ୧୪ଟି ନିର୍ମିତ ହୋଇଛି ଏବଂ ୫ଟି ସ୍ଥାନରେ କାମ ହୋଇପାରିନାହିଁ। ଏହାଛଡା ରହଣିଆ, ଷୋଳମପୁର, ମାଳଦା, କେସିଙ୍ଗା ପ୍ରମୁଖ ସ୍ଥାନରେ ବସ୍‌ଷ୍ଟପ ନିର୍ମାଣ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ।

ଏହାସତ୍ତ୍ୱେ ଯେଉଁ ସବୁ ସ୍ଥାନରେ ବସ ରହଣି ପାଇଁ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ହୋଇଥିଲା ସେଗୁଡିକ ଏବେ ସ୍ଥାଣୁ ପାଲଟିଛି। ଭଣ୍ଡାରିପୋଖରୀ ସଦର ମହକୁମା ଠାରେ ନିର୍ମିତ ତିନି ଚାରୋଟି ବସଷ୍ଟପକୁ ଛାଡ଼ିଦେଲେ ବାକି ସ୍ଥାନରେ ଥିବା ଯାତ୍ରୀ ଅପେକ୍ଷା ଗୃହ ଏବେ ବୁଲା ଗାଈଗୋରୁ, କୁକୁର, ଛେଳି ମେଣ୍ଢାଙ୍କ ବାସସ୍ଥଳୀ ପାଲଟିଛି। କେତେକ ସ୍ଥାନରେ ମଧ୍ୟ ଗୁଳ୍ମ ଲତା ମାଡ଼ିଗଲାଣି। ଗୋଟିଏ ବସ୍‌ଷ୍ଟପ ନିର୍ମାଣ ପାଇଁ ପାଖାପାଖି ୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବେଳେ ତାହା ଲୋକଙ୍କ କାମରେ ନ ଲାଗିବା ପରିତାପର ବିଷୟ ପାଲଟିଛି।

## ଧାମନଗର ବ୍ଲକ୍‌ରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା

# ଶେଷକୃତ୍ୟ ପାଇଁ ଗରିବଙ୍କୁ ମିଳୁନି ଟଙ୍କା

**ଦୋବଲ, ୩୦।୧୦(ସମିସ)**

ଧାମନଗର ବ୍ଲକ ଅଞ୍ଚଳରେ ହରିଶ୍ଚନ୍ଦ୍ର ସହାୟତା ଯୋଜନା ବାଟବଣା ହୋଇଛି। ଗତ କିଛି ମାସ ହେଲା ହିତାଧିକାରୀଙ୍କୁ ଟଙ୍କା ଦିଆଯାଉନଥିବା ଦେଖିବାକୁ ମିଳିଛି। ନିକଟରେ ଆନନ୍ଦପୁର ପଞ୍ଚାୟତରେ ଦିନକରେ ୪ ଜଣ ଗରିବ ଶ୍ରେଣୀର ବ୍ୟକ୍ତି ପ୍ରାଣ ହରାଇଥିଲେ। ଆନନ୍ଦପୁର ଜେନା ସାହିର ରବୀନ୍ଦ୍ର ଜେନା କର୍କଟ ରୋଗ ଯୋଗୁଁ ପ୍ରାଣ ହରାଇଲେ। ବିମ୍ବାଧର ମହାନ୍ତି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଓ ଭୀମସେନ ସାହୁଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା। ତିନି ପରିବାର ଗରିବ ଶ୍ରେଣୀର। ହେଲେ ସପ୍ତାହେ ପରେ ବି ସେମାନଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ମିଳିନାହିଁ। ଏ ସମ୍ପର୍କରେ ଆନନ୍ଦପୁର ସରପଞ୍ଚ ମିନା ମାଝିଙ୍କୁ ପଚାରିବାରୁ ସରକାର ଟଙ୍କା ଦେଉନାହାନ୍ତି ବୋଲି କହିଥିଲେ। ରାଧାବଲ୍ଲଭପୁର, ଗୋବିନ୍ଦପୁର, କରଦା, ପଧାନି, ଦୋବଲ, ନଦୀଗାଁ ଓ ଅର୍ଜୁନପୁର ପଞ୍ଚାୟତରେ କେହି ଜଣେ ହେଲେ ମୃତକଙ୍କ ନିକ ସମ୍ପର୍କୀୟଙ୍କୁ ଚଳିତବର୍ଷ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ôଥକ ସହାୟତା ମିଳିନାହିଁ। ସେହିଭଳି ଗଡିଆଳି, କଲ୍ୟାଣୀ ପଞ୍ଚାୟତରୁ ଦୁଇ ଜଣ ଲେଖାଏ ହରିଶ୍ଚନ୍ଦ୍ର ସହାୟତା ପାଇଛନ୍ତି। ଗତ ୩ ବର୍ଷ ହେଲା ଧାମନଗର ବ୍ଲକରେ ହରିଶ୍ଚନ୍ଦ୍ର ଯୋଜନା ଠିକ୍ ଠାକ୍ ଥିଲା। ୨୦୨୨ ରେ ୧୧୩୭ ଜଣଙ୍କୁ ୨୨ ଲକ୍ଷ ୭୪ ହଜାର ଟଙ୍କା, ୨୦୨୩ରେ ୯୦୦ ଜଣଙ୍କୁ ୨୪ ଲକ୍ଷ ୫୯ ହଜାର, ୨୦୨୪ରେ ୧୨୧୪ ଜଣଙ୍କୁ ୩୬ ଲକ୍ଷ ୪୨ ହଜାର ଓ ୨୦୨୫ରେ ଅଗଷ୍ଟ ପହିଲା ସୁଦ୍ଧା ୩୨୦ ଜଣଙ୍କୁ ସହାୟତା ଦିଆଯାଇଛି। ପୂର୍ବ ୩ ବର୍ଷର ତଥ୍ୟ ଅନୁସାରେ ଚଳିତ ବର୍ଷ ଖୁବ୍ କମ୍ ଲୋକଙ୍କୁ ହରିଶ୍ଚନ୍ଦ୍ର ସହାୟତା ଦିଆଯାଇଛି। ସରପଞ୍ଚ, ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କହିବା ଅନୁସାରେ, ହରିଶ୍ଚନ୍ଦ୍ର ସହାୟତା ଟଙ୍କା ଆସୁନଥିବାରୁ ଲୋକଙ୍କୁ ଦିଆଯାଇ ପାରୁନାହିଁ। ହେଲେ ସରକାରଙ୍କ ନିୟମାବଳୀ ଭିନ୍ନ କଥା କହୁଛି। ଗରିବ ଶ୍ରେଣୀର ପରିବାରରେ କେହି ଜଣେ ଆତ୍ମୀୟଙ୍କର ପରଲୋକ ଘଟିଲେ, ତାଙ୍କର ଶେଷକୃତ୍ୟ ପାଇଁ କିଛି ଗୋଟେ ସହାୟତା ଦେବାକୁ ୨୦୧୩ରେ ରାଜ୍ୟ ସରକାର ହରିଶ୍ଚନ୍ଦ୍ର ସହାୟତା ଯୋଜନା କାର୍ଯ୍ୟକାରୀ କରିଥିଲେ। ଏଥିରେ କାହାର ମୃତ୍ୟୁ ହେଲେ ତାଙ୍କ ନିକଟତମ ସମ୍ପର୍କୀୟଙ୍କୁ ୨୦୦୦ ଟଙ୍କା ଦିଆଯାଉଥିଲା। ଏହି ଟଙ୍କା ଦେବା ଲାଗି ପ୍ରତି ପଞ୍ଚାୟତକୁ ରିଭଲଭିଂ ଫଣ୍ଡ ନାଁରେ ୧୫୦୦୦ ଟଙ୍କା ମଧ୍ୟ ରଖିବାକୁ ନିର୍ଦ୍ଦେଶ ଥିଲା। ଏଣୁ କାହାର ମୃତ୍ୟୁ ହେଲେ ସରପଞ୍ଚ ତତକ୍ଷଣାତ ୨୦୦୦ ଦେଇଥାନ୍ତି। ପରେ ପଞ୍ଚାୟତ ପାଣ୍ଠିରୁ ଉଠାଇଥାନ୍ତି। ପରେ ୨୦୨୩ ମାର୍ଚ୍ଚରେ ଏହି ସହାୟତା ରାଶି ୨୦୦୦ରୁ ବୃଦ୍ଧି କରି ୩୦୦୦ ଟଙ୍କା କରାଯାଇଥିଲା। ୨୦୨୩ ଓ ୨୦୨୪ରେ ସରପଞ୍ଚମାନେ ଠିକ୍ ସମୟରେ ଦେଇ ଦେଉଥିଲେ। ଚଳିତ ବର୍ଷ ଏ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଦେଖାଯାଇଛି। ଏନେଇ ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କୁ ପଚାରିବାରୁ, ଏନେଇ କୌଣସି ଅଭିଯୋଗ ମିଳିନାହିଁ। ହରିଶ୍ଚନ୍ଦ୍ର ସହାୟତା ଯୋଜନା ଲାଗି ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ପାଣ୍ଠି ରହିଛି। ତା ଛଡ଼ା କୌଣସି ହିତାଧିକାରୀଙ୍କୁ ଟଙ୍କା ଦେବାର ୧୫ ଦିନ ମଧ୍ୟରେ ଆବେଦନ କଲେ, ପଞ୍ଚାୟତକୁ ସେ ଟଙ୍କା ମଧ୍ୟ ଦିଆଯାଇଥାଏ। ଯଦି ସରପଞ୍ଚ କିମ୍ବା ନିର୍ବାହୀ ଅଧିକାରୀ ଭୁଲ୍ କରୁଛନ୍ତି, ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ ମୋ ଢେଙ୍କାନାଳ ମହୋତ୍ସବ



**ଢେଙ୍କାନାଳ, ୩୦ ।୧୦(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନ ଏବଂ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ୭ମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ମୋ ପ୍ରତିଭା ମୋ ପରିଚୟ ସାଂସ୍କୃତିକ ଓ ଶିକ୍ଷା ଭିତ୍ତିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଗଁଦିଆ ବ୍ଲକର ବିଭିନ୍ନ ସ୍କୁଲର ୨୯୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ରୂପେ ବିଜୟ କୁମାର ମିଶ୍ର, ପ୍ରଜ୍ଞା ବଳ, ମମତା ମହନ୍ତ ଯୋଗଦେଇ ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ମୁଖ୍ୟବକ୍ତା ଭାବେ ବିଡିଓ ପବିତ୍ର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅକ୍ଷୟ କୁମାର ମହାନ୍ତି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା, ଗଁଦିଆ ପ୍ରେସକ୍ଲବ ଉପସଭାପତି ବାଦଲ କୁମାର ମହାନ୍ତି, ଗଁଦିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଓଝା, ପୂର୍ବତନ ପ୍ରଧାନଶିକ୍ଷକ ମୁରଲୀଧର ସାହୁ ଏବଂ ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ସତେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ବିଦ୍ୟାଧର ପରିଡ଼ା, ସମାଜସେବୀ ଜିତେନ୍ଦ୍ର କୁମାର ରାଉତ, ମହୋତ୍ସବ କମିଟି ଉପଦେଷ୍ଟା ଶୁଭଦର୍ଶିନୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଗୁରୁଦେବଜୀ ଫାଉଣ୍ଡେସନ ଅଧ୍ୟକ୍ଷ ତଥା ମୋ ଢେଙ୍କାନାଳର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବ୍ଲକ କମିଟିର ସମ୍ବିତ ସାମଲ, ଗୁରୁଦେବଜୀ ଫାଉଣ୍ଡେସନର ସନ୍ତୋଷ କୁମାର କର, ଲିଟୁ ଦେହୁରୀ, ନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସାମ୍ବାଦିକ ସୌମ୍ୟରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଦସ୍ୟ ସାମ୍ବାଦିକ ଅକ୍ଷୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା କମିଟି ବୈଠକ

# ଏ ବର୍ଷ ୩୨୦ ଦୁର୍ଘଟଣାରେ ୧୪୦ ମୃତ

ଢେଙ୍କାନାଳ, ୩୦ ।୧୦(ସମିସ)



● ଗତ ୩ ବର୍ଷରେ ଦୁର୍ଘଟଣା ନେଲାଣି ୫୨୩ ମୁଣ୍ଡ
● କୋରିହାଁ ବାଇପାସ, ଭାପୁର ଛକ ବ୍ଲାକ ସ୍ପଟ ଚିହ୍ନଟ

ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। କଲେଜ ବାଇପାସଠାରୁ କୋରିଆଁ ବାଇପାସ ରାସ୍ତାର ଆଲୋକୀକରଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ଦୁର୍ଘଟଣା ଘଟୁଥିବା ସ୍ଥାନଗୁଡ଼ିକରେ ତୁରନ୍ତ ସାଇନେଜ ଲଗାଇବାକୁ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ବର୍ଷ ଏଯାବତ ଜିଲ୍ଲାରେ ମୋଟ ୩୨୦ ଦୁର୍ଘଟଣା ଘଟି ୧୪୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫୦ ଜଣ ଆହତ ହୋଇଛନ୍ତି। ସେହିପରି ୨୦୨୪ରେ ୪୨୨ ଦୁର୍ଘଟଣାରେ ୧୯୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୪୧ ଜଣ ଆହତ ହୋଇଛନ୍ତି। ୨୦୨୩ରେ ୪୦୫ ଦୁର୍ଘଟଣା ଘଟି ୧୮୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦୩ ଜଣ ଆହତ ହୋଇଛନ୍ତି। ସେହିପରି ୫୫ନଂ ଜାତୀୟ ରାଜପଥର କୋରିହାଁ ବାଇପାସ, ଭାପୁର ଛକ ଦୁର୍ଘଟଣାପ୍ରବଣ ସ୍ଥାନ ଭାବେ ଚିହ୍ନଟ କରାଯାଇଛି।

ସହରରେ ଥିବା ଛକଗୁଡ଼ିକରେ ଲାଗିଥିବା ଟ୍ରାଫିକ ଲାଇଟ ପୋଷ୍ଟଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ କରାଯିବା ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଦିନରେ ଭାରୀଯାନ ଚଳାଚଳ କଟକଣା ସଠିକ ଭାବେ ଅନୁପାଳନ କରିବାକୁ କହିଥିଲେ। ରାସ୍ତାରୁ ସମସ୍ତ ଗୋରୁଙ୍କୁ ହଟାଇବା ବ୍ୟବସ୍ଥା କରିବା ସହିତ ଡିଭାଇଡରକୁ ବେଆଇନ ଭାବେ କଟିଂ କରିଥିବା ହୋଟେଲ, ପେଟ୍ରୋଲ ପମ୍ପ ଆଦି ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଜାତୀୟ ରାଜପଥରେ ଏନ୍‌ଏଚ୍‌ଏଆଇ ଦ୍ୱାରା ଆମ୍ବୁଲାନ୍ସ ଓ କ୍ରେନ୍ ମୁତୟନ ବ୍ୟବସ୍ଥା ନିଶ୍ଚିତ କରିବାକୁ କମିଟି ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ସହରରେ ଗାଡ଼ି ପାର୍କିଂକୁ ବ୍ୟବସ୍ଥିତ କରିବା ସହ ଦ୍ରୁତ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କମିଟି ସଦସ୍ୟ ଦାବି କରିଥିଲେ। କଲେଜ ବାଇପାସରେ ଡ୍ରେନେଜ ବ୍ୟବସ୍ଥା କରି ଜମୁଥିବା ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ କହିଥିଲେ। ସଡ଼କ ସୁରକ୍ଷା ସମ୍ପର୍କରେ କରାଯାଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ। ବୈଠକରେ, ରାସ୍ତା ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଘର ଭାଙ୍ଗିଲା ହାତୀ

**ଗଁଦିଆ, ୩୦ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସୋରିଶିଆପଦା ପଞ୍ଚାୟତ ବଣିଆ ଗ୍ରାମର ଲକ୍ଷ୍ମୀ ବାଳମୁଚ ବୁଧବାର ରାତିରେ ଘରେ ଶୋଇଥିବା



ବେଳେ ଏକ ଦନ୍ତାହାତୀ ତାଙ୍କ ଘର କାନ୍ଥ ଭାଙ୍ଗିବା ସହ ଘରେ ଥିବା ଚାଉଳ ବସ୍ତାକୁ ପାଖ ଜଙ୍ଗଲକୁ ବୋହି ନେଇଥିଲା। ଅନ୍ୟାନ୍ୟ ଆସବାବପତ୍ର ନଷ୍ଟ ମଧ୍ୟ କରିଛି। ହାତୀ ଘର ଭାଙ୍ଗୁଥିବା ବେଳେ ଲକ୍ଷ୍ମୀ ଜୀବନ ବିକଳରେ ପଦାକୁ ପଳାଇ ଆସିଥିଲେ। ମୂଲ ମଜୁରି କରି ଗୁଜୁରାଣ ମେଣ୍ଟାଉଥିବା ଲକ୍ଷ୍ମୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

● ନାବାଳିକା ଅପହରଣ ମାମଲା

# ଦୋଷୀକୁ ୧ ବର୍ଷ କାରାଦଣ୍ଡ

**ଢେଙ୍କାନାଳ, ୩୦ ।୧୦(ସମିସ):** ସଦର ଥାନା ଭୂଇଁପୁର ଗ୍ରାମରେ ୨୦୨୨ରେ ନାବାଳିକା ଅପହରଣ ମାମଲାର ବିଚାର କରି ଢେଙ୍କାନାଳ ଆଡହକ ଏଡିଜେ କମ୍ ଫାଷ୍ଟଟ୍ରାକ କୋର୍ଟ ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ଅଭିଯୁକ୍ତକୁ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଏକ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଦୁଇମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ କୁନା ଓରଫ ନିର୍ମଳ ବେହେରା। ଭୂଇଁପୁର ଗ୍ରାମର ଜଣେ ନାବାଳିକା ୨୦୨୨ ଅକ୍ଟୋବର ୨୦ ସକାଳ ୫ଟାରେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ପରଦିନ ଥାନାରେ ଅଭିଯୋଗ କରିଥିଲେ। ପରେ ନାବାଳିକାଙ୍କୁ ମହାରାଷ୍ଟ୍ର ନଭି ମୁମ୍ବାଇରୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତ କୁନାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ମୋଟ ୨୧ଜଣ ସାକ୍ଷୀଙ୍କ ବୟାନ ଓ ୧୭ଟି ଦସ୍ତାବିଜ ଓ ସମସ୍ତ ପ୍ରମାଣ ଆଧାରରେ କୋର୍ଟ କୁନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡିତ କରିଛନ୍ତି। ଡେପୁଟି ଡାଇରେକ୍ଟର ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ଜାହିର ମହମ୍ମଦ ଏହି ମାମଲା ପରିଚାଳନା କରୁଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

**ହିନ୍ଦୋଳ, ୩୦ ।୧୦(ସମିସ):** ହିନ୍ଦୋଳ ଉପଖଣ୍ଡ ଦଣ୍ଡିରୀ ପଞ୍ଚାୟତ କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ଦେହୁରୀ (୫୬)ଙ୍କର ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ଦୁଇମାସ ପୂର୍ବରୁ ସେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କିଛିଦିନ ଚିକିତ୍ସା ପରେ ଘରକୁ ଫେରିଥିଲେ। ହଠାତ ବୁଧବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କ ବିୟୋଗ ଘଟିଛି। ଏହି ଖବର ପ୍ରଚାର ହେବା ପରେ ବହୁ ଶୁଭେଚ୍ଛୁ, ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ରାସୋଲସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ସରପଞ୍ଚ ଦିବାକର ନାଏକ, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଦଣ୍ଡିରି ସରପଞ୍ଚ, ଶିକ୍ଷକ ସଂଘ କର୍ମକର୍ତ୍ତା ପ୍ରମୁଖ ଶେଷଦର୍ଶନ କରିଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ୍ ପରିଚିତ ଥିଲେ। ଅଞ୍ଚଳର ୩ ହଜାରୁ ଊର୍ଦ୍ଧ୍ୱ ଲୋକ ଓ ଛାତ୍ରଛାତ୍ରୀ ତାଙ୍କ ଅନ୍ତିମଯାତ୍ରାରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମର ଶରୀରକୁ ଜନ୍ମସ୍ଥାନ କାଠକୁମ୍ଭା ଗ୍ରାମକୁ ନିଆଯାଇଥିଲା। ସେଠାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଶାଶ୍ୱତ ଦେହୁରୀ ମୁଖାଗ୍ନି ଦେଇଥିଲେ।

# ପୁରୁଣା ଚିକିତ୍ସାଳୟ ପାଚେରି ଭଙ୍ଗା ଘଟଣାର ତଦନ୍ତ ଦାବି

**ଢେଙ୍କାନାଳ, ୩୦ ।୧୦(ସମିସ):** ଢେଙ୍କାନାଳ ପୁରୁଣା ମୁଖ୍ୟ ଚିକିତ୍ସାଳୟ ପାଚେରି ସହ ଏକ ଘରଭଙ୍ଗାକୁ ନେଇ ଆମ ଆଦମୀ ପାର୍ଟି ପକ୍ଷରୁ ଏହାର ତଦନ୍ତ ଦାବି କରାଯାଇଛି। ପାର୍ଟିର ନଗର ଶାଖା ସଭାପତି ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ପୁରୁଣା ହସ୍ପିଟାଲର



ସୁରକ୍ଷା ଓ ସହରବାସୀଙ୍କ ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି।

୪ ଦିନ ତଳେ ପୁରୁଣା ହସ୍ପିଟାଲର ପାଚେରି ସହ ସେଠାରେ ଥିବା କିଛି ଘର ମଧ୍ୟ ଭଙ୍ଗାଯାଇଛି। ସେହି ଘରେ ଚିକିତ୍ସାଳୟର କିଛି ଯନ୍ତ୍ରପାତି ଥିବାବେଳେ କିଛି ଆସବାବପତ୍ର ମଧ୍ୟ ରହିଥିଲା। ଏହି ପାଚେରିକୁ କାହା ନିର୍ଦ୍ଦେଶରେ ଭଙ୍ଗାଗଲା ତାହାର ତଦନ୍ତ କରାଯାଇ ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଦାବି କରାଯାଇଛି। ସିଟି ହସ୍ପିଟାଲ କରିବା ପାଇଁ ପୂର୍ବରୁ ସ୍ଥାନୀୟ ବିଧାୟକ ତଥା ଯୋଗାଣ ମନ୍ତ୍ରୀ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ମାତ୍ର ଜଣେ ଡାକ୍ତର ଅଳ୍ପ ସମୟ ପାଇଁ ଯୋଗଦେଇ କାମ ଚଳାଉଛନ୍ତି। ଆଉ କେତେବେଳେ ଅବସରପ୍ରାପ୍ତ ଡାକ୍ତରଙ୍କୁ କାମ ତୁଲାଇବା ପାଇଁ ବସାଯାଉଛି। ସିକୁରିଟି ଗାର୍ଡ ରେଜିଷ୍ଟ୍ରେସନ କରୁଛନ୍ତି। ସିଟି ହସ୍ପିଟାଲରେ ଆବଶ୍ୟକ ମୁତାବକ ଡାକ୍ତର ଓ କର୍ମଚାରୀ ଯୋଗାଇ ଦେଇ ବିଧିବଦ୍ଧ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି କରାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆମ ଆଦମୀ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ନଗର ସମ୍ପାଦକ ଜିତେନ୍ଦ୍ରୀୟ ପଣ୍ଡା, ଉପସଭାପତି ବିଜୟ କୁମାର ଦାସ, ସଦସ୍ୟ ଚିତ୍ତରଞ୍ଜନ ପାଣି, ପୀତାମ୍ବର ସାମନ୍ତରାୟ ଓ ଜୟଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ଖଜୁରିଆକଟା, ୩୦ ।୧୦(ସମିସ):** ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ମହାବିଦ୍ୟାଳୟ ସଭାଗୃହରେ ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଭିଜିଲାନ୍ସ ଡିଏସପି ଅନୁସୂୟା ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ଦେଶ ପାଇଁ ଏକ ମହାମାରୀ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଏନସିସି ଅଧିକାରୀ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଓ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ଦୁର୍ନୀତି ବିରୋଧରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ



ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ସାଇବର ସୁରକ୍ଷା ମାସ ପାଳନ ଉପଲକ୍ଷେ ବିତର୍କ ପ୍ରତିଯୋଗିତା

**ଢେଙ୍କାନାଳ, ୩୦ ।୧୦(ସମିସ):** ଢେଙ୍କାନାଳ ପୁଲିସ ପକ୍ଷରୁ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ସାଇବର ସୁରକ୍ଷା ମାସ ପାଳନ ଉପଲକ୍ଷେ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଛି। ସାମାଜିକ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ସଚେତନତା ସୃଷ୍ଟି ପାଇଁ 'ସାମାଜିକ ଗଣମାଧ୍ୟମ ଆଜିର ଯୁବପିଢ଼ି ପାଇଁ ବରଦାନ ନା ଅଭିଶାପ' ଶୀର୍ଷକ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମସ୍ତ ପାଠ୍ୟକ୍ରମର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଆଇଆଇଏମସି ଢେଙ୍କାନାଳ ଏବଂ ଢେଙ୍କାନାଳ ପୁଲିସ ମଧ୍ୟରେ ସହଯୋଗକୁ ଯୁବପିଢ଼ିଙ୍କ ମଧ୍ୟରେ ଗଣମାଧ୍ୟମ ସାକ୍ଷରତା ଏବଂ ସାଇବର ସୁରକ୍ଷା ଚେତନା ବୃଦ୍ଧି କରିବା ଦିଗରେ ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

# ଶିବିରରେ ୫୮ ୟୁନିଟ ରକ୍ତ ସଂଗ୍ରହ



**ଢେଙ୍କାନାଳ, ୩୦ ।୧୦(ସମିସ):** ଆଦର୍ଶ ସେବା ସଂଗଠନ ପକ୍ଷରୁ ବଳଦିଆବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏଥିରେ ଜିଲ୍ଲା ରକ୍ତଭଣ୍ଡାରର ଡା. ସ୍ୱରୂପ ରଞ୍ଜନ ସାହୁ, ନର୍ସିଂ ଅଫିସର ବିନୋଦିନୀ ଜାଗାନିଆ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା ଓ ଅଭିମନ୍ୟୁ ସାହୁଙ୍କ ସମେତ ବଳଦିଆବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସୁଶାନ୍ତ କୁମାର ପୃଷ୍ଟି ଓ ଫାର୍ମାସିଷ୍ଟ ରଶ୍ମିରଞ୍ଜନ ସେଠୀ ସହଯୋଗ କରିଥିଲେ।

# ମହିଳାମାନଙ୍କ ରାଇଦାମୋଦର ପୂଜା



**ଢେଙ୍କାନାଳ, ୩୦ ।୧୦(ସମିସ):** ସ୍ଥାନୀୟ କୁଞ୍ଜକାନ୍ତ ପୋଖରୀ ନିକଟରେ ଥିବା ବୃନ୍ଦାବତୀଙ୍କ ମୂଳରେ କାର୍ତ୍ତିକ ମାସରେ ମହିଳାମାନେ ରାଇଦାମୋଦର ପୂଜା କରିବା ସହ ଆକାଶ ଦୀପ ଉଠାଉଛନ୍ତି। ପ୍ରାୟ ୩୦ ମହିଳା ସବୁଦିନ ସକାଳୁ ଉଠି ଏହି ପୂଜା କରୁଛନ୍ତି। ସ୍ନିଗ୍ଧାରାଣୀ ନନ୍ଦ, ଜ୍ୟୋତିର୍ମୟୀ ପଣ୍ଡା, ଦମୟନ୍ତୀ ନାଥ, ସସ୍ମିତା ଦାଶ, ପ୍ରଣତି ପଟ୍ଟନାୟକ, ଜ୍ୟୋତିର୍ମୟୀ ତ୍ରିପାଠୀ, ମମତା ତ୍ରିପାଠୀ, ସୌଭାଗିନୀ ରାଉତ, ସସ୍ମିତା ପଟ୍ଟନାୟକ ଓ ସୁଲୋଚନା ନାଥ ପ୍ରମୁଖଙ୍କ ସମେତ ବହୁ ମହିଳା ଏଥିରେ ଯୋଗଦେଇ ପୂଜା କରୁଛନ୍ତି।

# ଶିକ୍ଷାବିତ ପ୍ରମୋଦିନୀ ମିଶ୍ରଙ୍କ ସ୍ମୃତିସଭା



**ଢେଙ୍କାନାଳ, ୩୦ ।୧୦(ସମିସ):** ସ୍ଥାନୀୟ ମା' କମଳା ମଣ୍ଡପ ସଭାଗୃହରେ ଶିକ୍ଷାବିତ ପ୍ରମୋଦିନୀ ମିଶ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଆଇନଜୀବୀ ଗଣେଶ୍ୱର ରଥଙ୍କ ପରିବାର ଓ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ର ଅବାହକତ୍ୱରେ ଜିଲ୍ଲା ଉପସଭାପତି ସୁରେଶ ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ସ୍ୱର୍ଗତ ମିଶ୍ର ଜଣେ ସଫଳ ଅଧ୍ୟାପିକା, ପ୍ରଧାନଶିକ୍ଷୟିତ୍ରୀ, ଧର୍ମପ୍ରାଣା, ପରୋପକାରୀ, ସୁଗୃହିଣୀ ଥିଲେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଓ ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ।

# ଶିକ୍ଷକ ନେତାଙ୍କ ସ୍ମୃତିଚାରଣ ସଭା

**ଢେଙ୍କାନାଳ, ୩୦ ।୧୦(ସମିସ):** ଶିକ୍ଷକ ନେତା ଜମ୍ବେଶ୍ୱର ପୃଷ୍ଟିଙ୍କ ଏକାଦଶାହରେ ସ୍ଥାନୀୟ ଶିକ୍ଷକ ଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଓଷ୍ଟା ଜିଲ୍ଲା



ସଭାପତି ଶ୍ରୀରାମ ରାଉତ ସଭା ପରିଚାଳନା କରିଥିଲେ। ରାଜ୍ୟ ଓଷ୍ଟାର ପ୍ରାକ୍ତନ ଶିକ୍ଷକ ନେତା ବିବେକାନନ୍ଦ ଦାସ, ପ୍ରାକ୍ତନ ଶିକ୍ଷା ପ୍ରଦୀପ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ସ୍ୱର୍ଗତଃ ପୃଷ୍ଟିଙ୍କ ନେତୃତ୍ୱର ସ୍ମୃତିଚାରଣ କରିଥିଲେ। ତାଙ୍କ ବାଲ୍ୟବନ୍ଧୁ ସଚ୍ଚିଦାନନ୍ଦ ମହାରଣା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବର୍ଷିଆନ ଶିକ୍ଷକ ନେତା ବିପ୍ରବର ସାହୁ, ପୂର୍ବତନ ଜିଲ୍ଲା ସମ୍ପାଦକ ଦୁର୍ଗାଚରଣ ମହାପାତ୍ର, ସରୋଜକାନ୍ତ ଦାସ, ପ୍ରମୋଦ କୁମାର ମିଶ୍ର, ଲୋକନାଥ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଧଳ, ପୀତାମ୍ବର ଦାଶ, ଦେବୀପ୍ରସାଦ ମିଶ୍ର, ପୂର୍ବତନ ଜିଲ୍ଲା ଓଷ୍ଟା ସମ୍ପାଦକ ବିଭୂତି ସାମଲଙ୍କ ସମେତ ଜିଲ୍ଲା ସମ୍ପାଦକ ଶଶିକାନ୍ତ ଦାସ, ସଦର ବ୍ଲକ ସଭାପତି ସତ୍ୟବ୍ରତ ପାତ୍ର, କାମାକ୍ଷାନଗର ବ୍ଲକ ସମ୍ପାଦକ ଗଜେନ୍ଦ୍ର ନାୟକ, ହିନ୍ଦୋଳ ବ୍ଲକ ସମ୍ପାଦକ ପ୍ରଭାସ ଘଡ଼େଇ, ଅଶୋକ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଆଜି ତପୋବନ ମେଳା

# ଅପରାହ୍ନ ସାଢ଼େ ୪ଟାରେ ଝାଡ଼ଦୀପ ପ୍ରଜ୍ୱଳନ



ଗଁଦିଆ, ୩୦ ।୧୦(ସମିସ)

ସଦର ବ୍ଲକ ନାଗିଆପଶି ପଞ୍ଚାୟତ କାଦୁଆ ତପୋବନ ପୀଠରେ ଶୁକ୍ରବାର ତପୋବନ ମେଳା ଅନୁଷ୍ଠିତ ହେବ। ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ପୀଠରେ ଧୂନି ସ୍ଥାପନ କରାଯାଇ ମହିମା ସ୍ୱାମୀଙ୍କ ଆରଧନା କରାଯିବ। ଅପରାହ୍ନ ସାଢ଼େ ୪ଟାରେ ଧୂନି ମନ୍ଦିର ନିକଟରେ ଝାଡ଼ଦୀପ ପ୍ରଜ୍ୱଳନ କରାଯିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ତପୋବନ ପୀଠ ଚଳଚଞ୍ଚଳ ହୋଇଉଠିଛି। ଜିଲ୍ଲା ପ୍ରଶାସନ, ପୁଲିସ ଓ ମହିମା ସନ୍ନ୍ୟାସୀଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମେଳା ପାଇଁ ଗୁରୁବାରଠାରୁ ମହିମା ସନ୍ନ୍ୟାସୀ ଓ ଭକ୍ତଙ୍କ ସମାଗମ ହେବାରେ ଲାଗିଛି।

ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ତପୋବନ ପୀଠରେ ମେଳା ଅନୁଷ୍ଠିତ ହୋଇଆସୁଛି। ଏହିଦିନ ମହିମା ସ୍ୱାମୀ ତପସ୍ୟାରୁ ଉଠିବା ପରେ ପ୍ରଥମେ ଗୋବିନ୍ଦ ବାବାଙ୍କୁ ଶିଷ୍ୟତ୍ୱ ପ୍ରଦାନ କରିଥିଲେ ବୋଲି କୁହାଯାଏ। ଗୁରୁଶିଷ୍ୟ ପରମ୍ପରାକୁ ସ୍ମରଣ କରିବା ପାଇଁ ଏହି ଦିବସକୁ ପୀଠରେ ବର୍ଷିକ ମେଳା ଭାବେ ଆୟୋଜନ କରାଯାଉଛି। ପୀଠରେ ଥିବା ଧୂନିମନ୍ଦିର ନିକଟରେ ଅଖଣ୍ଡ ଧୂନି ସ୍ଥାପନ କରାଯିବା ସହ ଶ୍ରଦ୍ଧାଳୁମାନେ ଧୂନିରେ ଘିଅ ଏବଂ ନଡ଼ିଆ ଅର୍ଘ୍ୟ ଭାବେ ପ୍ରଦାନ କରନ୍ତି। ଦିନତମାମ ପୀଠରେ ଧର୍ମ ଆଲୋଚନା, ପତ୍ରିକା ଉନ୍ମୋଚନ, ନାମ ଭଜନ କାର୍ଯ୍ୟକ୍ରମ ରହିଛି। ରାତିରେ ଭୀମ ଭୋଇଙ୍କ ନାମ ଭଜନ ପରିବେଷଣ କାର୍ଯ୍ୟକ୍ରମ ରହିଛି। ସକାଳେ ପିଲାଙ୍କୁ ବାଳଭୋଗ ଅର୍ପଣ କରାଯିବା ସହ ଅହୋନ୍ନମଣିଆ ପ୍ରସାଦ ବିତରଣ କରାଯିବା କାର୍ଯ୍ୟକ୍ରମ ରହିଛି।

## ସରକାରୀ ବିହନ ନିମ୍ନମାନର

# ତଦନ୍ତ ପାଇଁ ପହଞ୍ଚିଲେ ଅଧିକାରୀ

**କଙ୍କଡ଼ାହାଡ଼, ୩୦ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗ୍ରାମର ଦେବବ୍ରତ ସାହୁ ମା' ଦୁର୍ଗା ସିଡ୍ସ ଆଣ୍ଡ ଫର୍ଟିଲାଇଜର ଦୋକାନରୁ କଳାଚମ୍ପା ଧାନ ବିହନ କିଣି ଚାଷ କରିଥିଲେ। ଏହି ବିହନ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ହୋଇଥିବା ବେଳେ ଦେବବ୍ରତ ନିଜ ୬ ଏକର ଜମିରେ ଏହାକୁ ଚାଷ କରିଥିଲେ। କିନ୍ତୁ ତାଙ୍କ ବିଲରେ କଳାଚମ୍ପା ବଦଳରେ ବିଭିନ୍ନ ପ୍ରକାର ଧାନ ଧାନ ଫଳିଛି। ଏ ସମ୍ପର୍କରେ ଦେବବ୍ରତଙ୍କ ସାନଭାଇ ନଗେନ ସାହୁ କାମାକ୍ଷାନଗରରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଲିଖିତ



ଅଭିଯୋଗ କରିଥିଲେ। କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ଗୁରୁବାର ଏକ ଟିମ୍ ଆସି ଦେବବ୍ରତଙ୍କ ଚାଷଜମିରେ ତଦନ୍ତ କରିଛନ୍ତି। ଏଏଓ ଶଶିତୋଷ ବେହେରା, ଏଓ ହିରଣ୍ମୟୀ ବେହେରା, ବିଏଓ ମଧୁସ୍ମିତା ଶତପଥୀ, ଏଓ ପ୍ରୀତମ ପୃଷ୍ଟିଙ୍କ ସହ ଅନ୍ୟ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ବେଳେ ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିଛି।





# ବୀମା ଟଙ୍କା ପାଇଁ ଚୋରି ନାଟକ

ଭୁବନେଶ୍ୱର, ୩୦।୧୦ (ସମିସ): ବୀମା ଟଙ୍କା ପାଇବାକୁ ହୋଇଥିବା ଚୋରି ନାଟକର ପର୍ଦ୍ଦାଫାସ କରିଛି ତମାଣ୍ଡୋ ଥାନା ପୁଲିସ। ଚୋରି ଉଦ୍ୟମରେ ସମ୍ପୃକ୍ତ ଦୋକାନ ମାଲିକଙ୍କ ସମେତ ୧୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୋକାନ ମାଲିକ ସନ୍ତୋଷ କୁମାର ମହାରଣା (୪୩), ମୟୁରଭଞ୍ଜ ଖୁଣ୍ଟା ଥାନା ଅଞ୍ଚଳର ମନୋଜ ସେଜପଡ଼ା (୩୪), ବାଲେଶ୍ୱରର ଏସକେ ମକସଦ୍ (୩୨), ଏସକେ ଅବଦୁଲ ରେହେମାନ (୩୩), ବସନ୍ତ କୁମାର ସେନାପତି (୩୬), ଏସକେ ରାଜୁ (୨୨), ସମିର ଜେନା (୩୨), ଏସକେ ନାସିର (୨୦), ଏସକେ ରାଜା (୨୦), ଜିସନ ନାୟକ (୨୫), ହରିକୃଷ୍ଣ ନାୟକ (୫୩), ଶ୍ୟାମସୁନ୍ଦର ସିଂ (୨୪) ଓ ମୟୁରଭଞ୍ଜର ହରିହର ସଣ୍ଡୁଆଳ (୩୭)।

ପୁଲିସ ସୂଚନାନୁସାରେ, ସନ୍ତୋଷ ତମାଣ୍ଡୋର ଅବିନାଶ ପଟ୍ଟନାୟକଙ୍କ ଘରକୁ ଭଡ଼ାରେ ନେଇ ଆଦ୍ୟାଶା ଟ୍ରେଡର୍ସ ନାମକ ଏକ ପ୍ଲାଏ ଦୋକାନ କରିଥିଲା। ବ୍ୟବସାୟ ମାନ୍ଦାବସ୍ଥା



- ଦୋକାନ ମାଲିକ ସମେତ ୧୩ ଗିରଫ
- ୬ ଗାଡ଼ି, କଟର୍ ମେସିନ୍, ମାସ୍କ ଜବତ

ଯୋଗୁଁ ଦେଢ଼ବର୍ଷ ହେବ ଘରର ଭଡ଼ା ଦେଇ ନ ଥିବା ବେଳେ ଟଙ୍କା ରୋଜଗାର କରିବା ଲାଗି ନୂଆ ଉପାୟ ଆପଣାଇ ଥିଲା। ନିଜ ଦୋକାନରୁ ଚୋରି କରି ଇନ୍ସ୍ୟୁରାନ୍ସ କ୍ଲେମ୍ କରିବାକୁ ଯୋଜନା କରିଥିଲା। ଏଥିଲାଗି ସେ ଇଣ୍ଟେରିୟର ଠିକାଦାର ମନୋଜକୁ ପୂରା ଯୋଜନା ବିଷୟରେ କହିଥିଲା। ସନ୍ତୋଷ ଠାରୁ ସବୁକଥା ଶୁଣିବା ପରେ ମନୋଜ ତା'ର କର୍ମଚାରୀ ଏସକେ ମକସଦ୍, ଏସକେ ଅବଦୁଲ, ବସନ୍ତ, ଏସକେ ରାଜୁ, ସମିର, ଏସକେ ନାସିର, ଏସକେ ରାଜା ଓ ଜିସନକୁ ଜଣାଇବା ସହ ହରିହର, ହରିକୃଷ୍ଣ ଓ ଶ୍ୟାମସୁନ୍ଦରର ପିକଅପ୍ ଭ୍ୟାନ ଭଡ଼ାରେ ଆଣିଥିଲା। ପୂର୍ବ ଯୋଜନା ମୁତାବକ ବାଲେଶ୍ୱରରୁ ଦୁଇଟି ଓ ମୟୂରଭଞ୍ଜରୁ ଗୋଟିଏ ଗାଡ଼ିରେ କଟର ମେସିନ, ମାସ୍କ, ଗ୍ଲୋଭ, ପ୍ଲାସ୍ ଆଦି ସରଞ୍ଜାମ ଧରି ତମାଣ୍ଡୋ ଅଭିମୁଖେ ଆସିଥିଲେ। ତମାଣ୍ଡୋ ବଜାର ପୂର୍ବରୁ ଥିବା ଏକ ଢାବାରେ ଖାଇ ସାରି ପରେ ଚୋରି କରିବାକୁ ସନ୍ତୋଷର ଦୋକାନକୁ ଯାଇଥିଲେ। ସେଠାରେ ଚୋରି ଉଦ୍ୟମ କରୁଥିବା ବେଳେ ତମାଣ୍ଡୋ ଥାନା ପୁଲିସ ମାଡ଼ି ବସିଥିଲା। ୧୩ ଜଣଙ୍କୁ ଗିରଫ କରିବା ସହ ୩ଟି ପରିବହନ ଗାଡ଼ି, ଗୋଟିଏ ବୋଲେରୋ, ୨ ବୁଲେଟ, ୮ଟି ମୁଖା, ଗ୍ଲୋଭ୍ସ, କଟର ମେସିନ, ପ୍ଲାସ୍, ସ୍କ୍ରୁ ଡ୍ରାଇଭର, ଲୁହା ଛଡ଼, ଛୁରି, ମୋବାଇଲ ଫୋନ ଆଦି ଜବତ କରିଥିଲା। ଅଭିଯୁକ୍ତମାନେ ଧରାପଡ଼ିବା ପରେ ପୂରା ଘଟଣାରୁ ପରଦା ହଟିଥିଲା।

### ଧରା ପକାଇଦେଲେ ଢାବା ମାଲିକ

ବୁଧବାର ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ସମସ୍ତ ୧୩ ଜଣ ଅଭିଯୁକ୍ତ ତମାଣ୍ଡୋ ବଜାର ପୂର୍ବରୁ ଥିବା ଢାବାରେ ରାତ୍ରି ଭୋଜନ କରିଥିଲେ। ଖାଇବା ସମୟରେ ସେମାନଙ୍କ ହାବଭାବରୁ ହୋଟେଲ ମାଲିକଙ୍କୁ ସନ୍ଦେହ ହୋଇଥିଲା। କୌଣସି ଅଘଟଣ ଆଶଙ୍କା କରି ସେ ତୁରନ୍ତ ତମାଣ୍ଡୋ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ମଧ ତାଙ୍କ କଥାକୁ ଗୁରୁତ୍ୱର ସହ ନେଇ ସାଦା ପୋଷାକରେ ଗୋଟିଏ ଟିମ୍ ପଠାଇଥିଲା। ପୁଲିସ ଟିମ୍ ଢାବାରେ ପହଞ୍ଚି ସେମାନଙ୍କ ଉପରେ ନଜର ରଖିଥିଲେ। ଅଭିଯୁକ୍ତମାନେ ଖାଇସାରିବା ପରେ ସେଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ସନ୍ତୋଷର ଦୋକାନକୁ ଯାଇଥିଲେ। ସେଠାରେ ପହଞ୍ଚି ଚୋରି ଉଦ୍ୟମ କରୁଥିବା ବେଳେ ପୁଲିସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ହୋଟେଲ ମାଲିକଙ୍କ ଚତୁରତା ଓ ପୁଲିସର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏଭଳି ଘଟଣା ପର୍ଦ୍ଦାଫାସ ହୋଇପାରିଲା।

### ୟୁଟ୍ୟୁବରୁ ଦେଖି ପାଇଥିଲା ବୁଦ୍ଧି

ଚୋରି ଉଦ୍ୟମ କରୁଥିବା ବେଳେ ସନ୍ତୋଷ ସମେତ ୧୩ ଜଣଙ୍କୁ ପୁଲିସ ଗିରଫ କରିଥିଲା। ମନୋଜକୁ ପଚରାଉଚରା କରି ଘଟଣାର ପର୍ଦ୍ଦାଫାସ କରିଥିବା ବେଳେ ଗିରଫଙ୍କ ମଧ୍ୟରେ ଦୋକାନ ମାଲିକ ସନ୍ତୋଷ ରହିଛି ବୋଲି ଜାଣିବା ପରେ ପୁଲିସ ମଧ ଆଶ୍ଚର୍ଯ୍ୟ ହୋଇ ଯାଇଥିଲା। ତାକୁ ଜେରା ପରେ ରୋଚକ କଥା ପଦାକୁ ଆସିଥିଲା। ମାସକୁ ୨୫ ହଜାର ଟଙ୍କାରେ ଦୋକାନ ଭଡ଼ା ନେଇଥିବା ବେଳେ ଦେଢ଼ ବର୍ଷ ହେବ ବ୍ୟବସାୟ ମାନ୍ଦାରେ ଚାଲିଛି ବୋଲି ସେ କହିଥିଲା। ମାନସିକ ଅବସାଦରେ ରହୁଥିବା ସନ୍ତୋଷ ଅନେକ ସମୟରେ ସିନେମା ଦେଖୁଥିଲା। ଦୋକାନ ମାଲିକ ନିଜେ ଦୋକାନରୁ ଚୋରି କରି ପରବର୍ତ୍ତୀ ସମୟରେ ଇନ୍ସ୍ୟୁରାନ୍ସ କ୍ଲେମ୍ କରୁଥିବା ଗୋଟିଏ ସିନେମାରେ ଦେଖିବାକୁ ପାଇଥିଲା। ସେହି ସିନେମାରୁ ହିଁ ନିଜେ ମଧ ଏଭଳି ଉପାୟରେ ଟଙ୍କା ହାତେଇବାକୁ ଯୋଜନା କରିଥିଲା। ସେଥିଲାଗି ପ୍ରଥମେ ଦୋକାନର ବୀମା କରାଇଥିଲା। ତାପରେ ଯାଇ ଚୋରି କରିବାକୁ ଯୋଜନା ପ୍ରସ୍ତୁତ କରିଥିଲା।

### ନେଇଥିଲେ ହଜାରେ; ପାଇଥାନ୍ତେ ୫ ହଜାର

ସନ୍ତୋଷ ଓ ମନୋଜର ଭୂମିକା ଜଣାପଡ଼ିବା ପରେ ପୁଲିସ ବାକି ୧୧ ଜଣଙ୍କ ବିଷୟରେ ଯାଞ୍ଚ କରିଥିଲା। ସେମାନଙ୍କ ମଧ୍ୟରେ ହରିହର, ହରିକୃଷ୍ଣ ଓ ଶ୍ୟାମସୁନ୍ଦର ଗାଡ଼ି ଡ୍ରାଇଭର ବୋଲି ଜାଣିବାକୁ ପାଇଥିଲା। ହେଲେ ବାକି ୮ ଜଣ ମନୋଜ ନିକଟରେ କାମ କରୁଥିବା ପୁଲିସ ଆଗରେ କହିଥିଲେ। ଅଧିକ ପଚରାଉଚରା ପରେ ସେମାନେ ଅଗ୍ରୀମ ବାବଦକୁ ହଜାରେ ଟଙ୍କା ଲେଖାଏଁ ନେଇଥିବା ସ୍ୱୀକାର କରିଥିଲେ। ଏଥିସହିତ ବୀମା ଟଙ୍କା ମିଳିବା ପରେ ଆଉ ୫ ହଜାର ଟଙ୍କା ଲେଖାଏଁ ପାଇଥାନ୍ତେ ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ହେଲେ ଏତେ କମ୍ ଟଙ୍କାରେ ସେମାନେ ଏତେ ଦୂରରୁ ଆସିଥିବା କଥାକୁ ପୁଲିସ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ ସେନେଇ ଅଧିକ ଖୋଳତାଡ଼ ଜାରି ରଖିଛି।

### ଗୋଟିଏ ଚୋରିରେ ଦୁଇଟି ଫାଇଦା

ସନ୍ତୋଷ ଓ ମନୋଜ ମିଶି ପୂରା ଯୋଜନା ତିଆରି କରିଥିଲେ। ଚୋରି କରିବା ପରେ ସନ୍ତୋଷ ପ୍ରଥମେ ଥାନାରେ ଅଭିଯୋଗ କରିଥାନ୍ତା। ପୁଲିସର ତଦନ୍ତ ପରେ ଇନ୍ସ୍ୟୁରାନ୍ସ କ୍ଲେମ୍ କରିବାକୁ ଯୋଜନା ମଧ କରିଥିଲା। ସନ୍ତୋଷ ବୀମା ବାବଦକୁ ପ୍ରାୟ ୨୦ ଲକ୍ଷ ଟଙ୍କା ହାତେଇବାକୁ ବୋଲି ଯୋଜନା କରିଥିବା ବେଳେ ସେଥିରୁ ୫ ଲକ୍ଷ ଟଙ୍କା ମନୋଜକୁ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ସେପଟେ ମୟୂରଭଞ୍ଜରେ ମନୋଜ ମଧ ଏକ ସମାନ ଦୋକାନ କରିଛି। ସନ୍ତୋଷର ଦୋକାନରୁ ଚୋରି କରିବା ପରେ ସେସବୁ ଜିନିଷ ମନୋଜର ଦୋକାନକୁ ଯାଇଥାନ୍ତା। ସେଠାରେ ଜିନିଷଗୁଡ଼ିକ ବିକ୍ରି ହେବା ପରେ ଉଭୟ ମିଶି ସେହି ଟଙ୍କାକୁ ଭାଗ କରିବାକୁ ପ୍ଲାନ୍ କରିଥିଲେ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ପିଟିଲେ ସେବାୟତ

ଭୁବନେଶ୍ୱର, ୩୦।୧୦(ସମିସ): ଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ନିର୍ଦ୍ଧୁମ ପିଟିଲେ ସେବାୟତ। ଶ୍ରଦ୍ଧାଳୁଙ୍କୁ ହଜାରେ ଏକ ଟଙ୍କା ଦକ୍ଷିଣା ମାଗିଲେ, ନ ଦେବାରୁ ନିର୍ଦ୍ଧୁମ ଛେଚିଲେ ସେବାୟତ। ଏଭଳି ଅଭାବନୀୟ ଘଟଣା ଘଟିଛି ଲିଙ୍ଗରାଜ ମନ୍ଦିରରେ ଦେଖିବାକୁ ମିଳିଛି। ଭୁବନେଶ୍ୱର ଗଙ୍ଗନଗରରେ ରହୁଥିବା ଗୀତାରାଣୀ ସାହୁ ଓ ତାଙ୍କ ସ୍ୱାମୀ କାର୍ତ୍ତିକେଶ୍ୱର ବିଶ୍ୱାଳଙ୍କ ପରିବାର ଆଜି ମଧ୍ୟାହ୍ନରେ ଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ମନ୍ଦିର ଆସିଥିଲେ। ସେଠାରେ ଉପସ୍ଥିତ ଥିବା ଏକ ସେବାୟତ ସେମାନଙ୍କ ହାତରୁ ଭୋଗ ଚାଙ୍ଗୁଡ଼ି ଜବରଦସ୍ତ ନେଇ ଦର୍ଶନ କରାଇଲେ। ଦର୍ଶନ ସରିବା ପରେ ଶ୍ରଦ୍ଧାଳୁଙ୍କୁ ଏକ ହଜାର ଟଙ୍କା ଦକ୍ଷିଣା ଦାବି କରିଥିଲେ। ଶ୍ରଦ୍ଧାଳୁ ଦୁଇ ଶହ ଟଙ୍କା ଦେଲେ। ହେଲେ ସେବାୟତ ଜଣକ ରାଜି ହେଲେ ନାହିଁ। ଶ୍ରଦ୍ଧାଳୁ ନନ୍ଦୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ସେବାୟତ ଜଣକ ସେମାନଙ୍କ ପିଛା କରି ଯାଇ ନନ୍ଦୀଙ୍କୁ ଦର୍ଶନ କରିବାକୁ ବାରଣ କରିଥିଲେ। ସେଠାରେ କଥା କଟାକଟି ହୋଇଥିଲା। ମନ୍ଦିର ପ୍ରାଙ୍ଗଣରେ ଥିବା ୮ରୁ ୧୦ଜଣ ସେବାୟତ ମିଶି ସେହି ଶ୍ରଦ୍ଧାଳୁଙ୍କ ପରିବାରକୁ ମାଡ ମାରିଥିଲେ। ବୟସ୍କ ବ୍ୟକ୍ତି ସେବାୟତଙ୍କ ଗୋଡ ଧରି ଭୁଲ ମାଗିବା ପରେ ଛାଡିନଥିଲେ। ଏପରିକି ମହିଳା ଶ୍ରଦ୍ଧାଳୁଙ୍କୁ ମାଡ ମାରି ଲହୁଲୁହାଣ କରିଥିଲେ। ଏନେଇ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମନ୍ଦିର ପରିସରରେ ଲାଗିଥିବା କ୍ୟାମେରା ଯାଞ୍ଚ କରି ସମ୍ପୃକ୍ତ ସେବାୟତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ୩୩ ଦିନରେ ମୋବାଇଲ୍ ଚୋର ଦୋଷୀ ସାବ୍ୟସ୍ତ

● ରହିଛି ୨୧ ମାମଲା; ଦୁଇଟିରେ ସଜା



ଭୁବନେଶ୍ୱର, ୩୦।୧୦ (ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ହୋଇଥିବା ଏକ ମୋବାଇଲ୍ ଚୋରି ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଜେଏମଏଫସି (ତୃତୀୟ) କରୋନିକା ଘୋଷ ମାତ୍ର ୩୩ ଦିନରେ ବିଚାର ସାରି ଅଭିଯୁକ୍ତ ପ୍ରଶାନ୍ତ ଭୋଇକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନା ଅନୁଯାୟୀ, କଟକ ଜିଲ୍ଲା ସିସୋର ବାସିନ୍ଦା ବିକ୍ରମ କିଶୋର ମହାପାତ୍ର ଗତମାସ ୨୭ ତାରିଖ ସନ୍ଧ୍ୟାରେ ପରିବାପତ୍ର କିଣିବା ଲାଗି ଗାନ୍ଧୀ ମାର୍କେଟକୁ ଯାଇଥିଲେ। କିଣାକିଣିରେ ବ୍ୟସ୍ତ ଥିବା ବେଳେ ପ୍ରଶାନ୍ତ ତାଙ୍କ ପକେଟରୁ ତାଙ୍କ ମୋବାଇଲ ଫୋନକୁ ଚୋରି କରି ନେଇ ଯାଇଥିଲା। ମୋବାଇଲ ଫୋନ ଚୋରି ହୋଇଥିବା ନେଇ ଶ୍ରୀ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ନୂଆପଲ୍ଲୀ ଥାନା ପୁଲିସ କେସ ନଂ-୫୬୪/୨୫, ବିଏନ୍ଏସ୍ ଧାରା ୩୦୩(୨) ଅନୁସାରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ର ଘଟଣାରେ ସମ୍ପୃକ୍ତ ପ୍ରଶାନ୍ତକୁ ଗିରଫ କରିବା ସହ ମାତ୍ର ୧୨ ଦିନରେ ତଦନ୍ତ ସାରି ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ବିଭିନ୍ନ ସାକ୍ଷୀ ଓ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ପ୍ରଶାନ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଏନ୍ଏସ୍ ଧାରା (୧) ଅନୁସାରେ ଏକ ବର୍ଷ ସଜା ସହ ଏକ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟକ୍ଷେତ୍ରରେ ଆହୁରି ୧୦ ଦିନ ଜେଲରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭ୍ୟାସଗତ ଅପରାଧୀ ପ୍ରଶାନ୍ତ ନାମରେ ନୂଆପଲ୍ଲୀ ଥାନାରେ ଅନେକ ମାମଲା ରହିଥିବା ବେଳେ ପୂର୍ବରୁ ଗୋଟିଏ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇସାରିଛି। ସରକାରଙ୍କ ପକ୍ଷରୁ ଓକିଲ ବିଜୟ ବାରିକ, ସୟଦ ମହମ୍ମଦ ଅନୱର ଓ ଅକ୍ଷୟ ପ୍ରସାଦ ବେହେରା ଏହି ମାମଲାକୁ ପରିଚାଳନା କରୁଥିଲେ।

## ଏମ୍ସରୁ ଟିକଟ ଦଲାଲ ଗିରଫ

ଭୁବନେଶ୍ୱର, ୩୦।୧୦ (ସମିସ): ଏମ୍ସରେ ଦଲାଲି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାତ୍ରପଡ଼ାରେ ରହୁଥିବା ପୁରୀ ଜିଲ୍ଲା କୁମ୍ଭାରପଡ଼ା ଥାନା ଅଞ୍ଚଳର ମାନସ ପଟ୍ଟନାୟକ (୨୩)।



ପୁଲିସ ସୂଚନା ଅନୁସାରେ, ବୁଧବାର ସକାଳେ ମାନସ ଏମ୍ସ ଓପିଡି ଟିକଟ କାଉଣ୍ଟର ସାମ୍ନା ଲାଇନରେ ଥିବା ଅନ୍ୟମାନଙ୍କୁ ଠେଲି ସାମ୍ନାକୁ ଯିବାକୁ ଚେଷ୍ଟା କରୁଥିଲା। ଲୋକମାନେ ପ୍ରତିବାଦ କରିବାରୁ ସୁରକ୍ଷା କର୍ମଚାରୀମାନେ ହସ୍ତକ୍ଷେପ କରିଥିଲେ। କିନ୍ତୁ ମାନସ ସେମାନଙ୍କୁ ଠେଲି ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ଜେରକ୍ସ ଦୋକାନରେ କାମ କରୁଥିବା ମାନସ ଅଣଓଡ଼ିଆ ରୋଗୀଙ୍କୁ କମ୍ ମୂଲ୍ୟରେ ଓପିଡି ଟିକେଟ୍ ଓ ବିଶେଷଜ୍ଞ ପରାମର୍ଶ ବ୍ୟବସ୍ଥା କରିବା ଆଳରେ ବହୁ ପରିମାଣର ଟଙ୍କା ଆଦାୟ କରୁଥିବା ପୁଲିସ ଜଣାପଡ଼ିଥିଲା। ଏନେଇ ସୁରକ୍ଷାକର୍ମୀଙ୍କ ସୁପରଭାଇଜର ଶଶିକାନ୍ତ ସାହୁ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ମାନସକୁ ଗିରଫ କରିବା ସହ ରୋଗୀଙ୍କ ଆଧାର କାର୍ଡ ଜବତ କରିଛି। ମାନସ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ଅସ୍ୱଜନିତ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା

ସୁଧାଂଶୁ ଖୁଣ୍ଟିଆ ହତ୍ୟାକାଣ୍ଡ

## ପରିବାରକୁ ସୁରକ୍ଷା ମିଳୁ, ହତ୍ୟାକାରୀ ଗିରଫ ହେଉ

ଭୁବନେଶ୍ୱର, ୩୦।୧୦ (ସମିସ): ଜମିବାଡ଼ି ବିବାଦରୁ ହୋଇଥିବା ସରକନ୍ତରା ସୁଧାଂଶୁ ଖୁଣ୍ଟିଆ ହତ୍ୟାକାଣ୍ଡକୁ ୩ ସପ୍ତାହ ବିତିବାକୁ ବସିଲାଣି। ପୁଲିସ ୪ ଜଣଙ୍କୁ ଗିରଫ କରିଥିଲେ ମଧ ମୁଖ୍ୟ ଅଭିଯୁକ୍ତ ଶିବା ପାଖରେ ଏଯାଏଁ ପହଞ୍ଚି ପାରିନାହିଁ। ଶିବା ଫେରାର ଥିବାରୁ ନିଜକୁ ଅସୁରକ୍ଷିତ ମଣିଛନ୍ତି ସୁଧାଂଶୁଙ୍କ ପରିବାର। ସୁଧାଂଶୁଙ୍କ ସାନଭାଇ ଦେବାଶିଷ ଓ ଭଉଣୀ ଝରଣା ଆଜି ପୁଲିସ କମିସନର ସୁରେଶ ଦେବଦତ୍ତ ସିଂଙ୍କୁ ଭେଟିଛନ୍ତି।




ଫେରାର ଶିବା

ସୂଚନା ଅନୁସାରେ, ସରକନ୍ତରା ଗାଁର ବିଳାସିନୀଙ୍କ ବଡ଼ପୁଅ ପଠାଣି ବିବାହ ପରେ ନିଜ ଘରେ ରହୁଥିବା ବେଳେ ସାନପୁଅ ସୁକାନ୍ତ କରି ଶଶୁର ଘରେ ରହୁଥିଲେ। ପରିଣତ ବୟସରେ ପଠାଣିଙ୍କ ପରିବା ଦେଖାଶୁଣା କରୁଥିବାରୁ ବିଳାସିନୀ ଡିହ ଜମିକୁ ପଠାଣିଙ୍କ ବଡ଼ ପୁଅ ରବି ନାମରେ ରେଜିଷ୍ଟ୍ରି କରିଦେଇଥିଲେ। ଏହାକୁ ନେଇ ପଠାଣି ଓ ସୁକାନ୍ତଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଡିହ ଜମିରୁ ଭାଗ ନେବାକୁ ସୁକାନ୍ତ ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ,

**ସିପିଙ୍କୁ ଭେଟିଲେ ଭାଇଭଉଣୀ**

ତାହା ଏବେ ବି ବିଚାରଧୀନ ରହିଛି। ସୁକାନ୍ତର ସାନପୁଅ ଶିବା ଏସବୁକୁ ସହଜରେ ଗ୍ରହଣ କରିପାରି ନଥିଲା। ରବିକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ଗତ ୧୩ ତାରିଖ ସକାଳେ ସୁଧାଂଶୁ କାର୍ଯ୍ୟସ୍ଥଳ ଏମ୍ସକୁ ଯାଉଥିବା ବେଳେ ସରକନ୍ତରା ମଙ୍ଗଳା ମନ୍ଦିର ନିକଟରେ ଶିବା ତାଙ୍କୁ ଅଟକାଇଥିଲା। ସୁଧାଂଶୁ କିଛି ବୁଝିବା ଆଗରୁ ଶିବା ହଠାତ୍ ଗୁଳି ଚଳାଇଥିଲା। ୩ଟି ଗୁଳି ସୁଧାଂଶୁଙ୍କ ଦେହରେ ବାଜିଥିବା ବେଳେ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଏହାର ପରଦିନ ଖଣ୍ଡଗିରି ଥାନା ପୁଲିସ ରବିଙ୍କ ଦାଦା ସୁକାନ୍ତ, ତା'ର ପୁଅ ଛବି, ରାକେଶ ଖୁଣ୍ଟିଆ ଓ ସୁବ୍ରତକୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରିଥିଲା।



ମୃତକ ସୁଧାଂଶୁ

ହେଲେ ଘଟଣା ପରଠାରୁ ଶିବା ଫେରାର ହୋଇ ଯାଇଛି। ପୁଲିସ ଶିବା ସହ ମିଶୁଥିବା କିଛି ପିଲାଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଏଥିସହିତ ସିସିଟିଭି ଫୁଟେଜ ଯାଞ୍ଚ ଠାରୁ ଆରମ୍ଭ କରି ବିଭିନ୍ନ ଜ୍ଞାନକୌଶଳ ଆପଣାଇ ଥିଲେ ମଧ ଏପର୍ଯ୍ୟନ୍ତ ଶିବା ପାଖରେ ପହଞ୍ଚି ପାରିନାହିଁ। ଶିବା ଫେରାର ଥିବାରୁ ସୁଧାଂଶୁଙ୍କ ପରିବାର ଲୋକେ ନିଜକୁ ସୁରକ୍ଷିତ ଭାବୁ ନାହାନ୍ତି। ଆଜି ସୁଧାଂଶୁଙ୍କ ସାନଭାଇ ଦେବାଶିଷ ଓ ଭଉଣୀ ଝରଣା ପୁଲିସ କମିସନରଙ୍କୁ ସାକ୍ଷାତ କରିଛନ୍ତି। ଶିବା ଫେରାର ଥିବାରୁ ଭବିଷ୍ୟତରେ କୌଣସି ଅଘଟଣ ଘଟିବାର ଆଶଙ୍କା ରହିଛି ବୋଲି କହିଛନ୍ତି। ପରିବାରକୁ ସୁରକ୍ଷା ଦେବା ସହ ତୁରନ୍ତ ଶିବାକୁ ଗିରଫ କରିବାକୁ ଦାବି କରିଛନ୍ତି।

● ସତର୍କତା ସଚେତନତା ସପ୍ତାହ

## 'ସଚ୍ଚୋଟତା, ଦାୟିତ୍ୱର ସହ ଭବିଷ୍ୟତ ଗଠନ କରିବାର ଏକ ସୁଯୋଗ'

ଭୁବନେଶ୍ୱର,୩୦।୧୦(ସମିସ): ପ୍ରତ୍ୟେକ କର୍ମଚାରୀ ପ୍ରଥମେ ଦେଶର ନାଗରିକ ହେବା ମନେ ରଖିବା ଉଚିତ ଏବଂ ସରକାରୀ ପ୍ରତିଷ୍ଠାନର ବିଶ୍ୱସନୀୟତା ଏବଂ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧ ହେବ ଦରକାର। ସେ ତାଙ୍କ ମନ୍ତବ୍ୟରେ କହିଥିଲେ ଯେ "ସତର୍କତା ଭୟ ବିଷୟରେ ନୁହେଁ ପ ଏହା ସ୍ୱାଧୀନତା ବିଷୟରେ ଯାହା ମର୍ଯ୍ୟାଦା, ସଚ୍ଚୋଟତା ଏବଂ ଦାୟିତ୍ୱ ସହିତ କାମ କରିବାର ସ୍ୱାଧୀନତା ହେବ ଦରକାର"। ଶେଷରେ ସେ କହିଥିଲେ ଯେ ସତର୍କତା ସଚେତନତା ସପ୍ତାହ ହେଉଛି ସଚ୍ଚୋଟତା ଏବଂ ବିଶ୍ୱାସ ଓ ଦାୟିତ୍ୱର ସହ ଭବିଷ୍ୟତ ଗଠନ କରିବାର ଏକ ସୁଯୋଗ ବୋଲି ପୂର୍ବତନ ରାଜ୍ୟ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ କହିଛନ୍ତି। ସତର୍କତା ସଚେତନତା ସପ୍ତାହ-୨୦୨୫ର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଆଜି ରେଳମଣ୍ଡଳ କନଫରେନ୍ସ ହଲରେ 'ସତର୍କତା - ଆମର ସାମୁହିକ ଦାୟିତ୍ୱ' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା ଏବଂ ମଣ୍ଡଳ କାର୍ମିକ ଅଧିକାରୀ ପ୍ରମୋଦ କୁମାର ବେହେରା ସତର୍କତା ସଚେତନତା ସପ୍ତାହ ପାଳନ ସମ୍ବନ୍ଧରେ କହିଥିଲେ। ଏଥିରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବିଭିନ୍ନ ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

# ତଦନ୍ତକାରୀ ଏଜେନ୍ସିକୁ ମୋହରା କରୁଛନ୍ତି ଠକ

ଭୁବନେଶ୍ୱର, ୩୦।୧୦(ସମିସ): ତଦନ୍ତକାରୀ ସଂସ୍ଥା ଇଡ଼ି, ସିବିଆଇ, ଭିଜିଲାନ୍ସ ତଥା ପୁଲିସ ଉପରେ ସାଧାରଣ ଲୋକଙ୍କୁ ଯଥେଷ୍ଟ ଭରସା ରହିଛି। ଏହି ସବୁ ତଦନ୍ତକାରୀ ସଂସ୍ଥା ଲୋକଙ୍କୁ ନ୍ୟାୟ ଦେଉଥିବାରୁ ସାଧାରଣ ଲୋକଙ୍କ ସମ୍ମାନ ରହିଛି। କିନ୍ତୁ ଏବେ କିଛି ଠକ କିଛି ଟଙ୍କା ପାଇଁ ଏହି ତଦନ୍ତକାରୀ ଏଜେନ୍ସିଙ୍କ ନାମକୁ ବଦନାମ କରୁଛନ୍ତି। କେତେକ ଠକ ଲୋକଙ୍କୁ ନକଲି ତଦନ୍ତକାରୀ ଏଜେନ୍ସିର ଅଧିକାରୀ କହି ଅର୍ଥ ଲୁଟି ନେଉଛନ୍ତି। କିଏ ନିଜକୁ ସିବିଆଇ ଅଫିସର୍ କହି ଟଙ୍କା ଠକି ନେଉଥିବା ବେଳେ ଆଉ କିଏ ଇଡ଼ି। ପୁଣି ଆଉ କିଏ ନିଜକୁ ପୁଲିସ କହି

- ଚଢ଼ଉ ଆଳରେ ଧମକ ଦେଇ ଟଙ୍କା ଠକୁଛନ୍ତି
- ଗିରଫ ଭୟରେ ଟଙ୍କା ଦେଉଛନ୍ତି ସରକାରୀ ବାବୁ
- ସଚେତନ ରହିବାକୁ ଲୋକଙ୍କୁ ପୁଲିସର ନିର୍ଦ୍ଦେଶ
- ଥାନା କିମ୍ବା କଣ୍ଟ୍ରୋଲ୍‌ରୁମ୍‌କୁ ଜଣାଇବାକୁ ପରାମର୍ଶ

ଟଙ୍କା ଆଦାୟ କରୁଛନ୍ତି। ବିଗତ ଦିନରେ ରାଜଧାନୀରେ ଏଭଳି ଲୁଟ୍‌ପାଟ ବଢ଼ିବା ପରେ ସଜାଗ ହୋଇଛି ପୁଲିସ। ତେଣୁ ପୁଲିସ ଲୋକଙ୍କୁ ସଚେତନ କରିଛି। ଯଦି କେହି ଏଭଳି ତଦନ୍ତକାରୀ ସଂସ୍ଥା ନାଁରେ ଟଙ୍କା ମାଗେ ତାହା ଉପରେ ବିଶ୍ୱାସ କରନ୍ତୁ ନାହିଁ। ଏନେଇ ତୁରନ୍ତ ପୁଲିସ କଣ୍ଟ୍ରୋଲ୍‌ରୁମ୍‌କୁ ଫୋନ୍ କରି ଜଣାଇବାକୁ ପୁଲିସ କମିସନର ସୂଚନା ଦେଇଛନ୍ତି। ଅନେକ ସମୟରେ ପୁଲିସ ନେମ୍ ପ୍ଲେଟ୍ ପିନ୍ଧୁ ନ ଥିବାରୁ ଲୋକେ ଜାଣି ପାରୁନାହାନ୍ତି।



### ଇଡ଼ି ଅଧିକାରୀ କହି ଟଙ୍କା ଆଦାୟ

ନିଜକୁ ଇଡ଼ି ଅଧିକାରୀ ପରିଚୟ ଦେଇ ଛତ୍ରପୁର ଉପ ଜିଲ୍ଲାପାଳଙ୍କ ଠାରୁ ଟଙ୍କା ଟଙ୍କା ମାଗିବା ଅଭିଯୋଗରେ ଦୁଇ ଦିନ ତଳେ ଦୁଇ ଭାଇଙ୍କୁ ଗିରଫ କରିଛି ଏସ୍‌ଟିଏଫ। ଗିରଫ ଅଭିଯୁକ୍ତମାନେ ହେଲେ ତାରିଣୀସେନ୍ ମହାପାତ୍ର ଏବଂ ବ୍ରହ୍ମାଶଙ୍କର ମହାପାତ୍ର। ସେମାନଙ୍କ ଘର ଢେଙ୍କାନାଳ ହେଲେ ଝାଡ଼ଖଣ୍ଡରେ ମଧ ଏକାଧିକ ସରକାରୀ ବାବୁମାନଙ୍କୁ ଠକିଛନ୍ତି। ତୁମ ନାମରେ ଇଡ଼ିରେ ଅଭିଯୋଗ ରହିଛି। ଟଙ୍କା ଦେଲେ

### ଭିଜିଲାନ୍ସ ଏସ୍‌ପି କହି ଠକେଇ

ନିଜକୁ ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ଠିକାଦାରଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ କୃଷ୍ଣପ୍ରଦାଦର ମନୋଜ କୁମାର ମାଝି। ସେ ଏକାଧିକ ଠିକାଦାର, ବିଲ୍ଡର, ଜେଇ ଏବଂ ସରକାରୀ ଅଫିସରଙ୍କୁ ଫୋନ୍ କରୁଥିଲା। ସେମାନଙ୍କ ନାମରେ ଭିଜିଲାନ୍ସରେ ଅଭିଯୋଗ ହୋଇଛି। ଏନେଇ ଚଢ଼ଉ କରାଯିବ ବୋଲି କହି ଡରାଉଥିଲେ। ପରେ ରଫାଦଫା ପାଇଁ ଟଙ୍କା ମାଗୁଥିଲେ। ଏହିଭଳି ନିଜକୁ ଭିଜିଲାନ୍ସ ଏସ୍‌ପି କହି ଠିକାଦାରଙ୍କ ଠାରୁ ୧୫ଲକ୍ଷ ନେବା ସମୟରେ ଏସ୍‌ଟିଏଫ ହାତରେ ଗିରଫ ହୋଇଥିଲେ। ପରେ ଏହିଭଳି ଆଉ ଏକ ମାମଲାରେ ସାଇବର ଥାନା ତାକୁ ଗିରଫ କରିଥିଲା।

### ନକଲି ସିବିଆଇ ଅଫିସର୍

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଜାତୀୟ ରାଜପଥ ୧୮ ନମ୍ବର କଳାବାଡିଆ ନିକଟରେ ଏକ ଆମ୍ବୁଲାନ୍ସରୁ ନକଲି ସିବିଆଇ ଅଫିସର ଧରା ହୋଇଥିଲେ। ଆମ୍ବୁଲାନ୍ସରେ ଜଣେ ଅପରାଧିକକୁ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମାନ୍ତ ଜାମଶୋଳା ନେଇ ଛାଡ଼ିବାକୁ ଯାଉଥିଲେ। ସ୍ଥାନୀୟ ଲୋକେ ଗାଡିକୁ ଅଟକାଇବା ପରେ ରୋଗୀ ହୋଇ ଶୋଇଥିବା ଅପରାଧି ଫେରାର ହୋଇଯାଇଥିଲେ। ଏହପାରେ ସ୍ଥାନୀୟ ଲୋକ ଦୁଇ ଯୁବକଙ୍କୁ କାବୁ କରିବା ପରେ ସେ ନିଜକୁ ସିବିଆଇ ଅଧିକାରୀ ବୋଲି କହିଥିଲା।

### ସ୍ପେଶାଲ ସ୍କ୍ୱାଡ୍ ଆଳରେ ଟଙ୍କା ଲୁଟ୍

ପୁଲିସ ବିଭାଗରୁ ଅବସରପ୍ରାପ୍ତ ପରେ ଜଣେ ଏଏସ୍‌ଆଇ ଲୋକଙ୍କ ଠାରୁ ଟଙ୍କା ଲୁଟ୍‌ପାଟ କରୁଥିଲେ। ଲୋକଙ୍କୁ ରାସ୍ତା ଉପରେ ଅଟକାଇ ସ୍ପେଶାଲ ସ୍କ୍ୱାଡ୍ ନାମରେ ଟଙ୍କା ମାଗନ୍ତି। ଟଙ୍କା ନଦେଲେ ତାଙ୍କୁ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦିଅନ୍ତି। ଶେଷରେ ଅବସରପ୍ରାପ୍ତ ପୁଲିସ ଏବଂ ତା'ର ସହଯୋଗୀକୁ ଗିରଫ କରିଥିଲା ଲିଙ୍ଗରାଜ ଥାନା ପୁଲିସ। ଗିରଫ ୨ ଅଭିଯୁକ୍ତ ହେଲେ, ସହିଦନଗର ଅଞ୍ଚଳର ଜ୍ଞାନ ରଞ୍ଜନ ମହାନ୍ତି ଓ ସହଯୋଗୀ କାହ୍ନୁ ଚରଣ ସାହୁ।

### ସିବିଆଇ ଅଫିସର୍ ପରିଚୟରେ ଠକେଇ

ଏଭଳି ମିଛ କହି ଠକୁଥିବା ସହିଦନଗରର ପାପୁନି ସ୍ୱାଇଁ ଓରଫ ନିଖିଲ। ସେ ନିଜକୁ ସିବିଆଇ ଅଫିସର କହି ଫୁଲେଶ୍ୱରୀ ବସ୍ତିର ଜଣେ କାର୍ ଚାଳକଙ୍କୁ ତାଙ୍କ ଝିଅର ଅପରେସନ୍ କରାଇ ଦେବା ଆଳରେ ନଗଦ ୩୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କା ମୋବାଇଲ୍ ସାମଗ୍ରୀ ଠକି ନେଇଥିଲେ। ସେହିପରି ଏୟାରପୋର୍ଟ ଅଞ୍ଚଳରେ ରହୁଥିବା ଜଣେ କାର ମାଲିକଙ୍କୁ ମଧ କହିଥିଲେ।

### ଖାକି ପୋଷାକରେ ଦୁଷ୍କର୍ମ

ଭରତପୁର ଆଲବମ ଅଭିନେତ୍ରୀ ତଥା ନାବାଳିକା ଦୁଷ୍କର୍ମ ଘଟଣାରେ ପୁଲିସର ଲିଙ୍କ୍ ମିଳିଛି। ଅଭିଯୁକ୍ତଙ୍କ ଘରୁ ପୁଲିସ ପୋଷାକ ମିଳିଛି। ସେମାନେ ନାବାଳିକାଙ୍କୁ ଆଲବମ୍ ସୁଟିଂ କରିବା ପାଇଁ ପୁଲିସ ପୋଷାକ ଭଡ଼ାକୁ ଆଣିଥିଲେ। କିନ୍ତୁ ସୁଟିଂ ନ କରି ତାଙ୍କ ସହ ରାତି ସାରା ଦୁଷ୍କର୍ମ କରିଥିଲେ।

## ଜାଲ ଦସ୍ତଖତରେ ବନପାଳ ହଡପ କଲେ ୯୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା

# ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଜଣାଇବ ବନ ସୁରକ୍ଷା ସମିତି

ରାଇରଙ୍ଗପୁର, ୩୦।୧୦(ସମିସ): ବନ ବିଭାଗରେ ଏକ ମହାଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ଆଣିଲେ ବନସୁରକ୍ଷା ସମିତିର ସଭାପତି ଓ କୋଷାଧ୍ୟକ୍ଷ। ଅକ୍ଟୋବର ୨୭ରୁ ନଭେମ୍ବର ୨ ଯାଏ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଚାଲିଛି। ମୁଖ୍ୟମନ୍ତ୍ରୀ ଦୁର୍ନୀତିଖୋର ସରକାରୀ କର୍ମଚାରୀଙ୍କୁ କୌଣସି ପ୍ରକାର ଛଡାଯିବ ନାହିଁ ବୋଲି ଘୋଷଣା କରିଛନ୍ତି। ଅପରପକ୍ଷରେ ଜଙ୍ଗଲ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ ବନ କର୍ମଚାରୀଙ୍କୁ ଦୁର୍ନୀତିଠାରୁ ଦୂରେଇ ରହିବା ପାଇଁ ତାଗିଦା କରିଛନ୍ତି। ଯଦି କେହି କର୍ମଚାରୀ ଦୁର୍ନୀତିରେ ଲିପ୍ତ ରୁହନ୍ତି ତାହାହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି; କିନ୍ତୁ ବନ ବିଭାଗର ଦୁର୍ନୀତିର ଚେର ବହୁ ତଳକୁ ଯାଇଥିବା ଜଣାପଡ଼ିଛି। ଏଭଳି ଏକ ଦୁର୍ନୀତି ବହଳଦା ବନାଞ୍ଚଳ ଅନ୍ତର୍ଗତ ଜାମଦା ବ୍ଲକ ଟେଣ୍ଡରା ପଞ୍ଚାୟତର ହରଗଡ଼ା ବନ ସୁରକ୍ଷା ସମିତିରେ ଘଟିଥିବା ଖୋଦ୍ ସଭାପତି ଶୀତଳ ସୋରେନ ଏବଂ କୋଷାଧ୍ୟକ୍ଷ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ପାହାଡ଼ ସନ୍ନିକଟ ଗ୍ରାମଗୁଡିକରେ ବନ ସୁରକ୍ଷା ସମିତି ଗଠନ କରାଯାଇଛି।



ସମିତିର କାମ ହେଲା ଜଙ୍ଗଲ ସୁରକ୍ଷା, ଜୀବଜନ୍ତୁ ରକ୍ଷା, ବନପୋଡିରୁ ରକ୍ଷା କରିବା। ସମିତିରେ ଗ୍ରାମର ଲୋକେ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ବନପାଳ ଏବଂ ଅନ୍ୟ ସଦସ୍ୟ ବୃନ୍ଦ ରୁହନ୍ତି। ସମିତିର ଆକାଉଣ୍ଟ ବନପାଳ ଏବଂ କୋଷାଧ୍ୟକ୍ଷ ନାମରେ ଖୋଲାଯାଇଥାଏ। ବନ ସୁରକ୍ଷା ସମିତି ଜରିଆରେ ବିଭିନ୍ନ ଉନ୍ନୟନ, ଜୀବନ ଜୀବିକା ପାଇଁ ସରକାର ଟଙ୍କା ଦେଇଥାନ୍ତି। ବନ ସୁରକ୍ଷା ମାଧ୍ୟମରେ ରେଜୁଲେସନ କରାଯାଇ ବିଭିନ୍ନ କାମ କରାଯାଇଥାଏ; କିନ୍ତୁ ବହଳଦା ବନାଞ୍ଚଳ ଅନ୍ତର୍ଗତ ଜାମଦା ବ୍ଲକର ଟେଣ୍ଡାରା ପଞ୍ଚାୟତର ହରଗଡ଼ା ଗ୍ରାମର ବନ ସୁରକ୍ଷା ସମିତି ନାମରେ ୯୭ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ସମିତିକୁ ନ ଜଣାଇ ବନପାଳ ମନୋରଞ୍ଜନ ମହାନ୍ତ ନିଜ ସମ୍ପର୍କୀୟ ନାମରେ ଉଠାଇ ନେଇଛନ୍ତି; କିନ୍ତୁ କୌଣସି କାମ ହୋଇନାହିଁ। ରେଜୁଲେସନ ଖାତାରେ ବନପାଳ ବନ ସୁରକ୍ଷା ସମିତିର ସଭାପତି, ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଏବଂ ସଦସ୍ୟଙ୍କ ଜାଲ ଦସ୍ତଖତ କରି ଟଙ୍କା ଚଳୁକରି ଦେଇଛନ୍ତି। ଏହି ଘଟଣା ନେଇ ସମିତି ଜାଣିବା ପରେ ବନପାଳ ଶ୍ରୀ ମହାନ୍ତଙ୍କୁ ଫୋନରେ ପଚାରିବାରୁ ସେ କହିଲେ ଯେ, ବନାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି, ଏସିଏଫ ଏବଂ ଡିଏଫଓଙ୍କୁ ୪୦% ପର୍ସେଣ୍ଟ ପିସି ଦିଆଯାଉଛି। ଏଭଳି ପିସି କାରବାର ପୂର୍ତ୍ତବିଭାଗ, ଜଳସେଚନ ବିଭାଗ, ବ୍ଲକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଗ୍ରାମୀଣ ପାନୀୟ ଜଳ ବିଭାଗର ହୁଏ ନାହିଁ। ଏହା ଏକ ରେକର୍ଡ଼। ଶିମିଳିପାଳ ଉନ୍ନୟନ ନାମରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଗଣ ମାଧ୍ୟମରେ ପ୍ରକାଶ ହୋଇଛି; ଯାହାକି ସେମାନେ ଫୋନ୍ କଲ୍ ରେକର୍ଡିଂ କରି ରଖିଛନ୍ତି। ଏହାକୁ ନେଇ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତା ଡିଏଫଓ ସୁବ୍ରତ ପାତ୍ରଙ୍କୁ ଦୁର୍ନୀତିକୁ ନେଇ ସାକ୍ଷାତ କରିବା ସହ ଲିଖିତ ଅଭିଯୋଗ କରିବା ପରେ ସେ ଘଟଣାକୁ ଏଡାଇ ଯାଇଥିଲେ। ଏହି ଅଭିଯୋଗକୁ ନେଇ ରାଇରଙ୍ଗପୁର ମହତାବ ଭବନ ପରିସରରେ ନିକଟରେ ହୋଇଥିବା ବନାଞ୍ଚଳ ସମୀକ୍ଷା ବୈଠକକୁ ହରଗଡ଼ା ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ଡକାଯାଇ ନ ଥିଲା। ଫଳରେ ହରଗଡ଼ା ବନ ସୁରକ୍ଷା ସମିତିର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବିଷୟରେ ସେମାନେ ଜିଲ୍ଲାପାଳ, ଜଙ୍ଗଲ ପରିବେଶ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ଘଟଣାର ତଦନ୍ତ କରି ଦୁର୍ନୀତିଗ୍ରସ୍ତ ବନ କର୍ମଚାରୀ ଏବଂ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଦାବିପତ୍ର ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ● କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଅଲଟ୍ରା ସାଉଣ୍ଡ ଓ ଏକ୍ସ-ରେ ମେସିନ ନାହିଁ; ରୋଗୀ ହନ୍ତସନ୍ତ

ମୋରଡ଼ା, ୩୦।୧୦(ସମିସ): ପୂର୍ବରୁ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେସିନ ଥିଲା ଏବଂ ଲୋକେ ତତ୍କାଳ ସେବା ପାଉଥିଲେ। ତେବେ କୌଣସି କାରଣ ବଶତଃ ମେସିନଟି ଖରାପ ହେବାରୁ ମରାମତି ପାଇଁ ନିଆଯାଇ ଆଉ ଫେରିନି। ଏବେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସ-ରେ ମେସିନ ନ ଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ମଧ୍ୟ ଅଲଟ୍ରା ସାଉଣ୍ଡ ମେସିନ ନାହିଁ। ଫଳରେ ଗର୍ଭବତୀ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୨୪କିମି ବାରିପଦା ଯିବାକୁ ପଡୁଛି। ଅନ୍ୟ ପକ୍ଷରେ ଏଠାରେ ଏକ୍ସ-ରେ ମେସିନ ନାହିଁ। ତେଣୁ ରୋଗୀ ଦୂରକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଅଲଟ୍ରା ସାଉଣ୍ଡ ଏବଂ ଏକ୍ସ-ରେ ମେସିନ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ● ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତା

## ରଞ୍ଜନ, ରାମ, ରବୀନ୍ଦ୍ର ଓ କମଳାଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ



ବାରିପଦା, ୩୦।୧୨(ସମିସ): ଓଡ଼ିଶା ପାରା ସ୍ପୋର୍ଟସ ଆସୋସିଏସୋନ ଆନୁକୂଲ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତା ଗତ ୨୫ରୁ ୨୬ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ୪ ତାରକା ରଞ୍ଜନ ହାଁସଦା, ରାମ ମୁର୍ମୁ, ରବୀନ୍ଦ୍ର ମୁର୍ମୁ ଓ କମଳା ଟୁଡୁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ଏକ ଗୌରବ ଆଣିଛନ୍ତି। ରଞ୍ଜନ ବ୍ୟାକ ଷ୍ଟ୍ରୋକ ୧୦୦ ମିଟର ଆଉ ୫୦ ମିଟର ଏବଂ ଫ୍ରି ଷ୍ଟାଇଲ ୫୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାମ ମୁର୍ମୁ ବ୍ୟାକ ଷ୍ଟ୍ରୋକ ୧୦୦ ମିଟର, ୫୦ ମିଟର ଏବଂ ବଟର ଫ୍ଲାଏ ୫୦ ମିଟର ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ରବୀନ୍ଦ୍ର ମୁର୍ମୁ ଫ୍ରି ଷ୍ଟାଇଲ ୫୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କମଳା ଟୁଡୁ ଫ୍ରି ଷ୍ଟାଇଲ ୧୦୦ ମିଟର ଓ ୫୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରକାଶ ଥାଉ କି ମୟୂରଭଞ୍ଜର ଯଶିପୁର ଗ୍ରାମର ରଞ୍ଜନ ହାଁସଦା, ବିଶୋଇ ଅଞ୍ଚଳର ରାମ ମୁର୍ମୁ, ପୋଖରିଆ ଅଞ୍ଚଳର ରବୀନ୍ଦ୍ର ମୁର୍ମୁ ଏବଂ କରଞ୍ଜିଆ ଅଞ୍ଚଳର କମଳା ଟୁଡୁ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ହୋଇ ମଧ୍ୟ ନିଜର ପ୍ରତିଭା ବଳରେ ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି। ପୌର ପରିଷଦ ଦ୍ୱାରା ନିର୍ମିତ ଆଶ୍ରୟ-୧ରେ ଏହି ଅନ୍ତେବାସୀ ରହି ପାଠ ସହିତ ଖେଳରେ ରାଜ୍ୟ ଏବଂ କେନ୍ଦ୍ରସ୍ତରୀୟରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଛନ୍ତି।

## ନିର୍ମାଣ ୩ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହେଉନି କୃଷି କାର୍ଯ୍ୟାଳୟ

ଗୋପବନ୍ଧୁନଗର, ୩୦।୧୦ (ସମିସ): ଉଦଳା ବ୍ଲକ ଜୟପୁର ଉଦଳା ପୂର୍ତ୍ତ ବିଭାଗ ରାସ୍ତାର ରଙ୍ଗାମାଟିଆ ହାଇସ୍କୁଲ ଛକ ନିକଟରେ ନିର୍ମାଣ ହୋଇଥିବା କୃଷି ବିଭାଗ



ଅଧିକାରୀଙ୍କ କାର୍ଯ୍ୟାଳୟଟି ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ନିର୍ମାଣ ହୋଇଛି; କିନ୍ତୁ ଆଜିଯାଏ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଗେଟରେ ତାଲାପଡ଼ି ରହିଛି। ଏବେ କାର୍ଯ୍ୟାଳୟ ପରିସରରେ ଅନାବନା ଗଛ ହେବା ସହିତ ସରୀସୃପଙ୍କ ଚାରଣ ଭୂମି ପାଲଟିଛି। ସରକାର କେଉଁ ଉଦ୍ଦେଶ୍ୟ ନେଇ ଏହି ଗୃହ ନିର୍ମାଣ କରିଛନ୍ତି ତାହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଣୁ ବିଭାଗୀୟ ଅଧିକାରୀ ତୁରନ୍ତ ତଦନ୍ତ କରି ଉକ୍ତ ଅଫିସକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

## ସଡ଼କ ପାର୍ଶ୍ୱରେ ଖୋଳାଯାଇଥିବା ଗାତ ଲୋକଙ୍କ ପାଇଁ ବିପଦ



ବେତନଟୀ, ୩୦।୧୦(ସମିସ): ରୁପ୍ସାରୁ ବାଙ୍ଗରିପୋଷି ରେଳଲାଇନ ମଧ୍ୟରେ ବେତନଟୀ ଷ୍ଟେସନରୁ ମାତ୍ର ୨ କିମି ଦୂରରେ ରହିଛି ଯୁଗଳ ପ୍ଲାଟଫର୍ମ। ଏହି ପ୍ଲାଟଫର୍ମ ନିକଟରେ ରେଳ ପରିସୀମାରେ ୧୦ ଫୁଟ ଗଭୀରର ଏକ ଗାତ ଖୋଳାଯାଇଛି। ଜଣେ ଠିକାଦାରଙ୍କ ଲୋକ ପ୍ରାୟ ୬ ଦିନ ପୂର୍ବରୁ ଏହି ଗାତ ଖୋଳିଛନ୍ତି। ଗାତରେ ଗୃହ ପାଳିତ ପଶୁ, ଜୀବଜନ୍ତୁ ଓ ମଣିଷ ନ ପଡ଼ିବା ପାଇଁ କୌଣସି ଅସ୍ଥାୟୀ ସୁରକ୍ଷା ବାଡ଼ ଦିଆଯାଇନାହିଁ। ଠିକାଦାର ବିପଜ୍ଜନକ ଅବସ୍ଥାରେ ଗାତ ଖୋଳି ପକାଇ ଦେଇଥିବା ବେଳେ ନିକଟରେ ବ୍ରହ୍ମପୁରା ଅଙ୍ଗନବାଡ଼ିର କୁନି କୁନି ପିଲା, ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ରହିଛନ୍ତି। ଯୁଗଳ ରେଳ ଷ୍ଟପେଜକୁ ଯିବା ପାଇଁ ସେଠାରେ ରାସ୍ତା ସହିତ ଗ୍ରାମ ସଡ଼କ ମଧ୍ୟ ରହିଛି। ସଡ଼କ ପାର୍ଶ୍ୱରେ ଏହି ଗାତ ଖୋଳାଯାଇଥିବାରୁ ଏବେ ପାଣି ଭର୍ତ୍ତି ହୋଇରହିଛି। ତେଣୁ ଗାତରେ ପଡ଼ି ଜୀବନ ଯିବା ଆଶଙ୍କା ରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ଦୁବୁଲାବେଡା ବନ୍ଧସାହିକୁ ପକ୍କା ରାସ୍ତା ନିର୍ମାଣ ଦାବି

ରାଇରଙ୍ଗପୁର, ୩୦।୧୦(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ପୁରୁଣାପାଣି ଗ୍ରାମପଞ୍ଚାୟତ ଦୁବୁଲାବେଡା ବନ୍ଧସାହି ରାସ୍ତାକୁ ପକ୍କା କରିବା ନିମନ୍ତେ ଦାବି ହେଉଛି। ସ୍ୱାଧୀନତା ପରେ ବି ଏହି ରାସ୍ତା ପ୍ରତି ସରକାରଙ୍କ ଅନୁଦାନ ପାଣ୍ଠିରୁ ଏକ ଟଙ୍କା ବି ଖର୍ଚ୍ଚ ହୋଇପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାଇରଙ୍ଗପୁର ବ୍ଲକରୁ ଏକ କିମି ଦୂରରେ ରହିଛି ଦୁବୁଲାବେଡା ଗାଁ; କିନ୍ତୁ ଆଜିଯାଏ ଏହି ଗାଁର କୌଣସି ବିକାଶ ହୋଇପାରୁନାହିଁ। ଫଳରେ ଲୋକେ ହନ୍ତସନ୍ତ ହେବା ସହିତ ବିକାଶଠୁ ବହୁ ଦୂରରେ ରହିଛି ଏହି ଗାଁ। ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ଗଲେ ବ୍ଲକକୁ ଯାଆନ୍ତୁ ବୋଲି କହୁଛନ୍ତି ପଞ୍ଚାୟତ ପ୍ରଶାସନ। ସେହିପରି ବ୍ଲକକୁ ଗଲେ ଜିଲ୍ଲାପାଳଙ୍କୁ ଅଭିଯୋଗ କର ବୋଲି ଉତ୍ତର ମିଳୁଛି। ଯେତେବେଳେ ରାଇରଙ୍ଗପୁରର ବିଧାୟକ ଭାବେ ନବଚରଣ ମାଝୀ ଥିଲେ, ସେତେବେଳେ ସେ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ; ହେଲେ ଏବେ ସେ ଆଉ ଧରାଛୁଆଁ ଦେଉନାହାନ୍ତି ବୋଲି କହିଛନ୍ତି ଗ୍ରାମବାସୀ। ଏବେ ସେ ଲୋକସଭା ସାଂସଦ ହୋଇଥିଲେ ବି କୌଣସି ଦୃଷ୍ଟି ଦେଉନାହାନ୍ତି ବୋଲି ଗ୍ରାମବାସୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ବର୍ଷାଦିନେ ରାସ୍ତା ପାଇଁ ଗ୍ରାମବାସୀଙ୍କ ଦୁଃଖ ବଢ଼ିଯାଏ। ତେଣୁ ଦୁବୁଲାବେଡା ବନ୍ଧସାହି ପ୍ରତି ସରକାର ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ ସୁରକ୍ଷିତ ଭାବେ ଯାତାୟାତ କରିପାରିବେ। ବାବୁରାମ ମହାନ୍ତ, ପିରୁ ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ପ୍ରଫୁଲ୍ଲକୁମାର ମହାନ୍ତ, ଶୋଭା ମହାନ୍ତ, ରବୀନ୍ଦ୍ର ମହାନ୍ତ, ନେହେରୁ ମହାନ୍ତ, ଦୀଲ୍ଲୀପ ମହାନ୍ତ ପ୍ରମୁଖ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



## ଟଙ୍କା, ଲାପଟପ ଚୋରି ଅଭିଯୋଗ

କୁଆମରା, ୩୦।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଗ୍ରାମର ସଚ୍ଚିନନ୍ଦନ ଭୋଳଙ୍କ ଘରୁ ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ତାଙ୍କ ଉପର ମହଲାର ଘରେ କେହି ଦୁର୍ବୃତ୍ତ କବାଟ ଖୋଲି ଟଙ୍କା ଏବଂ ଲାପଟପ୍ ଚୋରିକରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଛନ୍ତି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା; ୬ ଚାଷୀ ସମ୍ବର୍ଦ୍ଧିତ



ବୈଶିଙ୍ଗା, ୩୦।୧୦(ସମିସ): ବୈଶିଙ୍ଗା ଉପକଣ୍ଠ ରଙ୍ଗାମାଟିଆ ପଡ଼ିଆରେ ଏକ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ବିଧାୟକ ସନାତନ ବିଜୁଳି ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ନିମନ୍ତେ କରାଯାଇଥିବା ଯୋଜନା ଲୋକଙ୍କ ଆୟକୁ ଦ୍ୱିଗୁଣିତ କରିବ ବୋଲି କହିଥିଲେ। ବେତନଟୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ. ରଞ୍ଜନ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ. ରମଣୀ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲ୍ଲାପରିଷଦ ସଭ୍ୟା ସବିତା ଦାସ, ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୂତାର, ଜିଲ୍ଲା ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ. ଗୋପାଳ ଚରଣ ବଳ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଦୀପକ କୁମାର ପରିଡ଼ା, ଭୁବନେଶ୍ୱର ସ୍ଥିତ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଗୁରୁପ୍ରସାଦ ମହାନ୍ତି, ରାଜ୍ୟ ପ୍ରାଣୀ ଖାଦ୍ୟ ବିଶ୍ଳେଷଣାଗାର ସହକାରୀ ନିର୍ଦ୍ଦେଶିକା ଗୀତାଞ୍ଜଳୀ ଦାଶ, ପ୍ରାଣୀଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଡା. ସାନ୍ତ୍ୱନା ପଲାଇ, ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ଓ କେନ୍ଦୁଝର ସହକାରୀ ମତ୍ସ୍ୟ ଅଧିକାରୀ ବୀରେନ ନାୟକ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ପାଳନ କରି ମହିଳା ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ।

ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୧୨ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ୬ ଜଣ କୃତୀ ସଫଳ ଚାଷୀଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ତତସହିତ ଉଦ୍ୟୋଗୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଦୁଗ୍ଧ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପରାମର୍ଶ ଦିଆଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ଶୁଭସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

ବଡସାହି, ୩୦।୧୦(ସମିସ): ବଡସାହି ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସୁନୀଲ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ପୂର୍ବ କର୍ମକର୍ତ୍ତାଙ୍କ ସହିତ କିଛି ନୂଆ ସଦସ୍ୟଙ୍କୁ ଗ୍ରହଣ କରାଯାଇଛି। ମଞ୍ଚ ପକ୍ଷରୁ ବାରିପଦାରୁ ପ୍ରତାପପୁର-ବଡସାହି-ମାଣତ୍ରୀ ରାସ୍ତା ଉପରେ ଅଦ୍ଧର୍ଓ୍ୱର୍ ନିର୍ମିତ ପୋଲ ଗୁଡିକୁ ସମ୍ପୂର୍ଣ୍ଣ କରିବା, ବଡସାହିକୁ ଏନଏସି ମାନ୍ୟତା ସହିତ ସବଟ୍ରେଜେରୀ ଓ ବସଷ୍ଟାଣ୍ଡ ନିର୍ମାଣ, ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟାଳୟ ପାଇଁ ଜମି ଓ ସ୍ଥାୟୀ ଗୃହ ନିର୍ମାଣ, ରାଜ୍ୟ ସରକାର ବରିଷ୍ଠ ନାଗରିକ ମାନଙ୍କ ପାଇଁ ଭତ୍ତା ୧ହଜାର ଟଙ୍କାରୁ ୩ହଜାର ଟଙ୍କାକୁ ବୃଦ୍ଧି କରିବା, ଆୟୁଷ୍ମାନ ଭାରତ ଯୋଜନାକୁ ୭୦ ପରିବର୍ତ୍ତେ ୬୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ କରିବା, ରେଳଗାଡି ଯାତ୍ରା ସମୟରେ ପୂର୍ବ ପ୍ରଚଳିତ ରିହାତି ପ୍ରଦାନ କରିବା, ବେତନଟୀରୁ ନୀଳଗିରି ଭାୟା ବଡସାହି ଓ ଉଦଳା ଦେଇ ନୂତନ ରେଳଲାଇନ ସଂଯୋଗୀକରଣ କରିବା, ବେତନଟୀ, ଉଦଳା ଭାୟା ବଡସାହି ରାସ୍ତାର ପ୍ରଶସ୍ତିକରଣ କରିବା ଆଦି ଦାବି କରାଯାଇଥିଲା। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନେରଞ୍ଜନ ବଳ, ଅଶୋକ କୁମାର ବେହେରା, ଡାକ୍ତର ସୁବୋଧ କୁମାର ଦାସ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ




ବାରିପଦା, ୩୦।୧୦(ସମିସ): ଅଗ୍ରଣୀ ଚିତ୍ରକଳା ଅନୁଷ୍ଠାନ ମୟୂରଭଞ୍ଜ କଳା ଏକାଡେମୀ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୫୦ ଜଣ ପିଲା ଅଂଶଗ୍ରହଣ କରିଥିଲେ। କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ୧୨୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟ ପିଲାଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ତଥା ଜିଲ୍ଲା ଅଗ୍ରଣୀ ଚିତ୍ରଶିଳ୍ପୀ ଚାରୁ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ମହେନ୍ଦ୍ର ନାଥ ଦଣ୍ଡପାଟ ଓ ବିଶିଷ୍ଟ ସାହିତ୍ୟିକ ତଥା ମୟୂରଭଞ୍ଜ ପୁସ୍ତକ ମେଳା ସଭାପତି ପଦ୍ମନାଭ ସାହୁ ଯୋଗ ଦେଇଥିଲେ। ସଂସ୍ଥାର ସମ୍ପାଦକ ସ୍ୱରୂପ କୁମାର ନାୟକ, ମୋନାଲିସା ନାୟକ ଓ ଅମ୍ରିତ ହୋତା ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଶୁଭଙ୍କର ପ୍ରତିହାରୀ, ଏମ ସାଇ ପ୍ରୀତି, ଏମ ସାଇ ଜ୍ୟୋତି, ପିୟୁଷ ପ୍ରିତମ ସାହୁ, ଦେବସ୍ମିତା ପାରମନିକ, ସାଇ ସତ୍ୟମ ମହାନ୍ତ କନିଷ୍ଠ ବିଭାଗରେ ଗରିମା ମହାପାତ୍ର, ବନିତା ରଣା, ଇନ୍ଦ୍ରନୀଲ ଭୌମିକ, ସଞ୍ଜନା ମହାନ୍ତ, ଅଭିନନ୍ଦନ ସିଂ, ମୋନାଲିସା ବେରା, ସାଇପ୍ରତ୍ୟୁଷା ବଂଶୀୟାର, ଜୟସ୍ମିତା ପାରମାନିକ, କୀର୍ତ୍ତିରାଜ ବେହେରା ପୁରସ୍କୃତ ହୋଇଛନ୍ତି।

## ବନ୍ୟଜନ୍ତୁ ସୁରକ୍ଷା ଓ କ୍ଷତିପୂରଣ ସଚେତନତା

ମହୁଲଡିହା, ୩୦।୧୦(ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ବଣ୍ୟଜନ୍ତୁ ସୁରକ୍ଷା, ବଣ୍ୟଜନ୍ତୁ ଦ୍ୱାରା ଧନ ଜୀବନ କ୍ଷୟକ୍ଷତି, ଅନୁକମ୍ପାରେ ଆବେଦନ ଆଦି ସମ୍ପର୍କରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ସଚେତନତା ସୃଷ୍ଟି କରାଯାଇଛି। ଭୈରାଣୀବେଡା, କେଲପୋଷି, ଅଖାପଲାଶ, କାଳିଆଜିଆଣୀ, ସାଗର ସାହି, ବୁରୁଡି, ଜଡିବିଲ ଆଦି ଗ୍ରାମରେ ଡ଼ାକ ବାଜି ଯନ୍ତ୍ରରେ ଏହା ପ୍ରଚାର କରାଯାଇଛି। ଧାନ ପାଚିବା ସମୟ କ୍ଷେତକୁ ଧାନ ଖାଇବା ପାଇଁ ଜଙ୍ଗଲ ଜନ୍ତୁ ଆସିବେ। ତେଣୁ ଜଙ୍ଗଲୀ ଜନ୍ତୁଙ୍କୁ ଆକ୍ରମଣ ନ କରି ରାତିରେ ଏକାକୀ ବୁଲନ୍ତୁ ନାହିଁ। କ୍ଷୟକ୍ଷତି ହେଲେ ଅନୁକମ୍ପା ଆପ୍ ଯୋଗେ କ୍ଷତିପୂରଣ ପାଇଁ ଆବେଦନ କରନ୍ତୁ। ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି।

## ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ପିଛା ଛାଡୁନି ବିବାଦ

# 'ସୁରଭି'ରେ ଶିକ୍ଷକଙ୍କଠୁ ଚାନ୍ଦା ଆଦାୟ ନେଇ ଅଭିଯୋଗ

ବଡସାହି, ୩୦।୧୦(ସମିସ): ବଡସାହି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତଥା ଅଧିକାରୀଙ୍କ ବିରୋଧରେ ବହୁ ଆପତ୍ତି ଓ ଅଭିଯୋଗ ପରେ ବି ସ୍ଥିତି ସୁଧୁରିନାହିଁ। ବାରମ୍ବାର ବିବାଦ ପରେ ବିବାଦରେ ଛନ୍ଦି ହେଉଛି ଏହି କାର୍ଯ୍ୟାଳୟ। ଏ ନେଇ ସଚିବଙ୍କଠାରୁ ଆରମ୍ଭ କରି ବିଧାୟକ, ଜିଲ୍ଲାପାଳ ଓ ଡିଇଓଙ୍କୁ ଅବଗତ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଜଣେ ପୂର୍ବତନ ଏବିଇଓଙ୍କ ପାଇଁ ଏସବୁ ଘଟୁଥିବା ଅଭିଯୋଗ ହେଉଛି। ତାଙ୍କର ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଦବଦବା ରହିଥିବାରୁ ବିଭିନ୍ନ ଅନିୟମିତାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଫାଇଲ ତଳ ଚାପି ହୋଇ ରହିଯାଉଛି। ଫଳରେ ବଡସାହି ବ୍ଲକରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ଗଲାଣି। ଆଜି ବି ପୂର୍ବତନ ଏବିଇଓଙ୍କ ଇଙ୍ଗିତରେ ବହୁ ବେନିୟମ ଓ ଅନିୟମିତତା କାର୍ଯ୍ୟ ହେଉଛି। ଏପରିକି ବଡସାହି ବଜାରରେ ଥିବା ଜଣେ ପୂର୍ବତନ ଏବିଇଓଙ୍କ ଭଡା ଘରେ ବିଇଓ କାର୍ଯ୍ୟାଳୟ ଚାଲୁଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଶୁକ୍ରବାର ବଡସାହି ବ୍ଲକ 'ସୁରଭି' କାର୍ଯ୍ୟକ୍ରମ ହେବା ନେଇ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ମିଳିଛି; ମାତ୍ର ବିଇଓ ଏବଂ ଜଣେ ପୂର୍ବତନ ଏବିଇଓଙ୍କ ନିର୍ଦ୍ଦେଶରେ ସିଆରସିସିମାନେ ପ୍ରତି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କଠାରୁ ୫୦ ଟଙ୍କାରୁ ଆରମ୍ଭ କରି ୫ ହଜାର ଟଙ୍କା ଯାଏ ଚାନ୍ଦା ଉଠାଉଥିବା ଅଭିଯୋଗ ହୋଇଛି। ଯିଏ ଚାନ୍ଦା ନ ଦେବ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରହିବାକୁ ମଧ୍ୟ କୁହାଯାଉଛି। ସେହିପରି ବିଗତ ଦିନରେ ୪ ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଓ ନିଲମ୍ବନ କରାଯାଇଥିବା ବେଳେ ଏହା ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ନ ଥିବା ମଧ୍ୟ ଅଭିଯୋଗ ଉଠିଛି। ଏପରିକି ନିଲମ୍ବନ ବିରୋଧରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ମଧ୍ୟ ସେ ମାନୁ ନାହାନ୍ତି। ସେହିପରି ୧୪୦ ଜଣ ଶିକ୍ଷକଙ୍କ ନିୟମ ବର୍ହିଭୂତ ଡେପୁଟେସନ, ଶିକ୍ଷକ ସତ୍ୟପ୍ରକାଶ ମହାନ୍ତଙ୍କ ୨ମାସରେ ୨ ଥର ଡେପୁଟେସନ, ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ବେହେରାଙ୍କୁ ସୁହାଇଲା ଭଳି ବେନିୟମ ଭାବେ ସୁବିଧାଜନକ ସ୍ଥାନରେ ଅବସ୍ଥାପିତ କରିବା, ଲାଞ୍ଚ ଦେଉ ନ ଥିବା ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ ସମ୍ପର୍କୀତ କାଗଜପତ୍ର ଠିକ୍ ସମୟରେ ନ କରିବା, ଏଚବିଏ ବାବଦରେ ୨୫ ହଜାର ଟଙ୍କାର ଲାଞ୍ଚ ଦେବାର ଏକମାସ ପରେ ବିଲ କରିବା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁନିତା ସିଂଙ୍କ ଦୀର୍ଘ ୪ମାସ ଧରି ପେନସନ ସମ୍ବନ୍ଧୀୟ କାମ ନ କରିବା ଶିକ୍ଷକ ମୋହନ ସୁନ୍ଦର ମହାନ୍ତଙ୍କୁ ୭ମାସ ଧରି ନିଲମ୍ବିତ କରିଥିଲେ ହେଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା, ଶିକ୍ଷକ କାର୍ତ୍ତିକ ଜେନାଙ୍କୁ ଆକ୍ରୋଶମୂଳକ ଭାବେ ଦୁଇ ମାସ ମଧ୍ୟରେ ଦୁଇ ଥର ଅନ୍ୟ ବିଦ୍ୟାଳୟକୁ ବଦଳି କରି ପୁଣି ଆଦେଶ ବାତିଲ କରିବା, ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ପରିଭ୍ରମଣ ଅର୍ଥ ଆତ୍ମସାତ କରିବା, ସମଗ୍ର ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟାକ୍ରମରେ ଆର୍ଥିକ ଅନୁଦାନର ସଠିକ୍ ବିନିଯୋଗ ନ କରି ଆତ୍ମସାତ କରିବା, କ୍ରୟ କମିଟି ଗଠନ ନ କରି ଅଫିସର କଣ୍ଟିଜେନ୍ସି ଅନୁଦାନକୁ ହଡପ କରିବା, ସୂଚନା ଅଧିକାର ତଥ୍ୟ ଅନୁସାରେ କୋଭିଡ ସମୟରୁ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ପାଇଁ ବିଦ୍ୟାଳୟରେ ଚାଉଳ ନିଅଣ୍ଟ ଅବସ୍ଥା ଅଦ୍ୟାବଧି ସୁଧୁରୁ ନ ଥିବାର ଜଣାଯାଇଛି। ସେହି ପୂର୍ବତନ ବିବାଦୀୟ ଏବିଇଓଙ୍କ ବଡସାହିସ୍ଥ ବାସଭବନରେ ବିଭିନ୍ନ ଅନୈତିକ କାର୍ଯ୍ୟ ପାଇଁ ଆର୍ଥିକ ଦେଣନେଣ କାରବାରର ଚୁକ୍ତି ଚାଲିଥିବା ଅଭିଯୋଗ ହୋଇଛି। ଏ ନେଇ ବହୁ ଶିକ୍ଷକ ସଂଗଠନ ପକ୍ଷରୁ ବଡସାହି ବିଧାୟକ ସନାତନ ବିଜୁଳିଙ୍କୁ ଅଭିଯୋଗ କରାଯାଇଥିବା ବେଳେ ସେ ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଡିଇଓଙ୍କୁ ଜଣାଇବା ପରେ ଏଡିଓ ତଦନ୍ତ କରିବାର ୧ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଶୂନ। ଯାହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବିଇଓ ମଧୁସ୍ମିତା ଗିରିଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ଭିନ୍ନକ୍ଷମଙ୍କୁ ମିଳୁନି ଟ୍ରାଇ ସାଇକଲ

● ଜିଲ୍ଲାପାଳଙ୍କୁ ଅଭିଯୋଗ

ବଇଣ୍ଡା,୩୦ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ତିଡିରାକଟା ଗ୍ରାମର ଭିନ୍ନକ୍ଷମ ମହିଳା ନୀଳାବତୀ ସାହୁଙ୍କୁ ପ୍ରଶାସନ ପକ୍ଷରୁ ଟ୍ରାଇ ସାଇକଲ ମିଳୁନାହିଁ । ଦୀର୍ଘବର୍ଷ ହେବ ସେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ଟ୍ରାଇ ସାଇକଲ ଯୋଗାଇ ଦିଆଯାଉ ନାହିଁ । ବୁଧବାର ନୀଳାବତୀ ଏ ନେଇ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ ସେ ୭୦ ପ୍ରତିଶତ ଭିନ୍ନକ୍ଷମ ଥିବାବେଳେ ଚାଲିପାରୁ ନାହାନ୍ତି । ସାଇକଲ ପାଇଁ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ସାଇକଲ ନ ଥିବାରୁ ସେ କୌଣସି ସ୍ଥାନକୁ ଯାଇପାରୁ ନାହାନ୍ତି । ସବୁବେଳେ ଗୋଟିଏ ଚଉକିରେ ବସି ରହୁଛନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି । ଏଥିପ୍ରତି ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବ ବୋଲି ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ କହିଛନ୍ତି ।

● ରେଳ କର୍ମଚାରୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

## ତାଲାଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟିନେଲେ

ତାଳଚେର,୩୦ ।୧୦(ସମିସ): ତାଳଚେର ରେଳଷ୍ଟେସନ୍ ନିକଟରେ ଭଡ଼ାଘରେ ରହୁଥିବା ରେଲୱେ କର୍ମଚାରୀ ବିହାର ଅଞ୍ଚଳର ଶିବଶଙ୍କର କୁମାରଙ୍କ ଘରେ ରବିବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି । ସୋମାବାର ସକାଳେ ଶିବଶଙ୍କର ଡ୍ୟୁଟି ସାରି ଆସି ଦେଖିଲା ବେଳକୁ ଘର ଆଲମିରା ଭଙ୍ଗାଯିବା ସହ ସମସ୍ତ ଜିନିଷପତ୍ର ବିଛାଡ଼ି ହୋଇ ପଡ଼ିଥିଲା । ଆଲମିରାରେ ଥିବା ପ୍ରାୟ ୧୫ ଗ୍ରାମ ଓଜନର ସୁନାଚେନ୍, ରୁପା ଅଳଙ୍କାର ଓ ଅନ୍ୟାନ୍ୟ ଆସବାବପତ୍ର ଲୁଟ୍ ହୋଇଥିଲା । ଏ ସମ୍ପର୍କରେ ସେ କୋଲିୟରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ସେହି ଅଞ୍ଚଳ ଶୂନଶାନ ହୋଇଥିବାରୁ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ନିକଟରେ ଜଣେ ମହିଳା ଷ୍ଟେସନରେ ଟ୍ରେନରୁ ଓହ୍ଲାଉଥିବା ସମୟରେ ଦୁଇ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଚମ୍ପଟ ମାରିଥିଲେ । ପାଖରେ ଥିବା ଯୁବକମାନେ ମହିଳାଙ୍କ ଚିତ୍କାର ଶୁଣି ଦୁର୍ବୃତ୍ତ ଦ୍ୱୟଙ୍କୁ କାବୁ କରି ଜିଆରପି ପୁଲିସ ଜିମା ଦେଇଥିଲେ । ଜିଆରପି ପୁଲିସ ଓ ସ୍ଥାନୀୟ ପୁଲିସ ମିଳିତ ଭାବେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଲୋକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

● ଆତ୍ମହତ୍ୟା ଅଭିଯୋଗ

ପାଲଲହଡ଼ା,୩୦ ।୧୦(ସମିସ): ପାଲଲହଡ଼ା ଥାନା ଡିମିରିଆ ଗାଁରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଘରୋଇ କଳିକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ହେଲେ ଡିମିରିଆ ମହାନ୍ତ ସାହିର ମିତ୍ରଭାନୁ ମହାନ୍ତଙ୍କ ପୁଅ ଜୟକୃଷ୍ଣ ମହାନ୍ତ (୨୮) । ଜୟକୃଷ୍ଣ ୫ ବର୍ଷ ପୂର୍ବରୁ ବିବାହ କରିଥିଲେ । ତେବେ ବିଭିନ୍ନ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା । ତିନିଦିନ ତଳେ ପୁଣି ଝଗଡ଼ା ହେବାରୁ ଜୟକୃଷ୍ଣଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ । ପରେ ଆପୋସ ସମାଧାନ ହୋଇ ଜୟକୃଷ୍ଣ ନିଜ ଘରକୁ ଫେରିଥିବା ବେଳେ ସ୍ତ୍ରୀ ବାପଘରକୁ ଯାଇଥିଲେ । ୮ ଦିନ ମଧ୍ୟରେ ଜୟକୃଷ୍ଣ ସ୍ତ୍ରୀଙ୍କୁ ଡାକି ଆଣିବାର ଥିଲା । ଗ୍ରାମବାସୀଙ୍କ କହିବା ଅନୁସାରେ ଗୁରୁବାର ମଧ୍ୟାହ୍ନରେ ଜୟକୃଷ୍ଣ ସ୍ତ୍ରୀଙ୍କ ସହ ଭିଡିଓ କଲ୍ରେ ଦୀର୍ଘ ସମୟ କଥା ହୋଇଥିଲେ । କଥା ଚାଲିଥିବା ସମୟରେ ପୁନର୍ବାର ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଜୟକୃଷ୍ଣ ମାନସିକ ଭାରସାମ୍ୟ ହରାଇ ଘରେ କେହି ନ ଥିବା ସମୟରେ ଗାମୁଛା ସାହାଯ୍ୟରେ ଝୁଲିପଡ଼ିଥିଲେ । ଅପରାହ୍ନ ୨ଟା ପରେ ପରିବାର ଲୋକେ ଘରକୁ ଆସି ଜୟକୃଷ୍ଣ ଝୁଲୁଥିବା ଦେଖି ପୁଲିସକୁ ଜଣାଇଥିଲେ । ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନା ପଠାଯାଇଛି ।

ସାତକୋଶିଆ ଅଭୟାରଣ୍ୟରୁ ବିସ୍ଥାପନ ପ୍ରସଙ୍ଗ

# 'ସବୁ ସୁବିଧା ଯୋଗାଇଦେଲେ ଭିଟାମାଟି ଛାଡ଼ିବୁ'

ଅନୁଗୋଳ,୩୦ ।୧୦(ସମିସ)




ସରକାରଙ୍କ ବୃହତ ଯୋଜନାକୁ ସଫଳ କରିବାରେ ଲୋକଙ୍କ ସହଭାଗିତା ଆବଶ୍ୟକ । ଏହି ମର୍ମରେ ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ବ୍ୟାଘ୍ର ପ୍ରକଳ୍ପ ନିମନ୍ତେ ଜଙ୍ଗଲ ଅଧ୍ୟୁଷିତ ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ବିସ୍ଥାପନ ପାଇଁ ଆବଶ୍ୟକତା ରହିଛି । ସରକାରୀ ସହାୟତା ତଥା କ୍ଷତିପୂରଣ ମିଳିବା ପରେ ଲୋକେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଚାହୁଁଛନ୍ତି । ଜଙ୍ଗଲ ଅଧ୍ୟୁଷିତ ପୁରୁଣାକୋଟ ଗ୍ରାମବାସୀ ପରିବାର ସହ ବିସ୍ଥାପନ ନିମନ୍ତେ ଇଚ୍ଛୁକ ଅଛନ୍ତି । ଅଭୟାରଣ୍ୟର ବିଭିନ୍ନ ସରକାରୀ ଆଇନ ଓ କଟକଣା ଯୋଗୁଁ ଗ୍ରାମରେ ଥିବା ଲୋକମାନେ ଜୀବିକା ହରାଇଛନ୍ତି । ଜଙ୍ଗଲର ବାଉଁଶ କଟାଳି କାମ, କେନ୍ଦୁପତ୍ର ତୋଳା, ଶାଳ ମଞ୍ଜି, ଶାଗୁଆନ ମଞ୍ଜି, ମହୁ, ଝୁଣା ଆଦି ସଂଗ୍ରହ କରି ଜୀବନ ଜୀବିକା ନିର୍ବାହ କରନ୍ତି । ଅଳ୍ପ କିଛି ଚାଷଜମିରେ ଚାଷକାର୍ଯ୍ୟ କରି ରୋଜଗାର କରିଥାନ୍ତି । ବର୍ତ୍ତମାନ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବରେ ଚାଷକାର୍ଯ୍ୟ କାଳକ୍ରମେ ବନ୍ଦ ହୋଇଯାଉଛି । ଅଭୟାରଣ୍ୟ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଶିକ୍ଷକ ରହୁ ନ ଥିବାରୁ ପିଲାଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି । ଏଠାରେ ଏକମାତ୍ର ଚିକିତ୍ସାଳୟରେ ଏମ୍ବିବିଏସ୍ ଡାକ୍ତରଙ୍କ ପଦବୀ ଖାଲି ପଡ଼ିବା ସହ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନଙ୍କ ଅନୁପସ୍ଥିତି ଯୋଗୁଁ ଚିକିତ୍ସା ସେବା ମିଳୁନାହିଁ । ଘଞ୍ଚ ଜଙ୍ଗଲ ଯୋଗୁଁ ଆଜିପର୍ଯ୍ୟନ୍ତ ଟେଲିଫୋନ୍ (ନେଟୱର୍କ) ପାଇବାରୁ ବଞ୍ଚିତ ରହିଛନ୍ତି । ଅନେକ ସମୟରେ ହାତୀ ତଥା ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଜୁଳି ଆଲୁଅକୁ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ କାଟି ଦିଆଯାଏ । ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ଅନ୍ଧାର ଯୋଗୁଁ ବନ୍ୟଜନ୍ତୁ ଆକ୍ରମଣ ଆଶଙ୍କା ରହିଥାଏ । ହଠାତ୍ ଯଦି ଜରୁରୀକାଳୀନ ମେଡିକାଲ ସେବା ରାତିରେ ଦରକାର ହୁଏ ତେବେ ହାତୀ ଭୟରେ ସରକାରୀ ଆମ୍ବୁଲାନ୍ସ ଆସିବାକୁ ନାରାଜ ହେଉଛନ୍ତି । ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ନ ଥିବାରୁ ଲୋକଙ୍କ ପିଇବା ପାଣି ଯୋଗାଣ ସମ୍ଭବ ହୁଏ ନାହିଁ । ଅନେକ ସମୟରେ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ହେଉଛି । ଧନଜୀବନ ହାନିର ଦୁଃଖ ସହିବା କଷ୍ଟକର ହୋଇପଡ଼ୁଛି । ସମସ୍ତ ଅସୁବିଧା ଯୋଗୁଁ ଗ୍ରାମବାସୀ ସରକାରଙ୍କଠାରୁ କ୍ଷତିପୂରଣ ନେଇ ସାତକୋଶିଆରୁ ବିସ୍ଥାପିତ ହେବାକୁ ଇଚ୍ଛୁକ ଅଛନ୍ତି । ବିସ୍ଥାପନ ନିମନ୍ତେ ସମସ୍ତ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଗୁରୁବାର ହାଜର ହୋଇ ନିବେଦନ କରିଛନ୍ତି ।

## କୂଅରେ ପଡ଼ିଥିବା ଶାବକକୁ ଉଦ୍ଧାର କଲା ମା' ହାତୀ



ବଅଁରପାଳ,୩୦ ।୧୦(ସମିସ): ପଶୁ ହେଉ କି ମଣିଷ, ମା'ର ମମତା ଆଗରେ ସବୁକିଛି ହାର୍ ମାନେ । ଛୁଆ ପାଇଁ ମା' କିଛି ବି କରିପାରେ । ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ମୋଟଙ୍ଗା ଥାନା କୁରୁଣ୍ଟି ଗ୍ରାମ ନିକଟରେ । ଗୁରୁବାର ସକାଳ ୬ଟା ବେଳେ ଏକ ୪୦ ଟିକିଆ ହାତୀପଲ କୁରୁଣ୍ଟି ଗ୍ରାମରୁ ଖଡ଼କପ୍ରସାଦ ଦେଇ ଯାଉଥିବା ବେଳେ ହଠାତ୍ ଏକ ହାତୀ ଶାବକ ନିକଟରେ ଥିବା ଖୋଲା କୂଅରେ ପଡ଼ିଯାଇଥିଲା । ଅନ୍ୟ ହାତୀମାନେ ଚାଲିଯାଇଥିବା ବେଳେ ମା' ହାତୀ ନିଜ ଛୁଆକୁ ନ ଦେଖି ପୁଣି ଫେରିଥିଲା । ଛୁଆଟି କୂଅରେ ପଡ଼ିଥିବା ଦେଖି ନିଜ ଶୁଣ୍ଢରେ ଛୁଆକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲା । ତେବେ କୂଅକୁ ଶୁଣ୍ଢ ପାଇଲା ନାହିଁ । ଏପରି ବାରମ୍ବାର କରି ବିଫଳ ହୋଇଥିଲେ ମଧ୍ୟ ମା' ହାତୀ ନିରାଶ ହୋଇ ନ ଥିଲା । ପରେ ଏକ କୌଶଳ କରି ପ୍ରଥମେ କୂଅରୁ ଶୁଣ୍ଢ ଦ୍ୱାରା ପାଣି ଆଣି କୂଅ ପାଚେରିରେ ପକାଇ ଗୋଡ଼ରେ ଦଳିଥିଲା । ଏପରି ବାରମ୍ବାର କରିବାରୁ କୂଅ ପାଚେରି ଭାଙ୍ଗିବା ସହ ମାଟି ମଧ୍ୟ ଦବି ଯାଇଥିଲା । ପରେ ମା' ହାତୀ ଶୁଣ୍ଢରେ ଛୁଆକୁ ଉଦ୍ଧାର କରିବାରେ ସଫଳ ହୋଇଥିଲା । ନିକଟରେ ବନ କର୍ମଚାରୀ ଓ ହାତୀ ଉଦ୍ଧାରକାରୀ ଦଳ ଥିଲେ ମଧ୍ୟ ସେମାନେ ନିରବରେ ହାତୀ ଛୁଆର ଉଦ୍ଧାର କାର୍ଯ୍ୟ ଦେଖୁଥିଲେ । ପରେ ମା' ହାତୀ ଶାବକକୁ ନେଇ ଜଙ୍ଗଲ ଆଡ଼କୁ ପଳାଇଥିଲା ।

● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟ

## ବିଶେଷଜ୍ଞ ଡାକ୍ତରଙ୍କୁ ଏମ୍ଆର୍ଆଇ ପରୀକ୍ଷା ପରାମର୍ଶ ନିମନ୍ତେ ଅଧିକାର ଦେବାକୁ ଦାବି

ଅନୁଗୋଳ,୩୦ ।୧୦(ସମିସ): ଅନୁଗୋଳ ଜିଲ୍ଲା ଓଡ଼ିଶାର ମଧ୍ୟସ୍ଥଳରେ ରହିଥିବାରୁ ଏହା ମଧ୍ୟଦେଇ ରାଜ୍ୟ ତଥା ରାଜ୍ୟ ବାହାରର ସର୍ବାଧିକ ଯାନବାହାନ ଚଳାଚଳ କରିଥାଏ । ଏପରିକି ଶିଳ୍ପ ରାଜଧାନୀ ଭାବେ ବିଭିନ୍ନ ଶିଳ୍ପାନୁଷ୍ଠାନରେ କାମ କରି ରୋଜଗାର କରିବା ନିମନ୍ତେ ଦେଶର କୋଣ ଅନୁକୋଣରୁ ଲୋକ ଏଠାକୁ ଆସନ୍ତି । ତେଣୁ ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ସ୍ୱାସ୍ଥ୍ୟସେବା । ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଭାବେ ଢେଙ୍କାନାଳ, କଟକ, ଦେବଗଡ଼, ବୌଦ୍ଧ, କେନ୍ଦୁଝର ଓ ସମ୍ବଲପୁର ସୀମାନ୍ତ ଅଞ୍ଚଳର ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅନେକ ମୌଳିକ ଆବଶ୍ୟକତା ପାଇଁ ଅନୁଗୋଳ ଉପରେ ନିର୍ଭରଶୀଳ । ପୂର୍ବରୁ ଏଠି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରହିଥିବା ବେଳେ ଚଳିତ ବର୍ଷ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି । ଏଣୁ ଉତ୍ତମ ସେବା ପାଇବା ନିମନ୍ତେ ଏଠାକୁ ଦୈନିକ ୧୦୦୦ରୁ ଊର୍ଦ୍ଧ୍ୱର୍ ରୋଗୀ ଆସିଥାନ୍ତି । ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଆଧୁନିକୀକରଣ ଓ ଉନ୍ନତ ମାନର ଯନ୍ତ୍ରପାତି ସରକାର ଯୋଗାଇଥିଲେ ମଧ୍ୟ ଅନେକ ରୋଗୀ ଏହି ପରୀକ୍ଷା କରିପାରିବାରୁ ବଞ୍ଚିତ ରହୁଛନ୍ତି । ଏଣୁ ଏହାର ସମାଧାନ ନିମନ୍ତେ ବୁଧବାର ଜିଲ୍ଲାର ସ୍ୱେଚ୍ଛାସେବୀମାନଙ୍କ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବିଶେଷ କରି ଅନୁଗୋଳ ଦୁର୍ଘଟଣା ପ୍ରବଣ ଓ ଶିଳ୍ପ ବହୁଳ ଅଞ୍ଚଳ ହୋଇଥିବାରୁ ରୋଗୀମାନଙ୍କ ଏମ୍ଆର୍ଆଇ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଶେଷଜ୍ଞ ଚିକିତ୍ସକମାନଙ୍କୁ ଏହି ପରୀକ୍ଷା ନିମନ୍ତେ ପରାମର୍ଶ ଅଧିକାର ଦିଆଯିବା ସହ ତାଳଚେର, ପାଲଲହଡ଼ା ଓ ଆଠମଲ୍ଲିକ ଉପଖଣ୍ଡରେ ଥିବା ସରକାରୀ ଉପଖଣ୍ଡ ଚିକିତ୍ସାଳୟ ବିଶେଷଜ୍ଞ ଡାକ୍ତରମାନଙ୍କୁ ମଧ୍ୟ ପରୀକ୍ଷା ନିମନ୍ତେ ପରାମର୍ଶ କରିବାର ଅଧିକାର ଦେବାକୁ ଦାବି କରାଯାଇଛି । ଏହି ପ୍ରତିନିଧି ମଣ୍ଡଳୀରେ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର ଓ ପର୍ଶୁରାମ ଦାଶ ଉପସ୍ଥିତ ଥିଲେ ।

## ଜାତୀୟ ଏକତା ଦିବସ ଉପଲକ୍ଷେ ପ୍ରତିଯୋଗିତା

କିଶୋରନଗର,୩୦ ।୧୦(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ପାଳନ ଉପଲକ୍ଷେ କିଶୋର ନଗର ସ୍ୱାତକ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପ୍ରଶାସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଥାନାଧିକାରୀ ବିଭୂତି ଭୂଷଣ ପ୍ରଧାନ, ମୁଖ୍ୟବକ୍ତା ରୂପେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶୁଭଶ୍ରୀ ବିଶ୍ୱାଳ ଓ ରୋଜାଲିନ ପ୍ରଧାନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ରାଖୀ ପ୍ରଧାନ ପ୍ରଥମ, ଦେବେନ୍ଦ୍ର ପାଣ୍ଡେ ଦ୍ୱିତୀୟ ଓ ଶକ୍ତିସ୍ୱରୂପ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଅଧ୍ୟାପକ ତରଣୀସେନ ସାହୁ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।



କଣିହାଁ: କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ପୁଲିସ ପକ୍ଷରୁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ରେଙ୍ଗାଳି ଥାନା ଅଧିକାରୀ ଜୟନ୍ତ ମହାନ୍ତି, ଏଏସଆଇ ତ୍ରିନାଥ ଦେହୁରୀ, ରେବତୀ ସାହୁ, କନଷ୍ଟେବଲ ଦ୍ୱିତୀୟା କିସାନ, ଡଲିରାଣୀ ସାମଲ, ଜୟପାଲ ଶୁଣ୍ଢୀ, ପ୍ରଧାନଶିକ୍ଷକ ଗିରିଧାରୀ ବାରିକ, ତିଳୋତ୍ତମା ଦାସ ପ୍ରମୁଖ ଯୋଗଦେଇଥିଲେ ।

## ପୁଲିସ ପକ୍ଷରୁ ସାଇବର ସଚେତନତା

ପାଲଲହଡ଼ା,୩୦ ।୧୦(ସମିସ): ପାଲଲହଡ଼ା ଥାନା ପୁଲିସ ପକ୍ଷରୁ ବୁଧବାର ସାଇବର ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତଙ୍କ ନେତୃତ୍ୱରେ ଏସ୍ଆଇ ସ୍ୱରୂପ ରଞ୍ଜନ ପତ୍ରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସାଇବର ଠକ ପ୍ରତିଦିନ ନୂଆ ନୂଆ ଉପାୟରେ ଲୋକଙ୍କୁ ଠକୁଛନ୍ତି । ଏଥିରୁ ବଞ୍ଚିବାର ଉପାୟ ସମ୍ପର୍କରେ ପୁଲିସ ଅଧିକାରୀ ଦ୍ୱୟ ସଚେତନ କରାଇଥିଲେ । ସଜାଗ ରହିଲେ ସାଇବର ଲୁଟେରାଙ୍କଠାରୁ ନିଜକୁ ଏବଂ ପରିବାର ଜନଙ୍କୁ ରକ୍ଷା କରିପାରିବେ ବୋଲି କହିଥିଲେ । ପୁଲିସ ନାମରେ ଡିଜିଟାଲ ଆରେଷ୍ଟ, ଇନଭେଷ୍ଟମେଣ୍ଟ, ମିଛ ପରିଚୟ ଦେଇ ଟଙ୍କା ଲୁଟ୍ ଓ ଧମକ, ନିଜ ପାସୱାର୍ଡ ଓ ଆଧାରକାର୍ଡ ଅଜଣା ଲୋକଙ୍କୁ ନ ଦେବା, ବ୍ୟାଙ୍କ ସମ୍ବନ୍ଧୀୟ ସୂଚନା କାହାକୁ ନ ଦେବା, ଇନ୍ଷ୍ଟାଗ୍ରାମରୁ ଦୂରେଇ ରହିବାକୁ ଛାତ୍ରଛାତ୍ରୀଙ୍କୁ ଥାନା ଅଧିକାରୀ ମହାନ୍ତ ପରାମର୍ଶ ଦେଇଥିଲେ । ଅନଲାଇନ ଠକେଇ ନେଇ କୌଣସି ବି ଅଘଟଣ ଘଟିଲେ ତୁରନ୍ତ ସ୍ଥାନୀୟ ପୁଲିସକୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ପୁଲିସର ସାଇବର ସୁରକ୍ଷା ସଚେତନତା




କିଶୋରନଗର,୩୦ ।୧୦(ସମିସ): ଠାକୁରଗଡ଼ ଥାନା ପୁଲିସ ପକ୍ଷରୁ ଠାକୁରଗଡ଼ ସ୍ନାତକ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଥାନା ଆଇଆଇସି ଶଶିଭୂଷଣ ବେହେରା ଯୋଗଦେଇ ଅଜଣା ବ୍ୟକ୍ତିଙ୍କୁ ଓଟିପି ନ ଦେବା ସହ ସାଇବର ଠକେଇରୁ ନିଜକୁ କିପରି ସୁରକ୍ଷିତ ରଖିହେବ ସେ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ସରୋଜ ଦାଶ, ସରୋଜ ପ୍ରଧାନ, କଲ୍ୟାଣୀରୂପା ମିଶ୍ର, ଅନ୍ନପୂର୍ଣ୍ଣା ପ୍ରଧାନ, ଟୁକୁନା ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଗ୍ରନ୍ଥାଗାରିକ ପ୍ରଜ୍ଞା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୀତାରାମ ମଠର ବାର୍ଷିକ ଉତ୍ସବ

କିଶୋରନଗର,୩୦ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଜାମୁଝରି ସୀତାରାମି ମଠର ୧୨ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି । ସକାଳେ ଗ୍ରାମବାସୀ ନାମସଂକୀର୍ତ୍ତନ କରି ଗାଁ ପୋଖରୀରୁ ପବିତ୍ର ଜଳ ଉଠାଇ କଳସ ଯାତ୍ରାରେ ମଠକୁ ଆସିଥିଲେ । କଳସ ସ୍ଥାପନ ପରେ ପୂର୍ବାହ୍ନ ୧୧ଟାରେ ପୂଜା ଆରମ୍ଭ ହୋଇଥିଲା । ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପୂଜାରେ କର୍ତ୍ତା ଭାବେ ବ୍ରଜବନ୍ଧୁ ମାଝୀ ଓ ତାଙ୍କ ଧର୍ମପତ୍ନୀ ଛବିରାଣୀ ମାଝୀ ଦାୟିତ୍ୱ ନିର୍ବାହ କରିଥିଲେ । ଉତ୍ସବରେ ବାବା ପ୍ରଜ୍ଞାନନ୍ଦ ପୁରୀଜୀ ମହାନନ୍ଦ, ଅକ୍ରୁର ଦାସ, ନରହରି ଦାସ ମହାରାଜଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇଥିଲେ । ସୀତାରାମ ପୂଜା କମିଟି କର୍ମକର୍ତ୍ତା ସୁପ୍ରିୟ କୁମାର ସାହୁ, ପ୍ରଦୀପ ଦେହୁରୀ, ପଞ୍ଚାନନ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।



## ବାର୍ଦ୍ଧକ୍ୟରେ ଅସ୍ଥିର ସୁରକ୍ଷା ସମ୍ପର୍କିତ କର୍ମଶାଳା



ଅନୁଗୋଳ,୩୦ ।୧୦(ସମିସ): ମାରୱାଡ଼ି ଯୁବ ଭବନରେ ସ୍ୱେଚ୍ଛାସେବୀ ସଂଗଠନ ଚେତନା ଏ ମିଶନ ପକ୍ଷରୁ ବାର୍ଦ୍ଧକ୍ୟରେ ଅସ୍ଥିର ସୁରକ୍ଷା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଛି । ଅନୁଗୋଳ ସିଡିଏମଓ ଡା. ମଦନ ମୋହନ ପ୍ରଧାନ କର୍ମଶାଳାକୁ ଉଦଘାଟନ କରି ବାର୍ଦ୍ଧକ୍ୟରେ ଅସ୍ଥି ସୁରକ୍ଷାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ରୂପେ ରାଜ୍ୟ ଅସ୍ଥିଶଲ୍ୟ ଡାକ୍ତର ସଂଘ ସମ୍ପାଦକ ପ୍ରଫେସର ସତ୍ୟରଞ୍ଜନ ପାତ୍ର ଯୋଗଦେଇ ବାର୍ଦ୍ଧକ୍ୟରେ ଲୋକମାନେ କିପରି ଅସ୍ଥିର ସୁରକ୍ଷା କରିପାରିବେ ସେ ସମ୍ପର୍କରେ ମତ ରଖିଥିଲେ । ଅସ୍ଥିର ଘନତ୍ୱ ମାପିବା, କ୍ୟାଲସିୟମ କମ୍ ଥିଲେ ଔଷଧ ସେବନ କରିବା, ଘର ଚଟାଣକୁ ଅଧିକ ମସୃଣ ନ କରିବା, ଘର, ବାହାର, ଶିଡ଼ିଘର ଆଦିକୁ ଆଲୋକିତ ରଖିବା, ଗାଧୁଆ ଘର ଚଟାଣରେ ନନ୍ ସ୍ଲିପ ମ୍ୟାଟ ପକାଇବା ସହ ଉପଯୁକ୍ତ ଚପଲ ବ୍ୟବହାର କରିବା, ନିଦ ଭାଙ୍ଗିଲେ ହଠାତ୍ ନ ଉଠିବାକୁ ପରାମର୍ଶ ଦେଇଥିଲେ । କର୍ମଶାଳାରେ ପିଏମପି ମେଡିକାଲ କଲେଜ୍ର ସୁପରିନଟେଣ୍ଡେଣ୍ଟ ଡା. ତରଙ୍ଗିଣୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଚେତନା ସଂସ୍ଥାର ମୁଖ୍ୟ ବାଣୀ ଦେବ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ଉଲ୍ଲେଖ କରିଥିଲେ ।

## ଶୋଭାଯାତ୍ରାରେ ଦୁର୍ନୀତି ନିବାରଣ ସଚେତନତା




ଅନୁଗୋଳ,୩୦ ।୧୦(ସମିସ): ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଏହି ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ଅନୁଗୋଳ ମିଶନ ଶକ୍ତି ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଶୋଭାଯାତ୍ରାରେ ମିଶନ ଶକ୍ତି ସଦସ୍ୟାମାନେ ସାମିଲ ହୋଇ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଶୋଭାଯାତ୍ରା ଜିଲ୍ଲା କାର୍ଯ୍ୟାଳୟଠାରୁ ବାହାରି ରାଜା ଛକ, ଡିଆଇସି ଛକ, ହେମସୁରପଡ଼ା ଦୁର୍ଗାମଣ୍ଡପ ଛକ, ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଦେଇ ପୁଣି ଜିଲ୍ଲା କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡିଏସ୍ପି ପ୍ରଦୀପ କୁମାର ସାମଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଫ୍ରାନ୍ସିସ୍ ବାର୍ଲା, ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଲମ୍ବୋଦର ବାସ୍କେ, ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ଭିଜିଲାନ୍ସ ଏଏସ୍ଆଇ ରୁଦ୍ର ନାରାୟଣ ବିଶ୍ୱାଳ ଓ ଅନୁଗୋଳ ଏବଂ ବଅଁରପାଳ ବ୍ଲକର ୨୫୦ରୁ ଊର୍ଦ୍ଧ୍ୱର୍ ଏସ୍ଏଚ୍ଜି ସଦସ୍ୟା ଯୋଗଦେଇଥିଲେ ।

## ଦୁଇ ଜୁଡୋ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ,୩୦ ।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା କେଟି ଗ୍ଲୋବାଲ୍ ସ୍କୁଲରେ ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଗୋଳ ଜିଲ୍ଲାର ଆୟୁଷ ପ୍ରଧାନ ସ୍ୱର୍ଣ୍ଣ ଓ ସତ୍ୟଜିତ ପ୍ରଧାନ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ଦୁଇ ପଦକ ବିଜେତାଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଜୁଡୋ ଜିଲ୍ଲା ସମ୍ପାଦନ ସୁଧାଂଶୁ ପଣ୍ଡା, ଉପସଭାପତି ଦୁଷ୍ୟନ୍ତ କୁମାର ନାଥ, ସହ ସମ୍ପାଦକ ଜସ୍ମିନ ସାହୁ ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ରାଜ୍ୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା

# ଅନୁଗୋଳ ଜିଲ୍ଲାକୁ ୨ ସ୍ୱର୍ଣ୍ଣ ସହ ୮ ପଦକ



ଅନୁଗୋଳ,୩୦ ।୧୦(ସମିସ): ଅକ୍ଟୋବର ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ୨୦ତମ ରାଜ୍ୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହୋଇଥଲା । ଏଥିରେ ଅନୁଗୋଳ ଜିଲ୍ଲାରୁ ବାଳକ ଓ ବାଳିକା ଉଭୟ ବିଭାଗରେ ୮ ଖେଳାଳି ଅଂଶଗ୍ରହଣ କରି ୨ ଟି ସ୍ୱର୍ଣ୍ଣ ସହତ ୮ ପଦକ ହାସଲ କରିଛନ୍ତି ।ଏହି ଖେଳାଳି ମାନଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ ଅଭିନନ୍ଦନ ଜ୍ଞାପନ କରିବା ସହ ଜାତୀୟ ସ୍ତରରେ କିଭଳି ପଦକ ହାସଲ କରିବେ ସେ ନେଇ ପରାମର୍ଶ ଦେଇଛନ୍ତି । ଉକ୍ତ ଖେଳାଳିମାନଙ୍କ ସହ ବାଳିକା ବିଭାଗର କୋଚ୍ ଜସ୍ମିନ୍ ସାହୁ, ବାଳକ ବିଭାଗର କୋଚ୍ ଦୁଷ୍ୟନ୍ତ କୁମାର ନାଥ ଝାରସୁଗୁଡ଼ା ଅଭିମୁଖେ ଯାତ୍ରା କରିଥିଲେ । ଏହି ଦୁଇ କୋଚ୍ଙ୍କ ନିକଟରୁ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରୁଛନ୍ତି ।

# ଶ୍ରୀକ୍ଷେତ୍ର ସିଟି

୩୦/୧୦/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୧୧,୪୭୭/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୧୩.୬୦୦ ଗ୍ରାମ୍



### ଗୋବିନ୍ଦ ଗୋଧାମ ଗୋଶାଳାରେ ଗୋଷ୍ଠାଷ୍ଟମୀ ମହୋତ୍ସବ

## ‘ଘରେ ଘରେ ଗୋଶାଳା ହେବା ଜରୁରୀ’



**ପୁରୀ,୩୦।୧୦(ସମିସ):** ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ଟ୍ରଷ୍ଟି ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ତତ୍ତ୍ୱାବଧାନରେ ଦିବ୍ୟତା ସହିତ ଗୋପୂଜନ ସହିତ ଗୋମାତାଙ୍କୁ ଲଡୁ ପ୍ରସାଦ ଓ ଚାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ ନେବଳ ଦାସ ମଠ ମହନ୍ତ ଡ. ରାମ ଚରଣ ଦାସ ମହାରାଜ କହିଥିଲେ ଯେ ଘରେ ଘରେ ଗୋଶାଳା ହେବା ଜରୁରୀ। ଗୋମୁତ୍ରରେ ବହୁ ଦୁରାରୋଗ ଭଲ ହୁଏ। ପୂର୍ବ କାଳରେ ଘରେ ଘରେ ୫ଟି ଶାଳା ରହୁଥିଲା। ଯଥା- ପାଠଶାଳା, ପାକଶାଳା, ଯଜ୍ଞଶାଳା, ଭୋଜନଶାଳା ଓ ଗୋଶାଳା। ବର୍ତ୍ତମାନ ପୁନଃ ଘରେ ଘରେ ଗୋଶାଳା ରହିବାର ଆବଶ୍ୟକତା ରହିଛି। ପଞ୍ଚଗବ୍ୟ ଓ ପଞ୍ଚାମୃତ ଦେବକାର୍ଯ୍ୟରୁ ଆରମ୍ଭ କରି ମନୁଷ୍ୟର ସମସ୍ତ ହିତସାଧନ କାର୍ଯ୍ୟରେ ଲାଗିଥାଏ। ୫ ମିନିଟ୍ ଗୋମାତାଙ୍କ ନିକଟରେ ଶୟନ କଲେ ଉଚ୍ଚ ରକ୍ତଚାପ କମ୍ ହୋଇଥାଏ। ଏହି ଉତ୍ସବରେ ମହୀ ପ୍ରକାଶ ମଠର ମହନ୍ତ ସୁଭାନନ୍ଦ ପୁରୀ, ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଦସ୍ୟା ରଞ୍ଜିତା ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଗୋ-ପୂଜନ, ଭଜନକୀର୍ତ୍ତନରେ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ।

### ମରାମତି କାମର ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ

## ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର

ପୁରୀ,୩୦।୧୦(ସମିସ)

ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଖୋଲିବାକୁ ଯାଉଛି ଶ୍ରୀଗୁଣ୍ଡିଚା ମନ୍ଦିର। ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ଗୁଣ୍ଡିଚା ମନ୍ଦିରକୁ ଯାଇ ମରାମତି କାମର ସମୀକ୍ଷା କରିଥିଲେ। ମନ୍ଦିର ଭିତର ଏବଂ ବାହାର ପାଖର୍ ବୁଲି ଦେଖିଥିଲେ। ସୁନ୍ଦର ଭାବେ ଗୁଣ୍ଡିଚା ମନ୍ଦିର ପରିସରରେ ମରାମତି ଏବଂ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। କାମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତେବେ ଖୁବ୍‌ଶୀଘ୍ର ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପ୍ରବେଶ ପାଇଁ ଖୋଲିବ ବୋଲି ସୂଚନା ଦେଇଛି ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ। ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ପ୍ରବେଶ କରି ମହାପ୍ରଭୁଙ୍କ ଜନ୍ମସ୍ଥଳୀ ଦେଖିପାରିବେ। ୨୦ ଜଣ ଜେଟିପି ସ୍କ୍ୱାଡ୍ ମନ୍ଦିର ଜଗିବେ। ମନ୍ଦିର ଚତୁଃପାଖର୍ ସଫା କରାଯିବ ଏବଂ ସମସ୍ତ ଦୋକାନ ଉଚ୍ଛେଦ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ଏହାକୁ ଶ୍ରୀମନ୍ଦିର ପରିଚାଳନା କମିଟି ପରିଚାଳନା କରିବ।

ଓଡ଼ିଶାରେ କୋଭିଡ୍ କଟକଣା ଲାଗୁ ହେବା ପରଠାରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ପ୍ରାୟ ୫ ବର୍ଷ ହେଲାଣି ଏହି କଟକଣା ରହିଛି। କେବଳ ରଥଯାତ୍ରା ସମୟରେ ୯ ଦିନ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲା ରହୁଛି। ଆଡ଼ପ ମଣ୍ଡପରୁ ମହାପ୍ରଭୁ ଯିବା ପରେ ପୁଣି ବନ୍ଦ ହୋଇଯାଉଛି ମନ୍ଦିର ଦ୍ୱାର, ଯାହା ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ କରିଛି। ପ୍ରଚାରପ୍ରସାର ଅଭାବରୁ ପ୍ରତିଦିନ ଶହ ଶହ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ଆସି ନିରାଶ ହୋଇ ଫେରୁଛନ୍ତି। ପୁରୀକୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀ ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବାକୁ ଭୁଲି ନ ଥା’ନ୍ତି। ଅନେକ ପର୍ଯ୍ୟଟକ ମଧ୍ୟ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ଆଗ୍ରହ ରଖିଥା’ନ୍ତି। କିନ୍ତୁ ୫ ବର୍ଷରୁ ଉର୍ଦ୍ଧ୍ୱ



ହେବ ଏହା ବନ୍ଦ ରହିଛି। ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାକୁ ବିଭିନ୍ନ ମହଲରୁ ବାରମ୍ବାର ଦାବି ହୋଇଆସୁଛି। ବାହାରୁ ଆସୁଥିବା ଭକ୍ତ ବିଶେଷକରି ପଶ୍ଚିମବଙ୍ଗର ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାକୁ ଅଧିକ ଆଗ୍ରହ ଦେଖାଇଥା’ନ୍ତି। ହେଲେ ବର୍ଷ ବର୍ଷ ଧରି ବନ୍ଦ ପଡ଼ିଥିବାରୁ ସେମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି। ୨୦୨୨ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ମନ୍ଦିରରେ ଚାଲିଥିବା ମରାମତି କାମ ସରିଲେ ଏହାକୁ ଖୋଲାଯିବ ବୋଲି କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଖୋଲିଲା ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୁଣ୍ଡିଚା ମନ୍ଦିର ପରିଦର୍ଶନ ବାହାନାରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଶୋଷଣର ଶିକାର ହେଉଛନ୍ତି। ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ମଧ୍ୟରୁ ଅନେକ ବିଭିନ୍ନ ହୋଟେଲରେ ରହିଥା’ନ୍ତି। ପୁଣି କେହି ସକାଳେ ଟ୍ରେନ୍, ବସ୍ ଯୋଗେ ପହଞ୍ଚିଥାନ୍ତି। ସେମାନଙ୍କୁ ବିଭିନ୍ନ ମଠ, ମନ୍ଦିର ଏବଂ ଦର୍ଶନୀୟ ସ୍ଥାନ ବୁଲାଇବା ପାଇଁ ଅଟୋ, ଇ-ଅଟୋ, କାର୍ ଆଦି ବିଭିନ୍ନ ଗାଡ଼ି ଷ୍ଟେସନ, ବସ୍‌ଷ୍ଟାଣ୍ଡ ଏବଂ ବିଭିନ୍ନ ହୋଟେଲରେ ସମ୍ମୁଖରେ ପହଞ୍ଚନ୍ତି। ବାହାରୁ ଆସିଥିବା ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ସମ୍ପର୍କରେ ଜାଣି ନ ଥାନ୍ତି। ଯଦି ସେମାନେ ଗୁଣ୍ଡିଚା ମନ୍ଦିର ବୁଲିବାକୁ ବାହାରନ୍ତି ତେବେ ବନ୍ଦ ଥିବା ଜାଣି ମଧ୍ୟ ବିଭିନ୍ନ ଗାଡ଼ିର ଚାଳକ କିଛି କୁହନ୍ତି ନାହିଁ। ସେମାନଙ୍କୁ ଗାଡ଼ିରେ ଧରି ମନ୍ଦିର ସମ୍ମୁଖରେ ପହଞ୍ଚିଯା’ନ୍ତି। ହେଲେ ଗାଡ଼ିରୁ ଓହ୍ଲାଇବା ପରେ ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ଦେଖନ୍ତି। ନିକଟସ୍ଥ ଦୋକାନରେ ପଚାରି ବୁଝନ୍ତି। ୫ବର୍ଷ ହେବ ବନ୍ଦ ଥିବା ଶୁଣିବା ପରେ ମନଦୁଃଖରେ ଫେରନ୍ତି। ଅନେକ ମଧ୍ୟ ମନ୍ଦିର ଆଗରେ ଠିଆ ହୋଇ ମୋବାଇଲରେ ସ୍ମୃତି ସାଉଣ୍ଟି ଫେରିଥାନ୍ତି।

### କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର

## ଉଡ଼ିଲା ୧୧୦ ଫୁଟ୍ ଉଚ୍ଚତାର ହାଇମାଷ୍ଟ ଜାତୀୟ ପତାକା

ପୁରୀ,୩୦।୧୦(ସମିସ)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ୧୧୦ ଫୁଟ୍ ଉଚ୍ଚତା ବିଶିଷ୍ଟ ହାଇମାଷ୍ଟ ଜାତୀୟ ପତାକା ଓ ପଣ୍ଡିତ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ି ଓ କୁଳସଚିବ ପ୍ରଫେସର ଆର୍.ଜି. ମୁରଲୀକ୍ରିଷ୍ଣାଙ୍କ କରକମଳରେ ଉନ୍ମୋଚିତ ହୋଇଛି। ଏଥିସହ ପରିସରର ଜୟଦେବ ସଭାଗାରଠାରେ ଭାରତୀୟ ଜ୍ଞାନ ପରମ୍ପରା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଶାନ୍ତିନିକେତନ ପଶ୍ଚିମବଙ୍ଗ, ସଂସ୍କୃତ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫେସର ଅରୁଣ କୁମାର ମିଶ୍ର ଓ ବିଶିଷ୍ଟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ମୁରଲୀକ୍ରିଷ୍ଣା ଯୋଗଦେଇଥିଲେ। ଏଥିରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଭାରତୀୟ ଜ୍ଞାନ ପରମ୍ପରା ସନ୍ଧାନ କେନ୍ଦ୍ର ଶ୍ରୀସଦାଶିବ ପରିସରର ପର୍ଯ୍ୟବେକ୍ଷକ ଡ. ଜିତେନ୍ଦ୍ର କୁମାର ରାୟଗୁରୁ ପ୍ରସ୍ତାବିକ ଅଭିଭାଷଣ ଦେଇଥିଲେ। ଡ. ବେଣୁଧର ଦାଶ ବେଦପାଠ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ମହେଶ କୁମାର ପାଣିଗ୍ରାହୀ ଓ ମଞ୍ଚ ସଞ୍ଚାଳକ ଥିଲେ ଶିକ୍ଷାଶାସ୍ତ୍ର ବିଦ୍ୟାଶାଖାର ସହକାରୀ ପ୍ରଫେସର ଡ. ସୁଶାନ୍ତ କୁମାର ରାୟ।

ଏହି ଅବସରରେ ଭାରତୀୟ ଜ୍ଞାନାତ୍ମକ ବିଜ୍ଞାନ ଏବଂ ଭାଷଣ ପରମ୍ପରା ଶୀର୍ଷକ ଏକଦିବସୀୟ ଜାତୀୟ ସମ୍ମାନ ଆୟୋଜିତ ହୋଇଥିଲା। ତିନିଟି ବୈଷୟିକ ଅଧିବେଶନରେ ପ୍ରଫେସର ଅନୁପମା ପୃଷ୍ଟି, ପ୍ରଫେସର ବିଜୟପାଲ କଚ୍ଛୱା, ପ୍ରଫେସର ଗୌରପ୍ରିୟା ଦାଶ ଅଧ୍ୟକ୍ଷତା କରିଥିବାବେଳେ ଆଲୋଚକ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନ୍ୟାୟ ବିଭାଗର ସହକାରୀ ପ୍ରଫେସର ଡ. ଜି. ଜୟମାଣିକ୍ୟ ଶାସ୍ତ୍ରୀ, ଆଇଆଇଟି ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ଅପର୍ଣ୍ଣା ପାଣ୍ଡେ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶିକ୍ଷାଶାସ୍ତ୍ର ବିଦ୍ୟାଶାଖାର ବିଭାଗ ମୁଖ୍ୟ ଡ. ଭରତ କୁମାର ପଣ୍ଡା, ଶିକ୍ଷାଶାସ୍ତ୍ରୀ ବିଦ୍ୟାଶାଖା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀଧର ପଣ୍ଡା, ଶିକ୍ଷାଶାସ୍ତ୍ରୀ ବିଦ୍ୟାଶାଖା ଶ୍ରୀସଦାଶିବ ପରିସରର ପ୍ରଫେସର ବି.ଏସ୍. ବି. ଭାସ୍କରରେଡ୍ଡୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟ ବିହାରର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି, ବିଶିଷ୍ଟ ଅତିଥିଭାବେ ଶ୍ରୀସଦାଶିବ ପରିସରର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ଯୋଗଦେଇଥିଲେ। ଅଧ୍ୟକ୍ଷତା କରିଥିଲେ ପରିସର ଧର୍ମଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ଲଳିତ କୁମାର ସାହୁ।



## ରାଷ୍ଟ୍ରୀୟ ଏକତା ଦିବସରେ ମାରାଥନ

ପୁରୀ,୩୦।୧୦(ସମିସ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ପୁରୀ ପୁଲିସ ପକ୍ଷରୁ ମାରାଥନ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳ ୭ଟାରେ ଦିଗବାରେଣୀ ଛକରୁ ସମୁଦ୍ରକୂଳ ରାସ୍ତାରେ ମାରାଥନ ହୋଇଥିଲା। ଏସ୍‌ପି ପ୍ରତୀକ ସିଂହ ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ଏକତା ଓ ଅଖଣ୍ଡତାର ପ୍ରତୀକ ଥିଲେ। ତାଙ୍କ ଜୀବନ ଓ ତ୍ୟାଗ ଆଜି ମଧ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ଏହି ମାରାଥନ ମାଧ୍ୟମରେ ଯୁବପିଢ଼ି ଓ ସାଧାରଣ ଜନତାଙ୍କ ମଧ୍ୟରେ ଏକତା, ଶିଷ୍ଟାଚାର ଓ ଶାରୀରିକ ସ୍ୱାସ୍ଥ୍ୟ ସଚେତନତା ବାଢ଼ିବା ହିଁ ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ୫୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ପୁଲିସ କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ସହରବାସୀ ଏଥିରେ ଦୌଡ଼ିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର, ଦେବ ପ୍ରତାପ, ସଚିନ ପଟେଲ ଓ ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଟାଉନ ଆଇଆଇସି ଗୋକୁଳ ରଞ୍ଜନ ଦାସ, ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାଶ, ବାସେଳିସାହି ଥାନାଧିକାରୀ ବିକ୍ରମ ଜେନା, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ବଳିଆପଣ୍ଡା ଆଇଆଇସି ସଙ୍ଗୀତା ଦାଶ, ତାଳବଣିଆ ଆଇଆଇସି ଗୀତାଞ୍ଜଳି ନାୟକ ଏବଂ ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ମାରାଥନ ଶେଷରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ତିନି ବିଜେତାଙ୍କୁ ପ୍ରଶଂସାପତ୍ର ଓ ସ୍ମୃତି ଚିହ୍ନ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମସ୍ତ ଅଧିକାରୀ ଓ ସହଭାଗୀମାନେ ଏକତା ଓ ଜାତୀୟ ସଂହତି ପ୍ରତି ସଂକଳ୍ପ ଗ୍ରହଣ କରିଥିଲେ। ପୁରୀ ପୁଲିସ ଦ୍ୱାରା ଏହି ଅଭିଯାନ ମାଧ୍ୟମରେ ଏକତା, ସୁସ୍ଥ ଜୀବନ ଓ ସକାରାତ୍ମକ ସନ୍ଦେଶ ଦିଆଯାଇଛି।




## ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ଏକାଠି ହେଲେ ଦମ୍ପତି

ପୁରୀ,୩୦।୧୦(ସମିସ)

ତାଳବଣିଆ ଥାନା ଅଧୀନ ଶ୍ରୀରାମନଗର ବାସିନ୍ଦା ଅଂଶୁମାନ ମିଶ୍ର ଓ ଉପାସନା ଦାଶ ୨୦୨୨ରେ ଭୁବନେଶ୍ୱରରେ ବୈଦିକ ହିନ୍ଦୁ ରୀତି ଅନୁଯାୟୀ ବିବାହ କରିଥିଲେ। ଗତ ସେପ୍ଟେମ୍ବର ୧୬ରୁ ସ୍ତ୍ରୀ ନିଜ ବାପଘରକୁ ଯାଇଥିଲେ। କିଛିଦିନ ବିତିଗଲା ପରେ ସେ ନିଜ ଶାଶୂ ଘରକୁ ଫେରି ନ ଥିଲେ। ଶାଶୂଘର ଲୋକେ ପଚାରିବାରୁ ତାଙ୍କୁ କୌଣସି ପ୍ରତିଉତ୍ତର ମିଳି ନ ଥିଲା। ଏହିଭଳି ପରିସ୍ଥିତିରେ ଅଂଶୁମାନ ପୁରୀ ଜିଲ୍ଲା କୋର୍ଟ ପରିସରରେ ଥିବା ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରରେ ଏକ ପ୍ରାକ୍ ମୋକଦ୍ଦମା (ନଂ.୦୪/୨୫) ଦରଖାସ୍ତ ଦ୍ୱାରା ଆପୋଷ ସମାଧାନ ପାଇଁ ଆବେଦନ କରିଥିଲେ। ଇତିମଧ୍ୟରେ ଏହି ବିବାଦର ସମାଧାନ ପାଇଁ ଅକ୍ଟୋବର ୩୦ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି କେସ୍ ପରିଚାଳନା ପାଇଁ ପୁରୀର ବରିଷ୍ଠ ଓକିଲ ତଥା ତାଲିମପ୍ରାପ୍ତ ମଧ୍ୟସ୍ଥି ସତ୍ୟବ୍ରତ ରଥଙ୍କୁ ନିୟୋଜିତ କରାଯାଇଥିଲା। ଗୁରୁବାର ଉଭୟ ପକ୍ଷ ମଧ୍ୟସ୍ଥତା କେନ୍ଦ୍ରରେ ଉପସ୍ଥିତ ରହିଥିଲେ। ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ସଚିବ ଓ ସଂଯୋଜକ ପରିତୋଷ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ତାଲିମପ୍ରାପ୍ତ ମଧ୍ୟସ୍ଥ ଶ୍ରୀ ରଥ ଉଭୟ ପକ୍ଷଙ୍କୁ ବୁଝାଇଥିଲେ। ଦୁଇପକ୍ଷ ବିଗତ ଦିନର ମନାନ୍ତରକୁ ଭୁଲି ଆପୋଷ ସମାଧାନ ପାଇଁ ରାଜି ହୋଇ ଖୁସିରେ ଚଳିବା ପାଇଁ ସମ୍ମତି ପ୍ରକାଶ କରିଥିଲେ।

### ■ ବେଆଇନ ମଦ କାରବାର

## ୭୦୯ ମାମଲା ରୁଜୁ; ୭୦୯ ଅଭିଯୁକ୍ତ ଗିରଫ

**ପୁରୀ,୩୦।୧୦(ସମିସ):** ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଅପରେସନ ଚକ୍ର ମାଧ୍ୟମରେ ଅପରାଧୀଙ୍କୁ ଦମନ ଏବଂ ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରାଯାଉଛି। ଚଳିତବର୍ଷ ଏବେସୁଦ୍ଧା ପୁଲିସ ଜିଲ୍ଲାର ବିଭିନ୍ନ ଥାନାରେ ୭୦୯ ମାମଲା ରୁଜୁ କରିଥିବାବେଳେ ୭୦୯ ଅଭିଯୁକ୍ତଙ୍କୁ ଗିରଫ କରିଛି। ସଦର ସବ୍‌ଡିଭିଜନରେ ୨୬୦, ନିମାପଡ଼ା ସବ୍ ଡିଭିଜନରେ ୧୯୮, ସହର ସବ୍ ଡିଭିଜନରେ ୧୦୬ ଏବଂ ପିପିଲି ସବ୍ ଡିଭିଜନରେ ୧୪୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### ପ୍ରଶାସନର ପଞ୍ଚୁକ ପ୍ରସ୍ତୁତି

## ସିଂହଦ୍ୱାରରେ ପ୍ରବେଶ, ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ

**ପୁରୀ,୩୦।୧୦(ସମିସ):** ଆଉ ଦୁଇଦିନ ପରେ ପଞ୍ଚୁକ। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ, ନିର୍ଦ୍ଧାରିତ ସମୟରେ ମହାପ୍ରସାଦ ବାହାରିବ ତା’ ଉପରେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଏ ନେଇ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାସନ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଷ୍ପତ୍ତି ଅନୁଯାୟୀ, ପଞ୍ଚୁକରେ କେବଳ ସିଂହଦ୍ୱାରରେ ଭକ୍ତମାନେ ପ୍ରବେଶ ଏବଂ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବେ। ପ୍ରସ୍ଥାନ ପଥରେ ଭକ୍ତମାନଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ କରାଯିବ। କିନ୍ତୁ ସେବାୟତ ଏବଂ ଶ୍ରୀମନ୍ଦିର କର୍ମଚାରୀଙ୍କ ପାଇଁ ପ୍ରବେଶ ନେଇ କୌଣସି କଟକଣା ରହିବ ନାହିଁ। ସେମାନେ ଯେକୌଣସି ଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିପାରିବେ। ଚଳିତ ବର୍ଷ ପଞ୍ଚୁକ ୪ ଦିନ ପଡୁଛି। ପଞ୍ଚୁକର ପ୍ରଥମ ୩ଦିନ ଭକ୍ତମାନେ କେବଳ ବାହାର କାଠରୁ ହିଁ ଦର୍ଶନ କରିବେ। ଅର୍ଥାତ୍ ଏହି ତିନିଦିନ ଭିତରକାଠ ଦର୍ଶନ ବନ୍ଦ ରହିବ। ଶେଷ ଦିବସରେ ଶ୍ରଦ୍ଧାଳୁମାନେ ଭିତରକାଠରୁ ଦର୍ଶନ ସୁଯୋଗ ପାଇବେ। ଭିଡ଼ ଭିତରେ ଭକ୍ତମାନେ ସମ୍ପର୍କୀୟଙ୍କଠାରୁ ବିଚ୍ଛେଦ ହେବାର ସମ୍ଭାବନା ରହିଛି। ତେଣୁ ଦୋଳବେଦୀ କୋଣଠାରେ ହଜିବା ଖୋଜିବା ପାଇଁ ସୂଚନା କେନ୍ଦ୍ର କରାଯିବ। ନୀତିକାନ୍ତି ଯେପରି ନିର୍ଘଣ୍ଟ ସମୟରେ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତା’ ଉପରେ ବିଶେଷ ଧ୍ୟାନ ଦିଆଯିବ। ଶ୍ରୀମନ୍ଦରି ପରିଚାଳନା କମିଟି ସଦସ୍ୟ ଏବଂ ଅଧିକାରୀମାନେ ନୀତିକାନ୍ତିର ତଦାରଖ କରିବେ। ପଞ୍ଚୁକରେ ଯେପରି ମହାପ୍ରଭୁଙ୍କର ରାତ୍ର ପହୁଡ଼ ହେବ ସେ ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



### ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ୍‌କୁ ବିରୋଧ

## ଥାନାର ଦ୍ୱାରସ୍ଥ ହେଲେ ଛାତ୍ରଛାତ୍ରୀ

ପୁରୀ,୩୦।୧୦(ସମିସ)

ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ୍‌କୁ ବିରୋଧ କରି ଥାନାର ଦ୍ୱାରସ୍ଥ ହୋଇଛନ୍ତି ଛାତ୍ରଛାତ୍ରୀ। ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଚନ୍ଦନପୁର ଥାନାରେ। ଗୁରୁବାର ପୂର୍ବାହ୍ଣରେ ରଘୁରାଜପୁରର କପୋତେଶ୍ୱର ୟୁଜି ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଥାନାରେ ପହଞ୍ଚି ପୂର୍ବରୁ ଆଇଆଇସି ଦେଇଥିବା ଆଶ୍ୱାସନା ଫଳପ୍ରଦ ହୋଇ ନ ଥିବାରୁ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଆଇଆଇସି ସ୍ଥାନୀୟ ସରପଞ୍ଚଙ୍କୁ ଥାନାକୁ ଡାକିଥିଲେ। ସରପଞ୍ଚଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ପିଲାମାନେ ଥାନାରୁ ଫେରିଯାଇଛନ୍ତି।

କପୋତେଶ୍ୱର ୟୁଜି ହାଇସ୍କୁଲର ଶିକ୍ଷୟିତ୍ରୀ ରଶ୍ମିତା ସାହୁଙ୍କ ବଦଳି ହୋଇଯାଇଛି। ହେଲେ ତାଙ୍କ ବଦଳିକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବଦଳିକୁ ବିରୋଧ କରି ଗତ ସୋମବାର ସ୍ଥାନୀୟ ତିନିମୁହାଣି ଛକରେ ଛାତ୍ରଛାତ୍ରୀମାନେ ରାସ୍ତାରୋକ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇବା ପରେ ବ୍ଲକ୍ ଶିକ୍ଷାଧିକାରୀ ଓ ଚନ୍ଦନପୁର ଥାନା ଆଇଆଇସି ଭୁବନାନନ୍ଦ ସାମନ୍ତରାୟ ପହଞ୍ଚିଥିଲେ। ରାସ୍ତାରୋକ ନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ବୁଝାଶୁଝା କରିଥିଲେ। ସେଦିନ ରାସ୍ତାରୋକ ହଟିଥିଲା। ହେଲେ ଏପର୍ଯ୍ୟନ୍ତ ତାଙ୍କ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ୍ ହୋଇ ନ ଥିବାରୁ ଗୁରୁବାର ଛାତ୍ରଛାତ୍ରୀମାନେ ଚନ୍ଦନପୁର ଥାନାରେ ପହଞ୍ଚି ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ୍ କାହିଁକି ହୋଇନାହିଁ ବୋଲି ପଚାରିଥିଲେ। ଶେଷରେ ଆଇଆଇସି ମାଳତୀପାଟପୁର ସରପଞ୍ଚ ମହେନ୍ଦ୍ରଙ୍କୁ ଥାନାକୁ ଡାକିଥିଲେ। ସରପଞ୍ଚ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ୩ ମାସ ପାଇଁ ବିଦ୍ୟାଳୟକୁ ଡେପୁଟେସନରେ ଅଣାଯିବ। ସେ ଚଳିତ ବର୍ଷର ଯାହା ବି ପାଠ ରହିଯାଇଛି ତାହାକୁ ଶେଷ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପିଲାମାନେ ଥାନାରୁ ଫେରିଥିବା ଆଇଆଇସି ଶ୍ରୀ ସାମନ୍ତରାୟ କହିଛନ୍ତି।

ସୂଚନାଥାଉ କି, କପୋତେଶ୍ୱର ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୪୯୨ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୧୭ ଜଣ ଶିକ୍ଷକଶିକ୍ଷୟିତ୍ରୀ ପାଠ ପଢ଼ାଉଛନ୍ତି। ଶିକ୍ଷୟିତ୍ରୀ ରଶ୍ମିତା ପିଲାଙ୍କୁ ଇଂରାଜୀ ଓ ସାହିତ୍ୟ ପଢ଼ାଇଥା’ନ୍ତି। ଆଗକୁ ପିଲାମାନଙ୍କର ପରୀକ୍ଷା ଥିବାରୁ ଏବେ ଶିକ୍ଷୟିତ୍ରୀଙ୍କର ବଦଳି ନ କରି ପରେ କରାଯାଉ ବୋଲି ଛାତ୍ରଛାତ୍ରୀ ଜିଦ୍ ଧରିଛନ୍ତି। ରଶ୍ମିତାଙ୍କ ପଢ଼ାଶୈଳୀ ସହ ଛାତ୍ରଛାତ୍ରୀଙ୍କ ପ୍ରତି ମାତୃତୁଲ୍ୟ ବ୍ୟବହାର ପିଲାମାନଙ୍କୁ ଆକୃଷ୍ଟ କରିଛି। ମାତ୍ର ରଶ୍ମିତାଙ୍କର ସୁଆଣ୍ଡୋ ସ୍କୁଲକୁ ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।




**ସରପଞ୍ଚଙ୍କଠାରୁ ପ୍ରତିଶ୍ରୁତି ପାଇ ଫେରିଲେ**

### ● ଶ୍ରୀମନ୍ଦିର ଜମି ବିକ୍ରି ପ୍ରସଙ୍ଗ

## ବେଞ୍ଚ୍ ମାର୍କ ଭାଲ୍ୟୁ ଅନୁସାରେ ବିକ୍ରି ହେବ

**ପୁରୀ,୩୦।୧୦(ସମିସ):** ମହାପ୍ରଭୁଙ୍କ ନାଁରେ ରାଜ୍ୟର ବିଭିନ୍ନ ଜିଲ୍ଲା ଏପରିକି ରାଜ୍ୟ ବାହାରେ ବି ଜମି ରହିଛି। ତେବେ ସରକାରୀ ହେଉ କିମ୍ବା ବେସରକାରୀ କୌଣସି କାର୍ଯ୍ୟ ପାଇଁ ଜମି ନେବା ଲାଗି ଆବେଦନ ଆସିଥାଏ। ତେବେ କାହାକୁ ଏବଂ କେଉଁ ଆଧାରରେ ଜମି ବିକ୍ରି କରାଯିବ ଏବଂ ମହାପ୍ରଭୁଙ୍କ ଜମିର ସୁରକ୍ଷା କିପରି ନିଆଯିବ ସେ ନେଇ ଗୁରୁବାର ଲ୍ୟାଣ୍ଡ ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାପ୍ରଭୁଙ୍କ ଜମି ସଂକ୍ରାନ୍ତରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜମି ବିକ୍ରି ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବେଞ୍ଚ୍ ମାର୍କ ଭାଲ୍ୟୁ ଅନୁସାରେ ମହାପ୍ରଭୁଙ୍କ ଜମି ବିକ୍ରି କରାଯିବ। କାହାକୁ କେଉଁ ଜମି କିପରି ଦିଆଯିବ ତାହା ପରିଚାଳନା କମିଟି ବୈଠକରେ ପ୍ରଥମେ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ। ଏହାପରେ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। ସରକାରଙ୍କଠାରୁ ଅନୁମୋଦନ ମିଳିବା ପରେ ଜମି ବିକ୍ରି କରାଯିବ। ମହାପ୍ରଭୁଙ୍କ ଜମିର ସୁରକ୍ଷା ପାଇଁ ସବୁ ଜିଲ୍ଲାପାଳଙ୍କ ଚିଠି କରାଯିବ। ଏତଦ୍‌ବ୍ୟତୀତ ଠାକୁରଙ୍କ ଜମି ନେଇ ହାଇକୋର୍ଟଙ୍କର ଯାହା ନିର୍ଦ୍ଦେଶ ରହିଛି ତାହା ଅନୁପାଳନ କରାଯିବ। ସେହିପରି ମହାପ୍ରଭୁଙ୍କ ଜମିରୁ ଆସୁଥିବା ରାଜସ୍ୱ ଆୟ ସଂକ୍ରାନ୍ତରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଲ୍ୟାଣ୍ଡ ସବ୍ କମିଟି ବୈଠକରେ ଯାହା ଆଲୋଚନା ଏବଂ ନିଷ୍ପତ୍ତି ହୋଇଛି ଆସନ୍ତା ପରିଚାଳନା କମିଟି ବୈଠକରେ ସଦସ୍ୟମାନଙ୍କ ଅବଗତି ନିମନ୍ତେ ଏହା ଉପସ୍ଥାପିତ କରାଯିବ।

### ଦିହୁଡ଼ିପୁର ଷଣ୍ଢ ଛକ-ବଡ଼ପଡ଼ା ହାଟ ରାସ୍ତା ଶୋଚନୀୟ

# ଜମି ରହିଛି ପାଣି, ଯାତାୟାତରେ ସମସ୍ୟା

ପଟ୍ଟାମୁଣ୍ଡାଇ,୩୦।୧୦(ସମିସ):

ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ଦିହୁଡ଼ିପୁର ପଞ୍ଚାୟତର ଷଣ୍ଢ ଛକଠାରୁ ବଡ଼ପଡା ହାଟ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଦୀର୍ଘବର୍ଷ ଧରି ପାଣି ଜମି ରହିବା ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବିଶେଷକରି ବର୍ଷାଦିନରେ ରବୀନ୍ଦ୍ର ମହାନ୍ତିଙ୍କ ଘରଠାରୁ ବିଚିତ୍ର ନାୟକଙ୍କ ଘର ପର୍ଯ୍ୟନ୍ତ ୨୫୦ ଫୁଟରୁ ଉର୍ଦ୍ଧ୍ୱ ରାସ୍ତା ଉପରେ ୧.୫ ଫୁଟ ଉଚ୍ଚତାର ବର୍ଷାପାଣି ଜମି ରହୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାରେ ଦୈନିକ ଶହ ଶହ ଯାନବାହନ ଯାତାୟାତ କରୁଥିବାବେଳେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛି।

ଉକ୍ତ ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ବଡ଼ପଡ଼ା, ବଡ଼ମୋହନପୁର, ସାନଜରିଆ, ଦିହୁଡ଼ିପୁର, ଦୋଷିଆ, ବିଲିକଣା ଓ ମହାକାଳପଡ଼ା ବ୍ଲକର ଗଗୁଆ ଓ ସୁନୀତି ପଞ୍ଚାୟତର ହଜାର ହଜାର ଲୋକ ଯାତାୟାତ ପାଇଁ ନିର୍ଭର କରନ୍ତି। ବର୍ଷର ପ୍ରାୟ ସମୟ ରାସ୍ତାରେ ପାଣି ଜମି ରହୁଥିବାରୁ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦିହୁଡ଼ିପୁର, ମାଟିଆପଡା, ଖଦାଳସାହି, ସୁଜନପୁର ଗ୍ରାମର ଜନସାଧାରଣଙ୍କ ସବୁଦିନିଆ ପାଦଚଲା ରାସ୍ତା ହୋଇଥିବାରୁ ଜନସାଧାରଣ ଓ ଛାତ୍ରଛାତ୍ରୀ ବାଧ ହୋଇ ଦୂଷିତ ପାଣିରେ ପଶି ଯିବାଆସିବା କରୁଛନ୍ତି। ଫଳରେ ଅଧିକାଂଶ ଲୋକ ଓ ଛାତ୍ରଛାତ୍ରୀ ଚର୍ମ ରୋଗର ଶିକାର ହେବା ଦେଖାଯାଉଛି। ଏତଦ୍‌ବ୍ୟତୀତ ରାସ୍ତାରେ ବର୍ଷାପାଣି ଜମି ରହିବା ଫଳରେ ରାସ୍ତାପାର୍ଶ୍ୱରେ ଘର କରିଥିବା ଦୋଳଗୋବିନ୍ଦ ନାଥ, କାଳନ୍ଦୀ ନାଥ, ଚୈତନ୍ୟ ନାଥ, ସୁବାସ ନାଥ, ରବୀନ୍ଦ୍ର ମହାନ୍ତି, କାଳନ୍ଦୀ ମହାନ୍ତି, କାର୍ତ୍ତିକ ତ୍ରିପାଠୀ, ବିଚିତ୍ର ନାୟକ ଓ ଚନ୍ଦ୍ରଭାନୁ ଦାସଙ୍କ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗୁରୁତର ସମସ୍ୟାକୁ ଉପଲବ୍‌ଧି କରି ସମାଧାନ ପାଇଁ ଦିହୁଡିପୁର ସରପଞ୍ଚ ନରେଶ ମଲିକ ପଞ୍ଚାୟତ ଏସଏଫସି ପାଣ୍ଠିରୁ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ଫାଇଲ ପ୍ରସ୍ତୁତ କରିଥିଲେଫମାତ୍ର ଦିହୁଡ଼ିପୁର ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକ୍ ସହକାରୀ ଯନ୍ତ୍ରୀ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ପଞ୍ଚାୟତ ଫଣ୍ଡରୁ ଅର୍ଥ ଖର୍ଚ୍ଚ ହୋଇପାରିବନାହିଁ ବୋଲି କହିଥିଲେ। ଫଳରେ ପଞ୍ଚାୟତ ସ୍ତରରେ ଏହି ସମସ୍ୟାର ସମାଧାନ ହୋଇପାରିଲାନାହିଁ। ଏଥିପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଗୁରୁତର ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ। ବର୍ଷର ଅଧିକାଂଶ ସମୟ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ବର୍ଷା ପାଣି ଜମି ରହିବା ଫଳରେ ଯାତାୟାତ କ୍ଷେତ୍ରରେ ଜନସାଧାରଣ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ ସମସ୍ୟାର ସମାଧାନ ହେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ଏ ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଗୋଷ୍ଠାଷ୍ଟମୀରେ ବଳଦେବଜୀଉଙ୍କ 'କାଳିଆ ଦଳନ' ବେଶ

କେନ୍ଦ୍ରାପଡ଼ା, ୩୦।୧୦ (ସମିସ):ପବିତ୍ର ଗୋଷ୍ଠ ଅଷ୍ଟମୀ ତିଥିରେ ଆଜି ପ୍ରଭୁ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ହୋଇଛି "କାଳିଆ ଦଳନ' ବେଶ। ସନ୍ଧ୍ୟା ନୀତି ସମାପ୍ତ ପରେ ପୂଜା



ପଣ୍ଡାଙ୍କ ଦ୍ୱାରା ବେଶ ଆରମ୍ଭ ହୋଇଥିଲା। ଏହି ସମୟରେ ମହାପ୍ରଭୁଙ୍କ ମଉଳି ମଣ୍ଡଳ ବନ୍ଧାଯାଇ, ଜଗନ୍ନାଥଙ୍କ ମଣ୍ଡଳ, ଛନ୍ଦା, ଚରଣ ଓ ଆଙ୍ଗୁଠି ପୟର ଲଗାଯାଇଥିଲା। ପ୍ରତୀକାତ୍ମକ ଭାବରେ କାଳୀୟ ନାଗ ମହାପ୍ରଭୁଙ୍କ ଚରଣ ତଳେ ରହିଥିଲେ। ଯେଉଁଠାରେ ଦୁଇ ପାର୍ଶ୍ୱରେ ନାଗକନ୍ୟାଙ୍କୁ ରଖାଯାଇ ସିଂହାସନରେ ମହାପ୍ରଭୁ ଅପୂର୍ବ ଶୋଭା ପାଉଥିଲେ। ପରେ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା।

## ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ଗଛରେ ବାନ୍ଧି ମାଡ଼

- ୨୪ ଘଣ୍ଟା ବିତିଯାଇଥିଲେ ମଧ ପୁଲିସ୍ ଚୁପ୍
- ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତଙ୍କ ପରିବାର



ଡେରାବିଶ,୩୦।୧୦(ସମିସ): ଚାଟରାଚକଡ଼ା ପଞ୍ଚାୟତର ଓଲଡ଼ି ଗ୍ରାମରେ ଗତକାଲି ଏକ ଅଭାବନୀୟ ଘଟଣା ଘଟିଛି। ଓଲଡ଼ି ଗ୍ରାମରେ ଭଡ଼ାରେ ରହୁଥିବା ଜଣେ ଯୁବକଙ୍କୁ ଗ୍ରାମର କିଛି ଲୋକ ଗୁଣିଗାରେଡ଼ି ସନ୍ଦେହରେ ଗଛରେ ବାନ୍ଧି ତାଙ୍କୁ ଓ ତାଙ୍କ ପରିବାରକୁ ନିର୍ଦ୍ଧୁମ ମାଡ଼ ମାରିଥିବା ଭିଡ଼ିଓ ମୋବାଇଲରୁ ମୋବାଇଲ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡ଼ିଓରେ ଜଣେ ଯୁବକଙ୍କୁ କିଛି ଲୋକ ଏକ ଗଛରେ ବାନ୍ଧି ବାଡ଼େଇବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଛି। ପୀଡ଼ିତଙ୍କ ପରିବାର ପକ୍ଷରୁ ଡେରାବିଶ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ କରାଯିବାର ୨୪ ଘଣ୍ଟା ବିତିଯାଇଥିଲେ ମଧ ଡେରାବିଶ ଥାନା ପକ୍ଷରୁ ଅଭିଯୋଗକୁ ଅଣଦେଖା କରାଯାଇଛି। ଫଳରେ ପୀଡ଼ିତଙ୍କ ପରିବାର ଆଜି ନ୍ୟାୟ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ପଲେଇ ପଞ୍ଚାୟତର ଗଗନ ବିହାରୀ ବାରିକଙ୍କ ପୁଅ ଅମରେନ୍ଦ୍ର ବାରିକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ଗ୍ରାମର ହୃଷିକେଶ ମହଲାଙ୍କ ଘରେ ଭଡ଼ାରେ ପରିବାର ସହିତ ରହୁଥିଲେ। ଗତକାଲି ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଅମରେନ୍ଦ୍ର ଗ୍ରାମରେ ଗୁଡ଼ି ଗାରେଡ଼ି କରୁଥିବା ସନ୍ଦେହରେ ତାଙ୍କୁ ଏକ ଗଛରେ ବାନ୍ଧି ମାଡ଼ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏଥିସହିତ ତାଙ୍କ ପତ୍ନୀ ଓ ତାଙ୍କ ପୁଅକୁ ମାଡ଼ ମରାଯାଇଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଅମରେନ୍ଦ୍ରଙ୍କ ବିରୋଧରେ ପାଲଟା ଅଭିଯୋଗ ଥାନାରେ କରାଯାଇଛି।

### ● କଟପା ଆଇନ-୨୦୦୩ ଉଲ୍ଲଙ୍ଘନ

## ୧୩ ଦୋକାନୀଙ୍କୁ ୨୪ ଶହ ଟଙ୍କା ଜରିମାନା

କେନ୍ଦ୍ରାପଡ଼ା,୩୦।୧୦(ସମିସ):କଟପା ଆଇନ-୨୦୦୩ ଅନୁଯାୟୀ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ ସର୍ବସାଧାରଣ ସ୍ଥାନର ୧୦୦ ମିଟର ପରିସର ମଧ୍ୟରେ ତମାକୁ ପଦାର୍ଥ ବିକ୍ରୟ ନିଷିଦ୍ଧ



ରହିଛି। ଏହି ନିୟମ ଉଲ୍ଲଙ୍ଘନ କରୁଥିବା ଦୋକାନୀଙ୍କ ବିରୋଧରେ ଆଜି ପ୍ରଶାସନ ପକ୍ଷରୁ ଗଠିତ ମିଳିତ ଟିମ ଅଭିଯାନ ଆରମ୍ଭ କରିଛି। ତିନିମୁହାଣି ଛକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଞ୍ଚଳରେ ହୋଇଥିବା ଚଢ଼ଉ ସମୟରେ ୧୩ଟି ଦୋକାନରୁ ମିଳିତ ଟିମ ୨୪ ଶହ ଟଙ୍କା ଜରିମାନା ଆଦାୟ କରିଛି। ଏହି ଟିମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଗିରି, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରୀତିଶ ଦାସ, ଡ୍ରଗ ଇନସ୍ପେକ୍ଟର ସୁକାନ୍ତ ସାହୁ, ଏନସିଡି ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ୟାମସୁନ୍ଦର ବିଶ୍ୱାଳ ସହ ପୁଲିସ ଓ ଅବକାରୀ ବିଭାଗ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଓଳାଭର କାଳୀ ପଡ଼ିଆରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ଉ

ରାଜକନିକା,୩୦।୧୦(ସମିସ): ଓଳାଭର କାଳୀ ପଡ଼ିଆରେ ଆଜି ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଖାଦ୍ୟ ମାନ ପରଖି ସଠିକ୍ ଢଙ୍ଗରେ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ବିକ୍ରି କରିବାକୁ ପରାମର୍ଶ ଦେଇଛନ୍ତି। କାଳୀପୂଜା ପାଇଁ ପଡ଼ିଆରେ ବହୁ ମାତ୍ରାରେ ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ଦୋକାନ ସହିତ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି। କିଛି ଅସାଧୁ ବ୍ୟବସାୟୀ ଏସବୁ ଦୋକାନରେ ଅଖାଦ୍ୟ, ଭେଜାଲ ଖାଦ୍ୟ, ବାସିଖାଦ୍ୟ ସହିତ ରାସାୟନିକ ରଙ୍ଗ ବ୍ୟବହାର, ନିମ୍ନମାନର ସସ୍ ବିକ୍ରି କରିବାର ଆଶଙ୍କା ଥିବାରୁ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା।

### ■ ବେଲାରପୁର ଗ୍ରାମ ଆମ ବ୍ୟାଙ୍କ୍

## କର୍ମଚାରୀଙ୍କୁ ଦରମା ମିଳି ନ ଥିବାରୁ ବ୍ୟାଙ୍କ ବନ୍ଦ

ପଞ୍ଚୁପାଣ୍ଡବ,୩୦।୧୦(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ଆମ ବ୍ୟାଙ୍କ୍ ଦୀର୍ଘଦିନ ଧରି ଖୋଲାଯାଉନି । ଏହି ବ୍ୟାଙ୍କରେ ଥିବା କର୍ମଚାରୀ (ବିଶି) ପ୍ରାୟ ୮ ମାସ ହେଲା ଦରମା ପାଇ ନ ଥିବାରୁ ବ୍ୟାଙ୍କ ଖୋଲୁ ନ ଥିବା ଅଭିଯୋଗ ହେଉଛି। ବ୍ୟାଙ୍କ୍ ଘର ନିର୍ମାଣ ପାଇଁ ପୂର୍ବ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କାମ ସରିଥିବାବେଳେ ଏବେ ନୂଆ ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ବ୍ୟାଙ୍କ୍ ଘର ଅଦରକାରୀ ହୋଇପଡ଼ିରହିଥିବାବେଳେ ଲୋକଙ୍କ କାମରେ ଲାଗୁ ନ ଥିବା ଦେଖିବାକୁ ମିଳୁଛି।

ପୂର୍ବ ସରକାରଙ୍କ ଦ୍ୱାରା ଆଖପାଖ ଅଞ୍ଚଳରେ ଥିବା ଲୋକଙ୍କ ସୁବିଧା ପାଇଁ ଏହି ବ୍ୟାଙ୍କ୍ କରାଯାଇଥିଲା। ଏବେ ମୋ' ବ୍ୟାଙ୍କ ବନ୍ଦ ଥିବାରୁ ପାଖ ଅଞ୍ଚଳରୁ ଶତାଧିକ ଲୋକ ବହୁ ଦୂରଦୂରାନ୍ତକୁ ଅର୍ଥ କାରବାର କରିବାକୁ ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ୍ ବିଶି ଅଭିଜିତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଆମର ୮ ମାସ ହେଲା ଦରମା ମିଳିନାହିଁ ଓ ଅସରାଏ ବର୍ଷା ହେଲେ ବ୍ୟାଙ୍କ୍ ଅଫିସ ସମ୍ମୁଖରେ ଆଣ୍ଠୁଏ ପାଣି ଜମି ରହୁଛି। ବିଭିନ୍ନ ପ୍ରକାର ସମସ୍ୟା ଥିବାରୁ ବ୍ୟାଙ୍କ୍ ଏକ ପ୍ରକାର ବନ୍ଦ ହେବାକୁ ଲାଗିଲାଣି। ଏ ବିଷୟରେ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ସରପଞ୍ଚ ଭକ୍ତିଲତା ନାୟକ କହିଛନ୍ତି।

## ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ତାଲିମ ଶିବିର

ପଟ୍ଟାମୁଣ୍ଡାଇ, ୩୦।୧୦(ସମିସ): ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ ଭାବେ ପରିଚିତ ଓଡ଼ିଶାରେ ବିପର୍ଯ୍ୟୟ ମୁକାବିଲା, ଜିରୋ କାଜୁଆଲିଟି ଓ କ୍ଷୟକ୍ଷତି ହ୍ରାସ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପଟ୍ଟାମୁଣ୍ଡାଇ ଓ ରାଜନଗରକୁ ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ବ୍ଲକ୍ କରିବାକୁ ୨ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିପର୍ଯ୍ୟୟର ଚିର ସହଚର ଓଡ଼ିଶା ଅତୀତରେ ବହୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସଫଳ ମୁକାବିଲା କରି ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି। ଆଗାମୀ ଦିନରେ ଆମେ ବିପର୍ଯ୍ୟୟର ସଫଳ ମୁକାବିଲା କରି ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ କରିପାରିଲେ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରିବା ସହିତ ଆମ୍ଭେମାନେ ସୁରକ୍ଷିତ ଜୀବନ ବିତାଇ ପାରିବା ବୋଲି ମତ ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ ଜିଲ୍ଲା ଆପଦକାଳୀନ ଅଧିକାରୀ ଅଜୟ ଜେନା ଯୋଗ ଦେଇ ବିପର୍ଯ୍ୟୟ ମୁକାବିଲା, କ୍ଷୟକ୍ଷତି ହ୍ରାସ ଉପରେ ତତ୍ତ୍ୱଭିତ୍ତିକ ବିଶ୍ଳେଷଣ କରିଥିଲେ। ଓସଡମା ତାଲିମଦାତା ଅନନ୍ତ କର, ବାବୁଲାଲ କର, ନିରଞ୍ଜନ ସ୍ୱାଇଁ ପ୍ରମୁଖ ବିପର୍ଯ୍ୟୟ ଆଇନ ୨୦୦୫, ବିପର୍ଯ୍ୟୟ ସମୟରେ ପଞ୍ଚାୟତ, ଗୋଷ୍ଠୀର ଭୂମିକା, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ, ବିପର୍ଯ୍ୟୟ କ୍ଷୟକ୍ଷତି ସହାୟତା ଓ କ୍ଷୟକ୍ଷତି ହ୍ରାସ ଉପରେ ତାଲିମ ପ୍ରଦାନ କରିଥିଲେ। ତାଲିମ ଶିବିରରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକରେ କାର୍ଯ୍ୟରତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଥିବାବେଳେ ରଞ୍ଜିତ ପରିଡା ଧନ୍ୟବାଦ ଦେଇଥିଲେ।

### ● ବ୍ଲକ୍ ପରିସରରେ ଉନ୍ନୟନମୂଳକ କାର୍ଯ୍ୟ ବୈଠକ

## ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ

ପଟ୍ଟାମୁଣ୍ଡାଇ, ୩୦।୧୦ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ପରିସରରେ ଉନ୍ନୟନ କାର୍ଯ୍ୟକୁ ନେଇ ୩ଟି ପଞ୍ଚାୟତର ବିଜେପି ଓ ବିଜେଡି କର୍ମୀ, ସମର୍ଥକଙ୍କ ମଧ୍ୟରେ କଥା କଟାକଟି ଓ ଗଣ୍ଡଗୋଳ ହୋଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଆଇଆଇସି ବନ୍ଦନା ପାତ୍ର ବ୍ଲକ ପରିସରରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଆହାରକେନ୍ଦ୍ର ସମ୍ମୁଖ ତାତନା କେନାଲ ପାଶ୍ୱର୍ ଡାକ୍ତର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଘର ସମ୍ମୁଖ ରାସ୍ତାରେ ଉଭୟ ପକ୍ଷ ସମର୍ଥକଙ୍କ ମଧ୍ୟରେ ପୁନର୍ବାର ଗଣ୍ଡଗୋଳ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପୃଥକ୍ ଭାବେ ୨ଟି ଏତଲା ଦାୟର କରାଯାଇଥିବା ବେଳେ ଥାନା କେସ ନମ୍ବର ୩୪୯/୨୫ ଓ ୩୫୦/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି। ଏହି ଘଟଣା କେଉଁ ପରିସ୍ଥିତିରେ ଘଟିଲା ତାକୁ ନେଇ ସ୍ଥାନୀୟ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।


## ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା




କେନ୍ଦ୍ରାପଡ଼ା,୩୦।୧୦(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୌର ଟାଉନ ହଲ୍‌ରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ ଯୋଗଦେଇ ସାଇବର ଅପରାଧ ସମ୍ପର୍କରେ ସଚେତନତାର ସନ୍ଦେଶ ଦେଇଛନ୍ତି। ସଚେତନ ହେବା ହିଁ ସୁରକ୍ଷା ବୋଲି ଶ୍ରୀ କଟ୍ଟାରିଆ କହିଛନ୍ତି। ସାଇବର ଅପରାଧୀ ଅଜଣା ଲିଙ୍କ, ଆପ୍ ଓ ଓଟିପି ମାଧ୍ୟମରେ ଲୋକଙ୍କୁ ଠକୁଛନ୍ତି। ଆପଣଙ୍କ ବ୍ୟାଙ୍କ ପିନ, ପାସୱାର୍ଡ କିମ୍ବା ଓଟିପି କେବେ ମଧ ଅନ୍ୟକୁ ଦେବେ ନାହିଁ ବୋଲି ସେ କହିଛନ୍ତି। ଖୁବଶୀଘ୍ର ଏକ ସାଇବର ଥାନା ଖୋଲିବାକୁ ଯାଉଛି। ରାଜ୍ୟରେ ଏବେ ୧୪ଟି ସାଇବର ଥାନା ଚାଲୁଥିବାବେଳେ ଆଉ ୨୦ଟି ନୂତନ ସାଇବର ଥାନା ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ଅବସରରେ ଶ୍ରୀ କଟ୍ଟାରିଆ ସାଇବର ସୁରକ୍ଷା ସଚେତନତା ରଥକୁ ଉଦଘାଟନ କରିଛନ୍ତି। ଏହି ରଥ ଜିଲ୍ଲାର ପ୍ରତ୍ୟେକ ଥାନା ଅଞ୍ଚଳରେ ବୁଲି ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ଜଣାଇବ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ କହିଲେ, ସାଇବର ଅପରାଧ ଆଜି ଆମ ସମାଜ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଯେପରି ରୋଗ ପୂର୍ବରୁ ପ୍ରତିଷେଧକ ଜରୁରୀ, ସେପରି ସାଇବର ଠକ ଠକିବା ପୂର୍ବରୁ ସଚେତନତା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସାଇବର କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅତିରିକ୍ତ ଏସ୍‌ପି ପ୍ରଭାତ ବିଶ୍ୱାଳ, କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ଡିଏସପି ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ରାଜନଗର,୩୦।୧୦(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଖମାରସାହି ଅନ୍ତର୍ଗତ ନଳିତାପାଟିଆ ଗ୍ରାମର ପ୍ରଫୁଲ୍ଲ ମଲିକଙ୍କ ପୁଅ ସୁକାନ୍ତ ମଲିକ(୩୩) କେରଳର



ଏର୍ଣ୍ଣାକୁଲମଠାରେ ଥିବା ଲାମିନାର ଲାମିନେସନ ପ୍ରାଇଭେଟ ଲିମିଟେଡ ପ୍ଲାଏଉଡ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ସକାଳେ କାମ କରୁଥିବାବେଳେ ପ୍ଲାଏ ତାଙ୍କ ଉପରେ ଖସିପଡିଥିଲା। ପ୍ଲାଏ ତଳେ ଚାପି ହୋଇ ସୁକାନ୍ତ ମୃତ୍ୟୁବରଣ କରିଥିଲେ। ଘରେ ତାଙ୍କର ସ୍ତ୍ରୀ, ଦୁଇ ନାଲିକା ଝିଅ(୭ ଓ ୯ବର୍ଷ) ଓ ଅଢେଇ ବର୍ଷର ପୁଅ ଅଛନ୍ତି। ଏହି ଅଭାବୀ ପରିବାରର ଶବ କିପରି ଗାଁକୁ ଫେରିବ ସେହି ଚିନ୍ତାରେ ପଡିଛନ୍ତି। ଶବ ଫେରାଇ ଆଣିବାକୁ ପରିବାର ଲୋକଙ୍କ ସହ ଗାଁ ଲୋକେ ନିବେଦନ କରିଛନ୍ତି।

## ବତୀଘର ମାର୍କେଟରେ ମହିଳାଙ୍କୁ ଆକ୍ରମଣ


ମହାକାଳପଡ଼ା, ୩୦।୧୦(ସମିସ): ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ତଥା ମହାକାଳପଡ଼ା ବ୍ଲକ ବତୀଘର ପଞ୍ଚାୟତ ବରକୋଳିଖଳା ମାର୍କେଟରେ ଜଣେ ମହିଳାଙ୍କୁ କେତେକ ମହିଳା ଆକ୍ରମଣ କରୁଥିବା ଭିଡିଓ ଭାଇରାଲ ହେଉଛି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ସମୟରେ କେତେକ ଲୋକ ଦେଖଣାହାରୀ ସାଜିଥିଲେ ତ କେତେକ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। କେହି ରୋକିବାକୁ ପ୍ରୟାସ କରି ନ ଥିଲେ। ବରକୋଳିଖଳା ବଜାରରେ ଏକ ଦୋକାନ ଘରକୁ ନେଇ ଉଭୟ ପକ୍ଷ ମଧ୍ୟରେ କିଛିବର୍ଷ ହେବ ବିବାଦ ଲାଗି ରହିଥିଲା। ଆକ୍ରମଣର ଶିକାର ହୋଇଥିବା ମହିଳା ପାରୁଲ ମଣ୍ଡଳଙ୍କ ସହିତ ସେହି ବରକୋଳିଖଳା ଗ୍ରାମର ସୁବାସ ମଣ୍ଡଳଙ୍କ ସହିତ ଏକ ଦୋକାନ ଘରକୁ ନେଇ ବିବାଦ ଲାଗି ରହିଥିବାବେଳେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କୋର୍ଟରେ ମାମଲା ଚାଲିଛି। ମହାକାଳପଡ଼ା ତହସିଲଦାରଙ୍କ ନିର୍ଦ୍ଦେଶରେ ଗତ ମଇ ମାସରେ ସ୍ଥାନୀୟ ରାମଚଣ୍ଡୀ ଆରଆଇ ତଦନ୍ତ ରିପୋର୍ଟ ମଧ ପ୍ରଦାନ କରିସାରିଛନ୍ତି। ତିନଦିନ ପୂର୍ବେ କିଛି ଗୁଣ୍ଡାଙ୍କୁ ଆଣି ସୁବାସ ମଣ୍ଡଳ ତାଙ୍କ ଦୋକାନ ଘର ଭଙ୍ଗାରୁଜା କରିଥିବା ପାରୁଲ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ କରିବାକୁ ପୁଲିସ ଯାଇଥିବାବେଳେ ସେମାନଙ୍କ ଉପସ୍ଥିତିରେ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତଦନ୍ତ ଜାରି ରହିଥିବା ସାମୁଦ୍ରିକ ଥାନା ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି।

## ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ସନ୍ତୋଷ ମଲିକ ମୃତ୍ୟୁ ମାମଲା**

କେନ୍ଦ୍ରାପଡ଼ା,୩୦।୧୦(ସମିସ): ନିକିରାଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଆକ୍ରମଣ କରାଯିବା ପରେ ତାଙ୍କର ମୃତ୍ୟୁ ଘଟିବା ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାଜଜ୍ ଅଭିଯୁକ୍ତ ସୁନାକର ମଲିକଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଧୂମାତ ମଠସାହି ଗ୍ରାମର ସନ୍ତୋଷ ମଲିକ ୨୦୧୮ ଅଗଷ୍ଟ ୨୭ ତାରିଖରେ ସୁନାକରଙ୍କ ଘରେ ଚାଲିଥିବା ଏକ ଜନ୍ମଦିନ ଭୋଜିକୁ ଯାଇଥିଲେ। କୌଣସି କାରଣକୁ କେନ୍ଦ୍ର କରି ସୁନାକରଙ୍କ ସହ ସନ୍ତୋଷଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ଯୁକ୍ତିତର୍କ କ୍ରମେ ଉଗ୍ରରୂପ ନେବାରୁ ସୁନାକର ଏକ ବାଉଁଶ କୀଳାରେ ସନ୍ତୋଷଙ୍କ ପେଟକୁ ଭୁସି ଦେଇଥିଲେ। ଏହାଦ୍ୱାରା ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କ ୨୦୧୮ ଅଗଷ୍ଟ ୨୯ ତାରିଖରେ ମୃତ୍ୟୁ ହୋଇଯାଇଥିଲା। ନିକିରାଇ ଥାନା ପୁଲିସ ସୁନାକର ମଲିକ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ୨୦୨୧ ଜାନୁଆରୀ ୧୫ ତାରିଖରେ ପୁଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ତେବେ ସାକ୍ଷ୍ୟ ପ୍ରମାଣ ଅଭାବରୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାଜଜ୍ ବିଷ୍ଣୁଦେବ ଜେନା ଅଭିଯୁକ୍ତ ସୁନାକର ମଲିକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଆଶୁତୋଷ ମହାନ୍ତି ଓ ସହଯୋଗୀ ଆଇନଜୀବୀ ଏ.ସି. ଖଟୁଆ ମକଦ୍ଦମା ପରିଚାଳନା କରୁଥିଲେ।

## ବ୍ରାହ୍ମଣୀ ନଦୀରେ କୁମ୍ଭୀର, ଲୋକେ ଆତଙ୍କିତ



ଆଳି, ୩୦।୧୦(ସମିସ): ବଡାମ୍ବିଳା ପଞ୍ଚାୟତର ସାହୁପଡ଼ା ଓ ଦଶିପୁର ଗ୍ରାମ ସହ ରାଜନଗର ପଞ୍ଚାୟତର ନଦୀ ପାର ଆଳି ପାଶ୍ୱର୍ ଗ୍ରାମ ନଳଦିଆ ଓ କଟକଣା ଗ୍ରାମ ଦେଇ ବ୍ରାହ୍ମଣୀ ନଦୀ ବହିଯାଇଥିବାବେଳେ ଏହି ନଦୀରେ ଏକ ୧୨ରୁ ୧୪ ଫୁଟର ବଉଳା କୁମ୍ଭୀର ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ବନ ବିଭାଗ ପକ୍ଷରୁ ବାରମ୍ବାର ସଚେତନତା କରାଯିବା ସହ ସଚେତନତା ଫଳକ ଲଗାଯାଇଥିଲେ ମଧ ତାର ବାଡ଼ ଯୋଗାଇ ନ ଦିଆଯିବାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଆଳି ବନବିଭାଗ ଅଧିକାରିଣୀ ଲକ୍ଷ୍ମୀପ୍ରିୟା ଖଟୁଆଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି।

## ରାଜକନିକାରେ କ୍ରୀଡ଼ା ପ୍ରତିଯୋଗିତା କରାଇ ନ ଦେବାକୁ ଚକ୍ରାନ୍ତ ଅଭିଯୋଗ

ରାଜକନିକା,୩୦।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ମହାକାଳପଡା, ପଟ୍ଟାମୁଣ୍ଡାଇ ଓ ରାଜକନିକା ବ୍ଲକ୍‌ରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ରାଜକନିକାରେ କ୍ରିକେଟ ଓ ଆଥଲେଟିକ ପ୍ରତିଯୋଗିତା ପାଇଁ ତିନିମାସ ପୂର୍ବରୁ ନିଷ୍ପତ୍ତି ନିଆଯିବା ପରେ ଆଜି ଶେଷ ଦିନ ସୁଦ୍ଧା କୌଣସି ଚିଠି କରା ନ ଯିବାରୁ ଛାତ୍ରଛାତ୍ରୀ ନିରାଶ ହୋଇଛନ୍ତି। ରାଜକନିକାରେ କ୍ରୀଡ଼ା ପ୍ରତିଯୋଗିତା କରାଇ ନ ଦେବାକୁ ଏହା ଏକ ଚକ୍ରାନ୍ତ ବୋଲି ସାଧାରଣରେ ଅଭିଯୋଗ କରାଯାଇଛି।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଗଠିତ ବୈଠକ ବସି କେଉଁ ବ୍ଲକରେ କେଉଁ କ୍ରୀଡ଼ା ପ୍ରତିଯୋଗିତା କରାଯିବ ସେ ନେଇ ସମୟ ଓ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ରାଜକନିକା ବ୍ଲକ୍‌ରେ ଚଳିତ ମାସ ୨୨ ଓ ୨୩ ଦୁଇଦିନ ଧରି ପ୍ରତିଯୋଗିତା ପାଇଁ ସ୍ଥିର ହୋଇଥିବାବେଳେ ପାଣିପାଗ ପରିବର୍ତ୍ତନ ପାଇଁ ଏହାକୁ ଘୁଞ୍ଚାଇ ଦେଇ ଆଜି ଓ ଆସନ୍ତାକାଲି କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ଏହି ପ୍ରତିଯୋଗିତା ପାଇଁ ଅବଶ୍ୟକୀୟ ଚିଠି କରା ନ ଯିବା ଦ୍ୱାରା ଏହା ସମ୍ଭବ ହୋଇନାହିଁ। ଫଳରେ ଜିଲ୍ଲାର କ୍ରିକେଟ ଓ ଆଥଲେଟିକରେ ବହୁ ଯୋଗ୍ୟତା ରଖିଥିବା କ୍ରୀଡ଼ାବିତ ନିରାଶ ହୋଇଛନ୍ତି।ରାଜକନିକା ବ୍ଲକରେ ଉନ୍ନତମାନର କ୍ରୀଡ଼ା ଭିତ୍ତିଭୂମି ଥାଇ ଏଠାରୁ ପ୍ରତିବର୍ଷ ବହୁ କ୍ରୀଡ଼ାବିତ ସୃଷ୍ଟି ହୋଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ନିଜ କ୍ରୀଡା ଦକ୍ଷତା ପ୍ରତିପାଦନ କରି ଗୌରବ ଆଣୁଥିବା ବେଳେ ଚଳିତ ଥର ଏହାକୁ କରାଇ ନ ଦେବା ପାଇଁ ଚକ୍ରାନ୍ତ ହୋଇଥିବା ରାଜେଶ ବିଶ୍ୱାଳ, ସୁବାସ ରାଉତ, ଚକ୍ରଧର ପଣ୍ଡା ପ୍ରମୁଖ ଅସନ୍ତୋଷ ପ୍ରକାଶ କରି କହିଛନ୍ତି। ଜିଲ୍ଲାସ୍ତରୀୟ କମିଟିର ଘୋଷଣା ପରେ କେଉଁ କାରଣରୁ ରାଜକନିକାରେ ଏହି କ୍ରୀଡା ପ୍ରତଯୋଗିତା କରାଗଲାନାହିଁ, ସେ ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବହୁ କ୍ରୀଡା ଅନୁଷ୍ଠାନ ଦାବି କରିଛି।

### ଜୁଆର ମାଡ଼ରେ କ୍ଷତିଗ୍ରସ୍ତ ପଥର ବନ୍ଧ

## ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ, ଅଧୀକ୍ଷଣ ଯନ୍ତ୍ରୀ

ରାଜନଗର, ୩୦।୧୦(ସମିସ):

ବାତ୍ୟା ମୋନ୍ଥା ଯୋଗୁଁ ଅଶାନ୍ତ ବଙ୍ଗୋପସାଗରର ପ୍ରଭାବ ଦେଖିବାକୁ ମିଳିଥିଲା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍‌ର ପେଣ୍ଠ ନିକଟରେ। ସମୁଦ୍ରରେ ଉଚ୍ଚ ଜୁଆର ଉଠି ଜିଓ ସିନ୍ଥେଟିକ ୱାଲ ଉପରେ ମାଡ଼ ହୋଇଥିଲା। ଜୁଆର ମାଡ଼ ଯୋଗୁଁ ସିନ୍ଥେଟିକ ୱାଲକୁ ସୁରକ୍ଷା ଦେବାକୁ ବାମ ଓ ଦକ୍ଷିଣ ପାଶ୍ୱର୍ରେ ନିର୍ମାଣ ହୋଇଥିବା ପଥର ବନ୍ଧ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସମୁଦ୍ରର ଉଚ୍ଚ ଉଚ୍ଚ ଜୁଆର ମାଡ଼ ହେବା ଫଳରେ ସମୁଦ୍ର କୂଳରେ ନିର୍ମାଣ ହୋଇଥିବା ପଥର ବନ୍ଧ ଧସିବା ସହିତ ତାର ଜାଲି ଭିତରୁ ପଥର ବାହାରିଯାଇଥିଲା ଓ ବନ୍ଧ ମଧ ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଥିଲା।



ଜିଓ ସିନ୍ଥେଟିକ ୱାଲର ବାମ ପାଶ୍ୱର୍ରେ ପ୍ରାୟ ୧୦୦ ଫୁଟ ପଥର ବନ୍ଧ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦକ୍ଷିଣ ପାଶ୍ୱର୍ରେ ପାଖାପାଖି ୫ ଫୁଟ ସମୁଦ୍ର ମଧ୍ୟକୁ ଏହି ପଥର ବନ୍ଧ ଧସିପଡ଼ିଛି। ସମୁଦ୍ରର ଏହି ଉଗ୍ର ଦୃଶ୍ୟ ଦେଖି କେବଳ ପେଣ୍ଠ ଗ୍ରାମର ଅଧିବାସୀ ନୁହଁନ୍ତି, ସମଗ୍ର ରାଜନଗରବାସୀ ଭୟଭୀତ ହୋଇପଡ଼ିଛନ୍ତି। ଆଜି କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଡିଏଫ୍‌ଓ ଭରଦରାଜ ଗାଓଁକର, ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ, ଆଳି ତଟବନ୍ଧ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସମ୍ବିତ କୁମାର ସାହୁ , ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ପ୍ରମୁଖ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ଜିଓ ସିନ୍ଥେଟିକ ୱାଲ ଓ ପଥର ବନ୍ଧରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଜୁଆର ମାଡ଼ରେ ପଥରବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ଦେଖିବା ପରେ ଜିଲ୍ଲାପାଳ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ସପ୍ତାହରେ ମୁଖ୍ୟଯନ୍ତ୍ରୀ ପେଣ୍ଠରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଏହାର ମରାମତି କରାଯିବ ଓ ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଏପିକେ ଫାଇଲ୍‌ରେ କ୍ଲିକ୍ କରି ୬ ଲକ୍ଷ ହରାଇଲେ ଟ୍ରାନ୍ସପୋର୍ଟ ମ୍ୟାନେଜର

ବ୍ରହ୍ମପୁର,୩୦ ।୧୦(ସମିସ): ନିଜ ମୋବାଇଲକୁ ଏକ ଅଜଣା ନମ୍ବରରୁ ଆସିଥିବା ଏପିକେ ଫାଇଲକୁ କ୍ଲିକ କରି ଜଣେ ବ୍ୟକ୍ତି ୬ଲକ୍ଷରୁ ଅଧିକ ଟଙ୍କା ହରାଇଛନ୍ତି। ଏନେଇ ସେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ବ୍ରହ୍ମପୁର ସହରର ଏହି ବ୍ୟକ୍ତି ଜଣଙ୍କ ଏକ ଘରୋଇ କମ୍ପାନୀରେ ଟ୍ରାନ୍ସପୋର୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ। ୨ଦିନ ପୂର୍ବେ ସେ ଅଫିସ କାମରେ ଭଞ୍ଜନଗର ଅଞ୍ଚଳକୁ ଯାଇଥିଲେ। ଏହି ସମୟରେ ତାଙ୍କ ମୋବାଇଲକୁ ଏକ ଅଜଣା ନମ୍ବର (୯୩୪୬୫୩୮୦୫୫)ରୁ ଏକ ଏପିକେ ଫାଇଲ ଆସିଥିଲା। ହ୍ୱାଟ୍ସଆପରେ ଆସିଥିବା ଏହି ଏପିକେ ଫାଇଲରେ କ୍ଲିକ୍ କରିବା ପରେ ଏକ ଆପ୍ଲିକେସନ ଇନଷ୍ଟଲ ହୋଇଥିଲା। ଏହାର ୧୦ ମିନଟ ପରେ ତାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୬ଲକ୍ଷ ୬ହଜାର ୫୦୭ଟଙ୍କା କଟି ଯାଇଥିଲା। ତାଙ୍କ ଅଭିଯୋଗ ପ୍ରକାରେ ତଦନ୍ତ କରାଯାଉଥିବା ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା କହିଛନ୍ତି।

## ସାପୁଆ ନାଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୩୦ ।୧୦(ସମିସ): ସଦରଥାନା ଅର୍ନ୍ତଗତ ମାୟାପୁରୀର ସାପୁଆନାଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ତାଙ୍କ ବୟସ ପ୍ରାୟ ୬୫ ହେବ ବୋଲି ପୁଲିସ ଅନୁମାନ କରୁଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ପରିଚୟ ସ୍ପଷ୍ଟ ପାଇଁ ବ୍ରହ୍ମପୁର ଏମ୍କେସିଜି ମେଡ଼ିକାଲରେ ବ୍ୟବଚ୍ଛେଦ ଗୃହରେ ମୃତଦେହକୁ ସଂରକ୍ଷିତ ରଖାଯାଇଛି। ସୂଚନାଯୋଗ୍ୟ ଯେ, ଗୁରୁବାର ଭୋରରୁ ମାୟାପୁରୀ ସ୍ଥାନୀୟ ଲୋକେ ଏକ ମୃତଦେହ ନାଳରେ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ବିଇଏମସି ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

## ଚିକିତ୍ସା ପାଇଁ ଗଲେ ମାଓନେତା ସବ୍ୟସାଚୀ ପଣ୍ଡା

ବ୍ରହ୍ମପୁର,୩୦ ।୧୦(ସମିସ): ବ୍ରହ୍ମପୁର ଜେଲ୍‌ରେ ସଜା କାଟୁଛନ୍ତି ମାଓନେତା ସବ୍ୟସାଚୀ ପଣ୍ଡା। କିଛିଦିନ ଧରି ସେ ବେକ ଓ ଦାନ୍ତରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏଥିପାଇଁ ସେ ସହରର ଏକ ଘରୋଇ ଡାକ୍ତରଖାନାରେ ଉତ୍ତମ ଚିକିତ୍ସା କରିବାକୁ ଚାହୁଁଥିବା ଦର୍ଶାଇ ନିଜ ଓକିଲଙ୍କ ଜରିଆରେ କୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। କୋର୍ଟଙ୍କ ଅନୁମତି ପରେ ଗୁରୁବାର କଡ଼ା ସୁରକ୍ଷା ମଧ୍ୟରେ ତାଙ୍କୁ ବ୍ରହ୍ମପୁର ଜେଲରୁ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ଓ ଡାକ୍ତରଙ୍କ ପରାମର୍ଶ ପରେ ସେ ପୁଣି ଜେଲ୍‌କୁ ଫେରିଥିଲେ। ଘରୋଇ ଡାକ୍ତରଖାନାର ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ସବ୍ୟସାଚୀ ବହନ କରିବେ ବୋଲି ଜେଲ୍‌ର ବରିଷ୍ଠ ଅଧୀକ୍ଷକ ଧିରେନ୍ଦ୍ର ନାଥ ବାରିକ କହିଛନ୍ତି।

## ଧାନମେରା ସାହିରେ ବୋମାମାଡ଼ ଘଟଣା; ୨ ଭାଇ ଗିରଫ

ବ୍ରହ୍ମପୁର,୩୦ ।୧୦(ସମିସ): ଧାନମେରା ସାହି ଛକରେ ହୋଇଥିବା ବୋମାମାଡ଼ ଘଟଣାର ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଭାଇକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଧାନମେରାସାହିର ରୋହନ ବିଷୋୟୀ(୨୩) ତାଙ୍କ ବଡ଼ ଭାଇ ହସିନ ବିଷୋୟୀ (୨୫)। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୫ ରାତିରେ ଧାନମେରା ସାହିରେ ରହୁଥିବା ଅଞ୍ଜଳି ବିଷୋୟୀଙ୍କୁ କିଛି ଦୁର୍ବୃତ୍ତ ଗାଳିଗୁଲଜ କରି ତାଙ୍କ ଘର ଉପରକୁ ଇଟା ଏବଂ ପଥର ମାଡ଼ କରିଥିଲେ। ଏହା ପରେ ସେପ୍ଟେମ୍ବର ୨୬ ପୂର୍ବାହ୍ନ ୧୦ଟାରେ ରୋହନ ବିଷୋୟୀ, ହସିନା ବିଷୋୟୀ ଏବଂ ବଲମା ବିଷୋୟୀ, ପୁନ୍ତିଆ ବିଷୋୟୀ, ୟୁଟି ବିଷୋୟୀ, ସୁଶୀଲ ବିଷୋୟୀ ସମସ୍ତେ ମାରଣାସ୍ତ୍ର ଏବଂ ବୋମା ଧରି ତାଙ୍କ ଘରକୁ ଆସିଥିଲେ। ପରେ ତାଙ୍କ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ହସିନା ତାଙ୍କ ଘର ଉପରକୁ ଏକ ବୋମା ଫିଙ୍ଗିଥିଲେ। ବୋମାମାଡ଼ରେ ମୋହିନୀ ପାତ୍ର, ବୃନ୍ଦାବନ ନାୟକ ଆହତ ହୋଇଥିଲେ। ଏହା ପରେ ତାଙ୍କ ସ୍ୱାମୀଙ୍କ ଭାଇ ଅଶୋକ ବିଷୋୟୀ ସେହି ସ୍ଥାନରେ ପହଞ୍ଚି ସେମାନଙ୍କୁ ଝଗଡ଼ାରୁ ବିରତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନେ ତାଙ୍କୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିଥିଲେ। ସେମାନେ ତାଙ୍କ ଶାଳୀ କଳ୍ପନା ଏବଂ ତାଙ୍କ ଭଣଜା ନରେଶଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହାପରେ ଅଭିଯୁକ୍ତମାନେ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଥାନାରେ ଅଞ୍ଜଳି ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ୍ ସୂଚନା ଦେଇଛନ୍ତି।

## ବାଳିକା ପର୍ଯ୍ୟବେକ୍ଷଣ ଗୃହରୁ ଚମ୍ପଟ ୨ ନାବାଳିକା ଉଦ୍ଧାର

ବ୍ରହ୍ମପୁର,୩୦ ।୧୦(ସମିସ): ବ୍ରହ୍ମପୁର ସ୍ୱତନ୍ତ୍ର ବାଳିକା ପର୍ଯ୍ୟବେକ୍ଷଣ ଗୃହରୁ ଚମ୍ପଟ ମାରିଥିବା ଦୁଇ ନାବାଳିକାଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଅଞ୍ଚଳରୁ ଉଦ୍ଧାର କରିଛି ବୈଦ୍ୟନାଥପୁର ଥାନା ପୁଲିସ। ବୁଧବାର ମାଜିଷ୍ଟ୍ରେଟ୍ଙ୍କ ଆଗରେ ଉଭୟଙ୍କୁ ହାଜର ପରେ ସେମାନଙ୍କ ବୟାନ ରେକର୍ଡ଼ ହୋଇଥିଲା। ପରେ ସେମାନଙ୍କୁ ପର୍ଯ୍ୟବେକ୍ଷଣ ଗୃହକୁ ପୁନଃ ପଠାଯାଇଥିବା ବୈଦ୍ୟନାଥପୁର ଥାନା ଏସ୍ଆଇ ଦୀପ୍ତି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଚମ୍ପଟମାରିବା ପରେ ଉଭୟ ନାବାଳିକା ଟ୍ରେନ୍‌ରେ ଭୁବନେଶ୍ୱର ଓ ସେଠାରୁ ରାତିରେ ରାଜ୍ୟରାଣୀ ଟ୍ରେନ୍‌ରେ ରାଜଗାଙ୍ଗପୁର ଚାଲି ଯାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୫ତାରିଖ ଭୋର୍ରେ ସ୍ଥାନୀୟ ପାଲୁର ଡାକବଙ୍ଗଳା ନିକଟସ୍ଥ ବାଳିକା ପର୍ଯ୍ୟବେକ୍ଷଣ ଆବାସରୁ ୨ଜଣ ନାବାଳିକା ଅନ୍ତେବାସୀ ଫେରାର ହୋଇଯାଇଥିଲେ। ସୁନ୍ଦରଗଡ଼ ଜିଲ୍ଲାର ଏହି ଦୁଇ ନାବାଳିକା ଏକ ଚୋରି ମାମଲାରେ ଗତ ସେପ୍ଟେମ୍ବର ୧୯ରେ ଏଠାକୁ ଆସିଥିଲେ। ଘଟଣାକୁ ନେଇ ପର୍ଯ୍ୟବେକ୍ଷଣ ଗୃହ ଅଧୀକ୍ଷକ ବୈଦ୍ୟନାଥପୁର ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଉଭୟଙ୍କୁ ବୁଧବାର ଉଦ୍ଧାର କରିଛି। ଏହି ପର୍ଯ୍ୟବେକ୍ଷଣ ଆବାସରେ ୮ଜଣ ଅନ୍ତେବାସୀ ରହୁଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକ କର୍ମଚାରୀ ରହିଛନ୍ତି। କିନ୍ତୁ ସେଠାରେ କୌଣସି ସ୍ଥାୟୀ ଅଧୀକ୍ଷକ ନାହାନ୍ତି। ଫଳରେ କର୍ମଚାରୀମାନେ ଦାୟିତ୍ୱରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଯାହାର ସୁଯୋଗ ନେଇ ୨ଜଣ ଅନ୍ତେବାସୀ ଚମ୍ପଟ ମାରିଥିଲେ। ଉଭୟ ନାବାଳିକା କିପରି ଓ କେଉଁ ପରିସ୍ଥିତିରେ ପର୍ଯ୍ୟବେକ୍ଷଣ ଗୃହରୁ ଚମ୍ପଟ ମାରିଥିଲେ ସେନେଇ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ ଏକ ବିସ୍ତୃତ ରିପୋର୍ଟ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବେ ବୋଲି ସୂଚନା ମିଳିଛି।

### ଏସ୍‌ଆଇ ଚାକିରି ଜାଲିଆତି ଘଟଣା

# ବାକିରେ ଚାକିରି; କାଳକୋଠରିରେ ମାସେ

ବ୍ରହ୍ମପୁର,୩୦ ।୧୦(ସମିସ)



ପୁଲିସ ଏସଆଇ ଚାକିରି କେଲେଙ୍କାରୀ ମାମଲାରେ ଜେଲରେ ଥିବା ଆଶାୟୀମାନେ ସର୍ତ୍ତମୂଳକ ଜାମିନରେ ମୁକୁଳିଛନ୍ତି। ଏଥିପାଇଁ ବ୍ରହ୍ମପୁର ଜେଲ ଆଜି ଚଳଚଞ୍ଚଳ ରହିଥିଲା। ଜେଲ ବାହାରେ ଆଶାୟୀଙ୍କ ଅଭିଭାବକ ସେମାନଙ୍କ ସନ୍ତାନଙ୍କ ଆସିବା ବାଟକୁ ଅନାଇ ରହିଥିଲେ। ପ୍ରଥମାର୍ଦ୍ଧରେ ଯୁବତୀମାନେ ଓ ପରେ ଅନ୍ୟମାନେ ମୁକୁଳିଥିଲେ। ସେମାନଙ୍କୁ ପରିବାରବର୍ଗ ପାଛଟି ନେଇଥିଲେ। ଏହା ଦେଖିବାକୁ ଜେଲ ସାମ୍ନାରେ ଓ ଓଭରବ୍ରିଜ ଉପରେ ମଧ୍ୟ ଗହଳି ଜମିଥିଲା। ସମସ୍ତେ ମୋବାଇଲରେ ଫଟୋ ଓ ଭିଡ଼ିଓ କରିଥିଲେ। ସେହିଭଳି ମଙ୍ଗଳବାର ଆଶାୟୀଙ୍କ ଜାମିନ୍ ମଞ୍ଜୁର ହୋଇଥିବା ବେଳେ ସେହିଦିନଠାରୁ ଅଭିଭାବକମାନେ ସେମାନଙ୍କ ସନ୍ତାନଙ୍କ ଆସିବା ବାଟକୁ ଅପେକ୍ଷା କରି ରହିଥିଲେ। ଗତକାଲି ମଧ୍ୟ ରାତିତମାମ ଜଗି ରହିଥିଲେ। ଆଜି ଏମାନେ ମୁକୁଳିଲା ପରେ ଘରକୁ ଫେରିଛନ୍ତି। ଜେଲରୁ ମୁକୁଳିବା ପରେ ଆଶାୟୀ କାଳ କୋଠାରୀର ଅନୁଭୂତି ବଖାଣିଛନ୍ତି। ଅନେକ ଆଶାୟୀ କହିଛନ୍ତି ଯେ, ସାଙ୍ଗସାଥୀ ହୋଇ ବସରେ ଯାଇଥିଲେ। ଶ୍ରୀକାକୁଲମଠାରେ ପୁଲିସ ଅଟକାଇଥିଲା। ତତପରେ ଓଡ଼ିଶା ପୁଲିସ ପହଞ୍ôଚ ସେମାନଙ୍କୁ ବ୍ରହ୍ମପୁର ଆଣିଥିଲା। ଏଠାରେ ବାରାକ୍‌ରେ ରଖି ପଚରାଉଚୁରା ପରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଏହି ସମୟ ମଧ୍ୟରେ ପରିବାର ଲୋକଙ୍କ ସହ ସେମାନଙ୍କ ଯୋଗାଯୋଗ ହୋଇନଥିଲା। ଜେଲ୍ ଯିବା ପରେ ପରିବାର ସଦସ୍ୟଙ୍କୁ ଆଶାୟୀମାନେ ଫୋନ କରି ଜଣାଇଥିଲେ। ପରେ ପରିବାରବର୍ଗ ଛାନିଆ ହୋଇ ଏଠାକୁ ଆସିଥିଲେ। ଆଶାୟୀମାନଙ୍କଠାରୁ ପୁଲିସ ମୋବାଇଲ, ଆଧାରକାର୍ଡ଼ ଇତ୍ୟାଦି ଜବତ କରିଛି। ତେବେ ଏଗୁଡ଼ିକ କେବେ ମିଳିବ, କେଉଁଠୁ ସଂଗ୍ରହ କରିବେ ସେନେଇ ଆଶାୟୀମାନେ ଦ୍ୱନ୍ଦ୍ୱରେ।

ଆଶାୟୀଙ୍କ ପରିବାର ଲୋକେ କହିଛନ୍ତି ଯେ, ପିଲାମାନେ ଚାକିରି ଲାଗି କାହାକୁ ପଇସା ଦେଇନାହାନ୍ତି। କାହାକୁ ସେମାନଙ୍କୁ ସାର୍ଟିଫିକେଟ ମଧ୍ୟ ଦେଇନାହାନ୍ତି। ନ୍ୟାୟଳୟ ଉପରେ ସମ୍ପୂର୍ଣ୍ଣ ଭରସା ଅଛି। ସେମାନଙ୍କ ପିଲାମାନେ ନିର୍ଦ୍ଦୋଷରେ ମୁକୁଳିବେ।

ଜଣେ ଅଭିଭାବକ କହିଛନ୍ତି ଯେ, ତାଙ୍କ ସନ୍ତାନ ଓଡ଼ିଶା ପୁଲିସ୍ ଚାକିରି ଦେଇଥିଲା। ଅର୍ମି ବି ଦେଇଥିଲା। ଶେଷରେ ନିରାଶ ହେଲା। ପିକ୍ନିକ୍ ଯିବି କହି ଯାଇଥିଲା। ଟଙ୍କା କି ଡକ୍ୟୁମେଣ୍ଟ ବି ଦେଇନଥିଲେ। ତା' ମୋବାଇଲ ସ୍ୱିଚଅଫ ଥିଲା। ୪ଦିନ ପରେ ସେ ଗିରଫ ହୋଇଥିବା ଜାଣିଥିଲେ। ଅନ୍ୟ ଜଣେ ଅଭିଭାବକ କହିଛନ୍ତି ଯେ, ଚାକିରି ଲାଗି କୌଣସି ଟଙ୍କା ଓ ସାର୍ଟିଫିକେଟ ଦିଆଯାଇନି। ଆମ ପିଲାଙ୍କ ଭବିଷ୍ୟତ ଏବେ ଅନ୍ଧାର। ନ୍ୟାୟ ଲାଗି ହାଇକୋର୍ଟ ଯିବୁ। କିଛି ପିଲାମାନେ ଯାହା ପୁରୁଣା ଚାକିରି କରୁଥିଲେ ତାହା ବି ଗଲା। ସରକାରୀ ଚାକିରିଟିଏ ପାଇଁ ସମସ୍ତଙ୍କ ଆଶା ଥାଏ। କିଏ ଜାଣିଥିଲେ ଏମିତି ହେବ। ଭୁଲ ନ କରି କାଳ କୋଠରୀ ଦେଖିବାକୁ ପଡ଼ିଲା ବୋଲି ଅଭିଭାବକ ମାନେ କହିଛନ୍ତି।

ଅପରପକ୍ଷେ କିଛି ଆଶାୟୀଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି କହିଛନ୍ତି ଯେ, ପୁଲିସ ତରବରିଆ ଭାବେ କାର୍ଯ୍ୟାନୁଷ୍ଠାନ ନେଇଛି। ନିରିହ ପିଲାଙ୍କୁ ଜୋରଜବରଦସ୍ତ ସୁପ୍ରିମକୋର୍ଟର ଗାଇଡ଼ଲାଇନ ବାହାରକୁ ଯାଇ ତଦନ୍ତ ନାଁରେ ରାତାରାତି ଗିରଫ କରିବାର କୌଣସି କାରଣ ନ ଜଣାଇ ହାଜତ ଭିତରକୁ ପଠାଇବା ଆଇନ ସମ୍ମତ କାର୍ଯ୍ୟ ନୁହେଁ। ଆଜି ବି ସମୟ ଅଛି ସରକାର ବିଚାର କରନ୍ତୁ। ପୁଲିସ ବିଭାଗ ନିଜ କ୍ଷମତାକୁ ପ୍ରୟୋଗ କରି ୧୧୪ଜଣଙ୍କୁ ଏହି ମାମଲାରୁ ଅନ୍ତର କରି ମୁଖ୍ୟ ଅଭିଯୁକ୍ତମାନଙ୍କୁ ଉପଯୁକ୍ତ ପ୍ରମାଣପତ୍ର ସହ ଆରେଷ୍ଟ କରିବାକୁ ସେ ଦାବି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କ୍ରାଇମବ୍ରାଞ୍ଚ ଅପିଆର୍ବିକୁ ପ୍ରଥମେ ତଦନ୍ତ ପରିସରଭୂକ୍ତ କରୁ। ପ୍ରଶ୍ନପତ୍ର ତିଆରି କରୁଥିବା ସଂସ୍ଥାକୁ ନ ପଚାରି କିଭଳି ପ୍ରଶ୍ନପତ୍ର ଲିକ୍ ହେଲା ଭଳି ପୁଲିସ ଜାଣିଲା ତାହା ଏକ ପ୍ରଶ୍ନବାଚୀ। ପୁଲିସ ଆଶାୟୀ ଭାବେ ସେମାନେ ଆବେଦନକାରୀ କି ନୁହେଁ ତାହା ପ୍ରାଥମିକ ଭାବେ ତଦନ୍ତ ନ କରି ସେମାନଙ୍କୁ ଅଭିଯୁକ୍ତ ଭାବେ ଗିରଫ କରିବା ଘୋର ଅନ୍ୟାୟ ବୋଲି ଆଇନଜୀବୀ ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ଗୋଳନ୍ଥରା ଥାନାରେ କାହିଁକି ମାମଲାକୁ ପ୍ରତିରୋପଣ କରିବା ପାଇଁ ପ୍ରୟାସ କରାଗଲା ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜଣେ ଚାକିରି ଆଶାୟୀ ସଂଗ୍ରାମ କେଶରୀ ଧଳଙ୍କ ଜେଲରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିଲା। ୫ଦିନ ମେଡ଼ିକାଲରେ ରହିଥିଲେ। ଏବେ ବି ତାଙ୍କ ଫିଜିଓଥେରାପି ଚାଲିଛି। ମାନସିକ ଚାପରେ ପୁଅର ଦେହ ଖରାପ ହେଲା ବୋଲି ବାପା ଅଭିଯୋଗ କରିଛନ୍ତି।



### ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିବ ସିବିଆଇ

ପୁଲିସ ଏସଆଇ କେଲେଙ୍କାରୀ ମାମଲାର ତଦନ୍ତ ପ୍ରଥମେ ପୁଲିସ ଓ ପରେ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଘଟଣାର ତଦନ୍ତଭାର ବର୍ତ୍ତମାନ ସିବିଆଇକୁ ଦିଆଯାଇଛି। ଖୁବଶୀଘ୍ର ସିବିଆଇ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ପୁଲିସ ଏସଆଇ ଚାକିରି ପାଇବା ପାଇଁ ସେମାନେ କାହାକୁ ଟଙ୍କା ଦେଇଥିଲେ କି ନାହିଁ, ଦଲାଲଙ୍କ ସଂସ୍ପର୍ଶରେ ସେମାନେ ଆସିଲେ କିପରି ଓ ଏକାଠି ହୋଇ କେଉଁଠିକୁ କେଉଁ ଉଦ୍ଦେଶ୍ୟରେ ଯାଉଥିଲେ, ପରୀକ୍ଷାରେ କୃତକାର୍ଯ୍ୟ କରାଇଦେବାକୁ କଣ ସବୁ ପ୍ରତିଶ୍ରୁତି ମିଳିଥିଲା ଏବଂ ପୂର୍ବରୁ କେତେଜଣଙ୍କୁ ଚାକିରି ମିଳିଥିଲା ଏଭଳି ବିଭିନ୍ନ ପ୍ରଶ୍ନର ଉତ୍ତର ସେମାନଙ୍କ ଠାରୁ ଓଗାଳିବ ସିବିଆଇ। ଆଶାୟୀଙ୍କୁ ଗିରଫ ବେଳେ ପୁଲିସ ସେମାନଙ୍କ ଠାରୁ କେବଳ ଆଧାର କାର୍ଡ ଓ ମୋବାଇଲ ଜବତ କରିଥିବା ବେଳେ କୌଣସି ସାର୍ଟିଫିକେଟ ଜବତ କରିନଥିଲା। ସେହିଭଳି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ପୁଲିସର ତଦନ୍ତ ଠାରୁ ଅଧିକା ଅଗ୍ରଗତି କରିପାରିଲା ନାହିଁ କି ଅନ୍ୟ କିଛି ଠୋସ ପ୍ରମାଣ ମଧ୍ୟ ଯୋଗାଡ଼ କରି ପାରିଲାନାହିଁ। ସିବିଆଇ ତଦନ୍ତ ପରେ ଆଉକିଛି ଦଲାଲଙ୍କ ଚେହେରା ସହିତ ନୂଆ ତଥ୍ୟ ମିଳିବ ବୋଲି କୁହାଯାଇଛି।

### ଜେଲ୍‌ରୁ ମୁକୁଳିଲେ ଏସ୍‌ଆଇ ଚାକିରି ଆଶାୟୀ

ପୁଲିସ ଏସଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ମୋଟ ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ ପରେ ଗୁରୁବାର ୯୪ଜଣ ଜାମିନରେ ଜେଲରୁ ମୁକୁଳିଛନ୍ତି।

ଅନ୍ୟ ୨୦ଜଣଙ୍କ ରିଲିଜ ଅର୍ଡର ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ପହଁଞ୍ଚିବାରେ ବିଳମ୍ବ ଯୋଗୁଁ ସେମାନେ ଶୁକ୍ରବାର ମୁକୁଳିବେ ବୋଲି ଆଶା କରାଯାଉଛି।

### ପୁଲିସ ଉପରେ ବର୍ଷିଲେ ଅଭିଭାବକ

କୌଣସି ଭୁଲ ନକରି ପିଲାଙ୍କୁ ଜେଲ ଯିବାକୁ ପଡ଼ିଛି। ସେମାନେ ସାର୍ଟିଫିକେଟ କିମ୍ବା ଟଙ୍କା ମଧ୍ୟ ଦେଇ ନାହାନ୍ତି। ରାକେଟ ଚଳାଉଥିବା ଦଲାଲ୍ଙ୍କୁ ଛାଡ଼ି ପୁଲିସ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ବିରୁଦ୍ଧରେ କୌଣସି ଠୋସ୍ ପ୍ରମାଣ ମଧ୍ୟ ଯୋଗାଡ କରିପାରିନାହିଁ। ତେଣୁ କୋର୍ଟରେ କ୍ରାଇମବ୍ରାଞ୍ଚ ପ୍ରମାଣ ଦାଖଲ କରିପାରିଲା ନାହିଁ। ନିରୀହ ଛାତ୍ରଛାତ୍ରୀଙ୍କ ଅପେକ୍ଷା ପ୍ରକୃତ ଦଲାଲଙ୍କୁ ପୁଲିସ ଗିରଫ କରୁ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

### ଜାମିନ ଆବେଦନ କରିନାହାନ୍ତି ଦୁଇ ଦଲାଲ

ପୁଲିସ ଏସଆଇ କେଲଙ୍କାରୀ ମାମଲାରେ ଗିରଫ ମୋଟ ୧୨୩ ଜଣଙ୍କ ମଧ୍ୟରେ ୯ଜଣ ଦଲାଲ ସାମିଲ ଅଛନ୍ତି। ଜାମିନ ଆବେଦନ କରିଥିବା ୧୨୧ଜଣଙ୍କ ମଧ୍ୟରୁ ୧୧୪ଜଣ ଚାକିରି ଆଶାୟୀ ଥିବା ବେଳେ ଅବଶିଷ୍ଟ ୭ଜଣ ଦଲାଲ ଥିଲେ। ଜାମିନ ଆବେଦନ କରିଥିବା ୭ଜଣ ଦଲାଲଙ୍କ ଆବେଦନ ଖାରଜ ହୋଇଯାଇଛି। ତେବେ ଗିରଫ ଦୁଇ ଦଲାଲ ବିଶ୍ୱଜିତ ହରିଚନ୍ଦନ ଓ ତଫିନ୍ ଅହମ୍ମଦ ଖାନ୍ କୌଣସି କାରଣରୁ ଜାମିନ ଆବେଦନ କରିନଥିବା ସରକାରୀ ଓକିଲ ରଜତ କୁମାର ଦାଶ ସୂଚନା ଦେଇଛନ୍ତି।

### ଖାଇବା ପାଇଁ ଅଭିଭାବକ ଦାଖଲ କରିଥିଲେ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ଗତ ସେପ୍ଟେମ୍ବର ୩୦ତାରିଖରେ ଗୋଳନ୍ଥରା ଥାନା ପୁଲିସ ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲଙ୍କୁ କାବୁ କରିଥିଲା। ପରବର୍ତ୍ତି ସମୟରେ ପର୍ଯ୍ୟାୟ କ୍ରମେ ଗିରଫ ସଂଖ୍ୟା ୧୨୩କୁ ବୃଦ୍ଧି ପାଇଥିଲା। ଇତିମଧ୍ୟରେ ଘଟଣାକୁ ଠିକ ଏକ ମାସ ପୂର୍ତ୍ତ ହୋଇଛି। ଦୀର୍ଘ ଏକମାସ ଜେଲର ଚାରିକାନ୍ଥ ଭିତରେ ରହି ମାନସିକ ଚାପରେ ଥିଲେ ସମସ୍ତ ଚାକିରି ଆଶାୟୀ। ଜେଲ ଖାଦ୍ୟ ଅରୁଚିକର ହେଉଥିବା ଆଶଙ୍କା କରି ଅଭିଭାବକମାନେ ନିଜ ପିଲାଙ୍କ ପାଇଁ ଜେଲରେ ବ୍ୟକ୍ତିଗତ ଟଙ୍କା ଜମା କରିଥିଲେ। ୧୧୪ ଆଶାୟୀଙ୍କ ପରିବାର ପକ୍ଷରୁ ପ୍ରାୟ ୪ ଲକ୍ଷରୁ ଉଦ୍ଧର୍ ଟଙ୍କା ଜମା କରିଥିଲେ। ଜାମିନରେ ବାହାରିବା ବେଳେ ୯୪ଜଣ ଆଶାୟୀମାନେ ଦାଖଲ ହୋଇଥିବା ମୋଟ ଅର୍ଥରୁ ୩ଲକ୍ଷ ୩୦ହଜାର ଟଙ୍କା ଫେରାଇ ନେଇଥିବା ଜେଲ ସୂତ୍ରରୁ ଜଣାପଡ଼ିଛି। ଏକମାସ ଧରି ଜେଲର ରହଣି ପରେ ୯୪ଜଣ ଆଶାୟୀ ଜେଲରୁ ମୁକୁଳିଛନ୍ତି। ତେବେ ସେମାନଙ୍କର ଆଗାମୀ ପଦକ୍ଷେପ କଣ ରହିବ ତାକୁ ନେଇ ସମସ୍ତେ ଚିନ୍ତିତ। ଆଗକୁ ସେମାନେ ଯେଭଳି ଅନ୍ୟକିଛି ପରୀକ୍ଷା ଦେବାକୁ ସମର୍ଥ ହେବେ ସେନେଇ ସରକାର କିଛି ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଦଳୁଆ ଜାତିକୁ ପଛୁଆ ବର୍ଗରେ ସାମିଲ ପାଇଁ ସତ୍ୟପାଠ ଦାଖଲ

ବ୍ରହ୍ମପୁର,୩୦ ।୧୦(ସମିସ): ବୁଧବାର ଅପରାହ୍ନରେ ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥିଭବନରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଦଳପତି ସମାଜର ସଭାପତି ପ୍ରମୋଦ ଜେନାଙ୍କ ନେତୃତ୍ୱରେ ୭ଜଣିଆ ପ୍ରତିନିଧି ଦଳ ଦଳପତି (ଦଳୁଆ) ଜାତିକୁ ପଛୁଆ ଜାତି/ବର୍ଗରେ ଅନ୍ତର୍ଭୁକ୍ତ ପାଇଁ ସତ୍ୟପାଠ ଦାଖଲ କରିଥିବା ଜଣାଯାଇଛି। ଜାତୀୟ ପଛୁଆ ବର୍ଗ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହୀର, ସଚିବ ରାଜୀବଲୋଚନ, ସଦସ୍ୟ ଭୁବନ ଭୂଷଣ କମଲ ଓ ରାଜ୍ୟ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ବିଭାଗ, ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହି ୫୦ରୁ ଉଦ୍ଧର୍ ଜାତିର ଆଗ୍ରହୀ ଜାତିବର୍ଗଙ୍କଠାରୁ ପଛୁଆବର୍ଗରେ ଅନ୍ତର୍ଭୁକ୍ତିକରଣ ନିମନ୍ତେ ସେମାନଙ୍କ ସାମାଜିକ ଏବଂ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ୨୪ ଗୋଟି ପ୍ରାସଙ୍ଗିକ ପ୍ରଶ୍ନାବଳୀର ସଠିକ୍ ଉତ୍ତର ସତ୍ୟପାଠ ଜରିଆରେ ଉପସ୍ଥାପନ କରିବାକୁ ଆହ୍ୱାନ କରିଥିଲେ। ଦଳପତି ମହାସଭାର ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପାତ୍ର ଓ କାର୍ଯ୍ୟକାରିଣୀ ସଦସ୍ୟ ଡ ଶଙ୍କର ମାଝୀ ଜାତିର ଉପସ୍ଥିତ ସଦସ୍ୟଙ୍କ ସହାୟତାରେ ବିଭିନ୍ନ ତଥ୍ୟ ସଂଗ୍ରହ କରି ପ୍ରମୁଖ ପ୍ରଶ୍ନାବଳୀର ଉତ୍ତର ପ୍ରଦାନ କରିଥିବା ଯୋଗୁଁ ତାହା ଜନଶୁଣାଣି କାର୍ଯ୍ୟକ୍ରମରେ କମିଶନରଙ୍କ ସକାରାତ୍ମକ ମନୋଭାବ ପୋଷଣ କରିଥିବା ଲକ୍ଷ୍ୟ କରାଯାଇଛି।। ଦୀର୍ଘ ଦିନର ଦାବି ଦଳପତି (ଦଳୁଆ) ଜାତି କେନ୍ଦ୍ରୀୟ କମିଟିର ସଭାପତି ପ୍ରମୋଦ କୁମାର ଜେନା, କାର୍ଯ୍ୟକାରୀ ସଭାପତି ଶିବ ଶଙ୍କର ସାହାଣୀ, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପାତ୍ର, ଉପ-ସଭାପତି ସୁଶ୍ରୀ ଆରତୀ ଦେବୀ, ସମ୍ପାଦକ ପବିତ୍ର କୁମାର ନାୟକ, ଭୁବନେଶ୍ୱର ଶାଖା ସଭାପତି ସୁରେଶ ଚନ୍ଦ୍ର ନାୟକ, ଲୋକନାଥ ସାମଲ ଓ ସଞ୍ଜୟ ରାଉତ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ୍ ଥିଲେ।




## ମୌଳିକ ସାକ୍ଷରତା ଓ ଭାଷାଜ୍ଞାନ ପରୀକ୍ଷା ଦେଲେ ୬୦ ହଜାର ପରୀକ୍ଷାର୍ଥୀ



ବ୍ରହ୍ମପୁର,୩୦ ।୧୦(ସମିସ): ନବଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ଜିଲ୍ଲାରେ ୧୫୦୦ଟି ପରୀକ୍ଷା କେନ୍ଦ୍ର ରହିଛି। ଏଥିରେ ପ୍ରାୟ ୬୦ହଜାର ପରୀକ୍ଷାର୍ଥୀ ମୌଳିକ ସାକ୍ଷରତା ଓ ଭାଷାଜ୍ଞାନ ପରୀକ୍ଷା ଦେଇଛନ୍ତି। ଦେଶର ସାକ୍ଷରତା ହାର ବୃଦ୍ଧି ସହ ୧୫ବର୍ଷରୁ ଅଧିକ ବୟସ୍କ ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୨୦୨୫-୨୬ଶିକ୍ଷା ବର୍ଷରେ ଗଞ୍ଜାମ ଜିଲ୍ଲାର ୧ଲକ୍ଷ ୧୦ହଜାର ଲୋକଙ୍କୁ ସାକ୍ଷର କରିବା ନେଇ ଯୋଜନା ରହିଥିବା ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ତଦାରଖ କରାଯାଉଛି। ଏନେଇ ପ୍ରଥମ ପର୍ଯ୍ୟାୟରେ ୬୨୩୦୮ ଶିକ୍ଷାର୍ଥୀ ଚିହ୍ନଟ କରାଯାଇ ଉଲ୍ଲାସ ବହି ସରକାରଙ୍କ ପକ୍ଷରୁ ପ୍ରଦାନ କରଯାଇଛି। କାର୍ଯ୍ୟକ୍ରମ ନେଇ ଜିଲ୍ଲାରେ ୫୨୮୬ଜଣ ସ୍ୱେଚ୍ଛାସେବୀ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ଅନୁଷ୍ଠିତ ପରୀକ୍ଷାର ସୁପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରଭାତୀ କୁମାରୀ ମହାପାତ୍ରଙ୍କ ସହ ବିଭିନ୍ନ ବ୍ଲକର ବିଇଓ, ଅନ୍ୟାନ୍ୟ ଅଧିକାରୀ ପରିଦର୍ଶନ କରିଥିଲେ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

ବ୍ରହ୍ମପୁର,୩୦ ।୧୦(ସମିସ)

ଦୁର୍ନୀତି ନିବାରଣ ସପ୍ତାହ ପାଳନ ପରିପ୍ରେକ୍ଷୀରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବ ରେଡ୍-କ୍ରସ୍ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଅଣ-ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଦୁର୍ନୀତି ନିବାରଣ ଉଦ୍ଦେଶ୍ୟରେ ସମ୍ମିଳିତ ଭାବେ ଶପଥପାଠ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଡ. କୁଳମଣି ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ଓ ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ ବକ୍ତବ୍ୟ ପ୍ରଦାନ ପୂର୍ବକ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ବ୍ୟକ୍ତିଗତ ତଥା ସାମାଜିକ ଜୀବନକୁ ସଂପୂର୍ଣ୍ଣ ରୂପେ ଦୁର୍ନୀତିମୁକ୍ତ କରିବା ଦିଗରେ ଆନ୍ତରିକ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଡ. ଓଝା ସମବେତ ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଧ୍ୟାପକ, ଅଧ୍ୟାପିକାଙ୍କୁ ସଂବୋଧିତ କରି ସଭାପତି ଅଭିଭାଷଣରେ କହିଥିଲେ, ରାଷ୍ଟ୍ରର ବିକାଶ ପଥରେ ଦୁର୍ନୀତି ସବୁଠୁଁ ବଡ଼ ବାଧକ। ଆଗାମୀ ଦିନରେ ଦେଶକୁ ଏକ ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ରୂପେ ଗଢ଼ି ତୋଳିବାକୁ ହେଲେ ପ୍ରତ୍ୟେକ ଭାରତୀୟ ଉଭୟ ବ୍ୟଷ୍ଟି ଓ ବ୍ୟକ୍ତିଗତ ଜୀବନରେ ସାଧୁତା, ସ୍ୱଚ୍ଛତା, ସତ୍ୟନିଷ୍ଠତା, କର୍ତ୍ତବ୍ୟନିଷ୍ଠା ଓ ଶୃଙ୍ଖଳା ବଜାୟ ରଖିବା ସଂଗେ ସଂଗେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ।



## ଚାଷୀଙ୍କୁ କ୍ଷତିପୂରଣ ଦାବିକଲା ଋଷିକୁଲ୍ୟା ରୟତ ମହାସଭା

ଛତ୍ରପୁର,୩୦ ।୧୦(ସମିସ): ଲଗାଣ ବର୍ଷା ଫଳରେ ଧାନ ଫସଲ ସମେତ ପନିପରିବା ଚାଷ କ୍ଷତି ହୋଇଛି। ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି। ଏନେଇ ସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଗଞ୍ଜାମ ଜିଲ୍ଲାପାଳଙ୍କ ଦାବିପତ୍ର ଦେଇଛନ୍ତି। ସେ କହିଛନ୍ତି ଯେ, ଜିଲ୍ଲାରେ ମୁଖ୍ୟତଃ ଛୋଟ ଧାନ ଚାଷ କରିଥିବା ଚାଷୀ ଓ ଆଦିବାସୀମାନଙ୍କ ଧାନ ପାଚିଥିବାରୁ ଅମଳ ସମୟରେ ବର୍ଷା ହେବାରୁ ନଷ୍ଟ ହୋଇଛି। ଆଉ କିଛି ଅଞ୍ଚଳରେ ଧାନ ବାହାରିବା ସମୟରେ ବର୍ଷା ଯୋଗୁଁ ପାଣିରେ ବୁଡି ନଷ୍ଟ ହୋଇଛି। ସେହିପରି ଅନ୍ୟ ପନିପରିବା ଜମିରେ ଏବେ ମଧ୍ୟ ପାଣି ବୁଡି ରହିଛି। ଏଥିରେ ଛୋଟ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଜମିରେ ଜମି ଥିବା ବର୍ଷା ପାଣି ନିଷ୍କାସନ କରିବା ସହ ସମସ୍ତ କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଏବଂ ଫସଲ ବୀମା ସହତାୟ ପ୍ରଦାନ କଲେ ଚାଷୀମାନେ ଉପକୃତ ହେବେ ବୋଲି ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ କୁହାଯାଇଛି। ସେହିଭଳି ରବି ଫସଲ ପାଇଁ ରିହାତିରେ ପନିପରିବା ବିହନ କିଟ, ଚିନାବାଦାମ, ରାଶି, କୋଳଥ ଏବଂ ବୋରୱେଲ ଗୁଡ଼ିକ କାର୍ଯ୍ୟକ୍ଷମ କଲେ ଚାଷୀମାନେ ଉପକୃତ ହେବେ ବୋଲି ସଭା ପକ୍ଷରୁ କୁହାଯାଇଛି।





ବିଏମ୍‌ସିର ଉଚ୍ଛେଦ ଅଭିଯାନ

# ଚାରି ନମ୍ବରରେ ଭାଙ୍ଗିଲା; ଡମଣାରୁ ଫେରିଲା

ଭୁବନେଶ୍ୱର, ୩୦।୧୦(ସମିସ): ସହରାଞ୍ଚଳ ପ୍ରଶାସନ ପକ୍ଷରୁ ରାଜଧାନୀରେ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଗୋଟିଏ ପଟେ ବିଡିଏ ଜବରଦଖଲ ଉଚ୍ଛେଦର ମଙ୍ଗ ଧରିଥିଲା ବେଳେ ଆଉ ଗୋଟିଏ ପଟେ ବିଏମ୍‌ସି ଉଚ୍ଛେଦ ଜାରି ରଖିଛି। ବିଏମ୍‌ସି ପକ୍ଷରୁ ଗୁରୁବାର ୟୁନିଟ୍-୪ ଅଞ୍ଚଳରୁ ୧୫୦ ଉଠା ଦୋକାନକୁ ଉଚ୍ଛେଦ କରାଯାଇଛି। ସେହିପରି ଚନ୍ଦ୍ରଶେଖରପୁର ମଙ୍ଗଳା ମନ୍ଦିର ଜମି ଜବରଦଖଲମୁକ୍ତ କରାଯାଇଥିଲା। ବିଏମ୍‌ସି ମଧ୍ୟ ମାଳିସାହି ଅଞ୍ଚଳରେ କବାଡି ଦୋକାନ ଭାଙ୍ଗିଥିଲା। ଏହା ସହ ୟୁନିଟ୍-୨ ପ୍ରଭୃତି ଅଞ୍ଚଳରୁ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଚନ୍ଦ୍ରଶେଖରପୁର ମଙ୍ଗଳା ମନ୍ଦିର ଅଞ୍ଚଳରେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇଥାନ୍ତା। ଏଠାରେ ଉଚ୍ଛେଦକାରୀ ଦଳକୁ ରାଜନେତା ଏବଂ ଲୋକଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରଶ୍ମୀରେଖା ଜେନା ଉଚ୍ଛେଦକାରୀ ଦଳକୁ ତୀବ୍ର ବିରୋଧ କରିଥିଲେ। ୭ ନମ୍ବର ୱାର୍ଡ଼ର କର୍ପୋରେଟର ଯଶୋଧାରା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତର ବିଏମ୍‌ସିର ଡେପୁଟି କମିସନରଙ୍କୁ କାହା ନିର୍ଦ୍ଦେଶରେ ଭାଙ୍ଗିବା ପାଇଁ ଆସିଛନ୍ତି ତାର ସରକାରୀ ଚିଠି ଦେଖାଅ ବୋଲି କହିଥିଲେ। ଦୋକାନୀମାନେ ରାସ୍ତାଉପରେ କି ଡ୍ରେନ ଉପରେ ବସିନାହାଁନ୍ତି। ଆପଣ କାହିଁକି ଆସି ସେମାନଙ୍କୁ ଉଚ୍ଛେଦ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପାଖାପାଖି ୨ଘଣ୍ଟା ଧରି ଆନ୍ଦୋଳନ ଚାଲିଥିଲା। ବିରୋଧ ବଢ଼ିବା ପରେ ବିଏମ୍‌ସି କର୍ତ୍ତୃପକ୍ଷ ସେଠାରୁ ଚାଲି ଯାଇଥିଲେ।

ଅନ୍ୟପକ୍ଷରେ କର୍ପୋରେଟରଙ୍କ ଅଜାଣତରେ ଉଚ୍ଛେଦକାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଶ୍ରୀମତୀ ପ୍ରଧାନ ଉଚ୍ଛେଦକାରୀ ଟିମ୍‌କୁ ତାଗିଦ୍ କରି କହିଛନ୍ତି ଯେତେବେଳେ ଯେଉଁ ସମୟରେ ମୋ ୱାର୍ଡ଼କୁ ଆସିବେ, ମୋ ବିନା ଅନୁମତିରେ ପ୍ରବେଶ କରିପାରିବେ ନାହିଁ କିମ୍ବା ଗୋଟିଏ ବି ଦୋକାନ ଉଚ୍ଛେଦ କରିପାରିବେ ନାହିଁ। ଗତ କିଛିଦିନ ହେବ ବିଏମ୍‌ସିର ୩ଟି ୱାର୍ଡ଼ରେ ପାଖାପାଖି ୫ ହଜାରରୁ ଅଧିକ ଉଠାଦୋକାନୀଙ୍କୁ ଉଚ୍ଛେଦ କରିସାରିଲେଣି। ଏହି ଉଚ୍ଛେଦ ଫଳରେ ହଜାର ହଜାର ଉଠାଦୋକାନୀମାନଙ୍କ ପରିବାର ଉଜୁଡ଼ି ଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

ୟୁନିଟ୍-୪, କଳ୍ପନା, ଡମଣା, କିଟ୍, କଳିଙ୍ଗ ଷ୍ଟୁଡ଼ିଓ, ପୋଖରୀପୁଟ ଏବଂ ବରମୁଣ୍ଡା ଅଞ୍ଚଳରେ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଯଦି ବିଏମ୍‌ସି ୭ଦିନ ମଧ୍ୟରେ ଥଇଥାନ ନ କରନ୍ତି, ତେବେ ସାରାଭୁବନେଶ୍ୱରକୁ ଅଚଳ କରିଦେବା ସହ ପ୍ରତ୍ୟେକ ସ୍ଥାନରେ ଦୋକାନୀମାନେ ରାସ୍ତାକୁ ଓହ୍ଲାଇବ ବୋଲି ନିଖିଳ ଓଡ଼ିଶା ରାସ୍ତାପାଶ୍ୱ ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ରାଜ୍ୟ ସରକାର ଓ ବିଏମ୍‌ସିକୁ ଚେତାବନୀ ଦେଇଛନ୍ତି।

## ■ ଭୁବନେଶ୍ୱରକୁ ଅଚଳ କରିଦେବାକୁ ଉଠାଦୋକାନୀଙ୍କ ଚେତାବନୀ



ଛକ, ଡମଣାର ଏମ୍-୨ ଅଞ୍ଚଳରେ ଉଚ୍ଛେଦ ତାଲିକାରେ ଥିଲା ବେଳେ ବିରୋଧ ଯୋଗୁଁ ବନ୍ଦ ରହିଛି। ସହରରେ ଲଗାତାର ଉଚ୍ଛେଦ କାର୍ଯ୍ୟ ଜାରି ରହିବାରୁ ଏହାକୁ ନେଇ ଦୋକାନୀମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଥଇଥାନ ନକରି ଉଚ୍ଛେଦ କଲେ ଦୋକାନୀମାନେ ରାଜରାସ୍ତାକୁ ଓହ୍ଲାଇବେ। ସାରା ଭୁବନେଶ୍ୱରକୁ ଅଚଳ କରିଦେବୁ ବୋଲି ଉଠା ଦୋକାନୀମାନଙ୍କ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭୁବନେଶ୍ୱର ରେଳ ଷ୍ଟେସନ ଅଞ୍ଚଳର ନିର୍ମାଣ ପାଇଁ ଗତ କିଛିଦିନ ତଳେ ବିଡିଏ ପକ୍ଷରୁ ଷ୍ଟେସନ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଦୋକାନ ଭଙ୍ଗାଯାଇ ସରକାରୀ ବିଏମ୍‌ସି ଉଠାଦୋକାନୀ ଆଇନ-୨୦୧୪କୁ ନମାନି ତିନୋଟି ଜୋନରେ ବିଏମ୍‌ସି ଉଚ୍ଛେଦ କରୁଛି ବୋଲି ଅଭିଯୋଗ ହୋଇଥିଲା।

ବିଏମ୍‌ସିର ଉଚ୍ଛେଦକାରୀ ଦଳ ମଙ୍ଗଳା ମନ୍ଦିର ଛକଠାରେ ଉଠାଦୋକାନୀମାନଙ୍କୁ ଜୋର ଜବରଦସ୍ତ ଉଚ୍ଛେଦ କରିବା ପାଇଁ ଯାଇଥିବା ବେଳେ ସମାଜସେବୀ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ସେହିପରି ୧୪ନମ୍ବର ୱାର୍ଡ଼ର କର୍ପୋରେଟର ମୋନାଲିସା ସାହୁ ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦକୁ ବିରୋଧ କରିଥିଲେ। ୨୦ରୁ ଊର୍ଦ୍ଧ୍ୱ ସଂଘର କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଁଞ୍ଚି ଏହି ବିରୋଧରେ ସାମିଲ ହୋଇଥିଲେ। ଉଚ୍ଛେଦଗାଡ଼ି ସାମ୍ନାରେ ଛିଡା ହୋଇ ବିରୋଧ ଓ ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ



ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରାଜଭବନସ୍ଥିତ ଅଭିଷେକ ହଲ୍‌ରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ ସେବନ କରି ପବିତ୍ର କାର୍ତ୍ତିକ ମାସ ପାଳନ କରିଛନ୍ତି।

## ଅସୁସ୍ଥତା ବଢ଼ାଉଛି ଜଳବାୟୁ ପରିବର୍ତ୍ତନ

ଭୁବନେଶ୍ୱର, ୩୦।୧୦(ସମିସ): ଜଳବାୟୁ ପରିବର୍ତ୍ତନ ଅସୁସ୍ଥତା ବଢ଼ାଉଛି। ଏଥିପାଇଁ ପ୍ରତ୍ୟେକ ସ୍ତରରେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି କାନାଡାସ୍ଥିତ ନର୍ଦନ୍ ଅନ୍ତାରିଓ ସ୍କୁଲ ଅଫ୍ ମେଡିସିନ୍ (ଏନ୍‌ଏସ୍‌ଓଏମ୍) ୟୁନିର୍ଭସିଟିର ଗ୍ୟାଷ୍ଟ୍ରୋଏନ୍‌ଟେରୋଲଜିଷ୍ଟ ଆଣ୍ଡ ହେପାଟୋଲଜିଷ୍ଟ ପ୍ରଫେସର (ଡାକ୍ତର) ଦେବୀ ପ୍ରସାଦ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ସୋଆ ପରିଚାଳିତ ଆଇଟିଇଆର ପରିସରରେ ସାଇନ୍ସ ଫର୍ କମନ୍ ପିପୁଲ ସୋସାଇଟି (ସ୍କୋପସ), ଭୁବନେଶ୍ୱର ଚାପ୍ଟରର ଇଣ୍ଡିଆନ୍ ମେଟିଓରୋଲଜିକାଲ୍ ସୋସାଇଟି (ଆଇଏମଏସ୍) ଏସ୍‌ଏନ୍‌ଏମ୍ ଗ୍ରୁପ୍ ଓ ସୋଆର ମିଳିତ ଉଦ୍ୟମରେ ଡିପାର୍ଟମେଣ୍ଟ ଅଫ୍ ସିଭିଲ୍ ଇନଜିନିୟରିଂର ମିଳିତ ସହଯୋଗରେ 'କ୍ଲାଇମେଟ୍, ଏନ୍‌ଭାରମେଣ୍ଟ ଆଣ୍ଡ ସଷ୍ଟେନେବଲ୍ ସୋସାଇଟି' ଉପରେ ଆୟୋଜିତ ପ୍ରଫେସର ମାନସ ରଞ୍ଜନ ଦାସଙ୍କ ସ୍ମାରକୀ ବକ୍ତୃତାମାଳାରେ ବକ୍ତା ଭାବେ ଯୋଗଦେଇ ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ସ୍କୋପସ୍ ସଭାପତି ପ୍ରଫେସର ଉମା ଚରଣ ମହାନ୍ତି ଯୋଗଦେଇ ଜଳବାୟୁ ସୁରକ୍ଷାର ସଚେତନତା ବାର୍ତ୍ତା ତୃଣମୂଳସ୍ତରରେ ପହଞ୍ଚିବା ଆବଶ୍ୟକତା ରହିଥିବା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଓଡ଼ିଶା ପୁଲିସ ଆଡିସ୍‌ନାଲ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚିଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ଇଂ (ଏସ୍‌ପିସିବି) ଡ. ନିହାର ରଞ୍ଜନ ସାହୁ, ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସ୍କୋପସର ସଚିବ ନିହାର ରଞ୍ଜନ ଦାସ, ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. ସତ୍ୟ ରଞ୍ଜନ ଦାସ ସ୍ୱାଗତଭାଷଣ ଦେଇଥିବା ବେଳେ ଡ. ଅଜୟ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟରେ 'ପ୍ରିଭିତ୍ତି ୨୫'



ଭୁବନେଶ୍ୱର, ୩୦।୧୦(ସମିସ) ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ (ନୂତନ କ୍ୟାମ୍ପସ) ସ୍କୁଲ ଅଫ୍ କମର୍ସ, ଏହାର କାର୍ଯ୍ୟକାରୀ କମିଟି ଇନିନ୍‌ଏକ୍ସର ମିଳିତ ସହଯୋଗରେ ଏହାର ବାର୍ଷିକ ବ୍ୟବସାୟିକ ସମ୍ମିଳନୀ, 'ପ୍ରିଭିତ୍ତି ୨୫' ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷର କଂକ୍ଲେଭ୍‌ର ଥିମ୍ "ଆସନ୍ତାକାଲିର ବଜାର ଗଢ଼ାଣି: ପ୍ରଯୁକ୍ତି, ଆସ୍ଥା ଓ ପରିବର୍ତ୍ତନ"ରହିଥିଲା। ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ କମର୍ସ ଡିନ୍ ପ୍ରଫେସର ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଉଦଘାଟନୀ ଅଭିଭାଷଣ ଦେଇଥିଲେ। ଏବଂ ଡଃ. ଫା କେ ଏସ୍ କାସିମୀର ଏବଂ ଫାଏସ୍ ଆଣ୍ଟୋନି ରାଜ୍, ଏସ ଜେ ରେଜିଷ୍ଟ୍ରାର, ଉପସ୍ଥିତ ରହିଥିଲେ। ଏହା ପରେ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ କମର୍ସ ପ୍ରଫେସର ଅଭିମନ୍ୟୁ ସାହୁ ବୈଶ୍ୱିକ ଅର୍ଥର ବିକଶିତ ଗତିଶୀଳତା ଉପରେ ଆଲୋକପାତ କରି ଏକ ପ୍ରାରମ୍ଭିକ ମନ୍ତବ୍ୟ ଦେଇଥିଲେ ଯେଉଁଠାରେ ନବସୃଜନ ଏବଂ ଅଖଣ୍ଡତା ହାତରେ ଚାଲିଥାଏ ଏବଂ ପ୍ରଭାବଶାଳୀ ରଣନୈତିକ ଯୋଜନା, ଭୂ-ରାଜନୈତିକ ବିପଦ, ପୁଞ୍ଜି ବଜାର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଆର୍ଥିକ ପରିଚାଳନାରେ ଡିଜିଟାଲ୍ ପରିବର୍ତ୍ତନ ଉପରେ ଦୃଷ୍ଟିକୋଣ ଅଂଶୀଦାର କରିଥିବା ବକ୍ତାମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଶ୍ୱାସ ଏବଂ ନୈତିକ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

● ଗୃହ ନିର୍ମାଣ ପ୍ଲାନ ଅନୁମୋଦନ ସମସ୍ୟାର ସମାଧାନ ପାଇଁ ନୂଆ ପଦକ୍ଷେପ

## ମାସର ପ୍ରଥମ ଶନିବାରରେ ହେବ ବିଏମ୍‌ସିର ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୩୦।୧୦(ସମିସ): ଗୃହ ନିର୍ମାଣ, ଲେଆଉଟ ପ୍ଲାନ ଅନୁମୋଦନ ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅଭିନବ ପଦକ୍ଷେପ। ଏଣିକି ପ୍ରତି ମାସ ପ୍ରଥମ ଶନିବାର ଦିନ ବିଏମ୍‌ସି ପକ୍ଷରୁ ହେବ ଗୃହ ନିର୍ମାଣ, ଲେଆଉଟ୍ ଓ ଅନ୍ୟାନ୍ୟ ପ୍ଲାନିଂ ସଂକ୍ରାନ୍ତ ସମସ୍ୟାର ସମାଧାନ ଏବଂ ସଚେତନତା ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର। ପ୍ଲାନିଂ ପାଇଁ ଆବେଦନ କରିଥିବା ବ୍ୟକ୍ତି ବା ଅନୁଷ୍ଠାନର ଯଦି କୌଣସି ସମସ୍ୟା ଥାଏ କିମ୍ବା କୌଣସି କାରଣରୁ ସେମାନଙ୍କର ପ୍ଲାନ ଅନୁମୋଦନ କରାଯାଇ ନଥାଏ, ତେବେ ସେମାନେ ବିଏମ୍‌ସି ମୁଖ୍ୟାଳୟ ପ୍ଲାନିଂ ଉପବିଭାଗରେ ମାସର ପ୍ରଥମ ଶନିବାର ପୂର୍ବାହ୍ନ ୧୧ଟାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରରେ ଆବଶ୍ୟକ କାଗଜାତ ସହ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଅବଗତ କରାଇପାରିବେ। ନିୟମାବଳୀକୁ ଆଧାର କରି ମାସିକିଆ ଅଭିଯୋଗ ଶୁଣାଣି ଶିବିରରେ କମିଶନରଙ୍କ ସହ ବିଏମସିର ବରିଷ୍ଠ ଅଧିକାରୀ, ପ୍ଲାନିଂ ଉପବିଭାଗର ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମୀକ୍ଷା କରିବେ ଏବଂ ଆବଶ୍ୟକୀୟ ପଦକ୍ଷେପ ନେବେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳବାସୀଙ୍କୁ ସହଜରେ ସମସ୍ତ ପ୍ରକାର ସେବା ଯୋଗାଇ ଦେବାକୁ ବିଏମ୍‌ସି ପକ୍ଷରୁ ଉଦ୍ୟମ ଜାରି ରହିଛି। ନାଗରିକମାନେ ଗୃହ ନିର୍ମାଣ ନିମନ୍ତେ ପ୍ଲାନିଂ ଅନୁମୋଦନ ପାଇଁ ଯେପରି ସୁରୁଖୁରୁରେ ହୋଇପାରିବ, ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗୃହ ନିର୍ମାଣ ପ୍ଲାନିଂ ଅନୁମୋଦନ ନିମନ୍ତେ ଆବେଦନ କରିଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଏହାର ସୁବିଧା ନେଇପାରିବେ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି।

ପେଟରେ ତୁଳା, ଗଜକପଡ଼ା ମିଳିବା ଘଟଣା

## ଡାକ୍ତରଙ୍କ ଭୁଲ୍ ପାଇଁ ମହିଳାଙ୍କ ମୃତ୍ୟୁ ହୋଇଥିଲା

■ ଦୋଷ ଦର୍ଶାଇଲା ମେଡିକାଲ ବୋର୍ଡ, ଚାର୍ଜସିଟ୍ ଦାଖଲ

■ ହସ୍ପିଟାଲ ଲାଇସେନ୍ସ ରଦ୍ଦ ସହ ପୀଡ଼ିତାଙ୍କୁ କ୍ଷତିପୂରଣ ଦାବି

■ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି ଜୋର୍ ଧରିଲା

ଭୁବନେଶ୍ୱର, ୩୦।୧୦(ସମିସ): ଡାକ୍ତରୀ ଅବହେଳା ଯୋଗୁଁ ଅପରେସନ୍ ବେଳେ ଜଣେ ଗର୍ଭବତୀ ମହିଳାଙ୍କ ପେଟରେ ତୁଳା, ଗଜକପଡ଼ା ରହିଗଲା। ଏହି କାରଣରୁ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ତଦନ୍ତରେ ସାମିଲ ଥିବା ମେଡିକାଲ ବୋର୍ଡର ଟିମ୍ ତଦନ୍ତ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟରେ ବାଲିଅନ୍ତାର ଜୟଦେବ ହେଲଥ କେୟାରରେ ଅପରେସନ୍ କରିଥିବା ନିଆଳିର ସରକାରୀ ହସ୍ପିଟାଲର ଡାକ୍ତର ସଞ୍ଜିତ ମହାପାତ୍ରଙ୍କ ଅବହେଳା ବୋଲି ଦର୍ଶାଯାଇଛି। ରାଜ୍ୟ ମାନବାଧିକାର କମିସନଙ୍କ ନିକଟରେ ଗୁରୁବାର ଏହି ମାମଲାର ଶୁଣାଣି ହୋଇଥିଲା। ପିଟିସନର ସଞ୍ଜିତ ଓ ଜୟଦେବ ହେଲଥ କେୟାରର ଲାଇସେନ୍ସ ରଦ୍ଦ କରିବା, ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଲିଲି ମହାପାତ୍ର ନାମକ ଜଣେ ମହିଳା ଗର୍ଭବତୀ ଥିଲେ। ସେ ବାଲିଅନ୍ତାର ହସ୍ପିଟାଲ ଜୟଦେବ ହେଲଥ କେୟାର ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତାଙ୍କ ପେଟର ଅପରେସନ ହୋଇଥିଲା ଓ ସେ ଏକ ଶୁଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରବର୍ତ୍ତୀ ସମୟରେ ପେଟରେ ଯନ୍ତ୍ରଣା ହେବାରୁ ପୁଣି ସେହି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ଚିକିତ୍ସା ନକରି ବରଂ ତାଙ୍କୁ ଦୁର୍ବ୍ୟବହାର କରି ଫେରାଇଦେଲେ। ସେ ଯନ୍ତ୍ରଣା ସହ୍ୟ କରି ନ କରିପାରି, କ୍ୟାପିଟାଲ୍ ହସ୍ପିଟାଲ, କଟକ ଏସ୍‌ସିବି ଯାଇଥିଲେ। ଶେଷରେ ଏମ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା। ପୀଡ଼ିତା ପରିବାରକୁ କୌଣସି ଆଇନର ସହାୟତା ନନେବା ପାଇଁ ଧମକ ଦେଇଥିଲେ। ଏହି ଘଟଣା ଜାଣିବା ପରେ ଫେବୃଆରୀ ମାସ ୨୦୨୪ ମସିହାରେ "ପୀଡ଼ିତାଙ୍କ ମା' ପାଖରେ ପହଞ୍ଚିଥିଲେ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟ ର ରାଜ୍ୟ ସଂଯୋଜକ ଅନିଲ୍ କୁମାର ମଲ୍ଲିକ। ଅନିଲ ପୀଡ଼ିତାଙ୍କ ମା' ପ୍ରମିଳା ଦାସଙ୍କୁ ନେଇ ବାଲିଅନ୍ତା ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରିଥିଲା। ହେଲେ ପୁଲିସର ନିଷ୍କ୍ରିୟତା ପାଇଁ ଅନିଲ ମାନବ ଅଧିକାର କମିସନରେ ଅଭିଯୋଗ ଦାୟର କରିଥିଲେ। ମେଡିକାଲ୍ ବୋର୍ଡର ୪ଜଣିଆ ଟିମ୍ ଏହି ମାମଲାର ତଦନ୍ତ କରିଥିଲା।

## ଶାନ୍ତିଧାମ ପକ୍ଷରୁ ଗାଙ୍ଗଟକରେ ହେବ ନବମ ଝୁମ୍ ଇଣ୍ଟରନ୍ୟାସନାଲ୍

ଭୁବନେଶ୍ୱର, ୩୦।୧୦(ସମିସ): ଶାନ୍ତିଧାମ ଫାଉଣ୍ଡେସନ୍?ର ୨୪ ବର୍ଷର ଯାତ୍ରାରେ ନବମ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ପ୍ରତିଭା ଖୋଜ ଅଭିଯାନ 'ଝୁମ୍ ଇଣ୍ଟରନ୍ୟାସନାଲ୍' ଆସନ୍ତା ୯ ତାରିଖ ସିକିମ୍‌ର ଗାଙ୍ଗଟକରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସିକିମ୍‌ର ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତାମାଙ୍ଗ ମୁଖ୍ୟ ଅତିଥି ରୂପେ ଉଦ୍‌ଘାଟନ କରିବେ। ସିକିମ୍ ସେଣ୍ଟ୍ରାଲ୍ ୟୁନିଭର୍‌ସିଟିର କୁଳପତି ଶାନ୍ତନୁ ସ୍ୱାଇଁ, ରାଜ୍ୟସଭା ସାଂସଦ କେ. ସଦାନନ୍ଦ, ଏନଏସଡି ନିର୍ଦ୍ଦେଶକ ବିତ୍ତରଞ୍ଜନ ତ୍ରିପାଠୀ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହିବେ। ଭାରତ, ନେପାଳ, ଭୁଟାନରୁ ଦିବ୍ୟାଙ୍ଗ ପ୍ରତିଭା ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ଏହାର ଚୟନ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର ପ୍ରଫେସର ମାନଙ୍କ ଦ୍ୱାରା କରାଯିବ। ଏଥିରେ ସଫଳତା ପାଇଥିବା ଦିବ୍ୟାଙ୍ଗମାନଙ୍କୁ ଝୁମ୍ ଇଣ୍ଟରନ୍ୟାସନାଲ୍ ପ୍ରଥମ, ଦ୍ୱିତୀୟ, ତୃତୀୟ ରାଇଜିଙ୍ଗ ଷ୍ଟାର ଲରେଟସ ପୁରସ୍କାର ପ୍ରଦାନ କରାଯିବ। ଏଥି ସହିତ ବିଭିନ୍ନ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱ ମାନଙ୍କୁ ଇଣ୍ଟରନ୍ୟାସନାଲ୍ ଏବଂ ଜାତୀୟ ସ୍ତରରେ ଚୟନ କରାଯାଇ 'ଝୁମ୍ ଇଣ୍ଟରନ୍ୟାସନାଲ ଏକ୍‌ସେଲେନ୍ସ ଆୱାର୍ଡ଼' ପ୍ରଦାନ କରାଯିବ। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ନିଷ୍ଠା, ସଫଳତା ଓ ସଂଘର୍ଷକୁ ଉଦ୍ଦେଶ୍ୟ କରି ଏକ ଆନ୍ତର୍ଜାତୀୟ ପ୍ରତିକା 'ସମର୍ଥ' ମୁଖ୍ୟ ଅତିଥ ଏବଂ ଅନ୍ୟ ସମ୍ମାନୀୟ ଅତିଥି ମାନଙ୍କ ଦ୍ୱାରା ପ୍ରକାଶିତ କରାଯିବ। ଡ଼ିଜିଟାଲ୍ ପ୍ରମୋସନ୍ ମାଧ୍ୟମରେ ସମସ୍ତ ପ୍ରଦର୍ଶନ ଓ ସଫଳତା ସବୁ ସାମାଜିକ ଗଣମାଧ୍ୟମରେ ମାଧମରେ ପ୍ରସାରିତ ହେବ। ଝୁମ୍ ଇନ୍ଟରନ୍ୟାସନାଲ କେବଳ ଏକ ପ୍ରତିଭା ପ୍ରତିଯୋଗିତା ନୁହେଁ ଏହା ହେଉଛି ସହନଶୀଳତା, ସୃଜନଶୀଳତା ଓ ଆଶାର ଜାଗତିକ ଉତ୍ସବ। ୨୪ ବର୍ଷ ଧରି ଶାନ୍ତିଧାମ ଫାଉଣ୍ଡେସନ୍ ସମାବେଶୀ ପରିବେଶ ଗଢ଼ି ତୋଳିଛି। ଯେଉଁଠାରେ ପ୍ରତ୍ୟେକ ସେ କେମିତି ନା ହୁଅନ୍ତୁ, ନିଜ ପତ୍ରିଭା ଦେଖାଇ ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି। ଏହି ପ୍ରୟାସ ମାନବୀୟ ଆତ୍ମା ଓ ଅସୀମ ସମ୍ଭାବନାର ପ୍ରତିକ ବୋଲି ଶାନ୍ତିଧାମ ଫାଉଣ୍ଡେସନର ମୁଖ୍ୟ ସୌଭାଗ୍ୟ ରାଉତରାୟ କହିଛନ୍ତି।

## କର୍ମଚାରୀ ନେତା ଦର୍ପ ନାରାୟଣଙ୍କ ପରଲୋକ

ଭୁବନେଶ୍ୱର, ୩୦।୧୦(ସମିସ): ବରିଷ୍ଠ ଯନ୍ତ୍ରୀ ତଥା କର୍ମଚାରୀ ନେତା ଦର୍ପ ନାରାୟଣ ଦାସ(୮୫)ଙ୍କ ବ୍ରହ୍ମେଶ୍ୱରପାଟଣାସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ସେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏସନ୍‌ର ପୂର୍ବତନ ସଭାପତି ଓ ସେବା ସଂଘ ପ୍ରତିଷ୍ଠାତା ଭାବେ ପରିଚିତ। ଜନ୍ମ ମାଟି ଜଗତସିଂହପୁରର ବାଗଲପୁରଠାରେ ଅନ୍ତେଷ୍ଟି କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ବଡ଼ପୁଅ ଦେବ ନାରାୟଣ ତାଙ୍କୁ ମୁଖାଗ୍ନି ଦେଇଥିଲେ। କର୍ମଚାରୀ ନେତା ଗଗନ ଭଞ୍ଜ, ତପନ ଭଞ୍ଜ ଉପସ୍ଥିତ ଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ନବୀନ ବରଣ



ଭୁବନେଶ୍ୱର, ୩୦।୧୦(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ନବୀନ ବରଣ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହାକୁ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଅନାମିକା ଅଧିକାରୀ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା, ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡ଼ଙ୍ଗୀ, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଲକ୍ଷ୍ମଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଣବ କୁମାର ନାୟକ।

ଦିଅଁଙ୍କ ଉପବାସ

## ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାକୁ ଆଘାତ

ଭୁବନେଶ୍ୱର, ୩୦।୧୦(ସମିସ): ଧର୍ମ ମାସ ତଥା କାର୍ତ୍ତିକ ମାସ କୁହାଯାଉଥିବା ଏହି ମାସରେ ୨୪ ଘଣ୍ଟା ଉପବାସ ରହିଲେ ଲିଙ୍ଗରାଜ। ବୁଧବାର ସକାଳଠାରୁ ଉପବାସ ରହିବା ପରେ ଗୁରୁବାର ଲିଙ୍ଗରାଜ ମନ୍ଦିରରେ ନୀତିକାନ୍ତି ସ୍ୱାଭାବିକ ହୋଇଛି। ଗୁରୁବାର ଅନ୍ୟ ସେବାୟତଙ୍କ ପକ୍ଷରୁ ସିଂହଦ୍ୱାରା ଫିଟାଯାଇ ଦିଅଁଙ୍କର ମହାସ୍ନାନ ମଙ୍ଗଳ ଆଳତି, ଅବକାଶ ପୂଜା, ଦ୍ୱାରପାଳ ପୂଜା ପରେ ପରେ ପ୍ରଶାସନ ପକ୍ଷରୁ ଶିଶିର ସାମର୍ଥାଙ୍କୁ ନିଅଂଶ ପାଳି ସେବା କରିବା ପାଇଁ କୁହାଯିବା ସହିତ ଲିଖିତ ଆକାରରେ ଦିଆଯାଇଥିଲା। ଯଦ୍ୱାରା ଦିଅଁଙ୍କର ସାଧାରଣ ଦର୍ଶନ ସରିବା ପରେ ରୋଷ ହୋମ ହେବା ସହ ସାମର୍ଥାଙ୍କ ପକ୍ଷରୁ ବିରି ବଟା, ଚୁନା କୁଟା କରି ମହାସୁଆରଙ୍କୁ ଦେବା ପରେ ଦିଅଁଙ୍କର ଅନ୍ୟାନ୍ୟ ନୀତି ବଢ଼ିଥିଲା। ନିତୀକାନ୍ତି ସ୍ୱାଭାବିକ ହେବାରେ ଶ୍ରଦ୍ଧାଳୁଙ୍କ ସମେତ ହବିଷାଳିମାନେ ଆଶ୍ୱସ୍ତି ଅନୁଭବ କରିଥିଲେ। ତେବେ ଠାକୁରଙ୍କ ନୀତି ବନ୍ଦ ହେବା ଏବଂ ଦିଅଁ ଉପବାସ ରହିବା ଏହା କେତେ ଦୂର ଯଥାର୍ଥ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ଏନେଇ ପ୍ରଶାସନ ପକ୍ଷରୁ ଅନ୍ୟ ଏକ ସେବାୟତଙ୍କୁ ସେବା କାର୍ଯ୍ୟ କରିବା ପାଇଁ କରିବା ପାଇଁ ଲିଖିତ ଆକାରରେ ଦିଆଯିବା ସହ ଆଗକୁ ବସିବାକୁ ଥିବା ମନ୍ଦିର ଟ୍ରଷ୍ଟବୋର୍ଡ଼ ବୈଠକରେ ଏହି ସେବାୟତଙ୍କ ନାମକୁ ଅନୁମୋଦନ କରିବାପାଇଁ ଆଲୋଚନା ହେବ ବୋଲି ଲିଙ୍ଗରାଜ ମନ୍ଦିରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି କହିଛନ୍ତି।

ବୁଧବାର ସାମର୍ଥା ସେବାୟତଙ୍କ ପକ୍ଷରୁ ଜଣେ ସେବାୟତଙ୍କର ନିଅଂଶ ସେବା ପାଳି ରହିଥିଲା। ଏହି ସେବା ଅନ୍ୟ ଜଣେ ସେବାୟତ କରୁଥିବାରୁ ସେ ସେବା କରିବା ପାଇଁ ମନା କରିଦେଲେ। ଯଦ୍ୱାରା ଦିଅଁଙ୍କ ପାଖରେ ଭୋଗ ଲାଗି ପାରିଲା ନାହିଁ କି ଅନ୍ୟ ନୀତି ମଧ୍ୟ ହେଲାନାହିଁ। ଏଥିପାଇଁ ଲିଙ୍ଗରାଜଙ୍କୁ ୨୪ଘଣ୍ଟା ଖାଡ଼ା ଉପବାସ ରହିବାକୁ ପଡ଼ିଥିଲା। ପରେ ଏହି ଖବର ପ୍ରକାଶ ପାଇବାରୁ ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯାଇଥିଲା। କାର୍ତ୍ତିକ ମାସ ଚାଲିଥିବାରୁ ଠାକୁରଙ୍କୁ ଏମିତି ଉପବାସ ରଖିବା ଏହା କେତେ ଦୂର ଠିକ୍ ଏବଂ ହବିଷାଳିଙ୍କ ସମେତ ଶ୍ରଦ୍ଧାଳୁମାନେ ପ୍ରସାଦ ପାଇବାରୁ ବଞ୍ଚିତ ହେଲେ ଏହା ସମସ୍ତଙ୍କ ମନକୁ କୁଠାରଘାତ ପହଞ୍ଚାଇଥିଲା।

■ ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି



### ମତାମତ

ହବିଷ ତାଙ୍କ ନାଁ ନେଇ କରୁଛୁ। ଯଦି ସେ ଉପବାସ ରହିବେ ତେବେ ଏ ହବିଷ କରିକି କି ପୂର୍ଣ୍ଣ ଅର୍ଜନ କରିପାରିବୁ। କାଲି ଦିଅଁ ଉପବାସ ରହିଲେ ଆମେ ବି ଉପବାସ ରହିଲୁ।

-ଶ୍ୟାମାମଣି ଦେବୀ, ହବିଷାଳି

ଏମିତି ଦିନ ଆଉ କେବେ ଦେଖିବାକୁ ନ ମିଳୁ। ଆମକୁ ଭୋକ ଲାଗିଲେ ଆମେ ରହିପାରୁନାହାନ୍ତି। ଯିଏ ଆମକୁ ସବୁ ଦେଲେ ଆମେ ତାଙ୍କୁ ଉପବାସ ରଖିଦେଲେ। ଏହି କଥା ବହୁତ କଷ୍ଟ ଦେଇଛି।

-କୁନ୍ତଳା ରାଉତ, ହବିଷାଳି

ଲିଙ୍ଗରାଜଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ପାଇବାକୁ ବହୁତ ଦୂରରୁ ଆସିଥିଲି ହେଲେ ଦିଅଁ ଉପବାସ ରହିବା ସହିତ ପ୍ରସାଦ ମଧ୍ୟ ମିଳିଲା ନାହିଁ। ଏମିତି ଆଉ କେଉଁ ଜିଲ୍ଲା କିମ୍ବା ରାଜ୍ୟରେ ହେଉନାହିଁ। ବାହାରୁ ବହୁତ ପର୍ଯ୍ୟଟକ ଆସୁଛନ୍ତି କ'ଣ ଅନୁଭବ ନେଇ ଫେରୁଥିବେ ତାହା ଚିନ୍ତା କରିବା ସବୁଠାରୁ ବଡ଼କଥା।

-ଲିପ୍ସା ରାଉତରାୟ, ଶ୍ରଦ୍ଧାଳୁ, ସୁନ୍ଦରଗଡ଼

ଏଥିପାଇଁ ସେବାୟତ, ପ୍ରଶାସନ, ସରକାର ସମସ୍ତେ ଦାୟୀ। ଯେଉଁଠି ଆମର ଆରାଧ୍ୟ ଉପବାସ ରହୁଛନ୍ତି ସେଠାରେ ଆଉ କାହାକୁ କଣ ବା କହିବା। ବଡ଼ବଡ଼ କଥା କହିବା ଛାଡ଼ି ଏପରି ଭୁଲ୍ ଯେମିତି ପୂର୍ନବାର ନହୁଏ ଏହା ଉପରେ ଧ୍ୟାନ ଦେବା କଥା

-ଦେବରାଜ ଦାସ, ଶ୍ରଦ୍ଧାଳୁ, ପୁରୀ



# ମହିଳାଙ୍କୁ ଆତ୍ମନିର୍ଭର କରିଛି ମିଲେଟ୍

## ୨୦୧୭ରେ ଆରମ୍ଭ ହୋଇଥିଲା 'ଓଡ଼ିଶା ମିଲେଟ୍ ମିଶନ୍'

ଭୁବନେଶ୍ୱର, ୩୦।୧୦(ସମିସ): ବିବାହ ବାର୍ଷିକୀ ହେଉ ଅବା ଜନ୍ମଦିନରେ କେକ୍ କାଟିବା ଏକ ସାଧାରଣ କଥା। କେବଳ କେକ୍ ନୁହେଁ କୁକିଜ୍, ଚକୋଲେଟ୍, ପିଠା ଆଦି ମିଲେଟରୁ ପ୍ରସ୍ତୁତ ହେଉଥିବାରୁ ମା' ମାନେ ନିଜ ପିଲମାନଙ୍କ ଖାଇବା ମେନ୍ୟୁରେ ମଧ ଯୋଡ଼ିଛନ୍ତି।



**■ ଜନ୍ମଦିନ ଓ ବିବାହ ବାର୍ଷିକୀରେ ମିଲେଟ୍ କେକ୍‌ର ଚାହିଦା**
**■ ସବୁ ବର୍ଗଙ୍କ ଚାହିଦାରେ ମିଲେଟ୍ କୁକିଜ୍ ଓ କପିନ୍ କେକ୍**

ତେବେ ଏଭଳି ବିଭିନ୍ନ ପ୍ରକାର ମିଲେଟ୍ ଖାଦ୍ୟ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇପାରିଛନ୍ତି ଭରତପୁରର ଅଞ୍ଚଳର ସମୀକ୍ଷା। ଉଚ୍ଚଶିକ୍ଷା ପରେ ସମୀକ୍ଷା ଘରେ ରହି ଚାକିରୀ ଖୋଜୁ ଖୋଜୁ ଗଣମାଧମ ଜରିଆରେ ମିଲେଟ୍ ଉପରେ ଅଧିକ ଜାଣିବାକୁ ପାଇବା ସହ ନିଜେ ମିଲେଟସ୍ ଖାଦ୍ୟ ତିଆରି କରିବା ଆରମ୍ଭ କଲେ। ୟୁଟ୍ୟୁବ୍‌ରେ ପ୍ରସ୍ତୁତି ପ୍ରଣାଳୀ ଶିଖି ଧିରେ ଧିରେ ସ୍ଥାନୀୟ ଲୋକଙ୍କୁ ବକ୍ରି କରିଥିଲେ। ପରବର୍ତ୍ତୀ ସମୟରେ ମିଲେଟ୍ ବିଷୟରେ ଜାଣି ନ ଥିବା ଲୋକେ ମିଲେଟ୍‌ର ଫ୍ୟାନ୍ ପାଲଟିଯାଇଛନ୍ତି। ଜିରା କୁକିଜ୍, ବ୍ରାଉନି, ବ୍ରେଡ୍, ବିସ୍କୁଟ, ନାନ୍ ଖଟାଇ, କଫି ଆଲମୋଣ୍ଡ କୁକିଜ୍, ଚକୋ ଚିପସ୍ ଆଦି ବିଭିନ୍ନ ଚଟ୍‌ପଟା ଖାଇବା ପ୍ରସ୍ତୁତ କରି ଉଭୟ ଅନ୍‌ଲାଇନ୍ ଓ ଅଫ୍ ଲାଇନ୍‌ରେ ବିକ୍ରି କରୁଛନ୍ତି ସମୀକ୍ଷା। ଏହାସହ ୟୁଟ୍ୟୁବ୍, ଫେସବୁକ୍ ଓ ତାଙ୍କ ୱେସାଇଟ୍‌ରେ ମଧ ବହୁତ ସଂଖ୍ୟାରେ ଅର୍ଡର ଆସୁଥିବା ବେଳେ ଜର୍ମାନୀରୁ ଭୁବନେଶ୍ୱର ଆସିଥିବା ତାଙ୍କର ନିୟମିତ ଗ୍ରାହକ ବହୁ ପରିମାଣରେ ମିଲେଟ୍ ପ୍ରସ୍ତୁତ ଖାଦ୍ୟ ନେଉଥିବା ସେ କହିଛନ୍ତି। ସବୁଠାରୁ ବଡ଼କଥା ହେଉଛି ବର୍ତ୍ତମାନ ଛୋଟପିଲା, ଗର୍ଭବତୀ ମହିଳା, ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଓ ଡାକ୍ତରମାନେ ଅଧିକ ଅର୍ଡର କରୁଥିବା ବେଳେ ବଡ଼ବଡ଼ ଅନୁଷ୍ଠାନ ହେଉ ଅବା କର୍ପୋରେଟ୍ ସଂସ୍ଥାର ପ୍ରତିଷ୍ଠା ଦିବସ,



ଜନ୍ମଦିନ, ବିବାହବାର୍ଷିକୀ, ଫ୍ରେଣ୍ଡସିପ୍ ଡେ ଆଦି ବିଭିନ୍ନ ଅକେଜନ୍ ରେ ମିଲେଟ୍ କେକ୍ ଅର୍ଡର ତାଙ୍କ ନିକଟକୁ ଆସୁଛି। ଆଜିର ସମୟରେ ସୁସ୍ଥ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ପାଲଟିଥିବା ବେଳେ ଏଥିପ୍ରତି ସମସ୍ତେ



ସଜାଗ ରହିବା ଉଚିତ୍। କାରଣ ନିଜ ସ୍ୱାସ୍ଥ୍ୟ ସୁରକ୍ଷା ନିଜ ହାତରେ। ଜୀବନଶୈଳୀ ଓ ଖାଦ୍ୟପେୟକୁ ପରିବର୍ତ୍ତନ କଲେ ହି ଆମେ ନିରୋଗ୍ୟ ଜୀବନ ବଞ୍ଚିବା ବୋଲି ସେ କହିଛନ୍ତି। ତେବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମିଲେଟ୍ କ୍ଷୁଦ୍ର ଖାଦ୍ୟ ଶସ୍ୟ ଜାତୀୟ ଖାଦ୍ୟର ପ୍ରଚାରପ୍ରସାର ଓ ଖାଦ୍ୟ ଥାଳିରେ କ୍ଷୁଦ୍ର ଶସ୍ୟର ପୁନରୁଦ୍ଧାର ପାଇଁ ୨୦୧୭ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା 'ଓଡ଼ିଶା ମିଲେଟ୍ ମିଶନ୍' (ବର୍ତ୍ତମାନ ଶ୍ରୀ ଅନ୍ନ ଅଭିଯାନ) ମିଲେଟ୍ ମିଶନ୍ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ସହିତ ସହରାଞ୍ଚଳ ମହିଳା ମଧ ରୋଜଗାରକ୍ଷମ ହୋଇପାରୁଛନ୍ତି।

## ପୂର୍ବତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଉମାକାନ୍ତ ମହାପାତ୍ରଙ୍କ ପରଲୋକ



ଭୁବନେଶ୍ୱର, ୩୦।୧୦(ସମିସ): ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗରଦପୁର ବ୍ଲକ ଅଧିନ କୋଶିଦା ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଉମାକାନ୍ତ ମହାପାତ୍ରଙ୍କର ଗୁରୁବାର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ହୋଇଥିଲା। ଓଡ଼ିଶା ସରକାରଙ୍କର ବହୁ ଉଚ୍ଚପଦରେ ଅବସ୍ଥାପିତ ହୋଇ ସେ ଦକ୍ଷତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ସେ ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଓ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ରହିଥିଲେ। ତାଙ୍କ ବଡଭାଇ ବରିଷ୍ଠ ପ୍ରଶାସକ ଜ୍ଞାନପୀଠ ବିଜେତା ସୀତାକାନ୍ତ ମହାପାତ୍ର, ତାଙ୍କ ସାନପୁଅ ଆସାମ ଅତିରିକ୍ତ ପ୍ରମୁଖ ମୁଖ୍ୟ ବନ୍ୟସଂରକ୍ଷକ ସୁମନ ମହାପାତ୍ର ଉପସ୍ଥିତ ରହିବା ସହ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ବଡ ପୁଅ ପୂର୍ବତନ ଏଲଆଇସି ଅଧିକାରୀ ରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସେ ଗାଁ ପାଇଁ ଥିଲେ ଜଣେ ଦରଦୀ ବନ୍ଧୁ। ତାଙ୍କ ବିୟୋଗରେ ପାଟକୁରା ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ବୈଜୟନ୍ତ ପଣ୍ଡା ଓ ଅରବିନ୍ଦ ମହାପାତ୍ର ଶୋକ କରିବା ସଙ୍ଗେ ଶୋକସନ୍ତପ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ପାତ୍ରପଡ଼ାରେ କର୍ତ୍ତିକେଶ୍ୱର୍ ପୂଜା ପ୍ରସ୍ତୁତି

ଯାଁଳା, ୩୦।୧୦ (ସମିସ): ପାତ୍ରପଡ଼ା ସ୍ଥିତ ଗାନ୍ଧୀ ଚଉତରା ଠାରେ ୧୬ ତମ ବାର୍ଷିକ କାର୍ତ୍ତିକଶ୍ୱର ପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ତ୍ତିକେ ସ୍ୱର୍ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଆସନ୍ତା ନଭେମ୍ବର ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମ ଦୁଇଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ନଭେମ୍ବର ୩ ତାରିଖ ଠାରୁ ୫ ତାରିଖ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟ କ୍ରମ ସହିତ ୬ ତାରିଖ ସନ୍ଧ୍ୟା ରେ କପିଳେଶ୍ୱର ଦିବ୍ୟାଙ୍ଗ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ। ଶେଷ ୭ ତାରିଖ ଭସାଣି କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ଅଭିମନ୍ୟୁ ଚମ୍ପତି, ରବୀନ୍ଦ୍ର ନାଥ ସାହୁ, ସତ୍ୟ ନାରାୟଣ ମହାନ୍ତି, ଡମ୍ବରୁ ଧର ରାଉତରାୟ, ଜଗତ୍ ଜିବନ ପାଟ ସାଣି, କୀର୍ତ୍ତି ରଞ୍ଜନ ଜେନା, ପ୍ରଶାନ୍ତ ପରିଡ଼ା, ସୁରେଶ ମହାରଣା ରାଜୀବ ବଳବନ୍ତରାୟ ଶିବଦତ ଚମ୍ପତି ଓ ସତ୍ୟନାରାୟଣ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

## ଗାଈପୂଜା କଲେ ଓଲିଉଡ୍ କଳାକାର



ଭୁବନେଶ୍ୱର, ୩୦।୧୦(ସମିସ): କଳିଙ୍ଗ ଯୁବ ସେନା ପକ୍ଷରୁ ପବିତ୍ର ଗୋପାଷ୍ଟମୀ ପାଳନ କରାଯାଇଛି। ଏଥିରେ ଅନୁଷ୍ଠାନର ଥିବା ଗୋରୁ ଗାଈ ସହ ବୁଲା ଗୋରୁଙ୍କର ପୂଜା କରାଯାଇଥିଲା। ଗାଈମାନଙ୍କୁ ବିଭିନ୍ନ ଫଳ ଓ ଖେଚୁଡ଼ି ଖାଇବାକୁ ଦିଆଯିବା ସହ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଲିଉଡର ଅଭିନେତା ବାବୁସାନ ମହାନ୍ତି, ଦୈନିକ ସମାଜର ପ୍ରାକ୍ତନ ସମ୍ପାଦକ, ପ୍ରକାଶକ ଓ ମୁଦ୍ରାକର ପ୍ରଭାସ ଆଚାର୍ଯ୍ୟ, ଅଭିନେତା ଅର୍ଦ୍ଧେନ୍ଦୁ, ବିଧାୟକ ସୌଭିକ ବିଶ୍ୱାଳ, କିଟ୍ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ, ସମାଜସେବୀ ଅମରେଶ ପରିଡ଼ା, ଅନୁଷ୍ଠାନର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଦାସ ଯୋଗଦେଇ ଗୋପୂଜା କରିଥିଲେ। ଏହି ଅବସରରେ ଅଭିନେତା ବାବୁସାନ ଗୋମାତାମାନଙ୍କୁ ପୂଜା କରିବା ସହ ସେମାନଙ୍କୁ ଫଳ ଖାଇବାକୁ ଦେଇଥିଲେ। ସେହିଭଳି ତୁଷାର ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକଙ୍କ ସହିତ ଅନେକ ସମାଜସେବୀ ଓ କୃଷ୍ଣଭକ୍ତ, ଗୋସେବକ, ସୁନାଭାଇ, ସଂଗ୍ରାମ ଜେନା, ବିଶ୍ୱରଞ୍ଜନ ନାୟକ, ଭାଗିରଥି ଶାନ୍ତି, ମନୋରଞ୍ଜନ ମହାନ୍ତିଙ୍କ ସମେତ ଭୁବନେଶ୍ୱର ସହିଦନଗରସ୍ଥିତ ସୁନ୍ଦରୀ ଗୋସେବା କେନ୍ଦ୍ରରେ ଗୋମାତାଙ୍କୁ ପୂଜା କରିବା ସହିତ ବିଧି ମୁତାବକ ରୁଟି, କାକୁଡ଼ି, ମକା, ଗାଜର, ପାଚିଲା କଦଳୀ ଓ ସେଓ ଇତ୍ୟାଦି ଖୁଆଇଥିଲେ।

## କିଟ୍ ବିଶ୍ୱବିଦ୍ୟାଳୟରେ ହେବ ୨୬ତମ ବିଜ୍ଞାନ କଂଗ୍ରେସ

ଭୁବନେଶ୍ୱର, ୩୦।୧୦(ସମିସ): ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୬ତମ ଅଧିବେଶନ ଚଳିତ ବର୍ଷ ଭୁବନେଶ୍ୱରସ୍ଥ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଅନୁକୂଲ୍ୟରେ ଆସନ୍ତା ନଭେମ୍ବର ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମେଳନର ମୁଖ୍ୟ ବିଷୟବସ୍ତୁ ରହିଛି 'ସହନୀୟ ବିକାଶ ଲକ୍ଷ୍ୟ: ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ନବସୃଜନ'। ଜାତିସଙ୍ଘ ଅନୁକୂଲ୍ୟରେ ୨୦୧୬-୨୦୩୦ ଅବଧି ମଧ୍ୟରେ ବିଶ୍ୱରେ କାର୍ଯ୍ୟକାରୀ ହେଉଥିବା ଏହି ଲକ୍ଷ୍ୟ ହାସଲର ବିଭିନ୍ନ ଦିଗ ଉପରେ ଅଧିକ ଆଲୋକପାତ କରାଯିବା ସହ ନବସୃଜନ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଉପଯୁକ୍ତ ପ୍ରୟୋଗ ଦ୍ୱାରା ଏହା କିପରି ସଫଳତା ଅର୍ଜନ କରିବ। ଏହା ଉପରେ କଂଗ୍ରେସରେ ବିଷଦ୍ ଭାବରେ ଆଲୋଚନା ହେବ ଓ ଏହା ସହ ମିଳିତ ଭାବରେ 'ସସ୍‌ଟେନେବଲ ଗ୍ରୀନ ଫ୍ରନ୍‌ଟିଅରସ୍' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ କଂଗ୍ରେସର ଉପଦେଷ୍ଟା ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜନ କମିଟିର ସଦସ୍ୟ ଆବାହକ ପ୍ର. ତପନ କୁମାର ବସ୍ତିଆ, ଆବାହକ ପ୍ର. ସନ୍ଦୀପ କୁମାର କୁଣ୍ଡୁ, ଡିନ୍ ପ୍ର. ପ୍ରଶାନ୍ତ ରଥ, ଇଂ ମନୋରଞ୍ଜନ ମିଶ୍ର, ଡ. ଶୁଭାଙ୍ଗୀ ଦେବଦର୍ଶିନୀ ସାହୁ ପ୍ରମୁଖ ଏଥିରେ ଯୋଗଦାନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପାଞ୍ଚ ଶହରୁ ଅଧିକ ସଂଖ୍ୟାରେ ପ୍ରତିନିଧୀମାନେ ଏହି କଂଗ୍ରେସରେ ଯୋଗଦାନ କରିବାର ଯୋଜନା ରହିଛି ବୋଲି ଡ଼. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

● ଜାତୀୟ କମିଶନରଙ୍କୁ ଦାବି

## ଖଣ୍ଡାୟତଙ୍କୁ ଜାତୀୟ ଓବିସି ତାଲିକାଭୁକ୍ତ କରାଯାଉ

ଭୁବନେଶ୍ୱର, ୩୦।୧୦(ସମିସ): ଖଣ୍ଡାୟତଙ୍କୁ କେନ୍ଦ୍ର ଓବିସି ତାଲିକାରେ ସାମିଲ କରିବା ପାଇଁ ଜାତୀୟ ପଛୁଆ ବର୍ଗ କମିଶନ ନିକଟରେ ଦୃଢ଼ ଦାବି ଉପସ୍ଥାପନ କଲେ ତେଜେଶ୍ୱର ପରିଡ଼ା ଜାତୀୟ ପଛୁଆ ବର୍ଗ କମିଶନର ମାନ୍ୟବର ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର, ମାନ୍ୟବର କମିଶନ ସଦସ୍ୟ ଭୁବନ ଭୂଷଣ କମଲ ଏବଂ କମିଶନଙ୍କ ସଚିବ ମିତା ରାଜଭିଲୋଚାଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରିବା ସହ ରାଜ୍ୟ ଅତିଥି ଭବନରେ ଭେଟି 'ଖଣ୍ଡାୟାତ' ଜାତି ଯାହା ବର୍ତ୍ତମାନ ଓଡ଼ିଶା ରାଜ୍ୟରେ ଏସ୍‌ଇବିସି ବର୍ଗରେ ଅନ୍ତର୍ଭୁକ୍ତ କିନ୍ତୁ ଜାତୀୟ ସ୍ତରରେ ଓବିସି ତାଲିକାରେ ନାହିଁ, ଖଣ୍ଡାୟତ ଜାତିକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା।

ଓଡ଼ିଶାର ସର୍ବପୁରାତନ ତଥା ପାରମ୍ପରିକ ଚାଷୀ ସମାଜ ଓ ସମରକଳାରେ ନିପୁଣ ଜାତି, ଖଣ୍ଡାୟତଙ୍କୁ କେନ୍ଦ୍ରୀୟ ପଛୁଆବର୍ଗ ଶ୍ରେଣୀଭୁକ୍ତ କରିବା ପାଇଁ ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଓ ଚଷା ମହାସଂଘ ପକ୍ଷରୁ ଦାବି ହୋଇଛି। ଏନେଇ ତଥ୍ୟ ସମ୍ବଳିତ ସ୍ମାରକପତ୍ର ଜାତୀୟ କମିଶନରଙ୍କ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହୀରଙ୍କ ସମେତ ଅନ୍ୟ ଦୁଇଜଣ ସଭ୍ୟ ଭବନ ଭୂଷଣ କମାଲ ଓ କମିଶନ ସଚିବ ମୀତା ରାଜିବଲୋଚନଙ୍କୁ ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଜନଶୁଣାଣି ଅବସରରେ ପ୍ରଦାନ କରାଯାଇଛି। ମହାସଂଘର ସ୍ଥାୟୀ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପରାମର୍ଶକ୍ରମେ, ଏକ ସ୍ମାରକପତ୍ର କରାଯାଇଥିଲା। ମହାସଂଘ ପକ୍ଷରୁ ବିଶ୍ୱରାଜ ନାୟକ, ରଜତ ବଳିୟାରସିଂହ, ରାଜେନ୍ଦ୍ର ମହାଲିକ ଓ ମହେଶ୍ୱର ବରାଡ଼ ପ୍ରମୁଖ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ୮୮ତମ ସଂସ୍କୃତି ଚର୍ଚ୍ଚା ସମାରୋହ

## 'ନୌବାଣିଜ୍ୟ ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିଭବର ପରିଚୟ'

ଭୁବନେଶ୍ୱର, ୩୦।୧୦(ସମିସ): ନୌବାଣିଜ୍ୟ ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିଭବର ପରିଚୟ। ଶହ ଶହ ବର୍ଷ ଧରି ଓଡ଼ିଶାର ଅର୍ଥନୀତିକୁ ଏହା ସମୃଦ୍ଧ କରି ଆସିଛି। କୌଣସି ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ବିନା ଉତ୍କଳୀୟ ବଣିକମାନେ ସାତ ସମୁଦ୍ର ତେର ନଈ ପାରକରି ବିଭିନ୍ନ ରାଷ୍ଟ୍ର ସହିତ ନିଜର ସମ୍ପର୍କ ସ୍ଥାପନ କରି ବ୍ୟବସାୟ ବାଣିଜ୍ୟ କରିବା ସହିତ ସେଠାରେ ଉତ୍କଳୀୟ ସଂସ୍କୃତିର ପ୍ରଭାବ ମଧ ବିସ୍ତାର କରିବାରେ ସହାୟକ ହୋଇଥିଲେ ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ପ୍ରଫେସର ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୮ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହରେ 'ନୌବାଣିଜ୍ୟ, ବାଲିଯାତ୍ରା ଓ ଓଡ଼ିଆ ଅସ୍ମିତା' ଶୀର୍ଷକରେ ଆଲୋଚନା କରି ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି। ସମ୍ମାନରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ କହିଛନ୍ତି ଯେ କାର୍ତ୍ତିକ ପୂର୍ଣ୍ଣିମା ଅନ୍ୟମାନଙ୍କ ପାଇଁ ଏକ ପର୍ବହୋଇପାରେ ହେଲେ ଓଡ଼ିଆ ମାନଙ୍କ ପାଇଁ ଏହା ଏକ ସ୍ୱାଭିମାନର ପ୍ରତୀକ। ଆମପାଇଁ ଗର୍ବର କଥା ଯେ ଓଡ଼ିଶାରୁ -ରଥଯାତ୍ରା, ବାଲିଯାତ୍ରା ଏବଂ ଦଣ୍ଡନାଟ ୟୁନେସ୍କୋ ହେରିଟେଜ୍ ଷ୍ଟାଟସ ପାଇବା ପାଇଁ କେନ୍ଦ୍ର ସରକାର ତାଲିକାଭୁକ୍ତ କରିଛନ୍ତି ବୋଲି କହିଛନ୍ତି। ପ୍ରାରମ୍ଭରେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ମନୋରଞ୍ଜନ ପାଣିଗ୍ରାହୀ, ଡ. ନିବେଦିତା ମହାନ୍ତି, ପ୍ରଦୋଷ ପଟ୍ଟନାୟକ ଉପସ୍ଥିତ ଥିଲେ।

## ସମ୍ ପକ୍ଷରୁ ପିଙ୍କ ଅକ୍ଟୋବର କ୍ୟାମ୍ପେନ୍ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୦(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨ ଫୁଲନଖରାରେ ଦୀର୍ଘ ଏକ ମାସ ଧରି ଚାଲିଥିବା ପିଙ୍କ ଅକ୍ଟୋବର କ୍ୟାମ୍ପେନ୍ ଉଦ୍‌ଯାପିତ ହୋଇଯାଇଛି। ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜି, କମ୍ୟୁନିଟି ମେଡିସିନ୍, ଏଣ୍ଡୋକ୍ରାଇନ୍ ସର୍ଜରୀ ବିଭାଗ ଏବଂ ଆସୋସିଏସନ୍ ଅଫ୍ ବ୍ରେଷ୍ଟ ସର୍ଜନସ୍ ଅଫ୍ ଇଣ୍ଡିଆ (ଏବିଏସ୍‌ଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ କ୍ୟାମ୍ପେନ୍‌ର ଉଦ୍‌ଯାପନୀ ଉତ୍ସବରେ 'ଏଭ୍‌ରି ଷ୍ଟୋରୀ ଇଜ୍ ୟୁନିକ୍ ଆଣ୍ଡ ଏଭ୍‌ରି ଜର୍ନି ମ୍ୟାଟର୍ସ' ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହସ୍ପିଟାଲର ଡିନ୍ ପ୍ରଫେସର ଡ. ଅରକ୍ଷିତ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର ଡ. ତାପସୀ ପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଡ. ରାଜେଶ କୁମାର ସେଠୀ, ଡାକ୍ତର ପଦ୍ମାଳୟା ଦେବୀ, ଡାକ୍ତର ଜିତା ପରିଜା ମଧ ବକ୍ତବ୍ୟ ପ୍ରଦାନ ରଖିଥିଲେ। ଏହି ଅବସରରେ ସଚେତନତାମୂଳକ ୱାକାଥନ ଆୟୋଜିତ ହୋଇଥିଲା।

## ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଭାବ ସଙ୍ଗୀତ ସମାରୋହ

ଭୁବନେଶ୍ୱର, ୩୦।୧୦(ସମିସ): ସ୍ୱର୍ଗତ ପଣ୍ଡିତ ବିଷ୍ଣୁମୋହନ ନାୟକଙ୍କ ନବମ ଶ୍ରାଦ୍ଧାବାର୍ଷିକ ଉତ୍ସବରେ ୯ମ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଭାବ ସଙ୍ଗୀତ ସମାରୋହ ଗୀତ ଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଜେପି ଉପ ସଭାପତି ଗୋଲକ ପ୍ରସାଦ ମହାପାତ୍ର, ସମ୍ମାନ ଅତିଥି ଭାବେ ତବଲା ବାଦକ ଗୁରୁ କୁଳମଣୀ ସାହୁ, ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ରଜନୀ କାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଗମାଳ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାସ୍ତ୍ରୀୟ ପରିବେଷଣ ହୋଇଥିଲା। ପରେ ପରେ ଏକକ କଣ୍ଠ ସଙ୍ଗୀତ ଗାଇଥିଲେ ସାଇ ଦର୍ଶୀତ ମହାନ୍ତି। ସ୍ୱର ସାଧନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ ବୃନ୍ଦ ଗାୟନ ପରିବେଷଣ ହୋଇଥିଲା। ବାଗେଶ୍ୱରୀ କଳା ପ୍ରତିଷ୍ଠାନ ପକ୍ଷରୁ ଭକ୍ତି ସଙ୍ଗୀତ ପରିବେଶଣ ହୋଇଥିଲା। କାର୍ଯ୍ୟକ୍ରମକୁ ଜ୍ଞାନାନନ୍ଦ ସାଗର କୁମାର ସଂଯୋଜନା କରିଥିଲେ।

## ଗୋ' ସେବାରେ ବ୍ରତୀ ହେଲେ ଯୁବଗୋଷ୍ଠୀ

ବାଲିଅନ୍ତା, ୩୦।୧୦(ସମିସ): ଜୀବେ ଦୟା, ସେବା ହିଁ ପରମ ଧର୍ମ' ଏହି ପଥକୁ ଆପଣେଇଛନ୍ତି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ଗ୍ରାମର ଯୁବପିଢ଼ି। ଏମାନ ଟଙ୍କପାଣି ବ୍ରିଜ ଠାରୁ ବାଲିଅନ୍ତା ବଜାର ପର୍ଯ୍ୟନ୍ତ ରାସ୍ତାରେ ଥିବା ୬୦ରୁ ୭୦ ଗାଈ, ଷଣ୍ଢ, କୁକୁରଙ୍କୁ ରନ୍ଧା ଖାଦ୍ୟ ଦେବା ସହ ରେଡିୟମ ବେଲ୍ଟ ମଧ ବାନ୍ଧନ୍ତି। ଫଳରେ ଅନ୍ଧାରେ ଶୋଇଥିବା ଗାଈଗୋରୁ ଗାଡି ଦୁର୍ଘଟଣାରୁ ବଞ୍ଚିଯାଆନ୍ତି। ଏହି ପକ୍ରିୟାକୁ ଗ୍ରାମର ହାଡିବନ୍ଧୁ ସାହୁ, ରଘୁନାଥ ସାହୁ, ରାକେଶ ସାହୁ, କୁନା ସାହୁ, ସୁଶୀଲ ମହାନ୍ତି, ବିକ୍ରମ ମହାନ୍ତି, ତୁଷାର ସାହୁ, ମାନସ ସାହୁ, ସୁକାନ୍ତ ସାହୁ ପ୍ରମୁଖ ରାତି ୧୦ ଟାରୁ ୧୨ ଟା ପର୍ଯ୍ୟନ୍ତ ଗୋ ସୁରକ୍ଷା କାର୍ଯ୍ୟରେ ଲାଗିଛନ୍ତି।

## ଶିଳ୍ପୀଙ୍କ ତୂଳୀରେ ଜଗନ୍ନାଥଙ୍କ କଥାବସ୍ତୁ

ଭୁବନେଶ୍ୱର, ୩୦।୧୦(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଆର୍ଟିଷ୍ଟ ମିଟ୍ କାର୍ଯ୍ୟକ୍ରମ ଓ ଓଡ଼ିଶାର ପାରମ୍ପାରିକ ପଟ୍ଟଚିତ୍ର ଶିଳ୍ପୀ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ୍ ସାମଲ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଯୋଗ ଦେଇଥିଲେ ଏବଂ ୩୬ ଜଣ ଛାତ୍ରଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ସୋଫିଆ ୟାସ୍ମିନ ଓ ଲକ୍ଷ୍ମୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ସଂଘର ମାସିକ ଆସର




ନନ୍ଦନକାନନ, ୩୦।୧୦(ସମିସ): ପଟିଆସ୍ଥିତ ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ମାସିକ ସଭା ଆଦୃତା ଶିଶୁସଦନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଆଦିତ୍ୟ କୁମାର ମହାନ୍ତି 'ଅହଂ ଅବା ମୁଁ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସଭାପତି ଶ୍ରୀ ଦାଶଙ୍କ ଜନ୍ମଦିନ ଉପଲକ୍ଷେ ଡ. ହେମନ୍ତ କୁମାର ଦାଶ, ସେକ୍ରେଟାରୀ ତାରାକାନ୍ତ ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଜନ୍ମଦିନର ଶୁଭେଚ୍ଛା ଜଣାଇ ଦୀର୍ଘାୟୁ କାମନା କରିଥିଲେ। ସଭାରେ ସେକ୍ରେଟାରୀ ଶ୍ରୀ ମହାନ୍ତି ମାସିକ ବିବରଣୀ ପ୍ରଦାନ କରିଥିବା ବେଳେ ସନ୍ତୋଷ କୁମାର ପଣ୍ଡା 'ବାଜି ରାଉତ'ଙ୍କ ଉପରେ ସ୍ୱରଚିତ ଆଲେଖ୍ୟ ପାଠ କରିଥିଲେ। ଏହାପରେ ଆଦୃତା ଶିଶୁ ସଦନ ପକ୍ଷରୁ ସୁଶ୍ରୀ ସୁପ୍ରୀତଙ୍କ ନେତୃତ୍ୱରେ ଅନ୍ତେବାସୀମାନେ କେକ୍ କାଟିଥିଲେ।

# 'ମିଛ' ବଦଳାଇଲା ଜୀବନର ଲକ୍ଷ୍ୟ

ଭୁବନେଶ୍ୱର, ୩୦।୧୦(ସମିସ): ଆଜିର ସ୍ୱାର୍ଥପର ସମାଜରେ ରକ୍ତର ସମ୍ପର୍କ ଆଡ଼ ଆଖିରେ ଚାହୁଁନଥିବା ବେଳେ ଅସହାୟ, ଗରୀବ ଲୋକଙ୍କ ସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି ରାଜଧାନୀର ଯୁବ ଇଞ୍ଜିନିୟର ପ୍ରଶାନ୍ତ କୁମାର ମହାନ୍ତି। ୧୦ ବର୍ଷ ପୂର୍ବେ ଏକ ମିଛରୁ ଆରମ୍ଭ ହୋଇଥିବା ଏହି ମହତ କାର୍ଯ୍ୟ ପାଇଁ ସେ ଆଜି ରାଜଧାନୀରୁ ରାଷ୍ଟ୍ରପତିଙ୍କ ଗାଁ ରାଇରଙ୍ଗପୁର ଯାଏ ସବୁଠି ଆଦରଣୀୟ ହୋଇପାରିଛନ୍ତି। ନିଜ ଉଦ୍ୟମରେ ଥିଲାବାଲାଙ୍କଠାରୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସଂଗ୍ରହ କରି ଦୁର୍ଗମ ଅଞ୍ଚଳରେ ଗରିବ ଓ ଅଭାବୀ ଲୋକଙ୍କୁ ବାଣ୍ଟୁଛନ୍ତି। ଏଯାଏ ରାଜ୍ୟର ୨୫ଟି ଜିଲ୍ଲାରେ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ପ୍ରଶାନ୍ତ।



**■ ଯୁବ ଇଞ୍ଜିନିୟରଙ୍କ ସମାଜସେବା ନିଶା**
**■ ଅସହାୟ ପାଇଁ ଦେବଦୂତ ସାଜିଛନ୍ତି ଇଂ ପ୍ରଶାନ୍ତ ମହାନ୍ତି**

ସ୍ଥାନୀୟ ତମାଣ୍ଡୋରେ ପରିବାର ସହ ରହୁଥିବା ଅଟୋମୋବଇଲ ଇଞ୍ଜିନିୟର ପ୍ରଶାନ୍ତଙ୍କ ନିଶା ପାଲଟିଛି ସମାଜସେବା। ଏମିତିକି ଗୋଟିଏ ବର୍ଷରେ ସେ ୩୬୫ଦିନରେ ୬୦୦ ସମାଜିକ କାର୍ଯ୍ୟକରି ରେକର୍ଡ କରିଛନ୍ତି। ୨୦୧୫ ମସିହାରେ ଏକ ଅନାଥ ଆଶ୍ରମକୁ ସହଯୋଗ କରିବା ନାଁରେ ଜଣେ ବ୍ୟବସାୟୀଙ୍କ ଠାରୁ ଆଣିଥିବା ସାମଗ୍ରୀ ପରବର୍ତ୍ତୀ ସମୟରେ ତାଙ୍କ ଜୀବନର ଲକ୍ଷ୍ୟ ବଳଦାଇ ଦେଇଥିଲା। ସେବେଠାରୁ ଏକାକୀ ସଂଘର୍ଷ କରି ଗରୀବ ଲୋକଙ୍କୁ ସହାୟତାର ହାତ ବଢ଼ାଇଥିଲେ। ତାଙ୍କର ଏଭଳି ମନୋବୃତ୍ତି ଓ ନିଷ୍ଠାପର ଭାବନାକୁ ଦେଖି ଅନେକଙ୍କ ସହଯୋଗର ହାତ ବଢ଼ିଥିଲା। ଯାହାଦ୍ୱାରା ସେ ଆରମ୍ଭ କରିଥିବା ହେଲପ୍ ଇଣ୍ଡିଆ ନାମକ ଚାରା ଏବେ ମହା ଦ୍ରୁମରେ ପରିଣତ ହୋଇଛି। ୧୦ ବର୍ଷ ମଧ୍ୟରେ ସେ ୩୦ରୁ ଉର୍ଦ୍ଧ୍ୱ ଗରୀବ ପିଲାଙ୍କ ପାଠ ପଢ଼ାଇବାକୁ ସହଯୋଗ କରିଥିବା ବେଳେ ୮ଜଣଙ୍କୁ ବାସଗୃହ ଯୋଗାଇ ଦେଇଛନ୍ତି। ସେହିପରି ଯେଉଁମାନେ ଦିନେ ରାସ୍ତାକଡ଼ରେ ଭିକ୍ଷାବୃତ୍ତି କରୁଥିଲେ ସେମାନଙ୍କୁ ଦୋକାନ ତିଆରି କରି ରୋଜଗାରକ୍ଷମ କରିବା ସହ ମହିଳାଙ୍କ ସ୍ୱାବଲମ୍ବନ ପାଇଁ ସିଲାଇ ମେସିନ୍ ଯୋଗାଇଦେଇ ମହାନତାର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଏତିକିରେ ତାଙ୍କ ସେବାକର୍ଯ୍ୟ ସୀମିତ ନୁହେଁ, ଡାକ୍ତରଖାନାରେ ଅର୍ଥାଭାବ ପାଇଁ ଜୀବନ ସହ ସଂଗ୍ରାମ କରୁଥିବା ଗୁରୁତର ରୋଗୀଙ୍କୁ ସହାୟତା ଏବଂ ରକ୍ତାଦନ କରି ରକ୍ଷା କରିଛନ୍ତି। ଏଯାଏ ସେ ୭୦ରୁ ଉର୍ଦ୍ଧ୍ୱ ଥର ରକ୍ତଦାନ ମଧ କରିଛନ୍ତି। ସେହିପରି ବିଭିନ୍ନ ବୃଦ୍ଧାଶ୍ରମ, ଅନାଥଆଶ୍ରମର ଅନ୍ତେବସୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ସାଙ୍ଗକୁ ଖାଦ୍ୟ ଯୋଗାଇବା ସାଙ୍ଗକୁ ପରିବାର ଠାରୁ ଦୂରେଇ ଯାଇଥିବା ବୃଦ୍ଧାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ମାସିକ ରାସନ ଓ ସମସ୍ତ ଅବାଶ୍ୟକୀୟ ସାମଗ୍ରୀ ଦେଉଛନ୍ତି। ମହାମାରୀ କରୋନା ସମୟରେ ୪୫ହଜାର ଲୋକଙ୍କୁ ଖାଦ୍ୟ ଯୋଗାଇ ଚର୍ଚ୍ଚାରେ ରହିଥିଲେ ପ୍ରଶାନ୍ତ। ସେହି ସମୟରେ ବିଶିଷ୍ଟ ସମାଜସେବୀ ଗଗନ ପାଇଟାଲଙ୍କ ସହ ମିଶି ପୁରୁଣା ବସ୍ତ୍ର ଓ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସଂଗହ କରି ଗରୀବଙ୍କ ମଧ୍ୟରେ ବାଣ୍ଟିଥିଲେ। ରାଜଧାନୀରୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟ ଏବେ ରାଜ୍ୟର ୨୫ଟି ଜିଲ୍ଲାରେ ପହଞ୍ଚି ପାରିଛି। ତାଙ୍କର ଏଭଳି ଉଦ୍ୟମ ପାଇଁ ଏକ ଘରୋଇ ସଂସ୍ଥା ପକ୍ଷରୁ ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ ସେଥିରେ ସେ ରାୟଗଡ଼ା, କନ୍ଧମାଳ, କୋରାପୁଟ, ଜୟପୁର, ମୟୁରଭଞ୍ଜ ଭଳି ଉପାନ୍ତ ଅଞ୍ଚଳରେ ପହଞ୍ଚି ପାରିଛନ୍ତି। ଅନେକ ସ୍ଥାନରେ ପାହାଡ଼ିଆ ରାସ୍ତାରେ ଓ ନଦୀ ପାର ହୋଇ ମୁଣ୍ଡରେ ମୁଣ୍ଡାଇ ଲୋକଙ୍କ ନିକଟରେ ପହଞ୍ଚିଛନ୍ତି। ନିକଟରେ ସେ ରାଷ୍ଟ୍ରପତିଙ୍କ ଗାଁ ରାଇରଙ୍ଗପୁରରେ ମଧ ବସ୍ତ୍ର, କମ୍ବଳ, ଖାଦ୍ୟ ସାମଗ୍ରୀ ବାଣ୍ଟି ସେଠାରେ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ଗରୀବ ଲୋକଙ୍କ ମୁହଁରେ ଟେନାଏ ହସ ତାଙ୍କ ଜୀବନର ବଡ଼ ଉପଲବ୍ଧି ବୋଲି କହିବା ସହ ଜୀବନର ଶେଷ ପର୍ଯ୍ୟନ୍ତ ସେ ଏହି କାର୍ଯ୍ୟ ଜାରୀ ରଖିବେ ବୋଲି ପ୍ରଶାନ୍ତ କହିଛନ୍ତି।

# ବ୍ରାଉନସୁଗର ଜବତ, ୪ ଗିରଫ

**ଝାରସୁଗୁଡ଼ା, ୩୦।୧୦(ସମିସ):** ଝାରସୁଗୁଡ଼ା କବରସ୍ଥାନ ପଡ଼ା ଅଞ୍ଚଳରୁ ପୁଲିସ ୯.୭୦ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ସଦର ଥାନା ଅଞ୍ଚଳର କଲ୍ୟାଣୀ କଲେତ (୨୧), ଆରତି ସୁନା (୪୭), ହାଲିମା ବେଗମ (୪୫), ଏସ୍‌କେ ଅଲତାଫ (୨୨) ବୋଲି ଝାରସୁଗୁଡ଼ା ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅପରେସନ୍ 'ନେତ୍ର'ର ଏକ ଅଂଶ ଭାବେ, ଝାରସୁଗୁଡ଼ା ପୁଲିସ ଅସାମାଜିକ କାର୍ଯ୍ୟକଳାପ, ନିଶା ଓ ଅସ୍ତ୍ରଶସ୍ତ୍ର ବେପାରୀ ଏବଂ ମହିଳା ବିରୋଧୀ ଅପରାଧ ଆଦି ଉପରେ ସତର୍କ ନଜର ରଖିଛି। ଝାରସୁଗୁଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଭୋରରେ ପୁଲିସ ଏକ ଦଳ ଗଠନ କରି ହନୁମାନ ମନ୍ଦିର ଛକ ନିକଟ କବରସ୍ଥାନପଡ଼ାରେ ଚଢ଼ଉ କରିଥିଲା। ସେଠାରୁ ୯.୭୦ ଗ୍ରାମ ଓଜନର ବ୍ରାଉନସୁଗର ଥିବା ଗୋଟିଏ ପଲିଥିନ୍ ପ୍ୟାକେଟ, ୮୦ ଖଣ୍ଡ ପ୍ଲାଷ୍ଟିକ୍, ଛୋଟ ପାତ୍ର, ବ୍ରାଉନସୁଗର ପ୍ୟାକିଂ ପାଇଁ ୯୫ଟି ଛୋଟ ରଙ୍ଗୀନ କାଗଜ ଖଣ୍ଡ, ନଗଦ ୭, ୪୭୦ ଟଙ୍କା, ୨ଟି ମୋବାଇଲ ଫୋନ ପୁଲିସ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# 'ମୋନ୍ଥା' ପ୍ରଭାବ: ବିଲରେ ପଡ଼ି ବର୍ଷାରେ ଭିଜୁଛି ଅମଳ ଧାନ

**ଝାରସୁଗୁଡ଼ା, ୩୦।୧୦(ସମିସ)**



ବାତ୍ୟା ମୋନ୍ଥା ପ୍ରଭାବରେ ୩ ଦିନ ହେଲା ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଗୁରୁବାର ସନ୍ଧ୍ୟାରେ ଖୁବ ଜୋର ବର୍ଷା ହୋଇଛି। ଜିଲ୍ଲାକୁ ୟଲୋ ୱାର୍ଣ୍ଣି ଜାରି କରିବା ସହ ୨ ଦିନ ଆହୁରି ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଅଦିନିଆ ବର୍ଷା ଜିଲ୍ଲାର ଚାଷୀକୁଳର ନିଦ ହଜାଇଛି। କିଛି ଦିନ ପୂର୍ବରୁ ସମସ୍ତ ବିଲରେ ସୁନାର ଫସଲ ହସୁଥିବା ବେଳେ ମନ୍ଥା ସବୁ ଓଲଟପାଲଟ କରିଦେଇଛି। ବାତ୍ୟା ମନ୍ଥାର ବର୍ଷା ପବନ ଯୋଗୁଁ ଲଖନପୁର, ଲାଇକେରା, କୋଲାବିରା, କିର୍ମିରା, ଝାରସୁଗୁଡ଼ା ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। ଶହଶହ ଏକର ଜମିରେ ଧାନ ଗଛ ଭାଙ୍ଗି ମାଟିରେ ମିଶି ଯାଇଛି। ଲଖନପୁର ବ୍ଲକର ଅଏଁଲାପଡ଼ା ଗାଁରେ କେବଳ ୩୦ରୁ ଊର୍ଦ୍ଧ୍ୱ ଏକର ଚାଷ ଜମିରେ ଫସଲ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଅନେକ ଚାଷୀ ଧାନ ଅମଳ କରି ବିଲରେ ଗଦା କରିଛନ୍ତି। କିଛି ଚାଷୀ ଖଳା ଏବଂ ଗାଁ ଦାଣ୍ଡରେ ଧାନ ରଖିଛନ୍ତି। ଅନେକ ଚାଷୀ ଏବେ ବିଲରୁ ଧାନ ଅମଳ କରୁଛନ୍ତି। ଅମଳ ସମୟରେ ଆସନ୍ତା ୪ ଦିନ ବର୍ଷା ହେଲେ ଚାଷୀର ଭାଗ୍ୟ ଓଲଟି ଯିବ। ବର୍ଷା ହେଲେ ସମସ୍ତ ଧାନ ନଷ୍ଟ ହେବାର ଆଶଙ୍କା ରହିଛି। ଚାଷୀ ଅମଳ କରି ଖଳା ଅବା ଗାଁ ଦାଣ୍ଡରେ ରଖିଥିବା ଧାନକୁ ପାଲ ଦ୍ୱାରା ଢାଙ୍କିବା ସହ ଅଖା ବସ୍ତାରେ ସୁରକ୍ଷା ଦେବାକୁ ଚେଷ୍ଟା କରୁଛି। ପ୍ରଥମେ ସାର ଅଭାବ ଯୋଗୁଁ ଅସୁବିଧାର ସମ୍ମୁଖୀନ ହୋଇଥିବା ଚାଷୀ ଏବେ ଅଦିନିଆ ବର୍ଷା ଯୋଗୁଁ ସର୍ବସ୍ୱ ହରାଇବାକୁ ବସିଛି।

# ଶିଶୁ ଆଶ୍ରୟ ଗୃହର ବାର୍ଷିକ ଉତ୍ସବ 'ମହକ'

**ଦେବଗଡ଼, ୩୦।୧୦(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ସେଣ୍ଟର ଫର କଲଚର ଠାରେ ଶିଶୁ ଆଶ୍ରୟ ଗୃହର ଅନ୍ତେବାସୀଙ୍କ ବାର୍ଷିକ ଉତ୍ସବ 'ମହକ' ମହା ସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ




ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଶିଶୁ ମଙ୍ଗଳ ସମିତି ଅଧକ୍ଷ୍ୟା ପିଙ୍କିରାଣୀ ନନ୍ଦ, କିଶୋର ନ୍ୟାୟ ପରିଷଦ ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ଗୃହର ଅନ୍ତେବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ନିଜ ପ୍ରତିଭାରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନୃତ୍ୟ ଓ ଗୀତର ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଗୁମାନ ସିଂ ମଞ୍ଚ ପରିଚାଳନା କରିଥିଲେ। କଳାକାର ରାକେଶ ଶତପଥୀ ଓ ସୁମନ ମହାକୁଳ ବିଚାରକ ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗରେ ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯେଉଁ ଅନ୍ତେବାସୀ ମାନେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କୁ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ସହାୟତାରେ ସାଇକେଲ ବଣ୍ଟନ କରା ଯାଇଥିଲା। ଅନ୍ତେବାସୀଙ୍କ ନୃତ୍ୟଗୁରୁ ଘନଶ୍ୟାମ ବେହେରା, ସଙ୍ଗୀତ ତାଲିମଦାତା ରୂପେନ୍ଦ୍ର ଗୁମାନସିଂ ଓ ଶ୍ରେଷ୍ଠ କର୍ମଚାରୀ ଭାବେ ଗଗନ ବିହାରୀ ବିଶ୍ୱାଳଙ୍କୁ ଉପଢୌକନ ପ୍ରଦାନ କରି ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରଯାଇଥିଲା।

ଉଦ୍‌ଯାପନୀ ଅଧିବେଶନରେ ଡିଏସପି ଅମୂଲ୍ୟ ପୁନମ ଲାକ୍ରା ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ମହିଳା ପୁଲିସ ଅଧିକାରୀ ଜସ୍ମିତା ମାଝି, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ମମତା ବିଶ୍ୱାଳ, ମହିଳା ଆଇନଜୀବୀ ସରୋଜିନୀ ମିଶ୍ର, ସିଡି ଅନୁଷ୍ଠାନର ସଂଯୋଜକ ସଂସାର ବାଗ ଓ ପ୍ରିୟଙ୍କା ବାରିକ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ଚିନ୍ମୟ ସ୍ୱାଇଁ, କ୍ରାନ୍ତିମଞ୍ଜରି ଧାଉନଳିଆ, ଦେବାରଞ୍ଜନ ପ୍ରଧାନ, କରିଶ୍ମା ମହାକୁଳ, ସୂର୍ଯ୍ୟକାନ୍ତି ଉମସାଗର, ଶ୍ରୀଦତ୍ତ ସାହୁ, ସତ୍ୟପ୍ରିୟା ପ୍ରଧାନ, ସୁଜିତ ନାୟକ, ଅଜିତ ନାୟକ ଓ ତପସ୍ୱିନୀ ମହାକୁଳ ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲା ସ୍ତରରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ମାନେ ଆସନ୍ତା ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# କ୍ରୀଡ଼ାରେ ବନ୍ଧବାହାଲ ଡିଏଭି ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ



**ବନ୍ଧବାହାଲ/ଝାରସୁଗୁଡ଼ା, ୩୦।୧୦(ସମିସ):** ଡିଏଭି ପବ୍ଲିକ ସ୍କୁଲ ଡେରା, ତାଳଚେର ଠାରେ ଚଳିତ ମାସ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ମୋଟ୍ ୬୨ଟି ବିଦ୍ୟାଳୟର ପ୍ରାୟ ୩୦୦୦ ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗ ଚେସ୍ ପ୍ରତିଯୋଗିତାରେ ରୌପ୍ୟ ପଦକ, ବାଳକ ବର୍ଗ କବାଡିରେ ସ୍ୱର୍ଣ୍ଣ ପଦକ; ୧୭ ବର୍ଷରୁ କମ୍ ବାଳିକା ବର୍ଗ ଲମ୍ବଡିଆଁ ଓ ଉଷୁରେ ଗୋଟିଏ ଲେଖାଁ ସ୍ୱର୍ଣ୍ଣ, ଡିସ୍କସ୍ ଥ୍ରୋରେ ଗୋଟିଏ ବ୍ରୋଞ୍ଜ, ବାଳକ ବର୍ଗ କରାଟେରେ ୨ ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ, ତାଏକ୍ୱଣ୍ଡୋରେ ଗୋଟିଏ ବ୍ରୋଞ୍ଜ, କବାଡିରେ ସ୍ୱର୍ଣ୍ଣ ପଦକ; ୧୯ ବର୍ଷରୁ କମ୍ ବାଳିକା ବର୍ଗ ୮୦୦ ମିଟର ଓ ୧୫୦୦ ମିଟର ଦୌଡରେ ଗୋଟିଏ ଲେଖାଁ ସ୍ୱର୍ଣ୍ଣ, ଲମ୍ବଡିଆଁରେ ଗୋଟିଏ ରୌପ୍ୟ, ୧୯ ବର୍ଷରୁ କମ୍ ବାଳକ ବର୍ଗ କରାଟେ ଓ ୪୦୦ ମିଟର ଦୌଡରେ ଗୋଟିଏ ଲେଖାଁ ରୌପ୍ୟ, ଭଲି ବଲରେ ଓ ୮୦୦ ମିଟର ଦୌଡରେ ଗୋଟିଏ ଗୋଟିଏ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ୍ କରିଛନ୍ତି ବୋଲି ବିଦ୍ୟାଳୟର ଅଧକ୍ଷ ପ୍ରଦୀପ ହୋତା ପ୍ରକାଶ କରିଛନ୍ତି। ଏ ସମସ୍ତ ପ୍ରତିଯୋଗୀ କେବଳ ବ୍ରୋଞ୍ଜ ପଦକଧାରୀଙ୍କୁ ଛାଡି ଦେଲେ ସମସ୍ତେ ଜାତୀୟ ସ୍ତରରେ ଖେଳିବାକୁ ମନୋନୀତ ହୋଇଥିବା ପ୍ରକାଶ। ଏଥିରେ ସମଗ୍ର ବିଦ୍ୟାଳୟରେ ଖୁସିର ଲହରି ଦେଖିବାକୁ ମିଳିଥିଲା।

## ମଦ ସହ କାର୍ ଜବତ, ଜଣେ ଗିରଫ

**ଦେବଗଡ଼, ୩୦।୧୦(ସମିସ):** ବେଆଇନ ଦେଶୀ ମଦ ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ସ୍ୱିଫ୍ଟ କାର ସହ ବେଆଇନ ୬୦ ଲିଟର ଦେଶୀ ମଦ ଜବତ ହୋଇଥିବା ଜଣା ପଡ଼ିଛି। ରାତିରେ ଅବକାରୀ ବିଭାଗ ପକ୍ଷରୁ ପେଟ୍ରୋଲିଂ ହେଉଥିଲା। ଦେବଗଡ଼ ଥାନା ଅଧୀନ ବଲମ ଶାସନ ସାହି ନିକଟରେ କାରକୁ ଯାଞ୍ଚ ବେଳେ ଗାଡି ମଧ୍ୟରୁ ବେଆଇନ ଚାଲାଣ ହେଉଥିବା ଦେଶୀ ମଦ ରହିଥିବା ଜଣାପଡ଼ିଥିଲା। ଅବକାରୀ ବିଭାଗ କର୍ମଚାରୀ ଉକ୍ତ କାର ସହ ଗାଡିରେ ଥିବା ଦେଶୀ ମଦ ଜବତ କରିଥିଲେ। ଗାଡି ଚାଳକ ବାରକୋଟ ଥାନା ଅଧୀନ ବାହାଡାପୋଷି ଗାଁର ଶଙ୍କର ସିଂ (୪୩)କୁ ଅଟକରଖି ପଚରା ଉଚୁରା ଜାରି ରହିଛି।

## ରାଷ୍ଟ୍ରୀୟ ପୋଷଣ ମାସ ଉଦ୍‌ଯାପିତ

**ବିଜେପୁର, ୩୦।୧୦(ସମିସ):** ପୋଷଣକୁ ଆଧାର କରି ଶିଶୁ ସୁସ୍ଥତା ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ବରଗଡ଼ ଜିଲ୍ଲା ବିଜେପୁର ଆଇସିଡିଏସ ପ୍ରକଳ୍ପ ଠାରେ ୮ମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେପୁର ବ୍ଲକ ଅଧୀନ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର କର୍ମୀ, ସୁପରଭାଇଜର, ଆଶା କର୍ମୀ, ସ୍ୱାସ୍ଥ୍ୟ ସେବିକା, ଶିଶୁ ଓ ମାତୃଗଣ, ସହିତ ସ୍ଥାନୀୟ ଗଣମାନ୍ୟ ଉପସ୍ଥିତ ହୋଇଥିଲେ। ଆମରିସିଏନ ଏକ୍କାଙ୍କ ପୌରୋହିତ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ, ବିଡିଓ ସଂଯୁକ୍ତା ସାହୁ, ଭିଏସ ଦୀପାଳି ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ଅତାବିରା, ୩୦।୧୦(ସମିସ):** ଅତାବିରା ବ୍ଲକ୍ ଅଧୀନ ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ବିଶିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୩୯ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରେ ନିକିତା କର୍ଣ୍ଣ, ମୋନାଶ୍ରୀ ବେହେରା, ନିୟତି ଗେଙ୍ଗୋ, କନିଷ୍ଠ ବିଭାଗରେ ପ୍ରତୀକ୍ଷା କର୍ଣ୍ଣ, ରୀତିକ୍ଷା କର୍ଣ୍ଣ, ପ୍ରିତିଶ କର୍ଣ୍ଣ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପୋଡ଼, ଡିଲେଶ୍ୱର ପ୍ରଧାନ, ଦିନେଶ ମହାକୁର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଋଷଭ ମେହେର ଶିକ୍ଷୟିତ୍ରୀ ବବଲିରାଣୀ ଗଡ଼ତିଆ, ମଥୁରା ପଧାନ, ରଞ୍ଜିତା କ୍ଷେତୀ ଏବଂ ଝରଣା ମହାକୁର ପ୍ରମୁଖ ସହଯୋଗ କରିଥିଲେ।

## ବରପାଲି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସମ୍ମାନ

**ବରପାଲି, ୩୦।୧୦(ସମିସ):** ବରପାଲି ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଯୁଗସ୍ରଷ୍ଟା ରାଧାନାଥ ଓ ସମକାଳୀନ କବିଙ୍କ ପ୍ରଭାବ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ସୁଶୀଲ ଶତପଥୀ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଉତ୍ତର ଗଡ଼ତିଆ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀରାମ ମହାବିଦ୍ୟାଳୟ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଅଶ୍ୱିନୀ ପର୍ଡ଼ିଆ ବକ୍ତବ୍ୟ ରଖିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ଡ.ବିଶ୍ୱନାଥ ସାହୁ। ଏଥିରେ ତପସ୍ୱିନୀ ଷଡଙ୍ଗୀ, କବିତା ସା, ବିଜେ ମେହେର, ନିତ୍ୟମ ପରିଡ଼ା, ଶ୍ରୀମନ୍ତ ନାରାୟଣ ତ୍ରିପାଠୀ, ଅନୁପମା ପଧାନ, ରୁକ୍ମିଣୀ ଭୁଏ, ବର୍ଷା ଭୋଇ ପ୍ରମୁଖ ଛାତ୍ରଛାତ୍ରୀ ବିଷୟ ସମ୍ପର୍କିତ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଅରୁଣ ବାରିକ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା 'ବାସନ୍ତୀ'ର ନୂତନ ସଂଖ୍ୟା ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଶେଷରେ ଅଧ୍ୟାପିକା ଡ.ସମ୍ବିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୬ ସୋମବାର ମାନସିକ ବ୍ରତ ସମ୍ପନ୍ନ

**ବରଗଡ଼, ୩୦।୧୦(ସମିସ):** ବରଗଡ଼ ବ୍ଲକ ଅଧୀନ ବରଡୋଲ ପଞ୍ଚାୟତ ନଦୀପଡ଼ା ଡାଙ୍ଗ ଗାଁରେ ଗତ ଶ୍ରାବଣ ମାସ ପ୍ରଥମ ସୋମବାର ଠାରୁ ଆରମ୍ଭ ହୋଇଥିବା ୧୬ ସୋମବାର ମାନସିକ ବ୍ରତ କାର୍ତ୍ତିକ ମାସ ପଞ୍ଚମୀ ତିଥି ଶେଷ ସୋମବାର ମାଁ ଭୈରବୀଙ୍କ ପୀଠରେ ଉଦ୍‌ଯାପିତ ହୋଇଯାଇଛି। ଲଳିତ ବିଶି ଓ ଅହଲ୍ୟା ବିଶି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୁଲୁ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ୍ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂଜାରେ ଯୋଗ ଦେଇଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଶରତ ବିଶି, ହିଲନ ବିଶି, କାହ୍ନୁ ବିଶି, ପୂର୍ଣ୍ଣ ବିଶି, ରାକେଶ ବିଶି, ଗୋବର୍ଦ୍ଧନ ବିଶି, ଅଶୋକ ବିଶି, ଦିନେଶ ବିଶି, ମନୋଜ ବିଶି, ଭରତ ବିଶି, ଦିବ୍ୟ ବିଶି, ମିଳନ ସାହା, ରାଜ ବାନଛୋର, ସମାରୁ ଭୁଏ, ସୁରଜ୍ ଗୁରୁ, ସଞ୍ଜୟ ପଧାନ ଓ ଲକ୍ଷ୍ମୀ ପୂଜା କମିଟି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


## ବିଶ୍ୱ ମିତବ୍ୟୟିତା ଦିବସ

**ଦେବଗଡ଼, ୩୦।୧୦(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଗୌତମ ବାଘଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଓ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର ଅର୍ଥ ସଞ୍ଚୟ ସହ ସାଇବର ଠକେଇରୁ ବଞ୍ଚିବା ଉପାୟ ଉପରେ ଆଲୋକପାତ କରିଥିଲେ। ପୋଷ୍ଟମାଷ୍ଟର ସନ୍ତୋଷ ସାମଲ ଡାକଘରେ ନିଜ ସଞ୍ଚୟ ଅର୍ଥ ଜମା କରିବା ସହ ଡାକ ବିଭାଗର ସଞ୍ଚୟ ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଅବଗତ କରାଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଅର୍ଥ ଦେଇ ପୁରସ୍କୃତ କରାଯାଇଥିଲା। ବୈଠକରେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଅଞ୍ଜୁନି କୁଜୁର, ଏଜଲିନ୍ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜନତା ହାଇସ୍କୁଲରେ ଅମ୍ବାଭୋନା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ

**ଅମ୍ବାଭୋନା, ୩୦।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଲାଲ ମୋହନ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଡିପିଇଓ ସୁଦୀପ୍ତ ନାୟକ, ଜନତା ହାଇସ୍କୁଲ ଭୁକ୍ତାର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକ, ପଞ୍ଚ ସଖା ଶିକ୍ଷା ସେତୁର ଅଧକ୍ଷ ପ୍ରେମ କିଶୋର ପଟେଲ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସାନନ୍ଦ ଦେହେରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରନ୍ତିଦେବ ନାୟକ ମଞ୍ଚାସୀନ ଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟରୁ ମନୋନୀତ ପ୍ରତିଯୋଗୀ ଏହି କ୍ରୀଡା ଉତ୍ସବରେ ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଆଦି ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାସ୍ତରୀୟ କ୍ରୀଡା ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ମଧ୍ୟରୁ ଚୟନ କରାଯାଇଥିଲା। ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ ମେହେର, କେଦାରନାଥ ଆଦିବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥ ଓ ହୀରାଧର ହାଇସ୍କୁଲ ଭୈନାତୋରାର ପ୍ରଧାନଶିକ୍ଷକ ବାବୁଲାଲ ପ୍ରଧାନ ପରିଦର୍ଶନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡା ଉତ୍ସବ ପରିଚାଳନାରେ ବ୍ଲକ କ୍ରୀଡା ସଂସଦର କ୍ରୀଡା ଶିକ୍ଷକ କାର୍ତ୍ତିକ ସାମ୍ରଥ, ହରବଲ୍ଲଭ ପଧାନ, ତୋଷରାମ ଦାଶ, ରଞ୍ଜିତ ସାହୁ, କଷ୍ଟ ସାହୁ, ବିନୋଦ ସେଠ୍, ଶାନ୍ତନୁ ମିଶ୍ର, ସୁଶୀଳ ଚାନ୍ଦ, ସ୍ୱାଧୀନ ସରୋଜ ସାହୁ, ସାଧୁ ଚରଣ ଭୋଇ, ପ୍ରଭାସ ଚନ୍ଦ୍ର ଭୋଇ, ଜୀବନ ଜ୍ୟୋତି ବାରିକ, ବିକାଶ ପ୍ରଧାନ, ସମୀର ବିଶ୍ୱାଳ, ଫଣିନ୍ଦ୍ରନାଥ ସାହୁ, ଅନୀଲ ନାୟକ, କ୍ରୀଡା ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ, କିରଣ ଦୋରା, ରୀନା ମେହେର, ରଜନୀ ଖମାରୀ, ଜନତା ହାଇସ୍କୁଲର ନେତାଜୀ ସ୍କାଉଟ ଏବଂ ଜୁନିୟର ରେଡ୍‌କ୍ରସର ସଦସ୍ୟଙ୍କ ସମେତ ଶିକ୍ଷକ ଶ୍ରୀପତି ସାହୁ, ଶିକ୍ଷକ ସଞ୍ଜୟ ଖମାରୀ, ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଅମୂଲ୍ୟ ଭୋଇ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରାଜ ଭୁଏ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ କାର୍ତ୍ତିକ ସାମ୍ରଥ ଧନ୍ୟବାଦ ଅର୍ପଣ କରିଥିଲେ।


# ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ 'ଯୋଗମାୟା ପୂର୍ଣ୍ଣମାସୀ' ପୁସ୍ତକ ଉନ୍ମୋଚିତ



**ବରପାଲି, ୩୦।୧୦(ସମିସ):** ପୂର୍ଣ୍ଣମାସୀଙ୍କ ବାର୍ଷିକ ସ୍ନାନ ଉତ୍ସବ ଅବସରରେ ବରପାଲି ନିକଟସ୍ଥ କୁମ୍ଭାରୀ ଶାସ୍ତ୍ରୀ ପଡ଼ା ଠାରେ ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ନିକଟ ଶ୍ରୀରାମ ମନ୍ଦିର ପରିସରରେ ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଗବେଷକ ଶାସ୍ତ୍ରୀୟ ଶବ୍ଦନୃତ୍ୟ ଗୁରୁ ଭାଗବତ ପଧାନଙ୍କ ରଚିତ 'ଯୋଗମାୟା ପୂର୍ଣ୍ଣମାସୀ' ପୁସ୍ତକ ଉନ୍ମୋଚନ ହୋଇଯାଇଛି। ସଭାରେ ଅଭିନେତା ନିର୍ଦ୍ଦେଶକ ପ୍ରଦୀପ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ତରଣୀସେନ ବୁଧିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଶିକ୍ଷାବିତ ସାହିତ୍ୟିକ ପ୍ରାକ୍ତନ ଅଧକ୍ଷ ଟେକଚାନ୍ଦ ଦୁଆନ, ପୁସ୍ତକ ସମୀକ୍ଷକ ମୁଖ୍ୟ ବକ୍ତା ସାହିତ୍ୟିକ ମନୋରଞ୍ଜନ ମେହେର, ସମ୍ମାନିତ ଅତିଥି ଶିକ୍ଷାବିତ ସାହିତ୍ୟିକ କବି ଡ.ସୁବାସ ଚନ୍ଦ୍ର ପାତ୍ର, କବି ଉଦ୍ଧବ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅଭିନେତା ନିର୍ଦ୍ଦେଶକ ରାମଜୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ସାହୁ, ମାଖନୁ ସାହୁ, ଝାଡେଶ୍ୱର ପ୍ରଧାନ, ହର୍ଷ ବେହେରା, ବଡ ବାବୁ, ପୂର୍ଣ୍ଣଚନ୍ଦ୍ର ଭୋଇ, ଫଣୀନ୍ଦ୍ର ପଧାନ, ସୁରେନ୍ଦ୍ର ଭୋଇ, ରାଜୁ ସାହୁ, ନିତ୍ୟାନନ୍ଦ ପ୍ରଧାନ, ଖଗେଶ୍ୱର ଭୋଇ, ପରବିନ ସାହୁ, ବୀରେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସମସ୍ୟା ଘେରରେ ବ୍ରଜରାଜନଗର ପୌରପରିଷଦ

**ଝାରସୁଗୁଡ଼ା, ୩୦।୧୦(ସମିସ)**



ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ୱାର୍ଡ ନମ୍ବର ୨୩ର ବଡ଼େଇକଣ୍ଟା ବିଭିନ୍ନ ସମସ୍ୟାରେ ଜର୍ଜରୀତ ହୋଇ ରହିଛି। ବଡ଼େଇକଣ୍ଟା ପୌରପରିଷଦ ଅଧୀନରେ ଆସୁଥିଲେ ହେଁ ଏଠାରେ କୌଣସି ସୁବିଧା ଉପଲବ୍ଧ ନାହିଁ। ଅଙ୍ଗନବାଡି କେନ୍ଦ୍ର ଭାଙ୍ଗି ଛାତରୁ ସିମେଟ ଅତଡା ଖସୁଛି। ପାଖରେ ଥିବା ମୁକୁଳା କୂଅଟି ଅନାବନା ଘାସ ଘେର ମଧ୍ୟରେ ରହିଛି। ଫଳରେ ଛୁଆଙ୍କୁ ଅଙ୍ଗନବାଡି ପଠାଇବାକୁ ଡର ମାଡୁଛି ବୋଲି ଗାଁର ରମେଶ ବଡ଼େଇ କହିଛନ୍ତି। ସେହିପରି ୧୩ ବର୍ଷ ହେଲା ଅଞ୍ଚଳର ନଳକୂଅ ଅଚଳ ହୋଇପଡ଼ିଛି। ପୋଖରୀରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇଥିବା ବେଳେ ଗାଧୁଆ ଘାଟ ଟିଏ ମଧ୍ୟ ନାହିଁ। ଯାହାଫଳରେ ପିଇବା ପାଣି ଠୁ ନେଇ ଗାଧୁଆ ପାଧୁଆ ସବୁଥିରେ ଅସୁବିଧା ହେଉଥିବା ସବିତା ଭୋଇ କହିଛନ୍ତି। ସେହିପରି କ୍ଲବ୍ ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ବେଳେ ନାମଯଜ୍ଞ ମଣ୍ଡପ ଟିଏ ନଥିବା ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ। ଅଞ୍ଚଳବାସୀ ପୌର ପରିଷଦ କର୍ତ୍ତୃପକ୍ଷ ତଥା ସ୍ଥାନୀୟ କାଉନସିଲରଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିବା କହିଛନ୍ତି।

**୧୩ ବର୍ଷ ହେଲା ନଳକୂଅ ଅଚଳ**

**ଅଳିଆ ଆବର୍ଜନାରେ ପୋଖରି ଭର୍ତ୍ତି**

ତୁରନ୍ତ ସମସ୍ତ ସମସ୍ୟା ସମାଧାନ ଦିଗରେ ପୌରପରିଷଦ ପଦକ୍ଷେପ ଗ୍ରହଣ କରୁ ବୋଲି ବଡ଼େଇକଣ୍ଟାବାସୀ ଦାବି ଜଣାଇଛନ୍ତି।

# ଅଞ୍ଚଳ ମହାବିଦ୍ୟାଳୟରେ ବ୍ଲକସ୍ତରୀୟ ତର୍କ ପ୍ରତିଯୋଗିତା



**ପଦ୍ମପୁର, ୩୦।୧୦(ସମିସ):** ଅଞ୍ଚଳ ମହାବିଦ୍ୟାଳୟରେ ବ୍ଲକ ସ୍ତରୀୟ ଓଡ଼ିଆ ଓ ଇଂରାଜୀ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ସାଇବର ସୁରକ୍ଷା ଘରୁ ଆରମ୍ଭ ହୁଏ' ଶୀର୍ଷକ ଉପରେ ତର୍କ ହୋଇଥିଲା। ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ତଥା ଦେବଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ମେଜର ସିଆର ଦାଶ, ପ୍ରାକ୍ତନ ପ୍ରଫେସର ବିଦ୍ୟାଧର ଦାଶ ଏବଂ କମ୍ପ୍ୟୁଟର ବିଶେଷଜ୍ଞ ସୁଶାନ୍ତ ବଡ଼େଇ ପ୍ରମୁଖ ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ.ସରୋଜ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଇତିହାସ ଅଧ୍ୟାପକ ବାଳଗୋପାଳ ମେହେର ଓ ଓଡ଼ିଆ ଅଧ୍ୟାପକ ନିର୍ମଳ କୁମ୍ଭାର ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର, ମହିଳା ଡିଗ୍ରୀ ମହାବିଦ୍ୟାଳୟ ପଦ୍ମପୁର, ଜିଷ୍ଟ ମହାବିଦ୍ୟାଳୟ ପଦ୍ମପୁର, ଜେନିଥ୍ ମହାବିଦ୍ୟାଳୟ ପଦ୍ମପୁର ଏବଂ ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟ ବରିକେଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

'ମୋନ୍ଥା' ପ୍ରଭାବରେ ଖରିଫ୍ ଧାନ ଫସଲ

# ଲୋଟିଲା ଧାନ, କ୍ଷତିଗ୍ରସ୍ତ ଚାଷୀ

**ସମ୍ବଲପୁର, ୩୦।୧୦ (ସମିସ)**

ବାତ୍ୟା 'ମୋନ୍ଥା' ପ୍ରଭାବରେ ପବନ ଓ ଝିପି ଝିପି ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲାର ସମସ୍ତ ଉପଖଣ୍ଡରେ ଧାନ ଚାଷ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଧାନ କ୍ଷୀର ଧରିବା ସମୟରେ ଗତ ପ୍ରାୟ ୩ ଦିନ ଧରି ବର୍ଷା ଓ





ପବନ ଯୋଗୁଁ ଧାନଗଛ ଗୁଡ଼ିକ ଭୂଇଁରେ ଲୋଟିଯାଇଛି। ଏହି ଗଛ ଗୁଡ଼ିକ ଜମିଥିବା ପାଣିରେ ପଡ଼ି ପଚିଯିବା ଆଶଙ୍କା ରହିଛି। ଅନ୍ୟପକ୍ଷରେ କମ୍‌ଦିନ ଅବଧିର ଧାନ ଫସଲକୁ ଚାଷୀମାନେ ଅମଳ କରି ଧାନପେଟା କ୍ଷେତରେ ପକାଇ ରଖିଥିଲେ। ତାହା ସମ୍ପୂର୍ଣ୍ଣ ଭାବେ ଓଦା ହୋଇଯାଇଛି। ପନିପରିବା ଓ ଅନ୍ୟ ଚାଷୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ସମ୍ବଲପୁର ଜିଲ୍ଲାରେ ଗତ ୨୯ ତାରିଖ ବିଭିନ୍ନ ସ୍ଥାନରେ ମୋଟ ୧୪୭.୪୦ ମିମି ଏବଂ ୩୦ ତାରିଖ ୬୩ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ। ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ଦକ୍ଷିଣ ଓଡ଼ିଶାରେ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବାବେଳେ ସମ୍ବଲପୁର ଜିଲ୍ଲା ମଧ୍ୟ ଏଥିଯୋଗୁଁ ପ୍ରଭାବିତ ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ଅନ୍ୟ ଜିଲ୍ଲା ସମେତ ସମ୍ବଲପୁର ଜିଲ୍ଲାକୁ ୨୯, ୩୦ ଓ ୩୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ତିନିଦିନ ପାଇଁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ଗତ ୨୮ ତାରିଖରୁ ଦିନତମାମ ସମ୍ବଲପୁରରେ କୋହଲା ପାଗ ଲାଗିରହିଛି। ମଝିରେ ମଝିରେ କେତେକ ସ୍ଥାନରେ ଝିପି ଝିପି ବର୍ଷା ମଧ୍ୟ ହେଉଛି। ଏହାକୁ ନେଇ ଚାଷୀ ମହଲରେ ଆତଙ୍କ ଖେଳିଯାଇଛି। ଚଳିତବର୍ଷ ବମ୍ପର କ୍ରପ୍ ହୋଇଥିବାବେଳେ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ଚାଷୀ ଧାନ ଫସଲ ଅମଳ ଆରମ୍ଭ କରିଥାନ୍ତା। ଛୋଟ ଧାନ ଗୁଡ଼ିକ ଅମଳ କରି କ୍ଷେତରେ ଧାନ ପେଟା ଗୁଡ଼ିକ ଶୁଖାଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ସେହି ଧାନ ପେଟା ଗୁଡ଼ିକ ଝିପିଝିପି ବର୍ଷାରେ ସମ୍ପୂର୍ଣ୍ଣ ରୂପେ ଓଦା ହୋଇ ପାଣି ସରସର ହୋଇଯାଇଛି। ଜିଲ୍ଲାର କେତେକ ସ୍ଥାନରେ ଗତକାଲି ଓଦା ଧାନପେଟାକୁ ନେଇ ଥ୍ରେସର୍‌ରେ ଧାନ ଅମଳ କରୁଥିବା ଦେଖାଯାଇଥିଲା। ବାତ୍ୟା 'ମୋନ୍ଥା' ଯୋଗୁଁ ଧାନ ଗଛ ଗୁଡ଼ିକ ଭୂଇଁରେ ଲୋଟିଯାଇଥିବାବେଳେ ଓଦା ହୋଇଯାଇଥିବାରୁ ଏଥର ଅମଳ ପ୍ରଭାବିତ ହୋଇ ବ୍ୟାପକ କ୍ଷତି ହେବା ଚାଷୀ ମହଲରେ ଆଶଙ୍କା ପ୍ରକାଶ କରାଯାଇଛି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ସମ୍ବଲପୁର ଜିଲ୍ଲାର ସମସ୍ତ ଉପଖଣ୍ଡ - ସଦର, କୁଚିଣ୍ଡା ଓ ରେଢ଼ାଖୋଲରେ ଅମଳକ୍ଷମ ଧାନ କ୍ଷେତରେ ଲୋଟିଯାଇଛି। ଏହାଦ୍ୱାରା ଧାନ ଅମଳ ପ୍ରଭାବିତ ହେବ ଏବଂ ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ସରକାର ତଥା ଜିଲ୍ଲା ପ୍ରଶାସନ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ସହାୟତା ଯୋଗାଇଦେବାକୁ ସଭାପତି ଶ୍ରୀ ମିଶ୍ର ଦାବି କରିଛନ୍ତି। କୃଷକ ସୁରକ୍ଷା ସଙ୍ଗଠନ ସମ୍ପାଦକ ଦେବେନ ପ୍ରଧାନ ବାତ୍ୟା 'ମୋନ୍ଥା'ର ପ୍ରଭାବ ସମ୍ବଲପୁର ଜିଲ୍ଲାର ଖରିଫ ଫସଲ ଉପରେ ପଡ଼ିଥିବା କହିଛନ୍ତି। କ୍ଷୀର ଧରିବା ସମୟରେ ଧାନ ଗଛ ପଡ଼ିଯାଇଥିବାରୁ ବେଶୀ ମାତ୍ରାରେ ଧାନରେ ପୋଲ ବାହାରିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ବ୍ଲକରେ ପବନ ଓ ବର୍ଷା ଯୋଗୁଁ ଧାନଗଛ ଗୁଡ଼ିକ ପଡ଼ି ପାଣିରେ ଭାସୁଛି ବୋଲି ବାମରାର ଚାଷୀ ଯୋଗ ବିହାରୀ ପରିଡ଼ା କହିଛନ୍ତି। ପାକଳ ହୋଇଥିବା ଅମଳକ୍ଷମ ଧାନଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅମଳ ହୋଇଥିବା ଧାନପେଟା ଗୁଡ଼ିକ ବର୍ଷାରେ ଓଦା ହୋଇ ନଷ୍ଟ ହୋଇଯାଇଛି। ଆଜି ଗୁରୁବାର ମଧ୍ୟ ଉପଖଣ୍ଡର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକ କୃଷି ଅଧିକାରୀ ଓ ତହସିଲଦାର ମିଳିତଭାବେ କ୍ଷୟକ୍ଷତି ସର୍ବେକ୍ଷଣ ଆରମ୍ଭ ହୋଇଯାଇଥିବାବେଳେ ଆସନ୍ତା ୩ ତାରିଖ ସୁଦ୍ଧା ଆକଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ନୂତନ ସେଠ ସୂଚନା ଦେଇଛନ୍ତି।

■ ସଫେଇ କର୍ମଚାରୀଙ୍କୁ ଚାକିରି ମାମଲା

## ଜେଲ ଗଲେ ୧୮ ଅଭିଯୁକ୍ତ



**ସମ୍ବଲପୁର, ୩୦।୧୦ (ସମିସ):** ସଫେଇ କର୍ମଚାରୀ ଚାକିରି ବିକ୍ରି ମାମଲାରେ ଗତକାଲି ଅଟକ ରଖାଯାଇଥିବା ୧୮ ଜଣ ଏଜେଣ୍ଟ, ସୁପରଭାଇଜରଙ୍କୁ ବୁର୍ଲା ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବୁର୍ଲା ଥାନା କୁଦୋପାଲିର ରାହୁଲ ବାଗ, କର୍ଡୋଲାର ପଞ୍ଚାନନ ଲୁହା, ମାରାଙ୍ଗୁଲାର ମୁରଲୀ ତାଣ୍ଡିଆ, କୁଦୋପାଲିର କୁଞ୍ଜବନ ମହାନନ୍ଦ, କୁଦ-ତମଡ଼ାର ହଳଧର ସାହୁ, କର୍ଡୋଲାର ଦିଲେଶ୍ୱର ରଣବିଡ଼ା, ମାରଙ୍ଗୁଲାର ସୁଶୀଲ ବାଗ, ଚିପିଲିମାର ବେଣୁଧର ଲୁହା, କୁଦୋପାଲିର ସନୋଜ ବାଗ, ଧନୁପାଲି ଥାନାର ରାଜକିଶୋର ବାଦୀ, ଧମା ଥାନା ଦେଓଗାଁର ଯଶୋବନ୍ତ ଲୁହା, ଜୟଘଣ୍ଟର ନନ୍ଦକିଶୋର ବାଦୀ ଓ ଗୁଲାବନ୍ଧର ବନ ବାଦୀ, ବୁର୍ଲା ଥାନା ଚାରପାଲିର ଭାଗ୍ୟଶ୍ରୀ ମହାନନ୍ଦ, ଧନୁପାଲି ଥାନା ନକ୍ସାପାଲିର ଜମ୍ବୁବନ୍ତୀ ବାଗ, ଧନୁପାଲି ଥାନାର ଦିପ୍ତୀରାଣୀ ବାଦୀ ଓ ଲିପି ବାଦୀ ଏବଂ ବରେଇପାଲି ଥାନା ମାଲିପଡ଼ାର ସଞ୍ଜୁ ସୁନା। ସମସ୍ତ ଅଭିଯୁକ୍ତଙ୍କୁ ଅଦାଲତରେ ଉପସ୍ଥାପନ ପରେ ଜାମିନା ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସଫେଇ କର୍ମଚାରୀ ଚାକିରୀ ବିକ୍ରି ମାମଲାରେ ଗତ ୨୩ ତାରିଖ ପର୍ଦ୍ଦାଫାସ ହେବା ପରଠାରୁ ପ୍ରତିଦିନ ନୂତନ ତଥ୍ୟ ଲୋକଲୋଚନକୁ ଆସିବାସହ ବହୁସଂଖ୍ୟାରେ ଲୋକ ଆସି ଅଭିଯୋଗ କରୁଛନ୍ତି। ଏହି ମାମଲାରେ ବିଭିନ୍ନ ଜିଲ୍ଲାର ଶହ ଶହ ଗରିବ ପରିବାର ଠକେଇର ଶିକାର ହୋଇଛନ୍ତି। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରାହୁଲ ଓରଫ୍ ସମ୍ରାଟ ସାହୁ ଓ ସହଯୋଗୀ ପଦ୍ମାବତୀ ତାଣ୍ଡି ଗିରଫ ହୋଇଛନ୍ତି। ରାହୁଲକୁ ରିମାଣ୍ଡରେ ଆଣି ପଚରାଉଚୁରା ସମୟରେ ସେ କହିବା ଅନୁଯାୟୀ ୧୩ ଜଣ ପୁରୁଷ ଓ ୫ ଜଣ ମହିଳା ଏଜେଣ୍ଟ / ସୁପରଭାଇଜର ମୋଟ ୧୮ ଜଣଙ୍କୁ ଥାନାକୁ ଆଣି ଗତକାଲି ପଚରାଉଚୁରା କରାଯାଇଥିଲା। ସେମାନଙ୍କୁ ପୁଲିସ ଅଟକ ରଖି ଅଧିକ ତଦନ୍ତ କରୁଥିବାବେଳେ ଆଜି ଗିରଫ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୩ ତାରିଖ ପୁଲିସ ଦୁଇଜଣ ଅଭିଯୁକ୍ତ ରାହୁଲ ଓ ପଦ୍ମାଙ୍କୁ ଗିରଫ କରିବା ସମୟରେ ସେମାନଙ୍କଠାରୁ ୬୨ ଲକ୍ଷ ଟଙ୍କା ଜବତ କରିଥିବାବେଳେ ଗତକାଲି ଚାରପାଲିର ଭାଗ୍ୟଶ୍ରୀ ମହାନନ୍ଦଙ୍କଠାରୁ ୧୩ ଲକ୍ଷ ଟଙ୍କା ଜବତ କରାଯାଇଛି।

## ମାଛ ମାରିବାକୁ ଯାଇ ଯୁବକ ନିଖୋଜ

**ସମ୍ବଲପୁର, ୩୦।୧୦(ସମିସ):** ସମ୍ବଲପୁର ସହର ଉପକଣ୍ଠସ୍ଥ ବୁର୍ଲା ଥାନା ଚିପିଲିମା ଫାଣ୍ଡି କର୍ଡୋଲା ଗ୍ରାମର ଜଣେ ଯୁବକ ବାଦଲ ସେଠ (୨୫) ଆଜି ଅପରାହ୍ଣରେ ମହାନଦୀକୁ ମାଛ ମାରିବାକୁ ଯାଇ ନିଖୋଜ ଅଛନ୍ତି। ତାଙ୍କୁ ବହୁ ଖୋଜାଖୋଜି କଲା ପରେ ବି କୌଣସି ସନ୍ଧାନ ମିଳୁନାହିଁ। ସୂଚନା ଅନୁଯାୟୀ ଅପରାହ୍ଣ ପ୍ରାୟ ୪ଟା ସମୟରେ ବାଦଲ ଓ ତାଙ୍କ ବାପା ଏକ ଛୋଟ ଡଙ୍ଗାରେ ମହାନଦୀ ଘାଟକୁ ଜାଲ ଧରି ମାଛ ମାରିବାକୁ ଯାଇଥିଲେ। ଜାଲଟି ଏକ ବଡ଼ ପଥରରେ ଲାଖିଯିବାରୁ ବାଦଲ ଡଙ୍ଗାରୁ ଓହ୍ଲାଇ ପାଣି ଭିତରକୁ ଯାଇ ନିଖୋଜ ହୋଇ ଯାଇଥିଲେ। ଖୋଜାଖୋଜି କଲେ ବି ମିଳିଲେ ନାହିଁ। ଜଳସ୍ରୋତ ଥିବାରୁ ସେ ତଳ ପଟକୁ ଭାସିଯାଇ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ବୁର୍ଲା ଦମକଳ ବାହିନୀକୁ ଖବର ଦିଆଯାଇଛି। ତେବେ, ଆଜି ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ସକାଳେ ସେମାନେ ମହାନଦୀର ତଳପଟକୁ ଖୋଜିବା କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

**କୁଚିଣ୍ଡା, ୩୦।୧୦(ସମିସ):** କୁଚିଣ୍ଡା ଥାନା ଅଧୀନ ତେଲିତିଳେଇମାଲ ଗ୍ରାମ ଅଧୀନ ବରଘାଟ ଗ୍ରାମର ରଞ୍ଜିତ ମୁଣ୍ଡାଙ୍କ ପୁଅ ସନାତନ ମୁଣ୍ଡା (୯) ପୋଲଛାପାଳ ପଡ଼ାର ନିଜ ଘର ଆଗରେ ସନ୍ଧ୍ୟାରେ ଖେଳୁଥିବା ବେଳେ ବିଦ୍ୟୁତ ଖୁଣ୍ଟକୁ ସପୋଟ ଦେଇଥିବା ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ପିଲାଟିର ଜୀନ ଚାଲିଯାଇଥିଲା। ପରିବାର ଲୋକ ତୁରନ୍ତ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଘରେ ପଶି ଚୋରି ଅଭିଯୋଗରେ ୩ ବର୍ଷ ଜେଲ

**ସମ୍ବଲପୁର, ୩୦।୧୦ (ସମିସ) :** ଘରେ ପଶି ଚୋରି କରିବା ଅଭିଯୋଗର ଆଜି ଶୁଣାଣି କରି ସମ୍ବଲପୁର ଅଦାଲତରେ ବିଚାରପତି ସ୍ୱୟଂସିକ୍ତା ପତି, ଜେଏମ୍‌ଏଫସି-୨(ସିଟି) ସମ୍ବଲପୁର ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଖର୍ସେଲ (୩୦) କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବ। ଏହି ମାମଲାକୁ ଏପିପି ତ୍ରିନାଥ ପଣ୍ଡା ପରିଚାଳନା କରୁଥିଲେ। ସୂଚନା ଅନୁଯାୟୀ, ୧୦-୧୦-୨୦୧୯ ଦିନ ଅପରାହ୍ଣ ପ୍ରାୟ ୨ଟା ସମୟରେ ଘରେ ଅଭିଯୋଗକାରୀ ଏବଂ ତାଙ୍କ ପତ୍ନୀ ନଥିବାବେଳେ ଯୁଯୋମୁରା ଥାନା କୁଲସର ଗ୍ରାମର ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଖର୍ସେଲ ତାଲା ଭାଙ୍ଗି ପଶି ଗୋଟିଏ ରୂପା ଚେନ, ଗୋଟିଏ କାନଫୁଲ ଓ ୨ ହଜାର ଟଙ୍କାର ସାମଗ୍ରୀ ଚୋରି କରିଥିଲା। ଏହି ସମୟରେ ଘର ମାଲିକ ଆସିଯାଇ ପାଟି କରିବାରୁ ପାଖପଡ଼ୋଶୀ ତାକୁ ଧରିପକାଇଥିଲେ। ଶାସନ ଥାନା ପୁଲିସ କେସ ନଂ. ୧୪୦ ତା ୧୦-୧୦-୨୦୧୯ ଦଫା ୪୫୪ / ୩୮୦ ଆଇପିସିରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ସହ ଚୋରିସାମଗ୍ରୀ ଜବତ କରିଥିଲା। ଏହି ମାମଲାରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ଆଜି ବିଚାରପତି ସ୍ୱୟଂସିକ୍ତା ପତି ଏହି ଚୋରି ମାମଲାର ଶୁଣାଣି କରି ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଖର୍ସେଲକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ କରିଛନ୍ତି।

## ସାଇବର୍ ଅପରାଧ, ନିଶାମୁକ୍ତି ଓ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ

**କୁଚିଣ୍ଡା, ୩୦।୧୦ (ସମିସ):** କୁଚିଣ୍ଡା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ କୁଚିଣ୍ଡା ପୁଲିସ ବିଭାଗ ମିଳିତ ଆନୁକୂଲ୍ୟରେ ସାଇବର କ୍ରାଇମ୍, ନିଶା ମୁକ୍ତି ଓ ଦୁର୍ନୀତି ନିବାରଣ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ପୁଲିସ




ବାହିନୀ ପକ୍ଷରୁ ଚାଲୁଥିବା ସାଇବର ରଥକୁ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଆଲୋକ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ କୁଚିଣ୍ଡା ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ଦାସ ଯୋଗଦେଇ ସାଇବର ଠକେଇ ନିଶାମୁକ୍ତି ଓ ଦୁର୍ନୀତି ନିବାରଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଡାକ୍ତର ଦୋରା ଯୋଗ ଦେଇ ନିଶା ସେବନର ଅପକରିତା ଓ ଶରୀର ଉପରେ କୁପ୍ରଭାବ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ ସମାଜ ଉପରେ ପ୍ରଭାବ ଏବଂ ସଚେତନତା ଉପରେ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ +୩ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ବେଲମତି କୁମୁରା କର୍ଯ୍ୟମକୁ ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ମମତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଖୁର୍ଶିଦାରା ବେଗମ୍ ସହଯୋଗ କରିଥିଲେ। ସମ୍ବଲପୁର ସାଇବର ସେଲ୍‌ଫ ର ସବ-ଇନ୍ସପେକ୍ଟର ବିଶ୍ୱରଞ୍ଜନ ରାଉତରାୟ ସାଇବର ଠକେଇ ଉପରେ ଆଲୋଚନା କରିଥିଲେ। ପୁଲିସ ବିଭାଗ ତରଫରୁ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଅଙ୍କିତ ମେହେର, ଗୀତାଞ୍ଜଳି ସାହୁ ଓ ଶୋଭାରାଣୀ ପାତ୍ର କ୍ରମାନୁଯାୟୀ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟାପକ ଡ. ସୁମନ୍ତ ପଟେଲ୍, ଗଣନାଥ ନାୟକ, କୁନା ବାଗ, ସତ୍ୟମ୍ ପଟେଲ୍, ଦୀପକ ବିଶ୍ୱାଳ, ସୁଧାଂଶୁ ମହାପାତ୍ର, ଅଭିନ୍ କିଶାନ, ଭିକାରୀ ଓରମ୍, ନିର୍ମଳ ଉର୍ମା, ମହାଦେବ ମେହେର, ମଣ୍ଟୁ ଭୁଏ, ଅଧ୍ୟାପିକା ଡ. ମେନକା ନାଏକ, ମଞ୍ଜୁଶ୍ରୀ ଦାସ, ଜିନୀୟା ଭଟ୍ଟାଚାର୍ଯ୍ୟ, ସୁଷମା କର, ମମତା ଟପ୍ପୁ, ଜୟନ୍ତୀ ସିଂହ, ପିଇଟି ବିଜୟ କଉଡ଼ି, ହାଡୁ ବେହେରା, ଲଭଲି ପ୍ରଧାନ, ଅମର ହୋତାଙ୍କ ସମେତ ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ।

## ସୁନ୍ଦର୍‌ରାଜନ୍ ବ୍ରିଜର ଦୁରାବସ୍ଥା

**ସମ୍ବଲପୁର, ୩୦।୧୦(ସମିସ):** ବୁର୍ଲା ସହରର ପ୍ରମୁଖ ବ୍ରିଜ ହେଉଛି ସୁନ୍ଦରରାଜନ ବ୍ରିଜ। ବିଶେଷ ଭାବେ ବୁର୍ଲା ହାଇସ୍କୁଲ ସହିତ ବ୍ରିଜର ସମ୍ପର୍କ ଅଧିକ। କେଉଁ କାଳରୁ ଏହି ବ୍ରିଜଟି ରହିଛି। ସ୍କୁଲକୁ ଆସୁଥିବା ଛାତ୍ରଛାତ୍ରୀ ବ୍ରିଜକୁ ବ୍ୟବହାର କରିଥାନ୍ତି। ବୁର୍ଲା ସହରର ଜନ ସଂଖ୍ୟା



ଯେତେବେଳେ ୫ରୁ୬ ହଜାର ଭିତରେ ଥିଲା ସେବେଠୁ ବ୍ରିଜ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏହି ବ୍ରିଜ ଦୁର୍ବଳ ହେବାକୁ ବସିଲାଣି। ଏବେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ବ୍ରିଜର ମରମତି କରାଯାଉନି। ଉକ୍ତ ସ୍ଥାନରେ ନୂତନ ବ୍ରିଜ କରିବାର ଯୋଜନା ରହିଥିଲା, କିନ୍ତୁ ଏହି ପ୍ରକଳ୍ପ ଏବେ ଶୀତଳ ଭଣ୍ଡାରରେ ରହିଥିବା ବୁର୍ଲାବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲାପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କଲେ ଅଞ୍ଚଳବାସୀ

**ସମ୍ବଲପୁର, ୩୦।୧୦ (ସମିସ):** ରାଜ୍ୟ ରାଜପଥ -୧୦ କଡ଼ ପରଧିଆପାଲି ସେଭେନ ହିଲ୍ସ ସ୍କୁଲ ନିକଟସ୍ଥ ସୌରଭ ବିହାରରେ ପ୍ରାୟ ୯୩ଟି ଗରିବ ପରିବାର ବସବାସ କରୁଛନ୍ତି। ସେମାନଙ୍କୁ ସରକାରୀ ପ୍ରକଳ୍ପ ସକାଶେ ସେହି ସ୍ଥାନରୁ ମହାନଗର ନିଗମ ପକ୍ଷରୁ ଉଚ୍ଛେଦ କରାଯାଉଛି। ମହାନଗର ନିଗମ ପକ୍ଷରୁ ଏହି ବସ୍ତିରେ ରାସ୍ତାଘାଟ ତିଆରି କରାଯାଇଛି। ତେବେ, ଗତ ୨୩ ତାରିଖ ରାଜସ୍ୱ ବିଭାଗ ଓ ମହାନଗର ନିଗମ କର୍ମଚାରୀମାନେ ଆସି ବିନା ନୋଟିସରେ ଘର ଉଚ୍ଛେଦ କରିବାକୁ ଉଦ୍ୟମ କରିଥିଲେ। ପୂର୍ବରୁ କୌଣସି ସୂଚନା ନଥିବାବେଳେ ସରକାରୀ ପ୍ରକଳ୍ପ ନାମରେ ଜାଗା ଖାଲି କରିବାକୁ କୁହାଯାଉଥିବା ଅଞ୍ଚଳବାସୀ ଅଭିଯୋଗ



କରିଛନ୍ତି। ଏନେଇ ଆଜି ବରିଷ୍ଠ ବିଜେପି ନେତା ସମୀର ରଞ୍ଜନ ବାବୁଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି। ପ୍ରାୟ ୩୦-୪୦ ବର୍ଷ ହେବ ସେମାନେ ସେହି ସ୍ଥାନରେ ବସବାସ କରୁଥିବାରୁ ପ୍ରଥମେ ଥଇଥାନ କରାଯାଉ ପରେ ଉଚ୍ଛେଦ କରାଯିବାକୁ ଦାବି ଜଣାଇଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସରକାରଙ୍କ ସ୍କିମ୍‌ରେ ଥିବାରୁ ତାହା ଖାଲି କରିବାକୁ ପଡ଼ିବ, ଏବେ ତୁରନ୍ତ ଉଚ୍ଛେଦ କରାଯିବ ନାହିଁ ବୋଲି କହିଥିବା ପ୍ରକାଶ। ତେବେ, ତହସିଲଦାରଙ୍କ ଦ୍ୱାରା ସେଠାରେ କେତେ ଘର ବସବାସ କରୁଛନ୍ତି ତାହା ସର୍ଭେ କରାଯାଇ ଥଇଥାନକୁ ନେଇ ସରକାରୀ ନୀତି ପାଳନ କରାଯିବ ବୋଲି ଜଣାପଡ଼ିଛି।

## ରାସ୍ତା ନିର୍ମାଣ ପାଇଁ ଆମ୍ବମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର

**ରେଢ଼ାଖୋଲ, ୩୦।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଏନ୍‌ଏସି ୨ ନଂ ୱାର୍ଡ ଅଧୀନ ପାତୁଲିପାଲି ଗ୍ରାମର ଆମ୍ବମୁଣ୍ଡା ଗାଁ ପାଇଁ ଦୀର୍ଘ ଦଶନ୍ଧି ପରେ ମଧ୍ୟ ନିତିଦିନିଆ ରାସ୍ତାଟିଏ ନାହିଁ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି ହେଲେ ଆଜକୁ ଏନଏସି ଗଠନ ହେବା ୨୫ ବର୍ଷ ପୂର୍ତ୍ତି ହେବା ପରେ ମଧ୍ୟ ଗାଁକୁ ରାସ୍ତା ନାହିଁ। ଦୀର୍ଘ ଦିନର ଦାବି ପରେ ସରକାର ଗ୍ରାମବାସୀଙ୍କ ଗୁହାରି ଶୁଣିଥିଲେ। ଏହି



ଗାଁକୁ ରାସ୍ତା ନିର୍ମାଣ ପାଇଁ ଗତ ଆର୍ଥିକ ବର୍ଷରେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ଡକାଯାଇଥିଲା। ଇତି ମଧ୍ୟରେ ଟେଣ୍ଡରର ସମସ୍ତ ପ୍ରକ୍ରିୟା କରାଯାଇ ଠିକାଦାର ମଧ୍ୟ ଚୟନ ହୋଇ ସାରିଛନ୍ତି। କିନ୍ତୁ ପରିତାପର ବିଷୟ ଏ ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ବିଜେପି ବରିଷ୍ଠ ନେତା ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଓ ଗ୍ରାମବାସୀ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ରାସ୍ତାରେ ଜମିର ସମସ୍ୟା ରହିଥିବାରୁ ବିଳମ୍ବ ହୋଇଛି, ଦୁଇଦିନ ମଧ୍ୟରେ ରାସ୍ତା ପାଇଁ ଜାଗା ଚିହ୍ନଟ କରି ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ବିଜେପି ନଗର ସଭାନେତ୍ରୀ ସୁଷମା ମୁଣ୍ଡା, ପ୍ରତାପ ପ୍ରଧାନ, ଅନିଲ ପୃଷ୍ଟି, ପ୍ରଶାନ୍ତ ପଧାନ, ଅର୍ଜୁନ ବେହେରା, କନକ ବେହେରା, କଲ୍ୟାଣୀ ବେହେରା, ତଞ୍ଜନିତ ବେହେରା, ପ୍ରମିଳା ବେହେରା, ବବୁଲୁ ବେହେରାଙ୍କ ସମେତ ଗ୍ରାମବାସୀ ମାନେ ସାମିଲ ରହିଥିଲେ।

ରାଜ୍ୟ ରୋଲର୍ ସ୍କେଟିଂ ସ୍ପୋର୍ଟସ୍ ଚାମ୍ପିଅନସିପ୍

## ବୈଦିକର ସଫଳତା; ୫ ପଦକ ହାସଲ

**ସମ୍ବଲପୁର, ୩୦।୧୦(ସମିସ):** ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୨୫ ଓ ୨୬ ତାରିଖରେ ୧୨ତମ ଓଡ଼ିଶା ରାଜ୍ୟ ରୋଲର୍ ସ୍ପୋର୍ଟସ୍ ଚାମ୍ପିଅନସିପ୍ ୨୦୨୫ ଅନୁଷ୍ଠିତ ହୋଇଥିଲା। ଏଥିରେ ପାବପାଲି ସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀମାନେ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ମୋଟ ୫ ଟି ମେଡାଲ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ରୋହନ ମେହେର ଗୋଟାଏ ସ୍ୱର୍ଣ୍ଣ ଓ ଗୋଟାଏ ରୌପ୍ୟ ପଦକ, ଅବିରାଲ୍ ଆନନ୍ଦ ଅଗ୍ରୱାଲ ଗୋଟାଏ ସ୍ୱର୍ଣ୍ଣ ପଦକ, ଧ୍ରୁବଦେବ ଯାଦବ




୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲର ଅଧ୍ୟକ୍ଷ ଏବଂ କର୍ମଚାରୀମାନେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କୋଚ୍ ଏବଂ ଅଭିଭାବକମାନଙ୍କର ନିରନ୍ତର ସମର୍ଥନ ଏବଂ ଉତ୍ସାହ ପାଇଁ ମଧ୍ୟ ପରିଚାଳନା କମିଟି ପ୍ରଶଂସା କରିଛି। ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପାଠ ସହ ପିଲାଙ୍କୁ ଖେଳ ପାଇଁ ବିଭିନ୍ନ ମଞ୍ଚ ମଧ୍ୟ ଯୋଗାଇ ଦେଇଥାଏ।

ସମ୍ବଲପୁର ଜିଲ୍ଲାର ବିକଳ ସ୍ଥିତି

# ୪୫୩ ବିଦ୍ୟାଳୟରେ ନାହିଁ ଟ୍ୟାପ୍ ଜଳସଂଯୋଗ

**ସମ୍ବଲପୁର, ୩୦।୧୦ (ସମିସ)**

ସରକାରୀ ବିଦ୍ୟାଳୟ ଗୁଡ଼ିକୁ ଘରୋଇ ବିଦ୍ୟାଳୟ ଗୁଡ଼ିକର ସମକକ୍ଷ କରିବା ତଥା ଅଭିଭାବକ ଓ ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ତେବେ, ବିଦ୍ୟାଳୟ ଗୁଡ଼ିକରେ ମୌଳିକ ସୁବିଧା ସୁଯୋଗ ଯେପରିକି ଛାତ୍ର ଓ ଛାତ୍ରୀଙ୍କ ପାଇଁ ପୃଥକ୍ ପୃଥକ୍ ଶୌଚାଳୟ, ପାନୀୟ ଜଳଯୋଗାଣ, ମଧ୍ୟାହ୍ନ ଭୋଜନ ସକାଶେ ବସିବା ବ୍ୟବସ୍ଥା ଆଦି ଉପଲବ୍ଧ ହୋଇପାରୁନାହିଁ। ଏହାସହ କେତେକ ବିଦ୍ୟାଳୟରେ ଏହି ସୁବିଧା ଯୋଗାଇ ଦିଆଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଭଙ୍ଗାରୁଜା କିମ୍ବା ଅଚଳ ରହୁଥିବା ଦେଖାଯାଉଛି। ସମ୍ବଲପୁର ଜିଲ୍ଲାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୧୯୨ଟି ସରକାରୀ ବିଦ୍ୟାଳୟ ରହିଛି। ତନ୍ମଧ୍ୟରୁ ୭୩୯ଟି ବିଦ୍ୟାଳୟରେ ଟ୍ୟାପ ପାନୀୟ ଜଳସଂଯୋଗ ବ୍ୟବସ୍ଥା ହୋଇଛି। ବଳକା ୪୫୩ଟି ବିଦ୍ୟାଳୟରେ ଛାତ୍ରଛାତ୍ରୀ ନଳକୂପ, ମାଠିଆ ଭାରୁଆ ବ୍ୟବସ୍ଥା କିମ୍ବା ନିକଟସ୍ଥ ଜଳଉତ୍ସ ଉପରେ ନିର୍ଭର କରୁଛନ୍ତି।



ଧନକଉଡ଼ା ଓ ଜମନକିରା ବ୍ଲକରେ ସର୍ବାଧିକ ୧୪୫ ଓ ୧୦୫ଟି ବିଦ୍ୟାଳୟରେ ଟ୍ୟାପ ସଂଯୋଗ ରହିଛି। ଜିଲ୍ଲାର ବାମରା ବ୍ଲକରେ ୧୩୮ଟି ବିଦ୍ୟାଳୟରୁ ୩୨ଟି ବିଦ୍ୟାଳୟରେ ଟ୍ୟାପ ଯୋଗେ ପାନୀୟ ଜଳଯୋଗାଣ ହେଉଥିବାବେଳେ ଧନକଉଡ଼ା ବ୍ଲକରେ ୧୯୭ରୁ ୧୪୫, ଜମନକିରା ବ୍ଲକରେ ୧୫୦ରୁ ୧୦୫, ଯୁଯୋମୁରା ବ୍ଲକରେ ୧୨୦ରୁ ୭୩, କୁଚିଣ୍ଡା ବ୍ଲକରେ ୯୭ରୁ ୭୮, ମାନେଶ୍ୱର ବ୍ଲକରେ ୧୧୨ରୁ ୫୧, ନାକଟିଦେଉଳ ବ୍ଲକରେ ୧୨୧ରୁ ୮୦, ରେଢ଼ାଖୋଲ ବ୍ଲକରେ ୧୩୫ରୁ ୯୦ ଏବଂ ରେଙ୍ଗାଲି ବ୍ଲକରେ ୧୨୨ଟି ବିଦ୍ୟାଳୟରୁ ୮୫ଟି ବିଦ୍ୟାଳୟରେ ଟ୍ୟାପ୍ ସଂଯୋଗ ରହିଥିବା ୟୁ-ଡାଇସ ୨୦୨୪ ସୂତ୍ରରୁ ସୂଚନା ମିଳିଛି।

ସମ୍ବଲପୁର ଜିଲ୍ଲାରେ ଥିବା ୧୧୯୨ଟି ବିଦ୍ୟାଳୟ ମଧ୍ୟରୁ ୧୧୦୪ଟି ବିଦ୍ୟାଳୟରେ ନଳକୂପ ସୁବିଧା ଥିବାବେଳେ ୭୩୯ଟିରେ ଟ୍ୟାପ୍ ସଂଯୋଗ, ୧୭୭ଟିରେ କୂଅ ଏବଂ ୧୩ଟି ବିଦ୍ୟାଳୟ ବାହାରର ଜଳ ଉତ୍ସ ଉପରେ ନିର୍ଭର କରିଥାନ୍ତି। ବିଦ୍ୟାଳୟ ଗୁଡ଼ିକରେ ପର୍ଯ୍ୟାପ୍ତ ଶ୍ରେଣୀଗୃହ, ଶିକ୍ଷକ ତଥା ବିଶୁଦ୍ଧ ପାନୀୟ ଜଳଯୋଗାଣ ଏବଂ ସ୍ୱଚ୍ଛ ଶୌଚାଳୟ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ମୌଳିକ ଆବଶ୍ୟକତା। ଏପରିସ୍ଥଳେ ଓଭରହେଡ୍ ଟ୍ୟାଙ୍କ ସହ ଟ୍ୟାପ୍ ଜଳଯୋଗାଣ ଏବଂ ଆବଶ୍ୟକସ୍ଥଳେ ୱାଟର ଫିଲ୍ଟର ରହିବା ଉଚିତ। କିନ୍ତୁ ଏଯାବତ୍ ଚାରିଶହରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ନଳକୂପ ଓ ଅନ୍ୟ ଜଳଉତ୍ସ ଉପରେ ନିର୍ଭର କରିବା ଚିନ୍ତାର ବିଷୟ। ଜିଲ୍ଲାର କେତେକ ସ୍ଥାନରେ ଭୂତଳଜଳ ଅତ୍ୟଧିକ ଲୌହଯୁକ୍ତ ହୋଇଥିବାବେଳେ ତାହା ସ୍ୱାସ୍ଥ୍ୟ ପାଇଁ ଅହିତକର। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କୁ ଯୋଗାଯୋଗ କରାଯାଇପାରିନାହିଁ।

# ଗୋପାଷ୍ଟମୀରେ ଗୋଶାଳା ପ୍ରତିଷ୍ଠା

**ସମ୍ବଲପୁର, ୩୦ା୧୦ (ସମିସ) :** ଶ୍ରୀ ମନକାମେଶ୍ୱର ମହାଦେବ ମନ୍ଦିର, ଗୋଲାବନ୍ଧଠାରେ ଜୟ ମାତାଦୀ ବୈଷ୍ଣୋ ଟ୍ରଷ୍ଟ ଓ ଶ୍ରୀ ବ୍ରଜ ଗିରୀରାଜ ସେବା ସଂସ୍ଥାନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପ୍ରଦୀପ ପାଣ୍ଡେ, ବରିଷ୍ଠ ଦଇତାପତି କୃପାସିନ୍ଧୁ ଦାସ ମହାପାତ୍ର, ଦେବାଶିଷ ପୁରୋହିତ, ସୌରଭ ରଞ୍ଜନ ମହାପାତ୍ର, ରାଧେଶ୍ୟାମ ପୋଦ୍ଦାରଙ୍କ ତତ୍ତ୍ୱାବଧାନରେ ରାମସ୍ୱରୂପ ପୋଦ୍ଦାର, ସଞ୍ଜୟ ଗୁପ୍ତା, ଉତ୍ତମ ଜୟସ୍ୱାଲ, ପବନ ଖଇତାନ, ଦୀପକ ପାତ୍ରଙ୍କ ମିଳିତ ପ୍ରୟାସରେ ଆଜି ଶ୍ରୀ ଗୋପାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ମହୋତ୍ସବରେ ବିଜେପି ଜିଲ୍ଲା ସଭାପତି ତଥା ଶ୍ରୀ ବ୍ରଜ ଗିରିରାଜ ସେବା ସଂସ୍ଥାନ ଟ୍ରଷ୍ଟର ଉପଦେଷ୍ଟା ଗିରିଶ ପଟେଲ ଓ ଅନ୍ୟତମ ଉପଦେଷ୍ଟା ବେଣୁଧର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଧୁ ସନ୍ଥଙ୍କ ଗହଣରେ ଗୋସେବା ତଥା ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପଣ୍ଡିତ ମହାସଭା ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ କାଳିଦାସ ପଣ୍ଡା, ପଣ୍ଡିତ ଜିତେନ୍ଦ୍ର ନନ୍ଦ, ପଣ୍ଡିତ ସରିତ ପାଢ଼ୀ, ପଣ୍ଡିତ କାହ୍ନୁଚରଣ ଷଡ଼ଙ୍ଗୀ, ପଣ୍ଡିତ ସୁବ୍ରତ ପୁରୋହିତ, ପଣ୍ଡିତ ଶଶିଭୂଷଣ ବ୍ରହ୍ମଚାରୀଙ୍କ ଦ୍ୱାରା ବୈଦିକ ରୀତିରେ ମନ୍ତ୍ରପାଠ ଓ ବିଧିପୂର୍ବକ ପୂଜାର୍ଚ୍ଚନା କରି ନୂତନଭାବେ ନିର୍ମିତ 'ମହେଶ ଗୋଶାଳା'ର ପ୍ରତିଷ୍ଠା ପର୍ବ ଅନୁଷ୍ଠିତ ହୋଇଥିଲା। କୀର୍ତ୍ତନ ଦଳ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଗୋଧୂଳି ଲଗ୍ନରେ ନୂତନ ଗୋଶାଳାରେ ଗୋପ୍ରବେଶ କାର୍ଯ୍ୟକ୍ରମ ହୋଇଥିଲା।



# ଛାତ୍ରଛାତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଦେଲେ ଦୁର୍ନୀତି ନିବାରଣ ବାର୍ତ୍ତା

**ବରଗଡ଼, ୩୦ା୧୦(ସମିସ)**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ୨୦୨୫ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଦୁର୍ନୀତି ନିବାରଣ ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲା, ବ୍ଲକ, ପଞ୍ଚାୟତ ଏବଂ ଗ୍ରାମାଞ୍ଚଳ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଦର ମହକୁମାଠାରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ରାଲିର ଶୁଭାରମ୍ଭ କରିଥିଲେ। ସାମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ, ଡିଏସପି ଭିଜିଲାନ୍ସ ସୁଷମା ତିର୍କୀ, ଇନ୍ସପେକ୍ଟର ଭିଜିଲାନ୍ସ ସୁଷମା ପଶାୟତ ଏବଂ ବରଗଡ଼ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଚେତନତା ରାଲିରେ ଛାତ୍ରଛାତ୍ରୀ ଏବଂ ମହିଳା ମାନେ ସମାଜରେ ଉତ୍କୋଚର କୁପ୍ରଭାବ ବିଷୟବସ୍ତୁ ଆଧାରିତ ବିଭିନ୍ନ ବାର୍ତ୍ତା ଦେଇଥିଲେ। ଏହାସହ ଏବର୍ଷର ସ୍ଲୋଗାନ୍ 'ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ' ମୂଳମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ଲୋକଙ୍କୁ ସଚେତନ କରିଥିଲେ।




## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା

**ବରଗଡ଼:** ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ଯାଏଁ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚ୍ଚୋଟ ଏବଂ ଦାୟିତ୍ୱବାନ ନାଗରିକ ହେବା ସହ ସତ୍‌ମାର୍ଗରେ ଉପାର୍ଜନ କରି ଦେଶ ଗଠନରେ ଭାଗୀଦାର ହେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ସଭାର ସଂଯୋଜନା କରିଥିଲେ। ସ୍ଥାନୀୟ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ରୂପେ ଏବଂ ସମ୍ମାନିତ ଅତିଥି ରୂପେ ବରଗଡ଼ ଦୁର୍ନୀତି ନିବାରଣ ବିଭାଗ ଡିଏସପି ସୁଷମା ତିର୍କୀ ଏବଂ ଇନ୍ସପେକ୍ଟର ତୁଷାର କାନ୍ତ ମହାପାତ୍ର ମଞ୍ଚାସୀନ ଥିଲେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ଶେଷରେ ଦୁର୍ନୀତି ନିବାରଣ ବିଭାଗ ଇନ୍ସପେକ୍ଟର ସୁଷମା ପଶାୟତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ କିଷାନ ମହାବିଦ୍ୟାଳୟ

**ଭେଡେନ:** ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଭୀଷ୍ମଦେବ ପଧାନ ଦୁର୍ନୀତି ନିବାରଣ ଓ ସାମୂହିକ ଦାୟିତ୍ୱ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରିଥିଲେ। ଶେଷରେ ଅଧ୍ୟାପକ ରାଜେଶ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୀମଭୋଇ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ରେଢାଖୋଲ, ୩୦ା୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟର ଜୀବବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ସୁପ୍ରିୟା କୁମାରୀ ମଲ୍ଲିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ୧୯୮୯ ମସିହାରେ କେନ୍ଦ୍ରାପଡ଼ାର ଡେରାବିଶ ମହାବିଦ୍ୟାଳୟରେ ବୃତ୍ତିଗତ ଜୀବନ ଆରମ୍ଭ କରିଥିବାବେଳେ ୨୦୦୦ ମସିହାରୁ ଭୀମଭୋଇ ମହାବିଦ୍ୟାଳୟରେ ଜୀବବିଜ୍ଞାନ ବିଭାଗର ଅଧ୍ୟାପିକା ଭାବରେ ଯୋଗଦାନ କରି ଦୀର୍ଘ ୩୬ ବର୍ଷ ଧରି କାର୍ଯ୍ୟରତ ରହିଥିଲେ। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣପାଢ଼ୀ ଅଧ୍ୟକ୍ଷତା କରି ସେ ଜଣେ ଛାତ୍ର ବତ୍ସଳା, ସରଳ, ମେଳାପୀ, ମିଷ୍ଟଭାଷୀ ଏବଂ ନିଷ୍ପାପର ବ୍ୟକ୍ତିତ୍ୱର ଅଧିକାରୀ ବୋଲି ଉଲ୍ଲେଖ କରିଥିଲେ। ପ୍ରଧ୍ୟାପକ ଅରୁଣ କୁମାର ଶାସନୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ମମତା ମହାପାତ୍ର, ଅଧ୍ୟାପକ ସୁଶାନ୍ତ ନନ୍ଦ, ଅଞ୍ଜନ କୁମାର ମିଶ୍ର, ବିରଞ୍ଚି ଖଡ଼ିଆ, ରାମଚନ୍ଦ୍ର ଭୋଇ, କିଶୋର ଠାକୁର, ସମିତା ମଲ୍ଲିକ, ଭୋଜରାଜ ପ୍ରମୁଖ ତାଙ୍କର ମଙ୍ଗଳମୟ ଅବସର ଜୀବନ କାମନା କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ସଫଳତାର ଶ୍ରେୟରେ ଶ୍ରୀମତୀ ମଲ୍ଲିକ ଭାଗୀଦାର ବୋଲି ସମସ୍ତେ ମତ ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ସ୍ୱାଇଁ, ବଳରାମ ଧଳ, ନିହାର ରଞ୍ଜନ ରାଉଳ, ମୋତିଲାଲ ପ୍ରଧାନ ଓ ସୁକାନ୍ତ ପ୍ରଧାନ ପ୍ରମୁଖ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଦିବ୍ୟଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ

**ସମ୍ବଲପୁର, ୩୦ା୧୦ (ସମିସ) :** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ସଞ୍ଚୟ ଏବଂ ଆର୍ଥିକ ସେବା, ସମ୍ବଲପୁର ବିଭାଗ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ-୨୦୨୫ ପାଳିତ ହୋଇଯାଇଛି। ଚଳିତବର୍ଷର ଥିମ୍ 'ମିତବ୍ୟୟୀ ହୋଇ ସଞ୍ଚୟ କରନ୍ତୁ, ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ' ଥିଲା। ଏହି କାର୍ଯ୍ୟକ୍ରମରେ ସଞ୍ଚୟ ଓ ଆର୍ଥିକ ସଚେତନତାର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ସମ୍ବଲପୁର ପୋଷ୍ଟାଲ ସେବାର ସହାୟକ ନିର୍ଦ୍ଦେଶକ ବି. ମହେଶ୍ୱର ରାଓ ପୋଷ୍ଟାଲ ସେଭିଂସ ସ୍କିମ୍ ଏବଂ ସେଭିଂସ ହବ୍ ବିଷୟରେ ଆଲୋଚନା କରିଥିଲେ। ସାଇବର ଅପରାଧ ଓ ସେଥିରୁ କିପରି ରକ୍ଷା ପାଇବପାରିବା ସେବିଷୟରେ ସାଇବର ଥାନା ଡିଏସ୍‌ପି ଇଶ୍ୱର ତାଣ୍ଡି ଅବଗତ କରାଇଥିଲେ।। ଏହିସହିତ ସମ୍ବଲପୁର ଏଲ୍‌ଡିଏମ୍ ଦେବ କିଶୋର ନାୟକ ଆର୍ଥିକ ସମାବେଶ ଓ ସାକ୍ଷରତା ବିଷୟରେ ତାଙ୍କ ମତାମତ ଉପସ୍ଥାପନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଥିବା ଆନିମିତା ଶତପଥୀ, ରାଖୀ ଶର୍ମା ଏବଂ ସୋଫିଆ ମଲ୍ଲିକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହାୟକ ନିର୍ଦ୍ଦେଶକ, ସଞ୍ଚୟ ଓ ଆର୍ଥିକ ସେବା, ସମ୍ବଲପୁର ନିଳାଞ୍ଚଳ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଜାତୀୟ ଗୁଣବତ୍ତା ମୂଲ୍ୟାଙ୍କନ

**ବରଗଡ଼, ୩୦ା୧୦(ସମିସ):** କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶ କ୍ରମେ କଣ୍ଡପଲା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଜାତୀୟ ଗୁଣବତ୍ତା ମୂଲ୍ୟାଙ୍କନ ପ୍ରମାଣପତ୍ର ନିମନ୍ତେ କଣ୍ଡପଲା ଠାରେ ଆଭାସୀ ମାଧ୍ୟମରେ ମୂଲ୍ୟାଙ୍କନ ଅନୁଷ୍ଠିତ ହୋଇଛି। ବୈଠକରେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଯୋଗଦେଇ ଡ.ପ୍ରଶାନ୍ତ ପଣ୍ଡା ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ମୂଲ୍ୟାଙ୍କନ ଅଧିକାରୀ ତଥା ଉପସ୍ଥିତ କଣ୍ଡପଲା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପରିଚୟ ପ୍ରଦାନ କରିଥିଲେ। କଲିକତାର ଡ.ଜୟଦୀପ ସାହାଙ୍କ ନେତୃତ୍ୱରେ ଜାତୀୟ ଗୁଣବତ୍ତା ମୂଲ୍ୟାଙ୍କନ ଦଳ କଣ୍ଡପଲା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଯାଞ୍ଚ କରିଥିଲେ। ଦଳର ଅନ୍ୟତମ ସଦସ୍ୟା ଡ.ନୈନା ଶ୍ରୀଶଙ୍କର ଯୋଗ ଦେଇଥିଲେ। ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ଜ୍ୟୋତିର୍ମୟୀ ସାହୁ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଚନ୍ଦ୍ରାନନ ଭୋଇ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରେବତୀ ଚିତା ଓ ଉପସ୍ଥିତ ଥିବା ଆଶା କର୍ମୀ, ଅଙ୍ଗନବାଡି କର୍ମୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ବ୍ୟବହୃତ ବିଭିନ୍ନ ରେଜିଷ୍ଟର, ଫାଇଲ, ସରଞ୍ଜାମ, ଔଷଧ ଇତ୍ୟାଦି ଯାଞ୍ଚ କରିଥିଲେ। କାର୍ଯ୍ୟକ୍ରମରେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବିପିଏମ ମନୋରଞ୍ଜନ ପ୍ରଧାନ, ବିଏଏମ ଉମେଶ ପ୍ରଧାନ, ବିଡିଏମ ମେଘନାଦ ପ୍ରଧାନ, ସ୍ୱାସ୍ଥ୍ୟ ପରିଦର୍ଶକ ଗୋବିନ୍ଦ ପଧାନ, ରିତାଞ୍ଜଳୀ ମିଶ୍ର, ଶଙ୍କର ମେହେର, ଜୟପ୍ରକାଶ ମହାପାତ୍ର, ଇନ୍ଦିରା ପ୍ରିୟଦର୍ଶିନୀ ସାମନ୍ତରାୟ, ଚିନ୍ମୟୀ ନାୟକ, ରାଜେଶ ଖମାରୀ, ଶୁଭଶ୍ରୀ ସେଠି, ପୁଷ୍ପା ଓରାମ ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିଚାଳିକା ଦୀପାଞ୍ଜଳି ପ୍ରଧାନ ସହାୟତା କରିଥିଲେ।



# ନିଶାମୁକ୍ତ ଭାରତ ଅଭିଯାନ

**ବରଗଡ଼, ୩୦ା୧୦(ସମିସ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ 'ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସହକାରୀ ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିଶାମୁକ୍ତ ଭାରତର ସ୍ୱପ୍ନ ଦେଖିବା ସହିତ ସଚେତନ ହେବାକୁ ଉପଦେଶ ଦେଇଥିଲେ। ସୁବଳ ମେହେର, ଜନ୍ମେଜୟ ପ୍ରଧାନ, ଦିଲେଶ୍ୱର ମେହେର, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ବିଜୟ ନାଗ ଏବଂ ହୃଦାନନ୍ଦ ଭୁଏ ପ୍ରମୁଖ ସହକାରୀ ପ୍ରଫେସର ନିଜ ନିଜ ବକ୍ତବ୍ୟ ରିଖିଥିଲେ। ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀମାନେ ନିଶାଦ୍ରବ୍ୟରୁ ଦୂରେଇ ରହିବା ତଥା ଅନ୍ୟକୁ ସଚେତନ କରିବା ନିମିତ୍ତ ଶପଥପାଠ ଗ୍ରହଣ କରିଥିଲେ। କଲେଜ ପରିସର ଓ ନିକଟବର୍ତ୍ତୀ ଅଞ୍ଚଳରେ ନିଶା ନିବାରଣ ନିମନ୍ତେ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀ ସଚେତନତା ରାଲିରେ ବାହାରି ଥିଲେ। ଶେଷରେ ସହକାରୀ ପ୍ରଫେସର ବିଜୟ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବିର୍ସା ମୁଣ୍ଡା ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**କୁଚିଣ୍ଡା, ୩୦ା୧୦(ସମିସ):** ବୁଧବାର ଅପରାହ୍ନରେ କୁଚିଣ୍ଡାସ୍ଥିତ ପୂର୍ତ୍ତ ଡାକବଙ୍ଗଳାଠାରେ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟା ଲଘୁ ଓ ଅନଗ୍ରସର ପଛୁଆ ବର୍ଗଙ୍କୁ ନେଇ ଧରତୀ ଆବା ସଂଗ୍ରାମୀ ବୀରବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବୈଠକରେ ସୀତାରାମ ଚାରଦିଆ, ପ୍ରଶନ୍ନ ପ୍ରଧାନ, ହରେଶ ଭୋଇ, ଯତୀନ୍ଦ୍ର କୁମୁରା, ପୁରୁଷୋତ୍ତମ ଝଙ୍କାର, ସାଧୁଚରଣ ମାଝୀ, ଚନ୍ଦ୍ରମଣି ମାଝୀ, ସୁବ୍ରତ କାଉ, ନରେଶ ବଲୁଆ, ପ୍ରମୋଦ ରୋହିଦାସ, ମହମ୍ମଦ ଆରିଫ, ସାୟଦ ଖାଁ, ସୁଶାନ୍ତ ବାଘ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# ବି ମାଧ୍ୟମିକ ବିଦ୍ୟାଳୟରେ ଏଡ଼ସ୍ ସଚେତନତା

**ଜମନକିରା, ୩୦ା୧୦(ସମିସ):** ବିଆର୍‌ଜି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଳଙ୍କ ଅଧ୍ୟକ୍ଷତାରେ ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟରୁ ବିଶାଳ ଶୋଭାଯାତ୍ରା ବାହାରି ଭୋଜପୂର ଛକ ଦେଇ ଭୋଜପୂର ଗ୍ରାମ ପରିକ୍ରମା କରିଥିଲା।ଛାତ୍ରଛାତ୍ରୀମାନେ ଏଡ଼ସ୍ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଡକ୍ଟର ଶରତ କୁମାର ଦେହୁରୀ ଯୋଗଦାନ କରି ଏଡ଼ସ୍ ରୋଗ ଉପରେ ଆଲୋଚନା କରିଥଲେ। ଏହି ଅବସରରେ ଏକ ଏଡ଼ସ କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ୱାଇଆର୍‌ସି ପରାମର୍ଶଦାତା ଇତିହାସ ଅଧ୍ୟାପକ ତପନ କୁମାର ଜୟପୁରିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ।ଅର୍ଥନୀତି ଅଧ୍ୟାପକ ଘାସିରାମ ବାରିକ୍ ଧନ୍ୟବାଦ୍ ଜ୍ଞାପନ କରିଥଲେ।

# ମାନବବାଦର ମହନୀୟ ଉଚ୍ଚାରଣ ହିଁ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଗଳ୍ପର ମର୍ମସ୍ୱର

**ବରଗଡ଼, ୩୦ା୧୦(ସମିସ):** ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ ସାମାଜିକ ପ୍ରତିବଦ୍ଧତାର ମାର୍ମିକ ଉଚ୍ଚାରଣ। ବ୍ୟକ୍ତି ନୁହେଁ ଗୋଷ୍ଠୀର ବିକାଶ ପରିପ୍ରକାଶ ହିଁ ଏହାର ବ୍ୟାପ୍ତି ଓ ଦୀପ୍ତି। ସର୍ବୋପରି ମାନବବାଦର ମହନୀୟ ଉଚ୍ଚାରଣ ହିଁ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଗଳ୍ପର ମର୍ମସ୍ୱର ବୋଲି ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। 'ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପର ଗତି ଓ ପ୍ରବୃତ୍ତି' ଶୀର୍ଷକ ଆଲୋଚନାଚକ୍ରରେ ଓଡ଼ିଆ ବିଭାଗ ମୁଖ୍ୟ ଡ.ଶେଷନ ବିଶି ସଭାପତିତ୍ୱ କରିଥିଲେ। ସମ୍ମାନର ମୁଖ୍ୟ ଅତିଥି ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର ଓ ବିଷୟ ବିଶେଷଜ୍ଞ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ସମ୍ବଲପୁରର ଓଡ଼ିଆ ବିଭାଗ ମୁଖ୍ୟ ଡ.ଶ୍ୟାମ ଭୋଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅତିଥିଗଣ ଓଡ଼ିଆ ବିଭାଗର ପ୍ରାଚୀର ପତ୍ରିକା 'ଅନ୍ୱେଷା'କୁ ଉନ୍ମୋଚନ କରିଥିଲେ। ପାଠଚକ୍ର ସମ୍ପାଦକ ଚିରନ୍ତନ ଦାଶ ସମସ୍ତଙ୍କୁ ସ୍ୱାଗତ କରିବା ପରେ ଅଧ୍ୟାପକ ଶାନ୍ତନୁ ସୁନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡ.ସ୍ମିତା ପାଣିଗ୍ରାହୀ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ କବି ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ନାତକୋତ୍ତର ତୃତୀୟ ପର୍ଯ୍ୟାୟର ଛାତ୍ର ଚିରନ୍ତନ ଦାଶ, ଉତ୍ତମ ସାହୁ ଏବଂ ଛାତ୍ରୀ ଆଶା ସାହୁ ଆଲୋଚନାଚକ୍ରରେ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ମୁଖ୍ୟ ଅତିଥି ଡ.ମହାପାତ୍ର ପାଶ୍ଚାତ୍ୟ ଜଗତର ଗଳ୍ପଧାରା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ମାନଭଞ୍ଜନ ପାଣିଗ୍ରାହୀ ପ୍ରଭାବଶାଳୀ ଗଳ୍ପର ସ୍ୱରୂପ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ଚକ୍ରରେ ଓଡ଼ିଆ ବିଭାଗର ଅଧ୍ୟାପକ ଡ.ଅନନ୍ତ ମେହେର, ଯୋଗେନ୍ଦ୍ର ମେହେର ଓ ଅଧ୍ୟାପିକା ଡ.ସୁନୀତା ବେହେରା ମଧ୍ୟ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଆ ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପାଠଚକ୍ର ସହସମ୍ପାଦିକା କସ୍ତୁରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ମାଁ ବ୍ରଜେଶ୍ୱରୀଙ୍କ ବାର୍ଷିକ ସ୍ନାନ ମହୋତ୍ସବ

**ବରପାଲି/ମହଦା, ୩୦ା୧୦(ସମିସ):** ବରପାଲି ବ୍ଲକ କୁମ୍ଭାରୀ କଳାଗାଁରେ ମାଁ ବ୍ରଜେଶ୍ୱରୀ ଦେବୀଙ୍କ ୧୭୬ତମ ବାର୍ଷିକ ସ୍ନାନ ମହୋତ୍ସବ ଉତ୍ସାହ ଉଦ୍ଦିପନା ମଧ୍ୟରେ ସମ୍ପନ୍ନ ହୋଇଛି। ବ୍ରଜେଶ୍ୱରୀ ନାଟ୍ୟ ସଂସଦ ସଭାପତି କେତନ ସାହୁଙ୍କ ସଭାପତିତ୍ୱରେ ଏକ ସାଂସ୍କୃତିକ ସଭାର ଆୟୋଜନ ହୋଇଥିଲା। ସଭାକାର୍ଯ୍ୟକୁ ପୂର୍ବତନ ଶିକ୍ଷକ ରାମଜୀ ପଧାନ ସଞ୍ଚାଳନ କରିଥିଲେ। ବାର୍ଷିକ ସ୍ନାନ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶବ୍ଦନୃତ୍ୟ ବିଶାରଦ ପଦ୍ମଶ୍ରୀ ଭାଗବତ ପଧାନ ଯୋଗ ଦେଇଥିବା ବେଳେ ଅତିଥି ଭାବେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ପୂର୍ବତନ କଂସ ହୃଷୀକେଶ ଭୋଇ, ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଧନୁଯାତ୍ରା ମହାମନ୍ତ୍ରୀ ଗୋଲାପ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ମାଁ ଭଗବତୀ ବ୍ରଜେଶ୍ୱରୀ ଦେବୀଙ୍କ ସ୍ନାନ ମହୋତ୍ସବ ଏକ ନିଆରା ପରମ୍ପରା ଭାବେ ଶତାଧିକ ବର୍ଷ କ୍ରମାଗତ ଭାବେ ଚାଲିଛି। ସ୍ନାନୋତ୍ସବ ସମୟରେ ପରମ୍ପରା ଅନୁସାରେ ବାହାରେ ରହୁଥିବା ଗାଁର ଝିଅ ଭଉଣୀ ଏବଂ ପରିବାର ଲୋକେ ନିଜ ଗାଁକୁ ଫେରି ଆସିଥାନ୍ତି। ମାଁଙ୍କ ଦର୍ଶନ ପାଇଁ ବାହାର ଜିଲ୍ଲା ସହିତ ପାଖ ଆଖ ଅଞ୍ଚଳର ହଜାର ହଜାର ମହିଳା ଓ ପୁରୁଷ ଭକ୍ତ ମାନେ ଦର୍ଶନର ଲାଭ ପାଇଥାନ୍ତି। ପରେ ବ୍ରଜେଶ୍ୱରି ନାଟ୍ୟ ସଂସଦ କଳାକାର ମାନଙ୍କ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ସମ୍ବଲପୁର, ୩୦ା୧୦ (ସମିସ)**

ସମ୍ବଲପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ରାଷ୍ଟ୍ରୀୟ ଏକତା ଦିବସ ଭାବରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି 'ସର୍ଦ୍ଦାର ପଟେଲ ଏବଂ ଜାତୀୟ ଏକତା' ବିଷୟବସ୍ତୁ ଉପରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଏକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଜିଲ୍ଲାର ସମୁଦାୟ ୩୩ଟି ଅନୁଷ୍ଠାନରୁ ୨୩୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁଇଜ ପ୍ରତିଯୋଗିତାରେ ହୀରାକୁଦ ଡିଗ୍ରୀ କଲେଜର ଅଭିଷେକ ସିଂହ ପ୍ରଥମ, ଭୀମଭୋଇ କଲେଜର ସିକନ ବେହେରା ଦ୍ୱିତୀୟ ଏବଂ ସେଣ୍ଟ ଜନ୍ ସ୍କୁଲର ମହମ୍ମଦ ଜେଇନୁଲ ଆବେଦିନ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟର ଶ୍ରୁତିରେଖା ଆଚାର୍ଯ୍ୟ ପ୍ରଥମ ଓ ଭୀମଭୋଇ କଲେଜର ଆଶୁତୋଷ ପଣ୍ଡା ଦ୍ୱିତୀୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୁଢ଼ାରଜାର ରାଖୀ ଶର୍ମା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବର୍ଷା ପ୍ରିୟଦର୍ଶିନୀ ପ୍ରଥମ ଓ ସମ୍ବଲପୁର ମହାବିଦ୍ୟାଳୟର ବୁଲୁ ନାୟକ ଦ୍ୱିତୀୟ ଏବଂ ବ୍ୟାସଦେବ ଡିଗ୍ରୀ କଲେଜର ଶୂନ୍ୟସ୍ମିତ କିଷାନ ଓ ସେଣ୍ଟ ଜନ୍ ସ୍କୁଲର ଅଭିଲାଷା ଡୁଙ୍ଗଡୁଙ୍ଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ଭୀମଭୋଇ ଡିଗ୍ରୀ କଲେଜର ଶୁକ୍ରୁ ମାଝୀ ପ୍ରଥମ, ହୀରାକୁଦ ଡିଗ୍ରୀ କଲେଜର ସୁମେନ୍ଦ୍ର ତାଣ୍ଡି ଦ୍ୱିତୀୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ତୃଷ୍ଣା ଦାଶ ତୃତୀୟ ଅଧିକାର କରିଛନ୍ତି। ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁକନ୍ୟା ସାହୁ, ଦ୍ୱିତୀୟ ସ୍ଥାନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଷଣ୍ଢପଥରର ଅତୁଲ୍ୟ ନାୟକ ଓ ତୃତୀୟ ସ୍ଥାନ ବିକାଶ ଦ କନସେପ୍ଟ ସ୍କୁଲର ପ୍ରତୀଚୀ ରଥ ପାଇଛନ୍ତି। ସ୍ଲୋଗାନ ପ୍ରତିଯୋଗିତାରେ ଡ. ଝସକେତନ ସାହୁ କଲେଜ ପରମାଣପୁରର ରୀତିକା ଦାଶ ପ୍ରଥମ, ସରକାରୀ ମହାବିଦ୍ୟାଳୟର ମାନସୀ ସାହୁ ଦ୍ୱିତୀୟ ଓ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ସାନୁ କାକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ବିକାଶ ଦ କନସେପ୍ଟ ସ୍କୁଲର ଶ୍ରେୟାଶୀ ପାତ୍ର ପ୍ରଥମ, ସରକାରୀ ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ଦ୍ୱିତୀୟ ଓ ଜୟଦୁର୍ଗା କଲେଜର ମାନସ ରଞ୍ଜନ ମହାକୁଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୋଷ୍ଟର ତିଆରି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହୀରାକୁଦ ଡିଗ୍ରୀ କଲେଜର ସୌରଭ ପରମାଣିକ, ଦ୍ୱିତୀୟ ସ୍ଥାନ କୁଚିଣ୍ଡା କଲେଜର ସୁବ୍ରତ ବେହେରା ଓ ତୃତୀୟ ସ୍ଥାନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁକନ୍ୟା ସାହୁ ଅଧିକାର କରିଛନ୍ତି। ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ୟୁନିଟି ମାର୍ଚ୍ଚ ଅବସରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।



# ଜିଏମ୍‌ୟୁ ଅର୍ଥନୀତି ବିଭାଗର ଆମନ୍ତ୍ରିତ ଭାଷଣ କାର୍ଯ୍ୟକ୍ରମ




**ସମ୍ବଲପୁର, ୩୦ା୧୦(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ସାର୍କୁଲାର ବାୟୋ ଇକୋନୋମି ଆଣ୍ଡ କ୍ରପ ୱେଷ୍ଟ ମ୍ୟାନେଜମେଣ୍ଟ ସମ୍ପର୍କିତ ଆମନ୍ତ୍ରିତ ଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଅନ୍ତର୍ଗତ ଜାତୀୟ ଶିକ୍ଷାନୀତି ତାଲିମ କ୍ରମରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଆଇଆଇଟି ଭୁବନେଶ୍ୱରର ଆସୋସିଏଟ ପ୍ରୋଫେସର ଡଃ ଦୁଃଖବନ୍ଧୁ ସାହୁ ବକ୍ତା ତଥା ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଅନୁରଞ୍ଜନ ଟେଟେଙ୍କ ସଂଯୋଜନାରେ ଆୟୋଜିତ ବୌଦ୍ଧିକ ସମାରୋହରେ ଅଧ୍ୟାପକ ପ୍ରିୟଦର୍ଶୀ ଯୋଶୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡଃ ମୁରଲୀଧର ମାଝୀ ସ୍ୱାଗତ ଭାଷଣ ଏବଂ ବିଭାଗୀୟ ମୁଖ୍ୟ ଡଃ ଉମାଚରଣ ପତି 'ପିଏମ୍-ଉଷା'ର ଆଭିମୁଖ୍ୟ ତଥା ଶିକ୍ଷାବ୍ୟବସ୍ଥାରେ ଏଭଳି କାର୍ଯ୍ୟକ୍ରମର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ।

ମୁଖ୍ୟବକ୍ତା ଡଃ ସାହୁ ନିଜ ବକ୍ତବ୍ୟରେ ମଣିଷ ଓ ପର୍ଯ୍ୟାବରଣ ମଧ୍ୟରେ ଥିବା କୁଟୀଳ ସମ୍ପର୍କ ବିଷୟରେ କହିଥିଲେ। ବସ୍ତୁବାଦୀ ଦୁନିଆରେ ମଣିଷ ପରିବେଶର ଅବକ୍ଷୟ କରୁଛି, ତେଣୁ ମଣିଷର ଉନ୍ନତି ତଥା ପରିବେଶ ଉପରେ ଚାପ କମାଇବା ପାଇଁ ସାର୍କୁଲାର ଅର୍ଥନୀତିର ଉପଯୋଗୀତା ବିଷୟରେ କହିଥିଲେ। ଆହୁରି ମଧ୍ୟ କୃଷିରୁ ବାହାରୁଥିବା ବର୍ଜ୍ୟକୁ କେମିତି ପୁନଃ ବ୍ୟବହାର କରାଯାଇପାରେ ତା'ବିଷୟରେ ଆଲୋକପାତ କରିଥିଲେ। ଡଃ ସାହୁ କୃଷି ବର୍ଜ୍ୟକୁ ଚାଷୀମାନେ କାହିଁକି ପୁନଃବ୍ୟବହାର କରୁନାହାଁନ୍ତି, ସେ ବିଷୟ ଉଲ୍ଲେଖ କରିଥିଲେ। ଜ୍ଞାନର ସଂକୀର୍ଣ୍ଣତା ତଥା କ୍ଷମତା ଓ ଢାଞ୍ଚାଗତ ଅଭାବ ଏହାର ମୁଖ୍ୟ କାରଣ ବୋଲି ଦର୍ଶାଇଥିଲେ। ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଅନୁରଞ୍ଜନ ଟେଟେ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ାରେ ବିଜେଡି ପ୍ରତି ବଢ଼ୁଛି ଭୋଟରଙ୍କ ଆସ୍ଥା





**ନୂଆପଡ଼ା, ୩୦ ।୧୦(ସମିସ)**

ନୂଆପଡ଼ା ଉପନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ନିର୍ବାଚନୀ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି । ଗୁରୁବାର ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡ଼ା ବ୍ଲକର କୋଦୋମେରୀ, ବୋଇରଭାଡି, ସାଲିହା ଓ ଆମସେନା ପଞ୍ଚାୟତରେ ପ୍ରଚାର ପାଇଁ ପହଞ୍ଚି ଥିବା ବେଳେ ସ୍ଥାନୀୟ ଜନତା ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନାକରି ପାଛୋଟି ନେଇଥିଲେ । ଏହି ଅବସରରେ ଆୟୋଜିତ ଜନସଭାରେ ସ୍ନେହାଙ୍ଗିନୀ ଛୁରିଆ ଯୁବ ଓ ଛାତ୍ର ଗୋଷ୍ଠୀଙ୍କ ସମେତ ମହିଳା, କୃଷକ, ଆଦିବାସୀ ଓ ଦଳିତ ବର୍ଗ ଏବଂ ଶ୍ରମିକମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ । ସ୍ଥାନୀୟ ବାସିନ୍ଦା ମୁଖ୍ୟତଃ କୃଷି, ଜଙ୍ଗଲ ଓ ଛୋଟମୋଟ ବ୍ୟବସାୟ ଉପରେ ନିର୍ଭର କରୁଥିବା ବେଳେ ଆଗକୁ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ନିରନ୍ତର ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।କେବଳ ସେମାନଙ୍କ ଜୀବନ ଜୀବିକା ନୁହେଁ, ମୌଳିକ ସୁବିଧା ସୁଯୋଗ ସୁନିଶ୍ଚିତ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ନୂଆପଡ଼ାରେ ବିଜେଡି ଜିତିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଦୃଷ୍ଟିଭଙ୍ଗୀ ନେଇ କାମ କରିବେ ବୋଲି ସ୍ଥାନୀୟ ଲୋକଙ୍କୁ ଛୁରିଆ ଆଶ୍ୱାସନା ଦେଇଥିଲେ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଉନ୍ନୟନ ଓ ସମୃଦ୍ଧି ଯାତ୍ରାକୁ ଅବିରତ ଜାରି ରଖିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ଲାଗି ଚାରି ପଞ୍ଚାୟତରବାସିନ୍ଦା ସହମତି ପ୍ରକାଶ କରିଛନ୍ତି । ସେମାନେ କହିଥିଲେ ଯେ ନବୀନ ବାବୁଙ୍କ ଶାସନ କାଳରେ ଯେଉଁ ସବୁ ବିକାଶମୂଳକ କାର୍ଯ୍ୟ ହୋଇଛି ତାହା ଆଗକୁ ମଧ୍ୟ ଜାରି ରହିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଶ୍ରୀମତୀ ଛୁରିଆ ଚୁହୁରି, ଭୋଇରବାଡି, ସରେଇପାଲି, ମାଗୁରପାଣି ହାଟ, ଝାଲବାହାଲ, ଆମସେନା, ଚନାବେଡା ଗ୍ରାମରେ ଆୟୋଜିତ ଜନସଭାରେ ପ୍ରଚାର କରିଥିଲେ ।ପ୍ରଚାର କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ କହିଥିଲେ ଯେ ନୂଆପଡ଼ାର ଲୋକମାନେ ଅତୀତରେ ବିଜେଡିକୁ ଅସାଧାରଣ ସମର୍ଥନ ଦେଇଛନ୍ତି ଏବଂ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାକୁ ଯେତେବେଳେ ଆସିବେ, ଏହି ସମର୍ଥନ ମହାଦ୍ରୁମରେ ପରିଣତ ହେବ । ଉପନିର୍ବାଚନରେ ବିଜେଡି ବିପୁଳ ଭୋଟରେ ଜିତିବ ବୋଲି କହିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ଟୁକୁନି ସାହୁ, ନିରଞ୍ଜନ ପୂଜାରୀ, ରୀତା ସାହୁ, ରମେଶ ମାଝୀ, ପ୍ରଦୀପ ସାହୁ, ନିହାର ରଞ୍ଜନ ବେହେରା, ପ୍ରଶାନ୍ତ ବେହେରା ଓ ସାରଦା ଜେନା ପ୍ରମୁଖ ବରିଷ୍ଠ ନେତା ଉପସ୍ଥିତ ରହି ନବୀନ ବାବୁଙ୍କ ପୂର୍ବପରି ଆଶୀର୍ବାଦ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ନୂଆପଡ଼ାରେ ତାଙ୍କ ପ୍ରତି ଆସ୍ଥା ବଢ଼ୁଛି ବୋଲି ସ୍ନେହାଙ୍ଗିନୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।







■ ପଞ୍ଚାୟତସ୍ତରୀୟ ବୈଠକରେ ଲୋକପ୍ରିୟତା ପ୍ରତିଫଳିତ

## ନୂଆପଡ଼ାରେ କେବଳ ବିଜେଡି ହିଁ ବିକାଶ ଆଣିପାରିବ



**ନୂଆପଡ଼ା, ୩୦ ।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ନୂଆପଡ଼ା ବ୍ଲକ ଧରମବନ୍ଧା ଓ ସାଇପଲା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସକ୍ରିୟ କର୍ମୀ, ସାଧାରଣଜନତାଙ୍କୁ ନେଇ ସଭା ଆୟୋଜିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନା, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ବରିଷ୍ଠ ନେତା ସୁଶାନ୍ତ ମିଶ୍ର ପ୍ରମୁଖ ସଭାରେ ଉଦ୍‌ବୋଧନ ଦେଇ ଗତ ଦୁଇ ଦଶନ୍ଧୀ ଧରି ଓଡ଼ିଶାରେ ହୋଇଥିବା ଅଭୂତପୂର୍ବ ରୂପାନ୍ତରଣ କେବଳ ନବୀନ ବାବୁଙ୍କ ଅବଦାନ ।ଆଦିବାସୀ ବିକାଶ ପାଇଁ ବିଜେଡିର ସଂଗ୍ରାମ ଆଜି ମଧ୍ୟ ଜାରି ରହିଛି । ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟଶୈଳୀ ହିଁ ଓଡ଼ିଶାକୁ ଆହୁରି ଆଗକୁ ନେଇପାରିବ ।ଏହି ଅବସରରେ ବିଜେଡି ନେତୃବୃନ୍ଦ ନୂଆପଡ଼ାର ବିକାଶ ପାଇଁ ବିଜେଡିର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି ।ଗୁରୁତ୍ୱପୂର୍ଣ୍ଣ ହେଉଛି ସଭାରେ ଦଳୀୟ ଏକତା, ସଂଗଠନ ଓ ଜନସମ୍ପର୍କ ସୃଷ୍ଟିରେ ନୂଆ ଉତ୍ସାହ ଦେଖାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଯୁବ ନେତା ଶିବାନନ୍ଦ ପରିଛା, ପ୍ରମୋଦ ପାଢ଼ୀ, ଗଇଁଦରାମ ସାହୁ, ଚୁମନ ପ୍ରଧାନ, ଚମନ ନିର୍ମଳ କର, ଆଶାରାମ ଦଣ୍ଡସେନା, ଚୁନେଶ ସାହୁ, ସୁଶାନ୍ତ ମିଶ୍ର, ମାୟାବତୀ ଜଗତ, ତୁଳସୀ ବେରିହା, ଲାଳେଶ୍ୱର ତାଣ୍ଡି, ବାଲକୁମାର ବରିହା, ଜ୍ଞାନସିଂ ମାଝୀ, ରୁପଲାଲ କେଉଁଟ, ଜାମୁଲାଲ ତାଣ୍ଡି ପ୍ରମୁଖଙ୍କ ସହ ବିଜେଡିର ଶତାଧିକ କର୍ମୀ ଉପସ୍ଥିତ ଥିଲେ ।



ଟାନୱାଟ ପଞ୍ଚାୟତରେ ବିଶାଳ ମହିଳା ସମାବେଶ

## ନବୀନଙ୍କ ସାଙ୍ଗରେ ମହିଳାଙ୍କ ସମର୍ଥନ ରହିଛି

**ନୂଆପଡ଼ା, ୩୦ ।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ନୂଆପଡ଼ା ବ୍ଲକ ଟାନୱାଟ ପଞ୍ଚାୟତରେ ବିଶାଳ ମହିଳା ସମାବେଶ ହୋଇଯାଇଛି ।ସମାବେଶରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଦଶପଲ୍ଲା ବିଧାୟକ ରମେଶ ବେହେରା, ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ସଞ୍ଜିତ୍ ମହାନ୍ତି, ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ସାମିଲ ଥିଲେ । ବିଜେଡି ନେତୃବୃନ୍ଦ ମହିଳାମାନଙ୍କୁ ସମ୍ବୋଧିତ କରି ଅଭିଭାଷଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ଆତ୍ମନିର୍ଭରତା ଓ ସ୍ୱାବଲମ୍ବନ ପାଇଁ କରିଥିବା ଉଦ୍ୟମ ତଥା ଏସଏଚ୍‌ଜି ମାଧ୍ୟମରେ ମହିଳାଙ୍କ ଆର୍ଥିକ ଓ ସାମାଜିକ ଶଶକ୍ତିକରଣ ଦିଗରେ ବିଜେଡି ସରକାର ଦୀର୍ଘଦିନ ଧରି ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି । ମହିଳାମାନଙ୍କ ସମ୍ମାନ, ପରିଚୟ ଓ ରାଜ୍ୟର ବିକାଶରେ ଭାଗିଦାରୀ ତିଆରି କରିବାରେ ବିଜୁ ଜନତା ଦଳ ଭୂମିକାକୁ ମହିଳାମାନେ ମନେ ରଖି ଆଗାମୀ ନିର୍ବାଚନରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ । ମହିଳାମାନେ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ ପ୍ରତି ନିଜର ଆସ୍ଥା ଓ ସମର୍ଥନ ପ୍ରକଟ କରିଛନ୍ତି ।






## ପଏଁର ପଞ୍ଚାୟତରେ ବିଜେଡିର ପ୍ରଚାର

**କୋମନା, ୩୦ ।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଗାଁ ଗାଁରେ ରାଜନିତୀ ତାତି ବଢ଼ିବାରେ ଲାଗିଛି । ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେପି ଓ ବିଜେଡିର ପ୍ରାର୍ଥୀମାନେ ନିଜ ସମର୍ଥକଙ୍କୁ ନେଇ ପ୍ରଚାର ଚଳାଇଛନ୍ତି । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଗାଁ ଗାଁ ବୁଲି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନର ବିଭିନ୍ନ ଜନହିତକାରୀ ଯୋଜନା ଉପରେ ଭୋଟରଙ୍କୁ ଅବଗତ କରି ଭୋଟ ଭିକ୍ଷା କରୁଛନ୍ତି । ପଏଁର ପଞ୍ଚାୟତ ଦାୟିତ୍ୱରେ ଥିବା ସୁନ୍ଦରଗଡ଼ ବିଜେଡି ବିଧାୟକ ଯୋଗେଶ ସିଂ ଭୋଟରଙ୍କୁ ପ୍ରଶଂସା କରିବା ସହ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବେ ବୋଲି ପ୍ରକାଶ କରିଛନ୍ତି ।



## ନବୀନଙ୍କ ଯୋଜନାକୁ ଝୁରୁଛନ୍ତି ଭୋଟର





**କୋମନା, ୩୦ ।୧୦(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ୩ଟି ଜିଲ୍ଲା ପରିଷଦ ଯୋନ୍‌ରେ ବିଜେଡିର ଭୋଟ ପ୍ରଚାର ଜୋରସୋରରେ ଚାଲିଛି । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଭୋଟ ପ୍ରଚାର ସମୟରେ ବିଭିନ୍ନ ସ୍ଥାନର ଭୋଟରମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକାରୀ ଯୋଜନାକୁ ଝୁରୁଥିବା ପ୍ରକାଶ କରିଛନ୍ତି । ନବୀନଙ୍କ ଜନହିତକାରୀ ଯୋଜନାକୁ ଝୁରି ଝୁରି ଲୋକଙ୍କ ଆଖିରୁ ଲୁହ ଗଡ଼ି ଯାଉଥିବା ଦେଖାଯାଉଛି । ଅପରପଟରେ ଆସନ୍ତା ୩ ତାରିଖରେ କୋମନାରେ ହେବାକୁ ଥିବା ନବୀନଙ୍କ କାର୍ଯ୍ୟକ୍ରମକୁ ଯିବାପାଇଁ ଭୋଟର ଆତୁର ହେଉଛନ୍ତି ।

## ବିଜେଡିରେ ମିଶିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ

**ନୂଆପଡ଼ା, ୩୦ ।୧୦(ସମିସ):** ଉପନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ନୂଆପଡ଼ାରେ ବିଜେଡିର ଶକ୍ତି କ୍ରମଶଃ ବଢ଼ିବାରେ ଲାଗିଛି । ଗୁରୁବାର ନୂଆପଡ଼ା ବ୍ଲକ କେରମେଲୀ ପଞ୍ଚାୟତରେ ଆୟୋଜିତ ସଭାରେ ଶତାଧିକ ବିଜେପି ଓ କଂଗ୍ରେସ ଯୁବ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଦଶପଲ୍ଲା ବିଧାୟକ ରମେଶ ବେହେରା, ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ଉପସ୍ଥିତିରେ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ ଯୁବ ନେତା ଓ କର୍ମୀ ବିଜେଡିରେ ଯୋଗ ଦେବା ସହ ଦଳପ୍ରତି ନିଷ୍ଠା ଓ ପ୍ରତିବଦ୍ଧତାର ସଂକଳ୍ପ ନେଇଛନ୍ତି । ତେଜ ଶବର, ବିହାରୀ ଲାଲ ଶବର, ଲାଲେଶ୍ୱର ମାଝୀ, ନିଳାମ୍ବର ମାଝୀ, ପେଷ୍କାର ମାଝୀ ପ୍ରମୁଖ ନିଜର ସମର୍ଥକମାନଙ୍କ ସହିତ ଶଙ୍ଖ ଧରିବା ସହ ନବୀନ ପଟ୍ଟନାୟକଙ୍କ ଉପରେ ତାଙ୍କ ଆସ୍ଥା ପ୍ରକଟ କରିଛନ୍ତି ।



ଦିବ୍ୟାଙ୍ଗ ଡଗର ନବୀନଙ୍କ ଫ୍ୟାନ୍

## ବୁଲି ବୁଲି କରୁଛନ୍ତି ପ୍ରଚାର

**ନୂଆପଡ଼ା, ୩୦ ।୧୦(ସମିସ):** ନିର୍ବାଚନୀ ତିଥି ଯେତିକି ପାଖେଇ ଆସୁଛି ସେତିକି ରାଜନୈତିକ ତାତି ବଢ଼ି ବଢ଼ି ଚାଲିଛି ।ବିଭିନ୍ନ ରାଜନୈତିକ ଦଳର ସମର୍ଥକମାନେ ନାନାଦି ରକମରେ ନିଜର ସମର୍ଥନ ଦେଖାଇ ଦଳୀୟ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ତନ୍ମଧ୍ୟରୁ ନୂଆପଡ଼ା ସହରରେ ନିତି ଡଗର ନାଏକ ନାମକ ଜନୈକ ନବୀନ ଫ୍ୟାନ ଏକ ତିନି ଚକିଆ ଗାଡିରେ ବିଜେଡିର ପ୍ରଚାର ଝଣ୍ଡା ଲଗାଇ ବୁଲୁଛନ୍ତି । ମଝିରେ ମଝିରେ ନବୀନ ପଟ୍ଟନାୟକଙ୍କ ଜୟ ଧ୍ୱନୀ ଗାନ କରୁଛନ୍ତି । ସେ ଆଜିକୁ ଦଶ ବର୍ଷ ଧରି ବିଜେଡିର ପ୍ରଚାର ମଙ୍ଗ ଧରିଛନ୍ତି ।କୌଣସି ପ୍ରକାର ପରିଶ୍ରମିକ ନନେଇ ଘୁରି ବୁଲୁଛନ୍ତି । ଗତ ଦିନମାନଙ୍କରେ ସମ୍ବଲପୁରରେ ପ୍ରଣବ ପ୍ରକାଶ ଦାସ ଏବଂ ପଦ୍ମପୁରରେ ବର୍ଷା ସିଂଙ୍କ ପାଇଁ ଉପନିର୍ବାଚନ ଲଢ଼ିଥିବା ପ୍ରକାଶ କରିଛନ୍ତି । ଏଭଳି ନିଆରା ପ୍ରଚାରକଙ୍କ ପ୍ରତି ଲୋକ ଆକୃଷ୍ଟ ହୋଇ ଝୁମି ହେଉଥିବା ଦେଖିବାକୁ ମିଳୁଛି । ସେ ମଧ୍ୟ ଆଶାବାଦୀ ରହିଛନ୍ତି ଯେ ତାଙ୍କର ପ୍ରାର୍ଥୀ ସ୍ନେହାଙ୍ଗିନୀ ଚଳିତ ନିର୍ବାଚନରେ ବିଜୟ ମୁକୁଟ ପିନ୍ଧିବେବୋଲି କହୁଛନ୍ତି ।



ନୂଆପଡ଼ା ଉପନିର୍ବାଚନରେ ବିଜେଡିର ବିଜୟ ସୁନିଶ୍ଚିତ: ଅରୁଣ

## ୫୦୦ ଦିନର ବିଜେପି ସରକାର ଚରମ ବିଫଳ

**ନୂଆପଡ଼ା, ୩୦ ।୧୦(ସମିସ):** ନୂଆପଡ଼ା ଉପନିର୍ବାଚନରେ ବିଜୁ ଜନତା ଦଳର ବିଜୟ ସୁନିଶ୍ଚିତ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ବିଜେଡିର ଉପସଭାପତି ତଥା ବିଧାୟକ ଡ.ଅରୁଣ ସାହୁ । ଗତ ୨୫ ବର୍ଷରେ ହୋଇଥିବା ଉପନିର୍ବାଚନ ଗୁଡିକରେ ୯୦ ପ୍ରତିଶତ ସଫଳତା ପାଇବାରେ ବିଜୁ ଜନତା ଦଳର ରେକର୍ଡ ରହିଛି । ନୂଆଡ଼ା ଉପନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ପ୍ରଚାରରେ ବିଜେପି ଦଳ ନେତାମାନେ ନିର୍ବାଚନ ମୈଦାନକୁ ନ ଆସି କି ବହୁତ କଥା କହୁଥିଲେ କିନ୍ତୁ ବର୍ତ୍ତମାନ ନୂଆପଡ଼ାବାସୀ କହୁଛନ୍ତି ବିଜେଡିର ବିଜୟ ସୁନିଶ୍ଚିତ ।ବିଜୁ ଜନତା ଦଳ ପ୍ରଚାର ପ୍ରସାରରେ ବହୁତ ଆଗରେ ରହିଛି ।ବର୍ତ୍ତମାନ ନୂଆପଡ଼ାର ସମସ୍ତ ବ୍ଲକ, ଏନ୍‌ଏସି, ପଞ୍ଚାୟତ, ଗାଁ, ଗଳିକନ୍ଦି ଓ ସାହିମାନଙ୍କରେ ବିଜେଡି ନେତା, କର୍ମୀ ଓ ଶୁଭେଚ୍ଛୁମାନେ ଦଳ ପାଇଁ ଜୋରଦାର ପ୍ରଚାର କରୁଛନ୍ତି । ବିଜେପି ସରକାର ଚରମ ବିଫଳ । ବିଫଳତାର ସବୁ ରେକର୍ଡ ଭାଙ୍ଗୁଛି ବିଜେପି ସରକାର । ୫୦୦ ଦିନ ହେଲା ଡବଲ ଇଞ୍ଜିନ ସରକାର ନୂଆପଡ଼ାରେ ମାଟି ଗାଣ୍ଡୁଏ ମଧ୍ୟ ପକେଇ ନାହିଁ । ସାଧାରଣ ନିର୍ବାଚନ ପୂର୍ବରୁ ମାଳ ମାଳ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ କୌଣସି ପ୍ରତିଶ୍ରୁତି ପୂରଣ କରିନାହାଁନ୍ତି । ସେହିଭଳି ନୂଆପଡ଼ା ଉପନିର୍ବାଚନରେ ବିଜେପି ନେତାମାନେ ନୂଆପଡ଼ା ପାଇଁ ବହୁ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । ଉପନିର୍ବାଚନରେ ନୂଆପଡ଼ାବାସୀ ବିଜୁ ଜନତା ଦଳକୁ ବିପୁଳ ଭୋଟ ଦେଇ ସମଗ୍ର ଓଡ଼ିଶାକୁ ସଂକେତ ଦେବେ ଯେ, ବିଜେପି ସରକାର ସମସ୍ତ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଆଗାମୀ ଦିନରେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଓଡ଼ିଶାରେ ସରକାର ଗଢ଼ିବା ସହ ରାଜ୍ୟରେ ପୁଣି ଥରେ ସୁଶାସନ ଫେରି ଆସିବ । ଖାଲି ବାହାସ୍ଫୋଟ ମାରି କଥା କହିବାରେ ସୀମିତ ବିଜେପି ସରକାର । ସାଧାରଣ ଲୋକଙ୍କ ସାମଗ୍ରୀକ ବିକାଶ ପ୍ରତି ସେମାନଙ୍କ ନିଘା ନାହିଁ । ପରିଣାମ ସ୍ୱରୁପ ରାଜ୍ୟରେ ଦୁର୍ନୀତି, ଦୁଷ୍କର୍ମ ଓ ଅପରାଧ ବଢ଼ିବାରେ ଲାଗିଛି । ତେଣୁ ଏହି ବିଫଳ ସରକାରଙ୍କୁ ଜବାବ ଦେବା ପାଇଁ ନୂଆପଡ଼ା ଉପନିର୍ବାଚନ ହେଉଛି ଉପଯୁକ୍ତ ସମୟ ବୋଲି ଶ୍ରୀ ସାହୁ କହିଛନ୍ତି ।



## ଟ୍ରକ୍‌କୁ ଧକ୍କା ଦେଲା କାର୍; ଜଣେ ମୃତ

କୁଆଖିଆ,୩୦।୧୦(ସମିସ): ୧୬ ନମ୍ବର ଜାତୀୟ ରାଜପଥ ସାହାପୁର ନିକଟରେ ଗୋଟେ ଆଇରନ ଟ୍ରକ୍‌କୁ କାର ଧକ୍କା ଦେବାଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଆଜି ସକାଳେ ଝାଡ଼ଖଣ୍ଡର ଏକ କାର ଭୁବନେଶ୍ୱରଅଭିମୁଖେ ଯାଉଥିବା ବେଳେ କୁଆଖିଆ ଥାନା ଅଧୀନ ସାହାପୁର ବ୍ରିଜ ନିକଟରେ ସମ୍ମୁଖରେ ଯାଉଥିବା ଆଇରନ ବୋଝେଇ ଟ୍ରକ୍‌କୁ ପଛ ପଟୁ ପିଟି ଦେଇଥିଲା। ଯାହାଫଳରେ ଥିବା ଯାତ୍ରୀଙ୍କ ମଧ୍ୟରୁ ନିରଦ କୁମାର ସିଂ ନାମକ ଜଣେ ଛାତ୍ରର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ କୁଆଖିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇ ଥିବାବେଳେ ମୃତ ଛାତ୍ରର ଶବ ଜବତ କରିଥିବା ଜଣାପଡ଼ିଛି। ଖବର ଅନୁଯାୟୀ ମୃତ ଛାତ୍ର ଜଣଙ୍କ ଭୁବନେଶ୍ୱରର କୌଣସି ଏକ କଲେଜରେ ପାଠ ପଢୁଥିଲେ। ତେବେ ଖବର ଲେଖା ପର୍ଯ୍ୟନ୍ତ ମୃତକଙ୍କ ପରିବାର ଲୋକେ କୁଆଖିଆ ଥାନାରେ ପହଞ୍ଚି ପାରିନଥିବାରୁ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଜଣାପଡ଼ିଛି।

## ପୋଖରୀରୁ ମାଛ ଚୋରି ନେଇ ନିସ୍ତୁକ ଛେଚା ଖାଇଲେ ଯୁବକ

ବ୍ୟାସନଗର,୩୦।୧୦(ସମିସ): ଯାଜପୁରରୋଡ୍ ଥାନା ଭିକିପୁର ଗ୍ରାମ ନାଗଚଣ୍ଡି ପୋଖରୀରୁ ଦିନ ଦିପହରରେ ମାଛ ଚୋରି କରୁଥିବାକୁ ନେଇ ଦୁଇଜଣ ଯୁବକଙ୍କୁ ନିସ୍ତୁକ ଛେଚିଛନ୍ତି ଗ୍ରାମବାସୀ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ରୋଡ଼ ଥାନାରେ ଅଭିଯୋଗ ହେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତକାଲି ସ୍ଥାନୀୟ ଅଞ୍ଚଳର କିଛି ଯୁବକ ନାଗଚଣ୍ଡୀ ପୋଖରୀରେ ଯାଇ ଜାଲ ପକାଉଥିଲେ। ଏନେଇ ଗ୍ରାମର କିଛି ଯୁବକ ଦେଖି ପଚରାଉଚରା କରିବାରୁ ଦୁର୍ବୃତ୍ତମାନେ ଓଲଟା ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଅଟକାଇବାରୁ ଦୁର୍ବୃତ୍ତମାନେ ନିଜକୁ ପୋଖରୀର ମାଲିକ କହି ପାଲଟା ଆକ୍ରମଣ କରିଥିଲେ। ଫଳରେ ଗ୍ରାମର କିଛି ଯୁବକ ସେମାନଙ୍କ ଠାରୁ ଆଣିଥିବା ଜାଲ ଛଡାଇ ଆଣିବାରୁ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ପୁଲିସ ତଦନ୍ତ ଚଳାଇଥିବା ବେଳେ ଅପର ପକ୍ଷରୁ ମଧ ପାଲଟା ଅଭିଯୋଗ ହୋଇଥିବା ଜଣାପଡିଛି।

## ୧ରେ ଯାଜପୁରରେ ଅସ୍ମିତା ରଗ୍‌ବି ଲିଗ୍

ଯାଜପୁର,୩୦।୧୦(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଓ ରଗବି ଇଣ୍ଡିଆ ଦ୍ୱାରା ଏବଂ ଓଡ଼ିଶା ଓ ଯାଜପୁର ରଗବି ଫୁଟବଲ ଆସୋସିଏସନ୍‌ର ମିଳିତ ସହଯୋଗରେ ଆସନ୍ତା ନଭେମ୍ବର ୧ ତାରିଖରେ ଯାଜପୁର ଟାଉନ୍ ସ୍ଥିତ କୁସୁମା ନିକଟବର୍ତ୍ତୀ ଯାଜପୁର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଅସ୍ମିତା ରଗବି ଲିଗ୍ ଅନୁଷ୍ଠିତ ହେବ। ବିଭିନ୍ନ ଜିଲ୍ଲାରୁ ୨୦ ଟିମ୍ ଅଂଶ ଗ୍ରହଣ କରିବେ। ସକାଳ ୮ଟାରେ ଆରମ୍ଭ ହୋଇ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ରାଜ୍ୟ ରଗବି ଫୁଟବଲ ସଂଘର ସମ୍ପାଦକ ସୁଶାନ୍ତ ସାହୁ ଓ ଯାଜପୁର ଜିଲ୍ଲା ରଗବି ଫୁଟବଲ ସଂଘର ସମ୍ପାଦକ ଭରତ ସାହୁ ଜଣାଇଛନ୍ତି।

## ପୂର୍ବତନ ବିଧାୟକଙ୍କ ସ୍ମୃତିରେ ସେବାମୂଳକ କାର୍ଯ୍ୟ



ଧର୍ମଶାଳା,୩୦।୧୦(ସମିସ): ବ୍ଲକ୍ ଅଧୀନ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦଠାରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଦ୍ୱିତୀୟ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସେବାମୂଳକ କାର୍ଯ୍ୟ ଆୟୋଜିତ ହୋଇଥିଲା। ଗ୍ରାମ ସ୍ଥିତ ଶ୍ରୀ ଶ୍ୟାମସୁନ୍ଦରଜୀଉ ପୁଷ୍କରୀଣିରେ ତିଳତର୍ପଣ ଅନୁଷ୍ଠିତ ହୋଇଥିବା ବେଳେ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧାପକ ବଳଭଦ୍ର ଦାଶ କର୍ତ୍ତା ଭାବେ ଯୋଗଦେଇଥିଲେ। ପଣ୍ଡିତ ରବୀନ୍ଦ୍ର ଦାଶ ଏବଂ ସହଯୋଗୀ ବିଷ୍ଣୁପ୍ରସାଦ ପତି ଉପସ୍ଥିତ ଶତାଧିକ ମହିଳା ପୁରୁଷଙ୍କ ହାତରେ ତିଳତର୍ପଣ ଓ ପୁଷ୍ପ ପ୍ରଦାନ କରିଥିଲେ। କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖକ ଡଃ. ରାଜକିଶୋର ପାଢୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ. ଜଗନ୍ନାଥ ଜେନା, ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡଃ. ପ୍ରଶାନ୍ତ କୁମାର ସ୍ୱାଇଁ, ଯାଜପୁର ଜିଲ୍ଲା ପୂଜ୍ୟପୂଜା ସଂସଦର ଆବାହକ ଅଭିମନ୍ୟୁ ଧଳ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଲାବଣ୍ୟଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଭରତ ଚନ୍ଦ୍ର ଦାସ, କରୁଣାକର ପଣ୍ଡା, ଜଗନ୍ନାଥ ମହାନ୍ତି, ସୁବାଶ ଦାସ, ନିଗମାନନ୍ଦ ଜେନା, ଧିରେନ୍ଦ୍ର ଦାସ, ବିବେକାନନ୍ଦ ଦାସ, ରବିନ୍ଦ୍ର ବାରିକ, ସୁଧାକର ରଣା, ମହେନ୍ଦ୍ର ଜେନା, ବିଶ୍ୱନାରାୟଣ ସାହୁ, ଗଗନ ବିହାରୀ ରାଉତ, ନବକୁମାର ଜେନା, ଶରତ ଜେନା, ବଂଶିଧର ଜେନା, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ସଭାନେତ୍ରୀ ଶୈଳବାଳା ବେହେରା, ଉପସଭାନେତ୍ରୀ କୁନିଲତା ବେହେରା, ମୀନତି ପଣ୍ଡା, ସ୍ନେହଲତା ଦାଶ, ଝୁନାରାଣୀ ମିଶ୍ର, ଜ୍ୟୋସ୍ନା ବେହେରା, ରାଧାରାଣୀ ପଣ୍ଡା, ଲକ୍ଷ୍ମୀପ୍ରିୟା ଜେନା, ସାବିତ୍ରୀ ଜେନା, ସୁଜିତା ଜେନା, ଗୀତାଞ୍ଜଳି ଦାସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ତମାଖୁ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ବିରୋଧରେ ଅଭିଯାନ

# ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ

ଯାଜପୁର,୩୦।୧୦(ସମିସ)



ଯାଜପୁର ଜିଲ୍ଲାରେ ତମାଖୁ ବିକ୍ରୟ ବିରୋଧରେ ଏବଂ ଖାଦ୍ୟ ସୁରକ୍ଷା ନିଶ୍ଚିତିକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ବିଭାଗ, ଡ୍ରଗ୍ସ କଣ୍ଟ୍ରୋଲର, ଡ୍ରଗ୍ସ ଇନ୍ସପେକ୍ଟର ରେଞ୍ଜ୧ ଓ ରେଞ୍ଜ୨, ପୁଲିସ ବିଭାଗ, ଅବକାରୀ ବିଭାଗର ମିଳିତ ଉଦ୍ୟମରେ ପାଣିକୋଇଲି, ଧର୍ମଶାଳା, ବଡ଼ଚଣା, ଚଣ୍ଡିଖୋଲ ମହାବିନାୟକ ନିକଟସ୍ଥ ସ୍କୁଲ ଓ କଲେଜ ପରିସରରେ ଚଢଉ କରାଯାଇଥିବା ଜଣାପଡ଼ିଛି। ସେଠାରେ ଶିକ୍ଷା ପ୍ରତିଷ୍ଠାନ ନିକଟରେ ଅବୈଧ ଭାବେ ତମାଖୁ ଓ ଏଥିସହିତ ସମ୍ବନ୍ଧିତ ପଦାର୍ଥ ବିକ୍ରୟ କରୁଥିବା ଦୋକାନଗୁଡ଼ିକରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବିଭିନ୍ନ ଦୋକାନରୁ ନିୟମ ଉଲଂଘନ ପାଇଁ ମୋଟ ୪, ୮୦୦ ଟଙ୍କା ଜୋରିମାନା ଆଦାୟ ହୋଇଥିଲା। କାର୍ଯ୍ୟାନୁଷ୍ଠାନ କୋଟପା ଏନଫୋର୍ସମେଣ୍ଟ ଅଧୀନସ୍ଥ 'ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦' ଓ 'ତମାଖୁ ମୁକ୍ତ ଶିକ୍ଷା ପ୍ରତିଷ୍ଠାନ କାର୍ଯ୍ୟକ୍ରମ' ଅଧୀନରେ କରାଯାଇଥିଲା। ଏହାସହିତ ଉକ୍ତ ଦିନ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଜାରକା ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳରେ ବିଶେଷ ଚଢ଼ଉ କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ଖାଦ୍ୟ ବ୍ୟବସାୟୀମାନଙ୍କୁ ଖାଦ୍ୟ ସୁରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତା ନିୟମ ବିଷୟରେ ସଚେତନ କରାଯାଇଥିଲା। ପ୍ରାୟ ୬୦ କିଲୋଗ୍ରାମ ଅପରିଷ୍କୃତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ନଷ୍ଟ କରିଦିଆଯାଇଥିଲା ଏବଂ ଯେଉଁ ବ୍ୟବସାୟୀମାନେ ଖାଦ୍ୟ ସୁରକ୍ଷା ଲାଇସେନ୍ସ ବିନା କାରବାର କରୁଥିଲେ ସେମାନଙ୍କୁ ନୋଟିସ ଜାରି କରାଯାଇଛି। ଏହି ଚଢ଼ଉରେ ଡ୍ରଗ୍ସ କଣ୍ଟ୍ରୋଲର ସଞ୍ଜୟ କୁମାର ହାନ୍ସଦା, ଡ୍ରଗ୍ସ ଇନ୍ସପେକ୍ଟର ରେଞ୍ଜ୧ ଓ ୨, ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଜିଲ୍ଲା ତମାଖୁ ନିୟନ୍ତ୍ରଣ ପରାମର୍ଶଦାତ୍ରୀ ସସ୍ମିତା ରାଉତ, ପାଣିକୋଇଲି ଓ ଚଣ୍ଡିଖୋଲ ପୁଲିସ କର୍ମଚାରୀ ଏବଂ ଯାଜପୁର ରୋଡ ଓ ଧର୍ମଶାଳା ଅବକାରୀ ବିଭାଗ ଟିମ୍ ଯୋଗଦେଇଥିଲେ।

## ଭାଗବତ କଥାମୃତ ଓ ବୋଇତ ବନ୍ଦାଣର ପ୍ରସ୍ତୁତି ବୈଠକ



ଯାଜପୁର,୩୦।୧୦(ସମିସ): ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ବୋଇତ ବନ୍ଦାଣ ତଥା ଭାଗବତ କଥାମୃତର ପ୍ରାରମ୍ଭିକ ବୈଠକ ସଭାପତି ଆଇନଜୀବୀ ପ୍ରତିମା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତ ମାସ ୩୦ ତାରିଖ ଗୁରୁବାର ଅଁଳା ନବମୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ଅର୍ଥାତ୍ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଦିନମାନଙ୍କରେ ଆକାଶ ଦୀପ ପ୍ରଜ୍ୱଳନ, ବୈତରଣୀ ବନ୍ଦାପନା ଏବଂ ୬ଷ୍ଠ ଦିନ ବ୍ୟାପୀ ଭାଗବତ କଥାମୃତ ବିଶିଷ୍ଟ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ପ୍ରତ୍ୟେକ ଦିନ ଓଡ଼ିଶୀ ନୃତ୍ୟ, ଭଜନ କାର୍ଯ୍ୟକ୍ରମ, ପାଲା, ପୂର୍ଣ୍ଣମୀ ଦିନ ବୋଇତ ବନ୍ଦାଣ ଉପଲକ୍ଷେ ସାଧବ ପୁଅମାନଙ୍କର ବୋଇତଯାତ୍ରା ସହ ସମ୍ପାଦକ ବୃନ୍ଦାବନ ମିଶ୍ରଙ୍କ ଉପରେ ପ୍ରତିବର୍ଷପରି ଉକ୍ତ ବର୍ଷ ନ୍ୟସ୍ତ କରାଗଲା। ଗୀତା ଉପରେ ପିଲାମାନଙ୍କ ବୋଧଜ୍ଞାନ ପରୀକ୍ଷା, ବିଶିଷ୍ଟ ବ୍ୟକ୍ତିମାନଙ୍କର ଆଗମନ ପାଇଁ ନିମନ୍ତ୍ରଣ, ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ଭଜନ କାର୍ଯ୍ୟକ୍ରମ, ମା'ମାନଙ୍କର ରହିବା ପାଇଁ ଅସ୍ଥାୟୀ ଶିବିର ଓ ତାଙ୍କର ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ, ସ୍ୱାସ୍ଥ୍ୟ ସେବା, ବୋଇତ ନିର୍ମାଣ, ପୁରସ୍କାର ବିତରଣ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ କାହ୍ନୁଚରଣ ସ୍ମୃତି ସମ୍ମାନ ସମ୍ବର୍ଦ୍ଧନା କରିବା ନିମନ୍ତେ ଆଲୋଚନା ସ୍ଥିର କରାଗଲା। ଏଥି ନିମନ୍ତେ ଜିଲ୍ଲାପାଳ, ତହସିଲ୍‌ଦାର ଏବଂ ଯାଜୁପର ପୌରପାଳିକାର କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ବିଶିଷ୍ଟ ପଣ୍ଡିତ ବିନୋଦ ବିହାରୀ ନାୟକ, ଅବସରପ୍ରାପ୍ତ ପୁଲିସ ପ୍ରଶାସକ ଗଦାଧର ରାଉତ, ସମାଜସେବୀ ଶାନ୍ତନୁ କୁମାର ଧଳ, ଡଃ ହରିଶ୍ ପଣ୍ଡା, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ସମାଜସେବୀ ହରେକୃଷ୍ଣ ପରିଡ଼ା, ଅନୁସୂୟା ମିଶ୍ର, ଅର୍ଚ୍ଚନା ମିଶ୍ର, ଭାବଗ୍ରାହି ମିଶ୍ର, ଧନଞ୍ଜୟ ନାୟକ ନିଜର ବକ୍ତବ୍ୟ ରଖିଥିଲେ। ଏଥିସହିତ ଉକ୍ତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ଯେ ଚଳିତ ମାସ ଚୂଡ଼ାନ୍ତ ବୈଠକ ୧୫ ତାରିଖରେ ଅନୁଷ୍ଠିତ ହେବ। ଶେଷରେ ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାରେ 'ଉଲ୍ଲାସ' ପରୀକ୍ଷା ସମ୍ପନ୍ନ



ଯାଜପୁର,୩୦।୧୦(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ଆନୁକୂଲ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ 'ଉଲ୍ଲାସ' ପରୀକ୍ଷା-୨୦୨୫ ଯାଜପୁର ଜିଲ୍ଲାର ୧୦ଟି ବ୍ଲକର ୨୮୯ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଉକ୍ତ ପରୀକ୍ଷାରେ ୧୫ ବର୍ଷରୁ ଅଧିକ ଅଣସାକ୍ଷର ବ୍ୟକ୍ତିମାନେ ପରୀକ୍ଷା ଦେଇଥିଲେ। ମୋଟ ୨୨୧୪୦ ଜଣ ପରୀକ୍ଷାର୍ଥୀ ଶୃଙ୍ଖଳାର ସହ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ବଡ଼ଚଣାର ୧୮ଟି ପରୀକ୍ଷାକେନ୍ଦ୍ରରେ ୫୮୭ଜଣ, ବରୀର ୨୬ଟି କେନ୍ଦ୍ରରେ ୩୭୧୮, ବିଂଝାରପୁରର ୩୮ଟି କେନ୍ଦ୍ରରେ ୧୬୪୪ ଜଣ, ଦାନଗଦିର ୨୪ଟି କେନ୍ଦ୍ରରେ ୪୦୬୧ ଜଣ, ଦଶରଥପୁରର ୩୫ଟି କେନ୍ଦ୍ରରେ ୨୧୮୭, ଧର୍ମଶାଳାର ୧୯ଟି କେନ୍ଦ୍ରରେ ୭୭୮ ଜଣ, ଯାଜପୁରର ୪୦ଟି କେନ୍ଦ୍ରରେ ୧୯୦୭ ଜଣ, କୋରେଇର ୩୬ଟି କେନ୍ଦ୍ରରେ ୧୩୦୧ ଜଣ, ରସୁଲପୁରର ୧୮ଟି କେନ୍ଦ୍ରରେ ୧୦୦୦ଜଣ ଓ ସୁକିନ୍ଦାର ୩୫ଟି କେନ୍ଦ୍ରରେ ୪୯୫୭ ଜଣ ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷା ପ୍ରତ୍ୟେକ ବ୍ଲକର ବିଇଓମାନଙ୍କ ତତ୍ତ୍ୱାବଧାନରେ କେନ୍ଦ୍ର ନିରୀକ୍ଷକଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଜିଲ୍ଲାସ୍ତରରେ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବିଜ୍ଞାନ ନିରୀକ୍ଷକ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ ଏବଂ ସିଆରସିସିମାନେ ବିଭିନ୍ନ କେନ୍ଦ୍ରର ନିରୀକ୍ଷଣ କରିଥିଲେ। ରାଜ୍ୟସ୍ତରରୁ ଡେପୁଟି ଡାଇରେକ୍ଟର ଜୟଶ୍ରୀ ଦୋରା ପର୍ଯ୍ୟବେକ୍ଷକ ରୂପେ ବିଭିନ୍ନ ପରୀକ୍ଷାକେନ୍ଦ୍ର ଗସ୍ତ କରି ପରୀକ୍ଷା ପରିଚାଳନାକୁ ତଦାରଖ କରିଥିଲେ।

## ପୂଜାରେ ବେଧଡ଼କ ଚାଲିଛି ନିଶା କାରବାର

ବ୍ୟାସନଗର, ୩୦।୧୦(ସମିସ): କାଳୀପୂଜା ଆଳରେ ବ୍ୟାସନଗର ସହରରେ ବେଧଡ଼କ ଚାଲିଚି ନିଶା କାରବାର। ଏଥିପ୍ରତି କାହାର ନିଘା ଅଛି ନା ଅବକାରୀ ବିଭାଗର ଲଗାମ। ନିଶା ବ୍ୟବସାୟୀ ଭଲ ଭାବେ ଅବଗତ ଯେ ପୂଜାରେ ଲକ୍ଷାଧିକ ଲୋକଙ୍କ ଭିଡ଼ରେ ଯାଜପୁର ରୋଡ୍ ପୁଲିସ ବ୍ୟସ୍ତ ରହିବା ସାଙ୍ଗକୁ ତାର ବେପାର ବି ଜମାଣିଆ ହେବ। ସେହି ପ୍ଲାନ ଅନୁସାରେ ପୂଜାରେ ନିଶା ବେପାରୀ କୋଟି କୋଟି ଟଙ୍କାର ବ୍ୟବସାୟ କରିବାର ଯୋଜନା କରି ଏଥିରେ ସଫଳ ହୋଇଥିବା ବେଳେ ହାତ ବାନ୍ଧି କିଛି ନଜାଣିବା ପରି ବସି ରହିଛି ଅବକାରୀ ବିଭାଗ। ଫଳରେ ବର୍ଷତମାମ ହେଉଥିବା ଏହି ଗୋଲକଧନ୍ଦା ବେପାରକୁ ଏହି ପୂଜାରେ ନିଜ କଳା ବ୍ୟବସାୟକୁ ଦ୍ୱିଗୁଣିତ କରିବାକୁ ଅଣ୍ଟା ଭିଡିଲେଣି ନିଶା ବେପାରୀ। ଅବାଞ୍ଛିତ ଭାବେ ଦିନକୁ ଦିନ ନିଶା କାରବାର ଏହି ପ୍ରାଚୁର୍ଯ୍ୟର ଭରା ସୁନ୍ଦର ସହରକୁ କବଳିତ କରିବାରେ ଲାଗିଛି। ଅବକାରୀ ବିଭାଗ ଏବଂ ପୁଲିସର ନାକ ଆଗରେ ବେଧଡ଼କ ଭାବେ ସହରର ବିଭିନ୍ନ ସ୍ଥାନରେ ବେଧଡକ ନିଶା କାରବାର ଚାଲୁଛି ବୋଲି ଅଭିଯୋଗ ହେଉଛି। ସହରରେ ନିଶା କାରବାର ରୋକିବାକୁ ନା ଅବକାରୀ ବିଭାଗ ତତ୍ପରତା ଦେଖାଉଛି ନା ରେଳବାଇ ପୁଲିସ। ସହରର ଗଳିକନ୍ଦିରେ ଥିବା ଅନେକ ପାନ ଦୋକାନୀ ନିଶା ବ୍ୟବସାୟରେ ସକ୍ରିୟ ରହିଛନ୍ତି। ଚୋରା ମଦ, ଗଞ୍ଜେଇ, ଚରସ, ଅଫିମ ସାଙ୍ଗକୁ ଧଳା ଜହର ସହରକୁ ଏକ ପ୍ରକାର କବଳିତ କରି ସାରିଥିବା ବେଳେ ଏହି କାରବାରର ସର୍ବାଧିକ ଲାଭାର୍ଥୀଭାବେ କଲେଜ ପଢୁଆ ଛାତ୍ରଛାତ୍ରୀ ରହିଛନ୍ତି। ସୂଚନାମୁତାବକ ବ୍ୟାସନଗର ସହରକୁ ଯାଜପୁର-କେନ୍ଦୁଝର ରେଳଷ୍ଟେସନ ଦୁଇଭାଗରେ ବିଭକ୍ତ କରିଥିବାରୁ ଏବଂ ଗମନାଗମନରେ ରେଳପଥ ଏକ ପ୍ରକୃଷ୍ଟ ମାଧମ ହୋଇଥିବାରୁ ଜିଲ୍ଲା ତଥା ରାଜ୍ୟ ବାହାରୁ ଏଠାକୁ ନିଶାଦ୍ରବ୍ୟ ଆସି ପହଞ୍ଚିବାରେ କୌଣସି ବିଶେଷ ଅସୁବିଧା ହେବାର ନାହିଁ। ଏତଦ୍ ବ୍ୟତୀତ ଦେଶୀ ମଦ କାରବାର ମଧ ଏବେ ସହରର ଏବଂ ଏହାର ସଂଲଗ୍ନ ଆଖାପାଖ କୋରେଇ ଏବଂ



ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ତାର କାୟା ବିସ୍ତାର କରିଲାଣି ବୋଲି ଅଭିଯୋଗ ହେଉଛି। ଏପରିକି ଦୀର୍ଘ ୨୫-୨୬ ବର୍ଷ ହେବ ଯାଜପୁର-କେନ୍ଦୁଝର ରୋଡ ରେଳବାଇ ଥାନା ଅଧୀନ ମାଲଗୋଦାମ ଏବଂ ଏହାର ସଲଗ୍ନ ୧୯ ନଂ ୱାର୍ଡ ମେଟୁଆଣୀ ପୋଖରୀ ଅଞ୍ଚଳରେ ଜନୈକ କିଛି ବ୍ୟକ୍ତି ବିଗତ କିଛି ବର୍ଷ ହେବ ବେଧଡ଼କ ମଦ ପସରା ମେଲି ଖୁଲମଖୁଲା ବେପାର କରୁଥିଲେ ମଧ ଅବକାରୀ ବିଭାଗ ନୀରବ। ଏପରିକି ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟସନ ସଲଗ୍ନ ଅଞ୍ଚଳରେ ରାତି ବଢ଼ିଲେ ନିଶାର ତାତି ଜୋର ଧରୁଥିଲେ ମଧ ରେଳବାଇ ପୁଲିସ ଚୁପ ରହିବାକୁ ଶ୍ରେୟସ୍କର ମଣୁଛି। ଏହାବାଦ୍ ଜିଲ୍ଲାର ଅନ୍ୟତମ ପୁରାତନ ଏନ୍‌ସି ହାଇସ୍କୁଲ ପଛପଟ ବସ୍ତିରେ ବେଆଇନ ଭାବେ ମଦ ଆଡ୍ଡା ଏବଂ ଜୁଆ ଆଡ୍ଡା ଖୋଲିଥିଲେ ମଧ ଯାଜପୁର ରୋଡ ପୁଲିସ ସେଥିପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ପ୍ରଶାସନ ଏହା ଉପରେ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଜିଏସ୍‌ଟିକୁ ନେଇ ବଢୁଛି ଦ୍ୱନ୍ଦ୍ୱ

ଆନନ୍ଦପୁର, ୩୦।୧୦ (ସମିସ): କେନ୍ଦ୍ର ସରକାର ଜିଏସଟିରେ ପରିବର୍ତ୍ତନ ଆଣି ଅନେକ ସାମଗ୍ରୀରେ ଏହାର ଦରକୁ ହ୍ରାସ କରିଛନ୍ତି। ଏବେ ବି ଅନେକ ବ୍ୟବସାୟୀ ପୁରୁଣା ଦରରେ ଏହାକୁ ଏହି ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି। ବିଶେଷକରି ଜୀବନ ସୁରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟି ହ୍ରାସ କରାଯାଇଥିବାବେଳେ କେତେକ ମେଡିସିନରେ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ବଜାରରେ ପୁରୁଣା ଦାମ୍ ଥିବା ମେଡିସିନ୍ ପୂର୍ବ ନିର୍ଦ୍ଧାରିତ ଦରରେ ବିକ୍ରି ହେଉଛି। ଏନେଇ ଦୋକାନୀମାନେ କିଛି ଶୁଣୁ ନାହାନ୍ତି। ଘସିପୁରା ବଜାରରେ ଥିବା ଜଣେ ବଡ଼ କପଡ଼ା ହୋଲସେଲର ପ୍ରତି ବିଲ୍‌ରେ ୫ ପ୍ରତିଶତ ଜିଏସଟି ଥାଇ ବିଲ୍ ଦେଉଛନ୍ତି। ଅନ୍ୟ କୌଣସି ଡ୍ରେସ୍ ଦୋକାନୀ ଏଭଳି ବିଲ୍ ଦେଉ ନଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଜିଏସ୍‌ଟି ହ୍ରାସ ପରେ ମଧ ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର କମୁ ନଥିବାରୁ ଜିଏସ୍‌ଟି ହ୍ରାସକୁ ନେଇ ଗ୍ରାହକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପ୍ରକାଶ ପାଇଛି। ଘସିପୁରା ଥାନା ବେଲବାହାଲି ଅଞ୍ଚଳରେ ଅନେକ କବାଡ଼ି ଗୋଦାମ ରହୁଛି। ସେଥିମଧ୍ୟରୁ ଅନେକ ବ୍ୟବସାୟୀ ବାର୍ଷିକ ଲକ୍ଷଲକ୍ଷ ଟଙ୍କାର ଜିଏସ୍‌ଟି ଫାଙ୍କୁଥିବା ଅଭିଯୋଗ ହୋଇଛି। ଅନେକ ଲୁହା, ତମ୍ବା, ଆଲୁମିନିୟମ ସାମଗ୍ରୀ ଚୋରାରେ ଆସୁଥିବାରୁ ଏହାର ଜିଏସ୍‌ଟି ହିସାବ ସାବକୁ ଆସୁ ନଥିବା ନେଇ କୁହାଯାଉଛି। ଆୟକର ବିଭାଗ ପକ୍ଷରୁ ଏନେଇ ତଦନ୍ତ କରାଯିବାକୁ ଦାବି ହେଉଛି।

## 'ସୁରଭି' ପ୍ରତିଭା ଚୟନରେ ଅନିୟମିତତା ଅଭିଯୋଗ

ଦଶରଥପୁର,୩୦।୧୦(ସମିସ)

ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତାର ପ୍ରତିଭା ଚୟନରେ ଅନିୟମିତତା ଅଭିଯୋଗ। ପ୍ରତିଯୋଗିତାରେ ଭଲ ପ୍ରତିଭା ପ୍ରଦର୍ଶନ କରିଥିବା ବିଦ୍ୟାଳୟର ପ୍ରତିଯୋଗୀଙ୍କ ପରିବର୍ତ୍ତେ ତଞ୍ଚକତା କରାଯାଇ ଅପେକ୍ଷାକୃତ ନିମ୍ନ ପ୍ରତିଭା ପ୍ରଦର୍ଶନ କରିଥିବା ସ୍କୁଲର ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚୟନ କରାଯାଇଥିବା ସମ୍ପୃକ୍ତ ବିଦ୍ୟାଳୟର ଶିଶୁ ପ୍ରତିଯୋଗୀ ଏବଂ ସେମାନଙ୍କ ଅବିଭାବକଙ୍କ ପକ୍ଷରୁ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ମଲ୍ଲିକଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଚଳିତ ମାସ ୨୪ ତାରିଖ ଦିନ ଦଶରଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ କନିକାପଡା ପଞ୍ଚାୟତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷା ମଣ୍ଡଳ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ଶିଶୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲାସ୍ତରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଥିଲେ। ଏହି କ୍ରମରେ ଉକ୍ତଦିନ ଅନୁଷ୍ଠିତ ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନ ଖଣ୍ଡରା ସ୍ଥିତ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିଶୁ ପ୍ରତିଯୋଗୀ ନିଜର ଉତ୍କୃଷ୍ଟ ପ୍ରତିଭା ପ୍ରଦର୍ଶନ ବଳରେ ଉପସ୍ଥିତ ବିଚାରକ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସେମାନଙ୍କ ଦ୍ୱାରା ପରବର୍ତ୍ତୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ହାସଲ ପାଇଁ ଆବଶ୍ୟକ ନମ୍ବର ହାସଲ କରିଥିଲେ। ମାତ୍ର 'ସୁରଭି' ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରୁଥିବା ସ୍ଥାନୀୟ କ୍ଲଷ୍ଟରର ଜଣେ ସିଆରସିସି ବିଚାରକ ମଣ୍ଡଳୀ ଦ୍ୱାରା ପ୍ରସ୍ତୁତ ନମ୍ବର ସିଟରେ ତଞ୍ଚକତା ପୂର୍ବକ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିଶୁ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବାଦ୍ ଦେବା।

ଏଥିସହିତ ନମ୍ବର ସିଟ୍‌ରେ ସାଙ୍ଘାତିକ ଅନିୟମିତତା କରି ଅପେକ୍ଷାକୃତ ନିମ୍ନ ପ୍ରତିଭା ପ୍ରଦର୍ଶନ କରିଥିବା ନିର୍ଦ୍ଦିଷ୍ଟ ବିଦ୍ୟାଳୟର ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ପ୍ରତିଯୋଗିତାରେ ଭାଗନେବା ପାଇଁ ଚୟନ କରାଇଥିଲେ। ଯାହା ଜଣାପଡିବା ପରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ରାମଲକ୍ଷ୍ମଣ ବିଦ୍ୟାଳୟର ଶିଶୁ ପ୍ରତିଯୋଗୀମାନେ ହତୋତ୍ସାହ ହୋଇପଡିଥିବା ବେଳେ ସେମାନଙ୍କ ଅବିଭାବକ ମଧ ସମ୍ପୃକ୍ତ ସିଆରସିସିଙ୍କ ଏତାଦୃଶ ସାଙ୍ଘାତିକ ଅନିୟମିତତା ଉପରେ ବିଭାଗୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ଅପରପକ୍ଷେ ଅଭିଯୋଗକୁ ନେଇ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ମଲ୍ଲିକଙ୍କୁ ପଚାରିବାରେ ସେ ଅଭିଯୋଗକୁ ସ୍ୱୀକାର କରିବା ସହ ଏ ସମ୍ପର୍କରେ ଅନୁଧ୍ୟାନ କରୁଥିବା କହିଥିଲେ।

## ସେନା କ୍ୟାମ୍ପ୍‌ରେ ଯୁବ ସୈନିକଙ୍କ ମୃତ୍ୟୁ



ଦଶରଥପୁର,୩୦।୧୦(ସମିସ): ଜାମ୍ମୁର ଆରଏସ୍‌ପୂରା ସେକ୍ଟରରେ ନିୟୋଜିତ ଯୁବ ସୈନିକ ତଥା ଦଶରଥପୁର ବ୍ଲକ୍ ଅଧୀନ ଖଣ୍ଡରା ଗ୍ରାମର ଚିତ୍ତରଞ୍ଜନ ଦାସ(୩୨)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଆଜି ସକାଳେ ଚିତ୍ତରଞ୍ଜନ ନିୟୋଜିତ ଥିବା ଜାମ୍ମୁ ଜିଲ୍ଲା ଆରଏସପୂରା ସେକ୍ଟରର ସେନା କ୍ୟାମ୍ପଠିଆରେ ଶାରୀରିକ ଫିଟନେସ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେନା କ୍ୟାମ୍ପ କର୍ତ୍ତୃପକ୍ଷଙ୍କ ତରଫରୁ ଚିତ୍ତରଞ୍ଜନଙ୍କ ମୃତ୍ୟୁକୁ ନେଇ ଖବର ଜଣାପଡ଼ିବା ପରେ ପରିବାର ସମେତ ଗ୍ରାମରେ ଶୋକପ୍ରକାଶ ପାଇଛି। ଛାତ୍ର ଜୀବନରୁ ସେ ଜଣେ ସୈନିକ ଭାବେ ଦେଶ ସେବା କରିବାକୁ ଇଚ୍ଛା ପ୍ରକାଶ କରି ୨୦୧୬ରେ ସେନାରେ ଯୋଗଦେଇଥିଲେ। ଜାମ୍ମୁକାଶ୍ମୀର ପ୍ରଦେଶର ବିଭିନ୍ନ ସମ୍ବେଦନଶୀଳ ସେକ୍ଟରରେ କାର୍ଯ୍ୟ କରିଥିବା ଚିତ୍ତରଞ୍ଜନ ଗତ ବର୍ଷେରୁ ଅଧିକ ଦିନ ହେବ ଆରଏସପୂରା ସେକ୍ଟର ସେନା କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ବିଜେପି ନେତା ଶ୍ରୀନିବାସ ପରିଡା, ଆଶୁତୋଷ ସାହୁ, ଗୌତମ ସାହୁ, ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ମାଧବୀ ଯେନା, ଯୁବ ସମାଜସେବୀ ସୁନୀଲ କୁମାର ସାହୁ, ତରୁଣ ସ୍ୱାଇଁ, ମୁକ୍ତିପ୍ରସାଦ ସ୍ୱାଇଁ, ଅନୁପ ବିହାରା, ଦିଲ୍ଲୀପ ବିହାରା, ଅଜୟ ଦାସ, କରୁଣାକର ଦାସ ପ୍ରମୁଖ ଶୋକବ୍ୟକ୍ତ କରିବାସହିତ ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ। ଜାମ୍ମୁସେନା କ୍ୟାମ୍ପ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ ଆଜି ପୂର୍ବାହ୍ନରେ ମୃତ ଯୁବ ସୈନିକ ଚିତ୍ତରଞ୍ଜନଙ୍କ ମରାଶରୀର ସ୍ୱତନ୍ତ୍ର ବିମାନ ଯୋଗେ ଜାମ୍ମୁରୁ ଭୁବନେଶ୍ୱରେ ପହଞ୍ଚିବା ପରେ ସେଠାରୁ ସ୍ୱତନ୍ତ୍ର ସେନା ଗାଡ଼ିରେ ତାଙ୍କ ଜନ୍ମସ୍ଥାନ ଖଣ୍ଡରା ଗ୍ରାମକୁ ଅଣାଯିବ ବୋଲି ପରିବାର ତରଫରୁ ଜଣାଯାଇଛି।

# ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା, ୩୦।୧୦(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ି ଲଙ୍ଗାଲଟାଠାରେ ବୁଧବାର ରାତ୍ରିରେ ଜଣେ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମୃତ ଯୁବକ ହେଲେ ଆକାଶ କୁମାର ଲୋହାର (୨୫) । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯୁବକ ଆକାଶ ଲୋହାର୍ ପାରିବାରିକ କଳହରୁ ଘର ଭିତରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ । ଗୁରୁବାର ସକାଳେ ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ତଦନ୍ତ ପରେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପାଇଁ ପଠାଇଛି । ଆତ୍ମହତ୍ୟା ପଛର କାରଣ ଅସ୍ପଷ୍ଟ ଥିଲା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଏହାର କାରଣ ଜଣାପଡ଼ିବ ବୋଲି ଆଇଆଇସି ଯଶକେତନ ଭୋଇ ସୂଚନା ଦେଇଛନ୍ତି ।

# ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କେନ୍ଦୁଝର, ୩୦।୧୦ (ସମିସ):** ଭାରତରେ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ତିନୋଟି ଆଇନ ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ ସମ୍ପର୍କରେ ବ୍ୟାପକ ସଚେତନତାର ଆବଶ୍ୟକ ନିମନ୍ତେ ଆଇନସେବା ସଂସ୍ଥା କ୍ଲାପ ତରଫରୁ କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ସହଯୋଗରେ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱେସାଲ ଜଜ୍(ଭିଜିଲାନ୍ସ) ଭଗବାନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, କେନ୍ଦୁଝର ଜିଲ୍ଲା ଓକିଲ ସଂଘର ସମ୍ପାଦକ ଅକ୍ଷୟ କୁମାର ଜେନା, କେନ୍ଦୁଝର ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟର ଅଧାପିକା ସ୍ମୃତିରେଖା ବାରିକ, ପ୍ରାଧିକରଣ ସଦସ୍ୟ ତଥା ତଦାଶା ସମ୍ପାଦକ ଅକ୍ଷୟ କୁମାର ଚକ୍ର, ଡିସିପିଓ ପ୍ରିୟଙ୍କା ମଲ୍ଲିକ, ଜିଲ୍ଲା ଆଇନସେବା ପ୍ରାଧିକରଣ ପାନେଲ ଅଧିବକ୍ତା ସୁନିଲ କୁମାର ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ କ୍ଲାପର କ୍ରିମିନାଲ ଜଷ୍ଟିସ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ସଦାନନ୍ଦ ବାଗ, ଆଡଭୋକେଟ ଚନ୍ଦ୍ରଦେବ ପୁରୋହିତ ପାରାଲିଗାଲମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଆଡଭୋକେଟ ବିଜୟଶ୍ରୀ ବାରିକ ଏହି ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟର ବିଷଦ ବିବରଣୀ ପ୍ରଦାନ କରିବା ସହିତ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହଯୋଗରେ ୫୦ରୁ ଅଧିକ ପାରାଲିଗାଲ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

# ଅନ୍ତେବାସୀଙ୍କ ସୁରକ୍ଷା ସମ୍ପର୍କିତ ତାଲିମ ଶିବିର ଉଦ୍‌ଯାପିତ

**କେନ୍ଦୁଝର, ୩୦।୧୦(ସମିସ):** ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ବିଦ୍ୟାଳୟର ଅନ୍ତେବାସୀଙ୍କ ସୁରକ୍ଷା ଓ ନିରାପତ୍ତା ଉପରେ ପ୍ରଧାନଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟୀ ବାଳକ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ୨୨ ତାରିଖଠାରୁ ଦେଇଥିଲେ । କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ମୁନମୁନ ମହାପାତ୍ର, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତ ସିଂହାର, ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ନନ୍ଦ ତାଲିମ ପ୍ରଦାନ କରିଥିଲେ । କାଦକଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋମନାଥ ଆଇଚ, ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ



ଆରମ୍ଭ ହୋଇ ୩୦ ତାରିଖରେ ଉଦଯାପିତ ହୋଇଯାଇଛି । ଏଥିରେ ଛାତ୍ରାବାସ ଥିବା ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ ୨ ଦିନ ତାଲିମ ଗ୍ରହଣ କରିଛନ୍ତି । ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ବା ଛାତ୍ରାବାସ ଅଧୀକ୍ଷକମାନେ ଅନ୍ତେବାସୀଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ ଯୋଗ ଶତପଥୀ, ଶିକ୍ଷକ ଶକ୍ତିରଞ୍ଜନ ଜେନା, ମୋତିଲାଲ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଅନ୍ତେବାସୀଙ୍କ ସୁରକ୍ଷା ସମ୍ପର୍କିତ ତାଲିମ ଶିବିର କେନ୍ଦୁଝର ଜିଲ୍ଲାର ୨ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ଶୁଆକାଟୀ ବାଳକ ଉଚ୍ଚବିଦ୍ୟାଳୟରେ ୬ଟି ବ୍ଲକର ୧୮୨ ଟି ବିଦ୍ୟାଳୟ ଏବଂ ନରଣପୁର ସରକାରୀ ଉଚ୍ଚବିଦ୍ୟାଳୟରେ ୭ଟି ବ୍ଲକର ୧୫୭ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ଛାତ୍ରାବାସ ଅଧୀକ୍ଷକମାନେ ତାଲିମ ନେଇଥିଲେ ।

# ବିଚ୍ ରାସ୍ତାରେ ଶିକ୍ଷୟିତ୍ରୀଙ୍କୁ ସହକର୍ମୀଙ୍କ ଆକ୍ରମଣ

ହାଟଡ଼ିହୀ, ୩୦।୧୦(ସମିସ)

ବିଚ୍ ରାସ୍ତାରେ ଜଣେ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରାଯାଇଛି । ଆକ୍ରମଣକାରୀ ଆଉ କେହି ନୁହନ୍ତି ଖୋଦ୍ ସେହି ସ୍କୁଲର ସହକର୍ମୀ । ଘଟଣାଟି ହାଟଡ଼ିହୀ ବ୍ଲକ ଶାଳଣିଆଁ ବଜାର ନିକଟରେ ଘଟିଛି । ଜଳସରପୁର ହାଇସ୍କୁଲର ବିଜ୍ଞାନଶିକ୍ଷୟିତ୍ରୀ ରଶ୍ମିରଞ୍ଜିତା ଦାସମହାପାତ୍ର ସ୍କୁଲକୁ ଯାଉଥିବା ସମୟରେ ତାଙ୍କୁ ତାଙ୍କ ସ୍କୁଲର ଜଣେ କର୍ମଚାରୀ ଗାଡି ଧକ୍କା ଦେଇ ତାଙ୍କୁ ମାଡ଼ ମାରିବା ସହ ସ୍କୁଟି ଚାବି ଛଡେଇ ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ରଶ୍ମିରଞ୍ଜିତା ଦାସ ମହାପାତ୍ର ଏହି ସ୍କୁଲରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଶିକ୍ଷୟିତ୍ରୀଙ୍କୁ ତାଙ୍କ ସ୍କୁଲର କିଛି ଶିକ୍ଷକ ଓ କର୍ମଚାରୀ କଟୁ ମନ୍ତବ୍ୟ ଦେବା ସହ ପୂର୍ବରୁ ଅଶାଳୀନ ବ୍ୟବହାର କରନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏନେଇ ଶିକ୍ଷୟିତ୍ରୀ ଜଣକ ସ୍କୁଲ ପରିଚାଳନା କମିଟିର ସଭାପତି ଥିବା ବିଧାୟକଙ୍କୁ ଜଣାଇବା ସହ ପ୍ରଧାନଶିକ୍ଷକଙ୍କୁ ଅବଗତ କରାଇଥିଲେ । ପ୍ରଧାନଶିକ୍ଷକଙ୍କ ପରାମର୍ଶକ୍ରମେ, ଦୁଇଦିନ ତଳେ ଶିକ୍ଷୟିତ୍ରୀ ଜଣକ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ । ଆଜି ସେ ସ୍କୁଲକୁ ଯାଉଥିବା ବେଳେ ସେହି ସ୍କୁଲର କିରାଣୀ ଲିଙ୍ଗରାଜ ଜେନା ତାଙ୍କ ସ୍କୁଟିକୁ ଧକ୍କା ଦେଇ ପକାଇ ଦେଇଥିଲେ । ସେ ସେଠାରୁ ଫେରି ଶାଳଣିଆଁ ମେଡିକାଲକୁ ଯାଉଥିବା ବେଳେ ବଜାର ନିକଟରେ ତାଙ୍କୁ ମାରଧର କରି ତାଙ୍କ ସ୍କୁଟି ଚାବି ଛଡାଇ ନେଇ



ଉଦ୍ଧାର କଲା ପୁଲିସ

ପଳାଇଥିଲେ ବୋଲି ଶିକ୍ଷୟିତ୍ରୀ ଜଣକ ଅଭିଯୋଗ କରିଛନ୍ତି । ଶିକ୍ଷୟିତ୍ରୀ ଜଣକ କନ୍ଦା କଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଖବର ପାଇ ନନ୍ଦିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷୟିତ୍ରୀଙ୍କୁ ଚିକିତ୍ସା କରାଇ ଥାନାକୁ ନେଇଛି । ଅନ୍ୟପକ୍ଷରେ, ସ୍କୁଲର ଶିକ୍ଷକମାନେ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି । ଶିକ୍ଷୟିତ୍ରୀ ଜଣକ ଅଧିକାଂଶ ସମୟ ସ୍କୁଲ ଆସୁ ନଥିବାରୁ ତାଙ୍କୁ ତାଗିଦା କରାଯାଇଥିଲା । ସେଥିପାଇଁ ସେ ଏପରି ମିଥ୍ୟା ଆରୋପ ଲଗାଉଛନ୍ତି ବୋଲି ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନେ କହିଛନ୍ତି । ଶିକ୍ଷୟିତ୍ରୀ ଜଣକ କିରାଣି ଲିଙ୍ଗରାଜ ଜେନାଙ୍କ ଗାଡିକୁ ଧକ୍କା ଦେଇଥିବା ଲିଙ୍ଗରାଜ କହିଛନ୍ତି । ବିଦ୍ୟାଳୟ ଭଳି ଏକ ଶୈକ୍ଷିକ ପରିବେଶରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭିତରେ ଏପରି ବିବାଦ କୁନି କୁନି ପିଲା ମାନଙ୍କୁ କଣ ଶିକ୍ଷା ଦେବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ଶିକ୍ଷା ବିଭାଗ ଓ ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ଜରୁରୀ ବୋଲି ଅଭିଭାବକମାନେ ଦାବି କରିଛନ୍ତି ।

# ୧.୭୧ କୁଇଣ୍ଟାଲ ଗଞ୍ଜେଇ ଜବତ; ଡ୍ରାଇଭର ଗିରଫ

**ଡୁରୁମୁଙ୍ଗା, ୩୦।୧୦(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡ଼ା ଦେଓ ନଦୀ ପୋଲ ଉପରୁ ବୁଧବାର ସଂଧ୍ୟାରେ ଏକ ଗଞ୍ଜେଇ ଭର୍ତ୍ତି କାରକୁ ଭୁବନେଶ୍ୱର

**ନକଲି ନମ୍ବର ପ୍ଲେଟ୍ ଲଗାଇ ଚାଲିଥିଲା ଚାଲାଣ**

ନାର୍କୋଟିକ୍ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପିଛା କରି ଧରିବାରେ ସଫଳ ହୋଇଛନ୍ତି । କରଞ୍ଜିଆ ଅବକାରୀ ବିଭାଗ ସହାୟତାରେ ଧରିବା ସହ ଗାଡିକୁ ଜବତ କରିଛନ୍ତି । ଗାଡି ଭିତରୁ ୧.୭୧ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି । ଡ୍ରାଇଭରକୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇଜଣ ମାଫିଆ ଫେରାର ହୋଇ ଯିବାରେ ସକ୍ଷମ ହୋଇଛନ୍ତି । ଗିରଫ ଡ୍ରାଇଭର ଅନୁଗୁଳ ଛେଣ୍ଡିପଦା ଅଞ୍ଚଳ ଆଡ଼ଁଲି ଗ୍ରାମର ରାଜେଶ ସାହୁ (୩୫) । ଉଭୟ ପୁଲିସ ଓ ଅବକାରୀ ବିଭାଗକୁ ଚକମା ଦେଇ କାର ନମ୍ବର ପ୍ଲେଟରେ ନେସନାଲ ହ୍ୟୁମାନରାଇଟସ ଏବଂ ଛେଣ୍ଡିପଦା ବ୍ଲକ ଟିମ୍ ଅଫିସର ଲେଖି ଗତକାଲି ଅନୁଗୁଳରୁ



ଜାମସେଦପୁର (ଟାଟା)କୁ କାର୍ ଯୋଗେ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଥିଲେ । ନାର୍କୋଟିକ୍ ଟିମ୍ କୌଣସି ସୂତ୍ରରୁ ଖବର ପାଇ ଆନନ୍ଦପୁର ନିକଟରୁ ଗାଡିର ପିଛା କରିଥିଲେ । ମାଫିଆମାନେ ପିଛା କରୁଥିବା ଜାଣି ଠାକୁରମୁଣ୍ଡା କରଞ୍ଜିଆ ରାସ୍ତାରେ ଆସି କେନ୍ଦୁମୁଣ୍ଡି ନିକଟରୁ ମାଛଗଡ଼ ରାସ୍ତାରେ ଆସି ସାହାରପଡ଼ା ଆସି କରଞ୍ଜିଆ ପଟକୁ ଦ୍ରୁତଗତି ରେ ପଳାଉଥିବା ସମୟରେ ନାର୍କୋଟିକ୍ ଟିମ୍ ଏବଂ କରଞ୍ଜିଆ ଅବକାରୀ ବିଭାଗ ଗୋଡ଼ାଇ କାରକୁ ଦେଓ ନଦୀ ପୋଲ ନିକଟରେ ଜବତ କରିଥିଲେ । ଗୁରୁବାର ଡ୍ରାଇଭରକୁ କୋର୍ଟ ଚାଲାଣ କରିଥିବା ଅବକାରୀ ବିଭାଗ ସୂଚନା ଦେଇଛି । ଚଢ଼ଉରେ ନାର୍କୋଟିକ୍ ଟିମ୍ ସହ କରଞ୍ଜିଆ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗିରଫ ଡ୍ରାଇଭର ପୂର୍ବରୁ ସମାନ ଢଙ୍ଗରେ ୭ ଥର ଏହି ରାସ୍ତା ଦେଇ ଗଞ୍ଜେଇ ଚାଲାଣ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା



**ବାଲିବନ୍ଧ, ୩୦।୧୦(ସମିସ):** ଝୁମ୍ପୁରା ପଞ୍ଚାୟତସମିତି ମହାବିଦ୍ୟାଳୟରେ ଗୁରୁବାର 'ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ-୨୦୨୫' ଅଧ୍ୟକ୍ଷ ଦେବବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସାଇବର ଜଗତର ବିପଦ, ହ୍ୟାକିଂ ଓ ଡାଟା ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଡ ମନୋରଞ୍ଜନ କର, ଶଶାଙ୍କ ଶେଖର ନାୟକ, ପ୍ରଦ୍ୟୁମ୍ନ କିଶୋର ବେଉରା, ଅରୁଣ କୁମାର ମେହେର, କଲ୍ୟାଣୀ ଗିରି ଓ ଶିଶିର କୁମାର ପ୍ରଧାନ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ଇଣ୍ଟରନେଟ୍ ବ୍ୟବହାର ସମୟରେ ସତର୍କ ରହିବା, ଅଜଣା ଲିଙ୍କ ଓ ମେସେଜ ଖୋଲିବାରେ ସାବଧାନ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ସ୍ନାତକ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଓଟିପି ସେୟାର କରିବା - ଅଧିକାଂଶ ଠକାମୀର ମୂଳ କାରଣ" ବିଷୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗିତାରେ ମମତା କାରୁଆ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପଞ୍ଚାନନ ବେହେରା ଦ୍ୱିତୀୟ ଓ ଗୁରୁଦେବ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅରୁଣ କୁମାର ମେହେର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଓ ସଭାରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

**ଜିଏସ୍‌ଟିକୁ ନେଇ ବଢୁଛି ଦ୍ୱନ୍ଦ**

# କଳବଲ ହେଉଛନ୍ତି ଗ୍ରାହକ

**ଆନନ୍ଦପୁର, ୩୦।୧୦ (ସମିସ):** କେନ୍ଦ୍ର ସରକାର ଜିଏସଟିରେ ପରିବର୍ତ୍ତନ ଆଣି ଅନେକ ସାମଗ୍ରୀରେ ଏହାର ଦରକୁ ହ୍ରାସ କରିଛନ୍ତି । ଏବେ ବି ଅନେକ ବ୍ୟବସାୟୀ ପୁରୁଣା ଦରରେ ଏହାକୁ ଏହି ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି । ବିଶେଷକରି ଜୀବନ ସୁରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟି ହ୍ରାସ କରାଯାଇଥିବାବେଳେ କେତେକ ମେଡିସିନରେ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ବଜାରରେ ପୁରୁଣା ଦାମ୍ ଥିବା ମେଡିସିନ୍ ପୂର୍ବ ନିର୍ଦ୍ଧାରିତ ଦରରେ ବିକ୍ରି ହେଉଛି । ଏନେଇ ଦୋକାନୀମାନେ କିଛି ଶୁଣୁ ନାହାନ୍ତି । ଘସିପୁରା ବଜାରରେ ଥିବା ଜଣେ ବଡ଼ କପଡ଼ା ହୋଲସେଲର ପ୍ରତି ବିଲ୍‌ରେ ୫ ପ୍ରତିଶତ ଜିଏସଟି ଥାଇ ବିଲ୍ ଦେଉଛନ୍ତି । ଅନ୍ୟ କୌଣସି ଡ୍ରେସ୍ ଦୋକାନୀ ଏଭଳି ବିଲ୍ ଦେଉ ନଥିବାରୁ ଏହାକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି । ଜିଏସ୍‌ଟି ହ୍ରାସ ପରେ ମଧ ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର କମୁ ନଥିବାରୁ ଜିଏସ୍‌ଟି ହ୍ରାସକୁ ନେଇ ଗ୍ରାହକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପ୍ରକାଶ ପାଇଛି । ଘସିପୁରା ଥାନା ବେଲବାହାଳି ଅଞ୍ଚଳରେ ଅନେକ କବାଡ଼ି ଗୋଦାମ ରହୁଛି । ସେଥିମଧ୍ୟରୁ ଅନେକ ବ୍ୟବସାୟୀ ବାର୍ଷିକ ଲକ୍ଷଲକ୍ଷ ଟଙ୍କାର ଜିଏସ୍‌ଟି ଫାଙ୍କୁଥିବା ଅଭିଯୋଗ ହୋଇଛି । ଅନେକ ଲୁହା, ତମ୍ବା, ଆଲୁମିନିୟମ ସାମଗ୍ରୀ ଚୋରାରେ ଆସୁଥିବାରୁ ଏହାର ଜିଏସ୍‌ଟି ହିସାବ ସାବକୁ ଆସୁ ନଥିବା ନେଇ କୁହାଯାଉଛି । ଆୟକର ବିଭାଗ ପକ୍ଷରୁ ଏନେଇ ତଦନ୍ତ କରାଯିବାକୁ ଦାବି ହେଉଛି ।

# ନଭେମ୍ବର ୧୦ରେ ଚମ୍ପୁଆରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ଚମ୍ପୁଆ, ୩୦।୧୦(ସମିସ):** କେନ୍ଦୁଝର ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଆସନ୍ତା ନଭେମ୍ବର ୧୦ ତାରିଖ ଚମ୍ପୁଆ ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବାପାଇଁ ସ୍ଥିରୀକୃତ ହୋଇଛି । ଏଥିରେ ଜିଲ୍ଲାପାଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଉପଖଣ୍ଡ ତଥା ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହିବେ । ଶିବିରଟି ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଜନସାଧାରଣଙ୍କ ବ୍ୟକ୍ତିଗତ ସମସ୍ୟା ସହ ଆବାସ ଯୋଜନା, ସାମାଜିକ ସୁରକ୍ଷା, ଜମିପଟ୍ଟା, ଭତ୍ତା, ଗୃହ ନିର୍ମାଣ, ରେସନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଜଳସେଚନ, ବିଦ୍ୟୁତ, ରାସ୍ତାଘାଟ, ଅକର୍ମଣ୍ୟ, ବିକଳାଙ୍ଗ ଆଦି ସମସ୍ୟା ନେଇ ଅଭିଯୋଗକାରୀମାନେ ଉପସ୍ଥିତ ରହି ଅଭିଯୋଗ କରିପାରିବେ । ଯେଉଁ ମାନେ ଅନଲାଇନରେ ସ୍ଲଟ ବୁକିଂ କରିବାକୁ ଚାହାନ୍ତି ସେମାନେ ଜନଶୁଣାଣିର ୱେବ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ । ବ୍ଲକର ସମସ୍ତ ପଞ୍ଚାୟତର ଲୋକମାନେ ସେମାନଙ୍କ ସମସ୍ୟାଗୁଡ଼ିକ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ବହୁ ସଂଖ୍ୟାରେ ଏହି ଶିବିରରେ ଉପସ୍ଥିତ ରହି ସମସ୍ୟାର ସମାଧାନ କରିବାକୁ ବିଡିଓ ଶ୍ରୀ ସାହୁ ନିବେଦନ କରିଛନ୍ତି ।

# ଲୁହାକଳାରେ ମା'ତାରିଣୀ ଯୁବକ ସଂଘ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ



**କେନ୍ଦୁଝର, ୩୦।୧୦(ସମିସ):** ବାଂଶପାଳ ବ୍ଲକ ଲୁହାକଳାଠାରେ ମା'ତାରିଣୀ ଯୁବକ ସଂଘ ପକ୍ଷରୁ ୪ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ୩୨ ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ଚିଣ୍ଟୁ ୯ ଷ୍ଟାର କୋଇଡା ଓ ୯ ଷ୍ଟାର ଘାଗରାସାହି ନରସିଂହପୁର ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା । ଟ୍ରାଇ ବେକରରେ ଗୋଲ କରି ଚିଣ୍ଟୁ ୯ ଷ୍ଟାର ଚାମ୍ପିଅନ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅରୁଣ ବାରିକ, ବ୍ଲକ ବିଜେଡି ସଭାପତି ତଥା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଯଦୁମଣି ଠାକୁର, ବ୍ଲକ ଯୁବ ବିଜେଡି ସଭାପତି ପଦ୍ମଲୋଚନ ଆରୁକ, ଉପସଭାପତି ମନ୍ମଥ ଘଣା, ଯୁବ ସମାଜସେବୀ ଗୁରୁଚରଣ ବେହେରା, ତଳକାଦକଳା ସରପଞ୍ଚ ଅଦିତ ଦେହୁରୀ, ସିଂପୁର ସରପଞ୍ଚ ମାଘୁ ଦେହୁରୀ, ଯୁବ ସାମ୍ବାଦିକ ପବିତ୍ର ପଲେଇ, ଦୀପକ ବେହେରା, ବ୍ଲକ ଛାତ୍ର ବିଜେଡି ସଭାପତି ଦେବ ପ୍ରସାଦ ବାରିକ, ୱାର୍ଡସଭ୍ୟ ଅର୍ଜୁନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ରେଫରି ସଞ୍ଜୟ ନାଏକ, ଯତୀନ ମହାନ୍ତ, ଧିରେନ ମାଝୀ ଖେଳ ପରିଚାଳନା କରିଥିଲେ । ଭାଷ୍ୟକାର ନିଗମ ଠାକୁର, ସଞ୍ଜୟ ନାଏକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଯୁବକ ସଂଘ ସଭାପତି କୁଶ ପ୍ରଧାନ, ଉପସଭାପତି ଟଙ୍କଧର ପ୍ରଧାନ, ସମ୍ପାଦକ ବୁଧୁରାମ ମୁଣ୍ଡାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।

**ଚିଣ୍ଟୁ ୯ ଷ୍ଟାର କୋଇଡ଼ା ଚାମ୍ପିଅନ**

# ଖରିଫ ଫସଲ ଯୋଜନା କାର୍ଯ୍ୟାନ୍ୱୟନରେ କେନ୍ଦୁଝର ଜିଲ୍ଲା ସମ୍ମାନିତ

କେନ୍ଦୁଝର, ୩୦।୧୦(ସମିସ)

ଖରିଫ ଫସଲ ଯୋଜନା ଓ କାର୍ଯ୍ୟନ୍ୱୟନ କ୍ଷେତ୍ରରେ ୨୦୨୫ ଋତୁ ପାଇଁ ସର୍ବୋତ୍ତମ ପ୍ରଦର୍ଶନକାରୀ ଜିଲ୍ଲାଭାବେ କେନ୍ଦୁଝର ଜିଲ୍ଲା ପୁରସ୍କୃତ ହୋଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଯୋଗୁଁ କେନ୍ଦୁଝର ଜିଲ୍ଲାକୁ ଏହି ସମ୍ମାନ ମିଳିପାରିଛି । ରାଜ୍ୟସ୍ତରରେ ଆୟୋଜିତ ଏକ ବିଶେଷ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କଠାରୁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଶ୍ରମ ଦିବସ ସୃଷ୍ଟି କରି ବ୍ୟୟ ତାଲିକାରେ



ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଛି । ଏଥିରେ ଜିଲ୍ଲାରେ ମୋଟ ୨୪୪୯୮୩ ଶ୍ରମ ଦିବସ ସୃଷ୍ଟି କରାଯାଇ ୭.୩୨ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି । ନରେଗାରେ ୨୩୨ ହେକ୍ଟରରେ କାଜୁ ଚାରା, ୭୫ ହେକ୍ଟରରେ ଆମ୍ବଚାରା ଓ ୮୦୦ ହେକ୍ଟର ଜମିରେ ଛାୟା ବୃକ୍ଷରୋପଣ କରାଯାଇଛି । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଅଧୀନରେ ଓଡ଼ିଶା କଫି ମିଶନ ଯୋଜନାରେ ଚଳିତ ବର୍ଷ ୨୮ ହେକ୍ଟରରେ କଫି ଚାଷ କରାଯାଇଥିବାବେଳେ ୮୦୦ ହେକ୍ଟର ଜମିରେ ଛାୟା ବୃକ୍ଷ ଯଥା ଆମ୍ବ, ଜାମୁକୋଳି ଓ ସିଲ୍ଭରଓକ ଆଦି ରୋପଣ କରାଯାଇଥିଲା । ଏଥିରେ ୬୫ଜଣ ହିତାଧିକାରୀ ଲାଭବାନ ହୋଇପାରିଛନ୍ତି । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ଜଳ ବିଭାଜିକା ଉନ୍ନୟନ ଯୋଜନାରେ ୪୫ ଟି ଜଳ ଅମଳ ପ୍ରକଳ୍ପ, ଟ୍ରେଞ୍ଚ, ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ଜୀବନ ବିକାଶ ଓ ଅଣୁ ଉଦ୍ୟୋଗ ମାଧ୍ୟମରେ ୭୫୫ ହିତାଧିକାରୀ ଲାଭବାନ ହୋଇଛନ୍ତି । ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୬୦ ଜଣ ହିତାଧିକାରୀ ଉପକୃତ ହୋଇଥିବାବେଳେ ବ୍ୟୟ ଅଟକଳ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରିଛି । ଅଭିନବ ବୃକ୍ଷରୋପଣ ଅଧୀନରେ ୯୨ ହେକ୍ଟର ଓ ସରହଦ ବୃକ୍ଷରୋପଣ ଅଧୀନରେ ୨୯୦୦୦ ଚାରାରୋପଣ କରାଯାଇଛି । ଓଡ଼ିଶା ଖଣିଜ ବହନ କ୍ଷେତ୍ର ଉନ୍ନୟନ ନିଗମ (ଓଏମବିଏଡିସି) ଅଧୀନରେ ୫୨ଟି କ୍ଷେତ ପୋଖରୀ ନିର୍ମାଣ କରାଯାଇ ବ୍ୟୟଅଟକଳର ଶତ ପ୍ରତିଶତ ଖର୍ଚ୍ଚ ହୋଇପାରିଛି । ସେହିପରି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ୮୨ଟି ଜଳଅମଳ ପ୍ରକଳ୍ପ ନିର୍ମାଣ କରାଯାଇଛି ।

# ପୁଲିସ ପ୍ରଶାସନ ପାଳିଲା ରାଷ୍ଟ୍ରୀୟ ଏକତା ଦିବସ

**ଯୋଡା, ୩୦।୧୦(ସମିସ):** ରାଜ୍ୟ ପୁଲିସ ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ଏହି ଅବସରରେ ଜୁରୁଡ଼ିସ୍ଥିତ ପିଏମ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଆଇଆଇସି ଯଶକେତନ ଭୋଇଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପଟ୍ଟନାୟକ, ଅଧାପିକା ସସ୍ମିତା ପ୍ରଧାନ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସା, ପ୍ରୀତିପ୍ରଭା ସାହୁ, ମାନସୀ ଆପଟ୍ଟ, ଶିକ୍ଷକ ଅକ୍ଷୟ ସେଠୀ, ଅଧାପକ ପରେଶ ବେହେରା, ଶିକ୍ଷକ ସୁମନ୍ତ ସାହୁ, ରାମଚନ୍ଦ୍ର ମୁଣ୍ଡା, ତରଣିସେନ୍ ନାଏକ, ପ୍ରାଣକୃଷ୍ଣ ବେହେରା ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପିମ୍ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ପଟ୍ଟନାୟକ, ବାମେବାରୀ ଆଇଆଇସି ଯଶକେତନ ଭୋଇ ପୁରସ୍କାର ବିତରଣ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତା ସିନିୟର୍ ଗ୍ରୁପରେ ପ୍ରଥମ ସ୍ଥାନରେ ଶୁଭଜ୍ୟୋତି ଦାସ, ଦ୍ୱିତୀୟରେ ବାଲମା ମୁଣ୍ଡା, ତୃତୀୟରେ ପ୍ରୀତି ଓରାମ ଓ ଶିଖାରାଣୀ ମୁଣ୍ଡା ଏବଂ ଜୁନିୟର ଗ୍ରୁପ ପ୍ରଥମ୍ ସ୍ଥାନରେ ଅଖିଳ ମୁଣ୍ଡା, ଦ୍ୱିତୀୟରେ ପୀୟୁଷ ଓରାମ, ତୃତୀୟରେ ଆଦ୍ୟାଶା



ସେନାପତି ଓ ଜୟପାଲ ଗୋପ ରହିଥିଲେ । ପ୍ରବନ୍ଧ ପ୍ରତିଯୋଗିତାର ସିନିୟର୍ ଗ୍ରୁପ ପ୍ରଥମ ସ୍ଥାନରେ ହେମନ୍ତ ପାତ୍ର, ଦ୍ୱିତୀୟରେ ଶିବ ଓରାମ, ତୃତୀୟରେ ସୌଭାଗ୍ୟ କୁମାର ସାହୁ ଓ ଦିବ୍ୟାନସୀ ମିଶ୍ର ଓ ଜୁନିଅର ଗ୍ରୁପ ପ୍ରଥମ ସ୍ଥାନରେ ଆଦ୍ୟାଶା ସେନାପତି, ଦ୍ୱିତୀୟରେ ସ୍ୱିଟି ଏକ୍କା, ତୃତୀୟ ସ୍ଥାନରେ ପାର୍ବତୀ ପେଣ୍ଟେଇ ରହିଥିବା ବେଳେ ଡିବେଟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଶିବ ଓରାମ, ଦ୍ୱିତୀୟରେ ଦିବ୍ୟାଂଶୀ ମିଶ୍ର ଓ ତୃତୀୟରେ ଶିବାନୀ ନାୟକ କୃତିତ୍ୱ ହାସଲ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ରଞ୍ଜିତ ଦାସ ପୁରସ୍କୃତ ହୋଇଥିଲେ ।









## ହାଇକୋର୍ଟରେ କଟକ ସହର ସମସ୍ୟା

# ୩ ସଫେଇ ସଂସ୍ଥାକୁ ସିଏମ୍‌ସି ପକ୍ଷରୁ ୭୦ ଲକ୍ଷ ଟଙ୍କା ଜରିମାନା

କଟକ,୩୦।୧୦(ସମିସ):

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ସମ୍ପର୍କିତ କେତେକ ସମସ୍ୟା ପ୍ରସଂଗରେ ବିସ୍ତୃତ ଶୁଣାଣି କରିଛନ୍ତି। ଏହି ବ୍ୟବସ୍ଥାକୁ ସୁଧାରିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ସହରର ପରିମଳ ଦାୟିତ୍ୱ ନେଇଥିବା ତିନିଟି ସଂସ୍ଥା ଯେପରି ସେମାନଙ୍କର ସଠିକ ଉତ୍ତରଦାୟିତ୍ୱ ନିର୍ବାହ କରିବେ ତାହା ସୁନିଶ୍ଚିତ କରିବା ପାଇଁ ଅଦାଲତ କହିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟରେ ଆଜି କଟକ ମହାନଗର ନିଗମର ଡେପୁଟି କମିସନର (ପରିମଳ) ଜୁବୁଲି ଚରଣ ବେହେରା ହାଜର ହୋଇ ପକ୍ଷ ରଖିଥିଲେ। କଟକ ସହରରେ ତିନି ଘରୋଇ ସଂସ୍ଥା ଜାଗୃତି, ପ୍ରତ୍ୟୁଷ ଓ ମଞ୍ଜୁଶ୍ରୀ ପରିମଳ ତଥା ସଫେଇ ଦାୟିତ୍ୱ ନେଇଥିବା




ବେଳେ ଏହି ସଂସ୍ଥା ଗୁଡିକୁ ମାସିକ ୩ କୋଟି ଟଙ୍କା ସିଏମସି ପଇଠ କରୁଥିବା ବେଳେ ଦାୟିତ୍ୱରେ ଖିଲାପ ପାଇଁ ସେମାନଙ୍କୁ ପ୍ରାୟ ୭୦ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଡେପୁଟି କମିସନର କହିଛନ୍ତି। ଏହି କ୍ରମରେ ଜାଗୃତିକୁ ୧୧ ଲକ୍ଷ ୭୫ ହଜାର, ପ୍ରତ୍ୟୁଷକୁ ୨୨ ଲକ୍ଷ ୮୩ ହଜାର ଓ ମଞ୍ଜୁଶ୍ରୀକୁ ୩୫ ଲକ୍ଷ ୬୮ ହଜାର ଟଙ୍କା ଜରିମାନା କରାଯାଇଛି। ସେହିଭଳି ଆବଶ୍ୟକତା ଅନୁସାରେ କେତେକ ସ୍ଥାନରେ ଡଷ୍ଟବିନ ରଖିବା ଓ ଡମ୍ପୟାର୍ଡଗୁଡିକର ସୁପରିଚାଳନା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି।

### ତାଳଦଣ୍ଡାରେ ପୁଣି ବୋଟିଂ ସୁବିଧା ପାଇଁ ନିର୍ଦ୍ଦେଶ

ତାଳଦଣ୍ଡା କେନାଲ ପାଶ୍ୱର୍ ଯୋବ୍ରାଠାରେ ପୂର୍ବରୁ ଚାଲିଆସୁଥିବା ବୋଟିଂ ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। ହେଲେ କେନାଲରେ ପାଣି ରହିଥିବା ବେଳେ ଏହି ବ୍ୟବସ୍ଥା ବନ୍ଦ ରହିବାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗକୁ ଐତିହାସିକ ବାଲିଯାତ୍ରା ଆସୁଥିବା ବେଳେ ଏହି ବୋଟିଂ ବ୍ୟବସ୍ଥା ଏହାକୁ ଦୃଷ୍ଟିରେ ରଖି ପୁନଃ ପ୍ରଚଳିତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତାଳଦଣ୍ଡା କେନାଲ ବୋଟିଂ କ୍ଲବ ନିକଟରେ ଆଲୋକୀକରଣ ସମ୍ପୂର୍ଣ୍ଣ ହୋଇଛି। ଏହାକୁ ଓଟିଡିସି (ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ)କୁ ହସ୍ତାନ୍ତର କରାଯାଇଥିବା ନେଇ ଅଦାଲତ ଅବଗତ ହୋଇଥିଲେ।

### ଏସ୍‌ସିବିରେ ରାତ୍ର ଆଶ୍ରୟସ୍ଥଳ ପ୍ରସଙ୍ଗରେ ଜବାବ ତଲବ

ଏସସିବି ମେଡିକାଲ କଲେଜ ଓ ହସପିଟାଲର ଜରୁରିକାଳୀନ ବିଭାଗ ଏବଂ ନ୍ୟୁରୋଲୋଜି ବିଭାଗ ଭଳି ବିଭାଗ ସମେତ ଆଉ କେତେକ ବିଭାଗରେ ଆଶ୍ରୟସ୍ଥଳ ସୁବିଧାର ଅଭାବ ରହିଛି। ଏଥିପାଇଁ ରୋଗୀଙ୍କ ସମ୍ପର୍କୀୟମାନେ ୱାର୍ଡ ସମ୍ମୁଖରେ, ପାହାଚରେ କିମ୍ବା କରିଡରରେ ରାତି ବିତାଉଛନ୍ତି। ଯେହେତୁ ଏହି ସ୍ଥାନଗୁଡ଼ିକ ସିସିଟିଭି ନଜରରେ ନାହିଁ, ଚୋରି ହେବାର ଆଶଙ୍କା ରହିଛି। ଆବଶ୍ୟକ ରାତ୍ରି ଆଶ୍ରୟସ୍ଥଳ, ପାନୀୟଜଳ ଏବଂ ଶୌଚାଳୟ ସୁବିଧା ଯୋଗାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ପ୍ରସଂଗରେ ହାଇକୋର୍ଟ ଜବାବ ତଲବ କରିଛନ୍ତି।



### ଶ୍ମଶାନ ଓ କବରସ୍ଥାନରେ ମୌଳିକ ସୁବିଧା ପ୍ରସଙ୍ଗରେ ରିପୋର୍ଟ ତଲବ

କଟକ ସହରର ଶ୍ମଶାନ ଏବଂ କବରସ୍ଥାନରେ ମୌଳିକ ସୁବିଧା ପ୍ରସଂଗରେ ହାଇକୋର୍ଟ ରିପୋର୍ଟ ତଲବ କରିଛନ୍ତି। ମୌଳିକ ସୁବିଧାର ଅଭାବ ଫଳରେ ଶବଦାହ କରିବାରେ ବାଧା ସୃଷ୍ଟି ହେଉଛି ବୋଲି ଆଡଭୋକେଟ କମିଟି ପକ୍ଷରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ନୋଡାଲ ଅଧିକାରୀ ଥିବା ଏଡିଏମ ଶିବ ଟପ୍ପୋ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହିଥିବା ବେଳେ ସହରରେ ଥିବା ଶ୍ମଶାନ ଏବଂ କବରସ୍ଥାନର ସଂଖ୍ୟା କେତେ ରହିଛି ଓ ପାଣି, ଶୌଚାଳୟ, ଆଲୋକ ଏବଂ ବିଶ୍ରାମାଗାର ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରିବାକୁ ସିଏମସି କମିନସରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

### ବାଲିଯାତ୍ରାରେ ପଲିଥିନ୍‌କୁ ନିଷିଦ୍ଧ କର

ଐତିହାସିକ କଟକ ବାଲିଯାତ୍ରାରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର ହେବାର ସମ୍ଭାବନା ରହିଛି। ପଲିଥିନ ପାଇଁ ଅନେକ ସମୟରେ ପରିବେଶ ପ୍ରଦୂଷିତ ହେବା ସହ ଡ୍ରେନ ଜାମ ହୋଇଥାଏ। ଏଣୁ ଆଡଭୋକେଟ କମିଟିର ଦୃଷ୍ଟି ଆକର୍ଷଣ ପରେ ଏହି ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବାଲିଯାତ୍ରାରେ ଯେପରି ସମ୍ପୂର୍ଣ୍ଣ ପଲିଥିନ ନିଷିଦ୍ଧ କରାଯିବ ଓ ଏଥିପାଇଁ ବ୍ୟବସାୟୀଙ୍କୁ ସଚେତନ କରିବା ସହ ଏହାର ବିକଳ୍ପ ଉପଲବ୍ଧ କରିବାକୁ ହାଇକୋର୍ଟ କହିଛନ୍ତି। ଏହାପରେ ଉଲ୍ଲଙ୍ଘନକାରୀଙ୍କ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।



## ଯୁବକଙ୍କୁ ଛୁରାମାଡ଼

କଟକ,୩୦।୧୦(ସମିସ): ବାଦାମବାଡ଼ି ଥାନା ଅନ୍ତର୍ଗତ ରାଜାବଗିଚା ଲେବର କଲୋନୀ ଗଡ଼ାରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଯୁବକଙ୍କ ଘର ହୋଇଥିବା ବେଳେ ତାଙ୍କ ନାଁ ଦୀପ୍ତିରଞ୍ଜନ ବେହେରା। ସେ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟାରେ ଲେବର କଲୋନୀ ଗଡ଼ାରେ ଦୀପ୍ତି ଏକା ଛିଡ଼ା ହୋଇଥିବା ବେଳେ ସେଠାରେ ତାଙ୍କ ସହିତ ପୂର୍ବରୁ ଶତ୍ରୁତା ଥିବା ଏକ ଗୋଷ୍ଠୀ (୪ ଯୁବକ) ପହଞ୍ଚିଥିଲେ। କଥା କଟାକଟି ଓ ବଚସା ମଧ୍ୟରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଯୁବକ ଦୀପ୍ତିଙ୍କ ପେଟକୁ ଛୁରାମାଡ଼ କରିଥିଲା। ସ୍ଥାନୀୟ ଲୋକଙ୍କ ହୋହଲ୍ଲା ଶୁଣି ୪ଜଣ ଯୁବକ ଫେରାର୍ ହୋଇଯାଇଥିଲେ। ପୁଲିସ ପହଞ୍ଚି ଘଟଣାସ୍ଥଳରେ ଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ବୟାନ୍ ରେକର୍ଡ କରିଛି। ଘଟଣା ସମ୍ପର୍କରେ ବାଦାମବାଡ଼ି ଥାନା ଆଇଆଇସି ଅଜୟ ରାଉଳ କହିଛନ୍ତି, ପୂର୍ବଶତ୍ରୁତାରୁ କିଛି ଯୁବକ ସଂଘବଦ୍ଧ ଭାବେ ଦୀପ୍ତିଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ପେଟରେ ଛୁରି ନୁହେଁ, ଏକ ପେଚକସ୍ ଭୁସିବାକୁ ଉଦ୍ୟମ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ଥାନୀୟ ଅଞ୍ଚଳରେ ଚଢ଼ଉ କରାଯାଉଛି ବୋଲି ସେ କହିଛନ୍ତି।

## ୨ ନିଶା ବେପାରୀ ଗିରଫ

କଟକ,୩୦।୧୦(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାରଙ୍ଗ ଥାନା ନୂଆପାଟଣା ଗାଁର ପ୍ରୀତମ ପାତ୍ରୀ(୩୪) ଓ ନନ୍ଦନକାନନ ଥାନା ମିରିଚିଆ ଗାଁର ମର୍କତ ରାଉତ(୪୭)। ଏମାନଙ୍କ ପାଖରୁ ଏକ କାର ସହିତ ପ୍ରାୟ ୧ ହଜାର ଲିଟର ଦେଶୀ ମଦ ଜବତ ହୋଇଛି। ଗୁରୁବାର ସକାଳ ପ୍ରାୟ ୬ଟାରେ ଏକ ଦାମୀ ଗାଡିରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଭୁବନେଶ୍ୱରକୁ ଚାଲାଣ ହେଉଥିବା ସୂଚନା ପାଇବା ମାତ୍ରେ ଅବକାରୀ ଟିମ ସଙ୍ଗେ ସଙ୍ଗେ ତ୍ରିଶୁଳିଆ ନନ୍ଦନକାନନ ରାସ୍ତାରେ ଜୋରଦାର ପାଟ୍ରୋଲିଂ କରିଥିଲା। ପ୍ରାୟ ଅଧ ଘଣ୍ଟା ପରେ ଏକ ସ୍କର୍ପିଓ ଗାଡି ପୁରୀ କେନାଲ ରାସ୍ତା ଦେଇ ବାରଙ୍ଗ ବ୍ଲକ ଛକ ଆଡକୁ ଆସୁଥିଲା। ଗାଡିକୁ ଅଟକାଇ ତଲାସି ନେବାରୁ ପଛ ସିଟରୁ ଏକାଧିକ ଜରି ବସ୍ତା ରହିଥିଲା। ସେଥିରେ ପ୍ରାୟ ୧ ହଜାର ଲିଟର ଭର୍ତ୍ତି ଦେଶୀ ମଦ ବ୍ୟାରେଲ ସବୁ ରହିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଦ୍ୱୟ ଚନ୍ଦକା ଅଞ୍ଚଳରେ ଦୀର୍ଘ ଦିନ ହେବ ଦେଶୀ ମଦ କାରବାର କରିଆସୁଥିଲେ। ଏଥିଲାଗି ସେମାନେ ଗୁରୁବାର ରାତିରେ ଆଠଗଡର ନିର୍ଦ୍ଦିଷ୍ଟ ଏକ ସ୍ଥାନରୁ ଉକ୍ତ ମଦ ନେଇ ଚନ୍ଦକା ଅଞ୍ଚଳକୁ ଆସୁଥିବା ଜଣାପଡିଛି। ଏହି ଘଟଣାରେ ନିଶାଦ୍ରବ୍ୟ ସହିତ ସ୍କର୍ପିଓ ଗାଡି (ଓଆର-୦୧-ପି-୨୨୭୩)କୁ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ୧୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

କଟକ,୩୦।୭ (ସମିସ): ଜଣେ ପେସାଦାର ବ୍ରାଉନସୁଗର ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଯାଜପୁର ଜିଲ୍ଲା ବୈରୀ ଥାନା ନୂଆପଟଣା ଗାଁର ସୁଦାମ ସାହୁ (୩୦)। ତା' ପାଖରୁ ୧୬୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଗୁରୁବାର ପୂର୍ବାହ୍ନରେ ଅଭିଯୁକ୍ତ ସୁଦାମ ବିପୁଳ ପରିମାଣର ନିଶାଦ୍ରବ୍ୟ ଧରି କଟକ ଅଭିମୁଖେ ଆସୁଥିଲା। ଫ୍ଲାଇଂ ସ୍କ୍ୱାଡ ରାଜପଥର ମଙ୍ଗୁଳି ଛକରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲା। କିଛି ସମୟ ପରେ ସେହିବାଟ ଦେଇ ଏକ ପଲସର ବାଇକରେ ଯାଉଥିବା ସୁଦାମ ଧରାପଡିଥିଲା। ତାକୁ ଅଟକାଇ ତଲାସି ନେବାରୁ ତା' ପାଖରୁ ୧୬୮ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ୧୬ ଲକ୍ଷ ୮୦ ହଜାର ଟଙ୍କା ହେବ। ନିଶାଦ୍ରବ୍ୟ, ବାଇକ ଜବତ ସହିତ ସୁଦାମକୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ଜଣକ ଦୀର୍ଘ ଦିନ ହେବ ନିଜେ ନିଶା ସେବନ କରିବା ସହିତ ବିକ୍ରି କରୁଥିଲା। ସେ ଛତିଆ ଅଞ୍ଚଳରୁ ବ୍ରାଉନସୁଗର ଆଣି କଟକ ସହରକୁ ଯୋଗାଣ କରୁଥିଲା। ପୂର୍ବରୁ ତା' ନାଁରେ ଏକାଧିକ ଅପରାଧୀକ ଏବଂ ନିଶା କାରବାର ମାମଲା ଥିବା ତଦନ୍ତରୁ ଜଣାପଡିଛି। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

## ପୂର୍ବ ଛାତ୍ରାବାସରେ ଝାଡ଼ାବାନ୍ତି; ଆଉ ୬ ଆକ୍ରାନ୍ତ

କଟକ,୩୦।୧୦(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବ ଛାତ୍ରାବାସରେ ଝାଡାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ୨୩ରେ ପହଞ୍ଚିଛି। ଆଜି ପୁଣି ୬ଜଣ ଅନ୍ତେବାସୀ ଆକ୍ରାନ୍ତ ହୋଇଛନ୍ତି। ପୂର୍ବରୁ ୧୭ ଜଣ ଆକ୍ରାନ୍ତ ହୋଇଥିଲେ। ତେବେ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କ ଚିକିତ୍ସା ବଡ ମେଡିକାଲରେ ଜାରି ରହିଛନ୍ତି। ଅବଶିଷ୍ଟ ସମସ୍ତ ଆକ୍ରାନ୍ତଙ୍କୁ ଆଜି ଡିସଚାର୍ଜ କରି ଦିଆଯାଇଛି। ସୁସ୍ଥ ହୋଇ ଫେରିଥିବା ଅନ୍ତେବାସୀଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଫୋନ ଯୋଗେ କଥା ହୋଇଛନ୍ତି। ଚିକିତ୍ସାରେ ଅବହେଳା କରାଯାଉଥିବା ନେଇ ଅନ୍ତେବାସୀମାନେ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିଭଳି କ୍ୟାଣ୍ଟିନ ବନ୍ଦ ଥିବାବେଳେ କଟକ ମହାନଗର ନିଗମ (ସିଏମସି) ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପୁଣି ସ୍ଥିତି ଅନୁଧ୍ୟାନ କରିଛି। ଗତ ମଙ୍ଗଳବାର ରାତ୍ର ଭୋଜନରେ ଅନ୍ତେବାସୀଙ୍କୁ ରୁଟି ସହ ଅଣ୍ଡା ତଡ଼କା ଏବଂ ଭଜା ଦିଆଯାଇଥିଲା। ମାତ୍ର ଦୂଷିତ ପାନୀୟ ଜଳ ପିଇବା ଯୋଗୁଁ ଏଭଳି ସମସ୍ୟା ହୋଇଛି ବୋଲି ଜଣେ ଅନ୍ତେବାସୀ ଅଭିଯୋଗରେ କରିଥିଲେ।

## କବି ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ଶୋକ

କଟକ,୩୦।୧୦(ସମିସ): ସାରସ୍ୱତ ସ୍ରଷ୍ଟା ଓ ସଂଗଠକ ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। କବି ଶ୍ରୀ ପରିଡ଼ାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଣେ ପ୍ରତିଶ୍ରୁତି ସଂପନ୍ନ ସାହିତ୍ୟ ସାଧକଙ୍କୁ ହରାଇଲା ବୋଲି ଏକ ଶୋକବାର୍ତ୍ତାରେ ଅନୁଷ୍ଠାନର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ, ସଂଗଠନ ସଂପାଦକ ଶଶିକାନ୍ତ ରାଉତ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସଙ୍କ ସମେତ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଗାୟତ୍ରୀ ଦେବୀ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅମିତାଭ ଖିଲାର, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ରଘୁ ସାହୁ, ଧରଣୀଧର ନାଥ, ରାଜକିଶୋର ସ୍ୱାଇଁ ଓ ଗୀତାଞ୍ଜଳି ପୃଷ୍ଟି ଜଣାଇଛନ୍ତି।

## ଏସ୍‌ସିବି ଆଉଟଡୋର୍‌ରେ ରହିବ ଅଲ୍‌ଟ୍ରାସାଉଣ୍ଡ ବ୍ୟବସ୍ଥା

କଟକ,୩୦।୧୦(ସମିସ): ଏସସିବି ମେଡିକାଲ ଆଉଟଡୋର୍‌ରେ ରୋଗୀଙ୍କ ନିମନ୍ତେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଆଞ୍ଚଳିକ ନିଦାନ କେନ୍ଦ୍ର, ରେଡିଓଲୋଜି ଓ ରଞ୍ଜନରଶ୍ମି ବିଭାଗରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କାର୍ଯ୍ୟ କରି ଆସୁଛି। ଏହି ମେସିନ ପ୍ରତ୍ୟେକ ଆଉଟ୍‌ଡୋରରେ କାର୍ଯ୍ୟକାରୀ କଲେ ରୋଗୀ ତୁରନ୍ତ ଏହାର ସୁବିଧା ପାଇ ପାରିବେ। ଏଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ଓଡିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ ସହ ଆଲୋଚନା କରିଛନ୍ତି।

## ମୋକିମ୍ ଫାଉଣ୍ଡେସନ ପକ୍ଷରୁ କ୍ରୀଡ଼ାବିତଙ୍କୁ ସହାୟତା




କଟକ,୩୦।୧୦(ସମିସ): ମୋକିମ ଫାଉଣ୍ଡେସନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାଲଟଣା ନୌକା ଚାଳକ ରାଜା ଅହମ୍ମଦ ଖାନଙ୍କୁ ୫୦ହଜାର ଟଙ୍କା ସହଯୋଗ ରାଶି ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଧାୟିକା ସୋଫିଆ ଫିରଦୋସ ସମ୍ବର୍ଦ୍ଧିତ କରିଛନ୍ତି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ କଟକର ସୁଦକ୍ଷ ପାଲଟଣା ନୌକା ଚାଳକ ରାଜା ଅହମ୍ମଦ ଖାନଙ୍କ (୧୭) ଏସିଆନ ୟୁଥ ଅଲିମ୍ପିକ-୨୦୨୬ ପାଇଁ ତାଙ୍କର ସଫଳତା କାମନା କରିଛନ୍ତି। ମୋକିମ ଫାଉଣ୍ଡେସନ ଟ୍ରଷ୍ଟି ଡାକ୍ତର ନୟୀମା ତାଜେନ, ସରୱାର ହସିବ, ଶକିଲ ଖାନ, ପ୍ରିୟଙ୍କା ପାଢ଼ୀ, ସତ୍ୟରଞ୍ଜନ କର ଓ ରୌପ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଗକୁ ରାଜା ଅହମ୍ମଦ ଖାନ ଆମ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କାର୍ଯ୍ୟକ୍ରମରେ ରାଜା ଅହମ୍ମଦ ଖାନଙ୍କ ବାପା, ମାଆ ଓ ସାନ ଭାଇ ଉପସ୍ଥିତ ଥିଲେ।

### ବାଲିଯାତ୍ରାକୁ ଆଉ ୫ ଦିନ

# କାଦୁଅରେ ଭର୍ତ୍ତି ମେଳା ପଡ଼ିଆ

କଟକ,୩୦।୧୦(ସମିସ):

ଲଘୁଚାପ ଜନିତ ବର୍ଷା ବାଲିଯାତ୍ରା ପ୍ରସ୍ତୁତିରେ ବାଧା ସୃଷ୍ଟି କରୁଛି। ମେଳା ପଡ଼ିଆ ଏବେ ପାଣି କାଦୁଅରେ ଭର୍ତ୍ତି ହୋଇ ରହିଛି। ବାଲିଯାତ୍ରା ଆୟୋଜନର ଚୂଡ଼ାନ୍ତ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଆଜି ଏକ ସମୀକ୍ଷା ବୈଠକ କଟକ ଇନ କଟକରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଦ୍ୟୁତ୍ ବ୍ୟବସ୍ଥା ସମେତ ସମସ୍ତ ନିରାପତ୍ତା ବ୍ୟବସ୍ଥା, ସୁରକ୍ଷା, ଶୌଚାଳୟ, ପାର୍କିଂ, ଯାନବାହନ ଚଳାଚଳ, ଆବଶ୍ୟକୀୟ ରାସ୍ତାଘାଟ ନିର୍ମାଣ ଓ ମହାନଗର ନିଗମ ଦ୍ୱାରା ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ। ସିଏମସି ଆୟୁକ୍ତ କିରନଦୀପ କୌର ସହୋତାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କଟକ ଇନ୍ କଟକ ଏକ ଅନ୍ୟତମ ପ୍ରମୁଖ ଆକର୍ଷଣ ସାଜିବ। ଓଡ଼ିଶାର ଭାଷା, ସାହିତ୍ୟର ଥିମ୍‌କୁ ନେଇ ପାଭିଲିୟନକୁ ସଜାଯାଉଥିବାବେଳେ ମୁଖ୍ୟ ପ୍ରବେଶ ପଥର ନୂତନତ୍ୱ ରହିଛି। ଏଥର ଓଡ଼ିଶା ମାନଚିତ୍ରକୁ ନେଇ ପ୍ରବେଶ ପଥ ତିଆରି କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁଥିରେ ଏକ ପର୍ବତର ପ୍ରତିକୃତି ରହିଥିବାବେଳେ ଓଡ଼ିଶାର ସବୁ ଜିଲାକୁ ନେଇ ମାନଚିତ୍ର ରହିଛି। ଯାଜପୁର ଅଞ୍ଚଳର ୧୦ରୁ ଅଧିକ କାରୀଗର ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

ଲଗାଣ ବର୍ଷା ପାଇଁ ପ୍ରସ୍ତୁତି ବାଧାପ୍ରାପ୍ତ







